

ପବିତ୍ର ଗୁରୁ ଦିବସ ଅବସରରେ ପୂର୍ବତନ ରାଷ୍ଟ୍ରପତି ଡଃ ସର୍ବପଲ୍ଲୀ ରାଧାକ୍ରିଷ୍ଣନ୍‌ଙ୍କୁ 'ସକାଳ' ପରିବାର ପକ୍ଷରୁ ଭକ୍ତିପୁତ ଶ୍ରଦ୍ଧାଞ୍ଜଳି ।

- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 43 ◆ISSUE-72 ◆FRIDAY ◆5 SEPTEMBER 2025 ◆PAGE-12 ◆₹ 6.00 | BHUBANESWAR | ◆ବର୍ଷ-୪୩ ◆ସଂଖ୍ୟା-୭୨ ◆ଶୁକ୍ରବାର ◆୫ ସେପ୍ଟେମ୍ବର ୨୦୨୫ ◆ପୃଷ୍ଠା-୧୨ ◆ଟ.୬.୦୦


## ଆଇପିଏଲ୍ ଟିକଟ ଉପରେ ୪୦% ଜିଏସ୍‌ଟି

■ **ନୂଆଦିଲ୍ଲୀ, ୪।୯ (ଏଜେନ୍ସି):** ଭାରତରେ କ୍ରିକେଟ୍‌ର ସବୁଠାରୁ ବଡ଼ ଉତ୍ସବ ଭାବରେ ବିବେଚନା କରାଯାଉଥିବା ଆଇପିଏଲ୍ ଦେଖିବା ଏବେ ପ୍ରଶଂସକଙ୍କ ପାଇଁ ମହଙ୍ଗା ହୋଇଯାଇଛି । ସରକାର ଲାଗୁ କରିଥିବା ନୂତନ ଜିଏସ୍‌ଟି ହାରର ସିଧାସଳଖ ପ୍ରଭାବ ଏବେ ଆଇପିଏଲ୍ ଟିକଟ ଉପରେ ପଡ଼ିବ । ଅର୍ଥାତ୍, ଯଦି ଆପଣ ଷ୍ଟାଡିୟମରେ ବସି ଆଇପିଏଲ୍ ମ୍ୟାଚ୍ ଦେଖିବାକୁ ଚାହାନ୍ତି, ତେବେ ଏବେ ଆପଣଙ୍କୁ ପୂର୍ବ ଅପେକ୍ଷା ଅଧିକ ପକେଟ ଢିଲା କରିବାକୁ ପଡିବ । କାରଣ ଏହା ଉପରେ ସରକାର ଜିଏସ୍‌ଟି ହାର ୨୮%ରୁ ୪୦% ବୃଦ୍ଧି କରିଛନ୍ତି । ଜିଏସ୍‌ଟି ପରିଷଦର ୫୬ତମ ବୈଠକରେ ଏହି ନିଷ୍ପତ୍ତି ନିଆଯାଇଛି । ସରକାର ଷ୍ଟାଡିୟମରେ ଆଇପିଏଲ୍ ମ୍ୟାଚ୍ ଦେଖିବାକୁ ଏକ ବିଳାସପୂର୍ଣ୍ଣ ବିଷୟ ବୋଲି ବିବେଚନା କରି ତାହା ଉପରେ ୪୦% ଟିକସ ଲାଗୁ କରିଛନ୍ତି । ନୂତନ ଟିକସ ବ୍ୟବସ୍ଥାରେ ଆଇପିଏଲ୍ ମ୍ୟାଚ୍‌କୁ ତମାଖୁ ଉତ୍ପାଦ ଏବଂ କ୍ୟାସିନୋ ଭଳି ସେବା ସହିତ ସମାନ ବର୍ଗରେ ରଖାଯାଇଛି । ଏହି ମୂଲ୍ୟ ବୃଦ୍ଧି ପରେ ୧୦୦୦ ଟଙ୍କା ମୂଳ ମୂଲ୍ୟ ଥିବା ଆଇପିଏଲ୍ ମ୍ୟାଚ୍ ଟିକଟର ଚୂଡ଼ାନ୍ତ ମୂଲ୍ୟ ଏବେ ୧୨୮୦ ଟଙ୍କାରୁ ୧୪୦୦ ଟଙ୍କାକୁ ବୃଦ୍ଧି ପାଇବ । ଏହି ବୃଦ୍ଧି ସହିତ ଭାରତରେ କ୍ୟାସିନୋ ଏବଂ ରେସ୍ କ୍ଲବ ସହିତ ଆଇପିଏଲ୍ ଜିଏସ୍‌ଟି ଶୀର୍ଷ ସ୍ଲାବରେ ସାମିଲ ହୋଇଛି । ତଥାପି, ସାଧାରଣ କ୍ରିକେଟ୍ ମ୍ୟାଚ୍ ଉପରେ ୧୮% ଜିଏସ୍‌ଟି ଲାଗୁ ହେବ । ଜିଏସ୍‌ଟି ହାରରେ ଏହି ପରିବର୍ତ୍ତନ କେବଳ ଆଇପିଏଲ୍ ଭଳି ପ୍ରିମିୟମ୍ ମ୍ୟାଚ୍ କ୍ଷେତ୍ରରେ ଲାଗୁ ହେବ । ବର୍ତ୍ତମାନ ପର୍ଯ୍ୟନ୍ତ, ଅନ୍ୟ ସ୍ୱୀକୃତିପ୍ରାପ୍ତ ▶ପୃଷ୍ଠା-୭

### ଶ୍ରୀନଅରରେ ସୁନିଆଁ



## ଚାଲିଲା ୬୯ ଅଙ୍କ, ୧୪୩୩ ସାଲ

■ **ପୁରୀ, ୪।୯ (ସମିସ):** ଭାଦ୍ରବ ଶୁକ୍ଳ ଦ୍ୱାଦଶୀ ତିଥିରେ ଗଜପତି ମହାରାଜା ଦିବ୍ୟସିଂହ ଦେବଙ୍କ ଶାସନରେ ନୂଆ ଅଙ୍କ ପ୍ରଚଳନ ହୋଇଛି । ଗୁରୁବାର ସୁନିଆଁ ଅବସରରେ ୬୯ଅଙ୍କ ଏବଂ ୧୪୩୩ ସାଲ ଆରମ୍ଭ ହୋଇଛି । ସେଥିଲାଗି ଶ୍ରୀନଅରରେ ପାରମ୍ପରିକ ରୀତିରେ ରାଜ ପରମ୍ପରା ଅନୁଷ୍ଠିତ ହୋଇଥିଲା । ଶ୍ରୀନଅରର ବିଭିନ୍ନ ସ୍ଥାନରେ ଝୋଟି ପଡ଼ିଥିଲା । ସକାଳୁ ରାଜଗୁରୁମାନେ ଶୁଭଖୁଣ୍ଟି ଅନୁକୂଳ କରି ଯଥାବିଧି ଦେବାର୍ଚ୍ଚନା ନୀତି ସମ୍ପନ୍ନ କରିଥିଲେ । ଏହି ନୀତିରେ ଗଜପତି ମହାରାଜା କନକଦୁର୍ଗା, ଶ୍ୟାମାକାଳୀ, ରାଧାକୃଷ୍ଣ, ନୃସିଂହ ଆଦି ଦେବଦେବୀଙ୍କୁ ପୂଜାର୍ଚ୍ଚନା କରିଥାନ୍ତି । ସନ୍ଧ୍ୟାରେ ପଞ୍ଚଦେବତା ପୂଜା, ରାମାଭିଷେକ ପୂଜା ହୋଇଥିଲା । ପରେ ମଙ୍ଗଳାର୍ପଣ ନୀତି ହୋଇ ଅନ୍ୟାନ୍ୟ ବିଧି ସମ୍ପନ୍ନ କରାଯାଇଥିଲା । ଏକ ସୁନା ମୋହରରେ ୬୯ ଅଙ୍କ କଟାଯାଇ ଘୋଷଣା କରାଯାଇଥିଲା । ରାଜଗୁରୁଙ୍କ ଉପସ୍ଥିତିରେ ବରାହ ନୃସିଂହ, ଲକ୍ଷ୍ମୀ ନୃସିଂହ ଆଦି ଦେବଦେବୀଙ୍କ ଚିହ୍ନ ଥିବା ମୁଦ୍ରାକୁ ନହର କରଣ ପ୍ରଚଳନ କରାଇବା ▶ପୃଷ୍ଠା-୭

### ପ୍ରାକୃତିକ ବିପର୍ଯ୍ୟୟ ନେଇ ଚିନ୍ତା ପ୍ରକଟ କଲେ ସୁପ୍ରିମ୍‌କୋର୍ଟ

## ପ୍ରତିଶୋଧ ନେଉଛି ପ୍ରକୃତି





■ **ନୂଆଦିଲ୍ଲୀ, ୪।୯ (ଏଜେନ୍ସି):** ସମଗ୍ର ଉତ୍ତର ଭାରତରେ ପ୍ରବଳ ବର୍ଷା ଓ ବନ୍ୟା ଯୋଗୁଁ ବିପର୍ଯ୍ୟୟ ଜାରି ରହିଛି । ହିମାଚଳ ପ୍ରଦେଶ ଓ ଉତ୍ତରାଖଣ୍ଡରେ ଯେଉଁଭଳି ପରିସ୍ଥିତି ସୃଷ୍ଟି ହୋଇଛି, ତାହା ଅତ୍ୟନ୍ତ ଚିନ୍ତାଜନକ । ପ୍ରବଳ ବର୍ଷା ଓ ବନ୍ୟା ଯୋଗୁଁ ପାର୍ବତ୍ୟ ଅଞ୍ଚଳରେ ଭୂସ୍ଖଳନ ହେଉଛି ଏବଂ ଶହ ଶହ ଘର ମାଟିରେ ମିଶିଯାଉଛି । ପାହାଡ଼ ଉପରେ ବେଆଇନ୍ ଭାବେ ବ୍ୟାପକ ଗଛ କଟାଯିବା ଏହି ପ୍ରାକୃତିକ ବିପର୍ଯ୍ୟୟର ସବୁଠାରୁ ବଡ଼ କାରଣ ବୋଲି ଚିନ୍ତା ପ୍ରକଟ କରିଛନ୍ତି ସୁପ୍ରିମ କୋର୍ଟ । ପ୍ରଧାନ ବିଚାରପତି ଜଷ୍ଟିସ ବି.ଆର ଗଭାଇ ଓ ଜଷ୍ଟିସ୍ କେ ବିନୋଦ ଚନ୍ଦ୍ରନଙ୍କୁ ନେଇ ଗଠିତ ଖଣ୍ଡପୀଠ କହିଛନ୍ତି ଯେ ପାହାଡ଼ ଉପରେ ବ୍ୟାପକ ସଂଖ୍ୟାରେ ଗଛ କଟାଯାଉଥିବାରୁ ପ୍ରକୃତି ଏହାର ପ୍ରତିଶୋଧ ନେଉଛି ।

**ପାହାଡ଼ ଉପରୁ ବେଆଇନ ଗଛକଟା ରୋକିବା ପାଇଁ କେନ୍ଦ୍ରକୁ ନିର୍ଦ୍ଦେଶ**

ଏସଂକ୍ରାନ୍ତରେ ଅନାମିକା ରାଣାଙ୍କ ଆବେଦନର ଶୁଣାଣି କରି ସୁପ୍ରିମ କୋର୍ଟ କେନ୍ଦ୍ର ସରକାର, ହିମାଚଳ ପ୍ରଦେଶ, ଜମ୍ମୁ-କଶ୍ମୀର, ଉତ୍ତରାଖଣ୍ଡ ଓ ପଞ୍ଜାବ ସରକାରଙ୍କ ସମେତ ନ୍ୟାସନାଲ ଡିଜାଷ୍ଟର ମ୍ୟାନେଜମେଣ୍ଟ ଅଥରିଟି (ଏନ୍‌ଡିଏମ୍‌ଏ), ପର୍ଯ୍ୟାବରଣ ମନ୍ତ୍ରଣାଳୟ, ରାଷ୍ଟ୍ରୀୟ ରାଜମାର୍ଗ ପ୍ରାଧିକରଣ (ଏନ୍‌ଏଚ୍‌ଏଆଇ)କୁ ନୋଟିସ ଜାରି କରିଛନ୍ତି ଓ ଆଗାମୀ ୩ ସପ୍ତାହ ମଧ୍ୟରେ ଜବାବ ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି । କୋର୍ଟ କହିଛନ୍ତି ଯେ ପାହାଡ଼ ଉପରେ ଗଛ କଟାଯିବା ପ୍ରକ୍ରିୟା ରୋକାଯିବା ଆବଶ୍ୟକ । ଗଛକଟା ସବୁଠାରୁ ବିପଜ୍ଜନକ । ଏବେ ପ୍ରକୃତି ଏହାର ପ୍ରତିଶୋଧ ନେଉଛି । ପ୍ରକୃତି କାମ।।ରେ ଆମେ ଅଯଥା ହସ୍ତକ୍ଷେପ କରିଛୁ । ଏବେ ପ୍ରକୃତି ଆମକୁ କ୍ଷତି ପହଞ୍ଚାଉଛି । କୋର୍ଟ କହିଲେ ଯେ ବର୍ଷା ଓ ବନ୍ୟା ସଂପର୍କରେ ଗଣମାଧ୍ୟମରେ ପ୍ରକାଶିତ ଓ ପ୍ରସାରିତ ଚିତ୍ର ଆମକୁ ଚିନ୍ତାରେ ପକାଇଛି । ହିମାଚଳରେ ଆସିଥିବା ବନ୍ୟାରେ ହଜାର ହଜାର ସଂଖ୍ୟାରେ କାଠଗଣ୍ଡି ଭାସିଯାଉଥିବା ଦୃଶ୍ୟରୁ ସ୍ପଷ୍ଟ ହୋଇଯାଉଛି ଯେ ପାର୍ବତ୍ୟ ଅଞ୍ଚଳରେ ବେଆଇନ ଭାବେ ବ୍ୟାପକ ଗଛକଟା ▶ପୃଷ୍ଠା-୭

### ଲଘୁଚାପ ମଧ୍ୟପ୍ରଦେଶମୁହାଁ

## ୧୦ ଜିଲ୍ଲାକୁ ମହାନଦୀ ଭୟ

■ **ଭୁବନେଶ୍ୱର, ୪।୯ (ସମିସ):** ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ଲଘୁଚାପ ଓଡ଼ିଶା ଅତିକ୍ରମ କରି ବର୍ତ୍ତମାନ ଉତ୍ତର ଛତିଶଗଡ଼ ଓ ପୂର୍ବ ମଧ୍ୟପ୍ରଦେଶ ଉପରେ କେନ୍ଦ୍ରୀଭୂତ ରହିଛି । ଏହାପ୍ରଭାବରେ ମହାନଦୀ ଉପରମୁଣ୍ଡ ଓ ଛତିଶଗଡ଼କୁ ଲାଗି ଥିବା ଓଡ଼ିଶାର ସୀମାନ୍ତବର୍ତ୍ତୀ ଜିଲ୍ଲାଗୁଡ଼ିକରେ ବର୍ଷା ଜାରି ରହିଛି । ଲଘୁଚାପ ଯୋଗୁଁ ଗତ ୩୬ ଘଣ୍ଟା ମଧ୍ୟରେ ରାଜ୍ୟରେ ବିଭିନ୍ନ ସ୍ଥାନରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହୋଇଥିବା ବେଳେ ଗୁରୁବାର ସକାଳେ ଅନେକ ସ୍ଥାନରେ ପ୍ରବଳ ବର୍ଷା ହୋଇଛି । ପାଣିପାଗ କେନ୍ଦ୍ରର ରିପୋର୍ଟ ଅନୁଯାୟୀ ଗତ ୩୬ ଘଣ୍ଟାରେ ଦେବଗଡ଼ରେ ୧୪୫ ମିମି ବର୍ଷା ରେକର୍ଡ ହୋଇଛି । ଏହାସହିତ ଯାଜପୁରରେ ୧୩୦ ମିମି ବର୍ଷା ସହ ଝାରସୁଗୁଡ଼ାରେ ୧୧୫, ଚାନ୍ଦବାଲିରେ ୯୦, ବାରିପଦାରେ ୭୦, ବାଲେଶ୍ୱରରେ ୬୧, କେନ୍ଦୁଝରରେ ୫୦, ସମ୍ବଲପୁରରେ ୬୪, ସୁନ୍ଦରଗଡରେ ୬୨, ଭଦ୍ରକରେ ୬୭, ବରଗଡରେ ୬୭ ଓ ନୂଆପଡ଼ାରେ ୬୫ ମିମି ବର୍ଷା ହୋଇଛି । ଶୁକ୍ରବାରଠାରୁ ବର୍ଷା ପ୍ରଭାବ କମିବାକୁ ଥିଲେ ମଧ୍ୟ ପଶ୍ଚିମ ଓ ସୀମାନ୍ତବର୍ତ୍ତୀ ଜିଲ୍ଲାଗୁଡ଼ିକରେ ବର୍ଷା ହୋଇପାରେ ।



**ହୀରାକୁଦର ୧୬ ଫାଟକ ଦେଇ ବନ୍ୟାଜଳ ନିଷ୍କାସନ**

ଅନ୍ୟପଟେ ବର୍ଷା ଯୋଗୁଁ ବର୍ତ୍ତମାନ ରାଜ୍ୟର ଏକାଧିକ ନଦୀରେ ଜଳସ୍ତର ବଢ଼ିବାରେ ଲାଗିଛି । ମହାନଦୀ ସମେତ ବୈତରଣୀ, ବୁଢ଼ାବଳଙ୍ଗ ଓ ଜଳକା ଆଦି ନଦୀରେ ଜଳସ୍ତର ବୃଦ୍ଧି ପାଇଛି । ବର୍ତ୍ତମାନ ସୁଦ୍ଧା ହୀରାକୁଦ ଜଳଭଣ୍ଡାରର ୧୬ଟି ଗେଟ୍ ଖୋଲାଯାଇଛି ▶ପୃଷ୍ଠା-୭

### ଜଳସମ୍ପଦ ବିଭାଗକୁ ଅଡ଼ୁଆ ପାଣିପାଗ ପୂର୍ବାନୁମାନ

## ଗୋଟାଏ ସ୍ଥାନକୁ ଚେତାବନୀ; ଅନ୍ୟ ସ୍ଥାନରେ ଢାଳୁଛି ବର୍ଷା

■ **ଭୁବନେଶ୍ୱର, ୪।୯ (ସମିସ):** ଚଳିତ ବର୍ଷ ଘନ ଘନ ଲଘୁଚାପ ଓ ଅନୁକୂଳ ମୌସୁମୀ ରାଜ୍ୟରେ ବର୍ଷାର ସ୍ଥିତିକୁ ସ୍ୱାଭାବିକ କରିଛି । ଏହା ଚାଷୀମାନଙ୍କୁ ଯେତିକି ସନ୍ତୋଷ ଦେଇଛି, ହେଲେ ସରକାରଙ୍କ ପାଇଁ ଚିନ୍ତା ବଢ଼ାଇଛି । ଫଳରେ ଚଳିତ ବର୍ଷ ଉତ୍ତର ଓଡ଼ିଶାରେ ୭ମ ଥର ବନ୍ୟା ଆଶଙ୍କା ସୃଷ୍ଟି କରିଛି । କୌତୂହଳରକଥାହେଉଛିଅତୀତ।।ରେମୌସୁମୀରେ ବର୍ଷା ଓ ବନ୍ୟା ଜଳ ପରିଚାଳନାରେ ଦକ୍ଷତା ଅର୍ଜନ କରିଥିବା ରାଜ୍ୟ ଜଳସମ୍ପଦ ବିଭାଗ ଚଳିତ ବର୍ଷ ବନ୍ୟା ପରିଚାଳନାରେ ସଫଳ ହୋଇପାରି ନାହିଁ ।

ସାଧାରଣତଃ ବନ୍ୟା ଜଳ ପରିଚାଳନା କ୍ଷେତ୍ରରେ ଆଇଏମ୍‌ଡି ଓ ରାଜ୍ୟ ଜଳସମ୍ପଦ ବିଭାଗ ମଧ୍ୟରେ ସମନ୍ୱୟର ଆବଶ୍ୟକତା ରହିଥାଏ । ଲଘୁଚାପ ଓ ଏହା ପ୍ରଭାବରେ କେଉଁ ଅଞ୍ଚଳରେ କେତେ ବର୍ଷା ହେବ ତାହା ଆଇଏମ୍‌ଡି ଆକଳନ କରିଥାଏ । ଏହାକୁ ଆଧାର କରି ରାଜ୍ୟର ଥିବା ବିଭିନ୍ନ ଡ୍ୟାମ୍‌ରୁ ଜଳ ନିଷ୍କାସନ ଓ ଗେଟ୍ ବନ୍ଦ, ଖୋଲା ହୋଇଥାଏ । ହେଲେ ଚଳିତ ବର୍ଷ ଦୁଇ ବିଭାଗ ମଧ୍ୟରେ ସମନ୍ୱୟ ଅଭାବ ଥିବା ପରିଲକ୍ଷିତ

**ଚଳିତ ବର୍ଷ ଉତ୍ତର ଓଡ଼ିଶାରେ ଆସିଲାଣି ୬ ଥର ବନ୍ୟା**

**ବନ୍ୟା ଜଳ ପରିଚାଳନାରେ ବିଫଳ ଜଳସମ୍ପଦ ବିଭାଗ**

**ଚିନ୍ତା ବଢ଼ାଇଲା ମହାନଦୀ ତଳ ଓ ଉପରମୁଣ୍ଡରେ ବର୍ଷା**

ହେଉଛି । ସେହିପରି ଗତ କିଛି ଦିନ ହେବ ସମ୍ଭାବ୍ୟ ବର୍ଷା ସଂକ୍ରାନ୍ତରେ ଆଇଏମ୍‌ଡ଼ି ଆକଳନ ସଠିକ୍ ରହୁନାହିଁ । ଆଇଏମ୍‌ଡି ଯେଉଁ ଯେଉଁ ଜିଲ୍ଲାରେ ପ୍ରବଳ ବର୍ଷା ଆକଳନ ଜାରି କରୁଛି, ବାସ୍ତବ ସ୍ଥିତି ଓଲଟା ହେଉଛି । ନିକଟରେ ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ଲଘୁଚାପ ଯୋଗୁଁ ୧ ତାରିଖରେ ଦକ୍ଷିଣ ଓଡ଼ିଶାର ମାଲକାନଗିରି, କୋରାପୁଟ, ନବରଙ୍ଗପୁର, ଗଜପତି ଏବଂ ରାୟଗଡ଼ା ଜିଲ୍ଲାରେ ପ୍ରବଳ ବର୍ଷା ଆଶଙ୍କାରେ ପାଣିପାଗ ▶ପୃଷ୍ଠା-୭

### ଯୁବକଙ୍କୁ ସଂଘବଦ୍ଧ ହତ୍ୟା ମାମଲା

## ପରିବାରର ୬ଜଣଙ୍କୁ ଆଜୀବନ

■ **କୋଷାଗୁମୁଡ଼ା, ୪।୯ (ସମିସ):** ନବରଙ୍ଗପୁର ଅତିରିକ୍ତ ଜିଲ୍ଲା ଜଜ୍ ବିଷ୍ଣୁପ୍ରସାଦ ମିଶ୍ର ଆଜି ଏକ ହତ୍ୟା ମାମାଲର ବିଚାର କରି ଗୋଟିଏ ପରିବାରର ୬ଜଣଙ୍କୁ ଆଜୀବନ ସଶ୍ରମ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି । ସେମାନଙ୍କ ମଧ୍ୟରେ ଜଣେ ନାବାଳକ ରହିଛନ୍ତି । ତାଙ୍କୁ ବାଳସୁଧାର ଗୃହକୁ ପଠାଇ ଦିଆଯାଇଛି । ବାକି ଦୋଷୀମାନେ ହେଲେ, କୋଡ଼ିଙ୍ଗା ଥାନା ଅନ୍ତର୍ଗତ ବାରମାସୀ ଗାଁର ଅନନ୍ତ ପୂଜାରୀ, ଶିବଶଙ୍କର ପୂଜାରୀ, ଚନ୍ଦନ ପୂଜାରୀ, ଡୁମର ପୂଜାରୀ ଓ ଡାଳିମ୍ବ ପୂଜାରୀ । ପ୍ରତ୍ୟେକଙ୍କୁ ୧୦ ହଜାର ଟଙ୍କା ଲେଖାଏଁ ଜରିମାନା ପାଇଁ ନିର୍ଦ୍ଦେଶ ହୋଇଛି । ଜରିମାନା ଅନାଦେୟ ହେଲେ ଆହୁରି ୬ ମାସ ଲେଖାଏଁ ଜେଲ୍‌ଦଣ୍ଡ ଭୋଗିବାକୁ ପଡ଼ିବ । ୨୦୨୨ ଅଗଷ୍ଟ ୯ରେ ନବରଙ୍ଗପୁର ଜିଲ୍ଲା କୋଡ଼ିଙ୍ଗା ଥାନା ଅନ୍ତର୍ଗତ ବାରମାସି ଗ୍ରାମରେ ଏହି ହତ୍ୟାକାଣ୍ଡ ସଂଘଟିତ ହୋଇଥିଲା । ▶ପୃଷ୍ଠା-୭

## ନିରାଶ କରୁଛି 'ନିରାମୟ'

■ **ଭୁବନେଶ୍ୱର, ୪।୯ (ସମିସ):** ରୋଗୀଙ୍କୁ ମାଗଣା ଔଷଧ ଯୋଗାଇଦେବା ପାଇଁ ୨୦୧୫ ମସିହାରୁ ରାଜ୍ୟରେ ତତ୍‌କାଳୀନ ନବୀନ ପଟ୍ଟନାୟକ ସରକାର ଆରମ୍ଭ କରିଥିଲେ 'ନିରାମୟ' ଯୋଜନା । ଏହି ଯୋଜନାରେ ରାଜ୍ୟ ଔଷଧ ନିଗମ ଔଷଧ ଖରିଦ କରିବା ପରେ ସରକାରୀ ଡାକ୍ତରଖାନାଗୁଡ଼ିକୁ ଯୋଗାଇ ଦିଆଯାଇଥାଏ ଓ ରୋଗୀମାନେ ବିନା ମୂଲ୍ୟରେ ଔଷଧ ପାଇଥାଆନ୍ତି । ଦୀର୍ଘ ବର୍ଷ ଧରି ଏହି କାର୍ଯ୍ୟକ୍ରମ ଚାଲି ଆସିଛି ଏବଂ ଏଥିରେ ସାଧାରଣ ଗରିବ ରୋଗୀମାନେ ଉପକୃତ ହେଉଛନ୍ତି । ଛୋଟରୁ ବଡ଼ ସମସ୍ତ ରୋଗର ଔଷଧ ରୋଗୀମାନଙ୍କୁ ବର୍ଷ ବର୍ଷ ଧରି ମିଳୁଥିବାବେଳେ ମାତ୍ର ଗତ କିଛି ମାସ ହେଲା ରୋଗୀଙ୍କୁ ପର୍ଯ୍ୟାପ୍ତ ପରିମାଣର ଔଷଧ ମିଳୁନି । ବିଶେଷକରି ମଧୁମେହ ଓ ଉଚ୍ଚ ରକ୍ତଚାପ ଆଦି ରୋଗୀଙ୍କୁ ସରକାରୀ ଡ଼ାକ୍ତରଖାନାରେ ନିରାମୟରେ ମିଳୁଥିବା ଔଷଧ ଆଉ ମିଳୁନାହିଁ ।

**ମିଳୁନି ଔଷଧ; ଚିନ୍ତାରେ ନିୟମିତ ସେବନକାରୀ**

୨୦୧୫-୧୬ ଆର୍ଥିକ ବର୍ଷରେ ଯୋଜନା ଆରମ୍ଭ ହେଲାବେଳେ ବର୍ଷକୁ ୧୪୧ କୋଟି ଟଙ୍କାର ଔଷଧ କିଣାଯାଉଥିଲା । ପରବର୍ତ୍ତୀ ସମୟରେ ଏହା ବୃଦ୍ଧି ପାଇ ୨୦୨୩-୨୪ ମସିହା ବେଳକୁ ୬୩୦ କୋଟି ଟଙ୍କାକୁ ଅତିକ୍ରମ କରିଥିଲା । ମାତ୍ର ରାଜ୍ୟରେ ସରକାର ପରିବର୍ତ୍ତନ ପରେ ଏହା ୪୫୦ କୋଟି ଟଙ୍କାକୁ ଖସି ଆସିଛି । ରୋଗୀମାନଙ୍କ ପାଇଁ ୭୪୧ ପ୍ରକାରର ଔଷଧ କିଣା ଯାଉଥିବା କୁହାଯାଉଥିଲେ ହେଁ ଡାକ୍ତରଖାନାରେ ଅଧିକାଂଶ ▶ପୃଷ୍ଠା-୭


### ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ରିପୋର୍ଟରେ ଉଦ୍‌ବେଗଜନକ ତଥ୍ୟ

## ବଢୁଛି ଆତ୍ମହତ୍ୟା ପ୍ରବଣତା

### ୨୦୨୧ରେ ଜୀବନ ହାରିଛନ୍ତି ୭୨ ଲକ୍ଷ ଲୋକ

■ **ନୂଆଦିଲ୍ଲୀ, ୪।୯ (ଏଜେନ୍ସି):** ମାନସିକ ରୂପେ ଅସୁସ୍ଥ ହେଉଥିବା ଲୋକମାନଙ୍କର ସଂଖ୍ୟା ବୃଦ୍ଧି ପାଇବାରେ ଲାଗିଛି । ଏହାର ମୁକାବିଲା ଲାଗି ଅନେକ ସରକାର ପଦକ୍ଷେପ ନେଉଥିଲେ ମଧ୍ୟ ଉଲ୍ଲେଖନୀୟ ସଫଳତା ମିଳିପାରି ନାହିଁ । ବିଶେଷ କରି ଯୁବକଯୁବତୀମାନେ ଏଭଳି ଅସୁସ୍ଥତାର ଶିକାର ହେଉଛନ୍ତି । ଏହା ସେମାନଙ୍କ ମଧ୍ୟରେ ଆତ୍ମହତ୍ୟା ପ୍ରବଣତା ବଢ଼ାଉଛି ।

ଏସଂପର୍କରେ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ (ଡବ୍ଲ୍ୟୁଏଚ୍‌ଓ) ପକ୍ଷରୁ ଏକ ରିପୋର୍ଟ ପ୍ରକାଶ ପାଇଛି । ଏଥିରେ କୁହାଯାଇଛି ଯେ ୨୦୨୪ରେ ବିଶ୍ୱରେ ୧୦୦ କୋଟିରୁ ଅଧିକ ଲୋକ ମାନସିକ ଅବସାଦର ଶିକାର ହୋଇଛନ୍ତି । ଏହା ସବୁ ବର୍ଗ ଓ ବୟସର ଲୋକଙ୍କୁ ପ୍ରଭାବିତ କରୁଥିଲେ ମଧ୍ୟ ସେମାନଙ୍କ ମଧ୍ୟରେ ଅଧିକାଂଶ ହେଉଛନ୍ତି ଯୁବକଯୁବତୀ । ଚିନ୍ତା ଓ ଅବସାଦ ପାଇଁ ଲୋକଙ୍କ ମାନସିକ ସ୍ୱାସ୍ଥ୍ୟ ଖରାପ ହେଉଛି । ଏହାଦ୍ୱାରା ଯୁବପିଢ଼ି ଆତ୍ମହତ୍ୟା ପ୍ରବଣ ହେଉଛି । ବିଶ୍ୱରେ ପ୍ରତି ୧୦୦ଟି ମୃତ୍ୟୁରେ ଗୋଟିଏ ଆତ୍ମହତ୍ୟା କାରଣରୁ ହେଉଥିବା ରିପୋର୍ଟରେ କୁହାଯାଇଛି । ଏହି ରିପୋର୍ଟରେ ଆହୁରି କୁହାଯାଇଛି ଯେ ୨୦୨୧ରେ ଉଦ୍‌ବେଗଜନକ ପରିସ୍ଥିତି ସୃଷ୍ଟି ହୋଇଥିଲା । ଏହି ବର୍ଷ ବିଶ୍ୱରେ ମାନସିକ ଅବସାଦ ଓ ଦୁଶ୍ଚିନ୍ତାର ଶିକାର ହୋଇ ୭୨ ଲକ୍ଷ ୭ ହଜାର ଲୋକ ଆତ୍ମହତ୍ୟା କରିଥିଲେ । ଏଥିରେ କୁହାଯାଇଛି ଜଣେ ବ୍ୟକ୍ତି ଆତ୍ମହତ୍ୟା କରିଥିବା ବେଳେ ଅନ୍ୟ ୨୦ ଜଣ ଆତ୍ମହତ୍ୟା



**ମାନସିକ ଅବସାଦରେ ବିଶ୍ୱର ୧୦୦ କୋଟି**

ଉଦ୍ୟମ କରିଛନ୍ତି । ଆତ୍ମହତ୍ୟା ରିପୋର୍ଟରେ କୁହାଯାଇଛି ଯେ ଜଣେ ମହିଳା ଆତ୍ମହତ୍ୟା କରିଥିବା ବେଳେ ଦୁଇ ଜଣ ପୁରୁଷ ଆତ୍ମହତ୍ୟା କରିଛନ୍ତି । ୧୫ରୁ ୨୯ ବର୍ଷ ବୟସର ଯେତେ ଯୁବକଯୁବତୀଙ୍କ ମୃତ୍ୟୁ ଘଟୁଛି ସେଥିମଧ୍ୟରୁ ଏକ ତୃତୀୟାଂଶ ହେଉଛି ଆତ୍ମହତ୍ୟା କାରଣରୁ ।

ମାନସିକ ଅବସାଦ ଓ ଦୁଶ୍ଚିନ୍ତା ସଂପର୍କରେ ଅନେକ କାରଣ ଦର୍ଶାଯାଇଛି । ଏଥିମଧ୍ୟରେ ରହିଛି ବିବାହ ସମସ୍ୟା, ଛାଡ଼ପତ୍ର, ଚାକିରି ଚାପ, ଆତ୍ମୀୟଙ୍କ ମୃତ୍ୟୁ, କାମ ଓ ପାଠପଢ଼ା ଚାପ, ବେକାରୀ ସମସ୍ୟା, ଆର୍ଥିକ ଦୁସ୍ଥିତି, ବ୍ୟକ୍ତିଗତ ସଂପର୍କରେ ଫାଟ, ସ୍ୱାସ୍ଥ୍ୟଗତ ସମସ୍ୟା ଓ ପରିବେଶ । ତେବେ ଅଧିକାଂଶ କ୍ଷେତ୍ରରେ ଦେଖାଯାଉଛି ଯେ ଯୌନ ନିର୍ଯାତନା ଓ ପାରିବାରିକ ହିଂସା ଯୋଗୁଁ ମହିଳାମାନେ ▶ପୃଷ୍ଠା-୭

### ହାଜତମୃତ୍ୟୁ ନେଇ ସୁପ୍ରିମକୋର୍ଟଙ୍କ ଉଦ୍‌ବେଗ

## ଥାନାରେ କାମ କରୁନି ସିସିଟିଭି

■ **ନୂଆଦିଲ୍ଲୀ, ୪।୯ (ଏଜେନ୍ସି):** ହାଜତମୃତ୍ୟୁକୁ ନେଇ ପୁଣି ଉଦ୍‌ବେଗ ଜଣାଇଛନ୍ତି ସୁପ୍ରିମକୋର୍ଟ । ବାରମ୍ବାର ନିର୍ଦ୍ଦେଶ ଓ ତାଗିଦ ସତ୍ତ୍ୱେ ଥାନାରେ କାହିଁକି ସିସିଟିଭି କ୍ୟାମେରା କାମ କରୁନି ବୋଲି ପ୍ରଶ୍ନ କରିଛନ୍ତି । ରାଜସ୍ଥାନରେ ଗତ ୭-୮ ମାସ ମଧ୍ୟରେ ୧୧ ଜଣଙ୍କର ହାଜତମୃତ୍ୟୁକୁ ନେଇ ଉଦବେଗ ପ୍ରକାଶ କରିବା ସହିତ ସର୍ବୋଚ୍ଚ ଅଦାଲତ ନିଜ ଆଡ଼ୁ ମାମଲା ଦାୟର କରିଛନ୍ତି । ଜଷ୍ଟିସ ବିକ୍ରମ ନାଥ ଏବଂ ଜଷ୍ଟିସ ସନ୍ଦୀପ ମେହେଟ୍ଟାଙ୍କୁ ନେଇ ଗଠିତ ବେଞ୍ଚ ମାମଲାର ଶୁଣାଣି କରିବେ ।

ସୂଚନାଯୋଗ୍ୟ ଯେ ରାଜସ୍ଥାନରେ ବୃଦ୍ଧି ପାଉଥିବା ହାଜତମୃତ୍ୟୁକୁ ନେଇ ଏକ ସମ୍ବାଦପତ୍ରରେ ଖବର ପ୍ରକାଶ ପାଇଛି । ଏଥିରେ କୁହାଯାଇଛି ଯେ ରାଜ୍ୟରେ ଗତ ସାତରୁ ଆଠ ମାସ ମଧ୍ୟରେ ୧୧ ଜଣ ହାଜତମୃତ୍ୟୁର ଶିକାର ହୋଇଛନ୍ତି । ସୁପ୍ରିମକୋର୍ଟ ଏହି ଖବରକୁ ଗୁରୁତ୍ୱ ଦେଇ ମାମଲାର ଶୁଣାଣି କରିବେ ବୋଲି ଜଣାଇଛନ୍ତି । ଏଭଳି ଘଟଣାକୁ ନେଇ ଚିନ୍ତା ପ୍ରକଟ କରିବା ସହିତ ଥାନା ଭିତରେ ସିସିଟିଭି କ୍ୟାମେରା କାମ କରୁନଥିବାରୁ ପ୍ରଶ୍ନ ଉଠାଇଛନ୍ତି । ବିଭିନ୍ନ ଗଣମାଧ୍ୟମ ସୂତ୍ରରୁ ପ୍ରକାଶ ଯେ କେତେକ ଥାନାରେ ସିସିଟିଭି ନଥିବା ବେଳେ ଅନେକ ଥାନାରେ ସିସିଟିଭି କ୍ୟାମେରା କାମ କରୁନି । ଯେଉଁ ଥାନାରେ ସିସିଟିଭି କ୍ୟାମେରା କାମ କରୁଛି, ତାହାର ଫୁଟେଜ୍ କୋର୍ଟକୁ ଦିଆଯାଉ ନାହିଁ । ଅନେକ ଥାନାରେ ଦେଖାଯାଉଛି ଯେ ରିମାଣ୍ଡ ରୁମ୍ ବା ହାଜତ କୋଠରୀକୁ ସିସିଟିଭି କ୍ୟାମେରା ଠାରୁ ଦୂରେଇ ରଖାଯାଉଛି । ▶ପୃଷ୍ଠା-୭



## ହାଇକୋର୍ଟଙ୍କ ନିର୍ଦ୍ଦେଶ ସତ୍ତ୍ୱେ ସବୁ ଥାନାରେ ନାହିଁ ସିସିଟିଭି

■ **ଭୁବନେଶ୍ୱର, ୪।୯ (ସମିସ):** ଓଡ଼ିଶା ହାଇକୋର୍ଟଙ୍କ ନିର୍ଦ୍ଦେଶ ସତ୍ତ୍ୱେ ଗତ ମାର୍ଚ୍ଚ ଶେଷ ସୁଦ୍ଧା ରାଜ୍ୟର ସମସ୍ତ ଥାନା ଓ ଫାଣ୍ଡିରେ ସିସିଟିଭି କ୍ୟାମେରା ବ୍ୟବସ୍ଥା ହୋଇପାରି ନାହିଁ । ରାଜଧାନୀ ଭୁବନେଶ୍ୱରରେ ଥିବା ଭରତପୁର ଆଦର୍ଶ ଥାନାରେ ନିଜ ପୁରୁଷ ବନ୍ଧୁ (ସେନା ଅଧିକାରୀ)ଙ୍କ ସହ ଯାଇଥିବା ଜଣେ ମହିଳାଙ୍କୁ ଥାନା ଭିତରେ ପୁଲିସର ଅସଦ୍‌ବ୍ୟବହାରକୁ ନେଇ ଓଡ଼ିଶା ହାଇକୋର୍ଟରେ ଏକ ମାମଲା ରୁଜୁ ହୋଇଥିଲା । ମାମଲାର ଶୁଣାଣି କରି ହାଇକୋର୍ଟ ରାଜ୍ୟର ଥାନା ଓ ଫାଣ୍ଡିଗୁଡ଼ିକରେ ସିସିଟିଭି ବ୍ୟବସ୍ଥାର ସ୍ଥିତି ଜଣାଇବା ପାଇଁ ନିର୍ଦ୍ଦେଶ ଦେଇଥିଲେ । ତଦନୁଯାୟୀ ଅତିରିକ୍ତ ପୁଲିସ ମହାନିର୍ଦ୍ଦେଶକ (ଆଧୁନିକୀକରଣ) ଦୟାଲ୍ ଗଙ୍ଗୱାର୍ ହାଇକୋର୍ଟରେ ସତ୍ୟପାଠ ଦାଖଲ କରିଥିଲେ । ଶ୍ରୀ ଗଙ୍ଗୱାର୍ ଥାନାଗୁଡ଼ିକରେ ସିସିଟିଭିର ସ୍ଥିତି ସମ୍ପର୍କରେ ଦର୍ଶାଇଥିଲେ ଯେ ରାଜ୍ୟରେ ଥିବା ୫୯୩ ଥାନା ମଧ୍ୟରୁ ୪୫୬ଟି ଥାନାରେ ସିସିଟିଭି ବ୍ୟବସ୍ଥା କାର୍ଯ୍ୟକ୍ଷମ ହୋଇନାହିଁ । ଥାନାରେ ଏପରି ବ୍ୟବସ୍ଥାକୁ ।।ନେଇ ହାଇକୋର୍ଟ ଉଦ୍‌ବେଗ ପ୍ରକାଶ କରିବା ସହ ଏହା ପୁଲିସ ପ୍ରଶାସନର ଏକ ଚରମ ବିଫଳତା ବୋଲି ଉଲ୍ଲେଖ କରିଥିଲେ । ଥାନାରେ ସିସିଟିଭି ବ୍ୟବସ୍ଥା ହୋଇଥିବା ଏବଂ ୨୦୨୫ ମାର୍ଚ୍ଚ ମାସ ଶେଷ ସୁଦ୍ଧା ସମସ୍ତ ଥାନା ଏବଂ ଫାଣ୍ଡିରେ ସିସିଟିଭି କ୍ୟାମେରା ଲଗାଇବା ▶ପୃଷ୍ଠା-୭

## ଅକ୍ଟୋବର ପ୍ରଥମ ସପ୍ତାହରେ ବିହାର ବିଧାନସଭା ନିର୍ବାଚନ ତାରିଖ ଘୋଷଣା

ପାଟନା, ୪।୯ (ଏଜେନ୍ସି): ନିର୍ବାଚନ କମିସନ ଆସନ୍ତାମାସରେ ବିହାର ବିଧାନସଭା ନିର୍ବାଚନ ନେଇ ଘୋଷଣା କରିପାରନ୍ତି। ଅକ୍ଟୋବର ପ୍ରଥମ କିମ୍ବା ଦ୍ୱିତୀୟ ସପ୍ତାହରେ ନିର୍ବାଚନ ନେଇ ବିଜ୍ଞପ୍ତି ଘୋଷଣା ହେବା ନିର୍ଭରଯୋଗ୍ୟ ସୂତ୍ରରୁ ଜଣାଯାଇଛି। ଦୁଇଟି କିମ୍ବା ୩ଟି ପର୍ଯ୍ୟାୟରେ ନିର୍ବାଚନ ଆୟୋଜନ ହେବାର ଯଥେଷ୍ଟ ସମ୍ଭାବନା ରହିଛି। ଦୁର୍ଗାପୂଜା, ଦଶହରା, ଦୀପାବଳି ଓ ଛଟ୍ ପୂଜା ଭଳି ପର୍ବ ପରେ ନିର୍ବାଚନ ହେବ ବୋଲି ଅନୁମାନ କରାଯାଉଛି। ଆଗାମୀ ନଭେମ୍ବର ୨୨ରେ ବିହାର ବିଧାନସଭାର କାର୍ଯ୍ୟକାଳ ଶେଷ ହେବ। ତେଣୁ ଏହାପୂର୍ବରୁ କମିସନ ନିର୍ବାଚନ ପ୍ରକ୍ରିୟା ନେଇ ସବୁ ପ୍ରକାର ଔପଚାରିକତା ଶେଷ କରିବ। ଗତ ୨୦୨୦ରେ ଅନୁଷ୍ଠିତ ନିର୍ବାଚନ ୩ଟି ପର୍ଯ୍ୟାୟରେ ଅନୁଷ୍ଠିତ ହୋଇଥିଲା। ଏହିକ୍ରମରେ ନଭେମ୍ବର ୫ ଓ ୧୫ରେ ମତଦାନ ଓ ୨୦ରେ ଭୋଟ ଗଣନା ହେବାର ଯଥେଷ୍ଟ ସମ୍ଭାବନା ରହିଛି। ଭୋଟର ତାଲିକା ନେଇ ବିବାଦ ଚାଲିଥିବା ବେଳେ ସେପ୍ଟେମ୍ବର ୩୦ରେ ଚୂଡାନ୍ତ ଭୋଟର ତାଲିକା ପ୍ରକାଶିତ ହେବ। ଗତଥର ଭଳି ନିର୍ବାଚନରେ ଏଥର ମଧ୍ୟ ଏନ୍‌ଡିଏ ଓ ଇଣ୍ଡିଆ ମେଣ୍ଟ ମଧ୍ୟରେ ସିଧାସଳଖ ମୁକାବିଲା ହେବ।

## ବ୍ରିଟେନରେ କାର୍ ଦୁର୍ଘଟଣା; ୨ ଭାରତୀୟ ଛାତ୍ର ମୃତ

ଲଣ୍ଡନ, ୪।୯ (ଏଜେନ୍ସି): ବ୍ରିଟେନରେ ଏକ କାର୍ ଦୁର୍ଘଟଣାରେ ତେଲଙ୍ଗାନାର ଦୁଇଜଣ ଛାତ୍ର ମୃତ୍ୟୁବରଣ କରିଥିବା ବେଳେ ୫ ଜଣ ଗୁରୁତର ଭାବେ ଆହତ ହୋଇଛନ୍ତି। ଦକ୍ଷିଣପୂର୍ବ ଇଂଲଣ୍ଡର ଏସେକ୍ସର ମେଜର ରାଉଣ୍ଡଆବାଉଟ୍‌ରେ ଏହି ଦୁର୍ଘଟଣା ହୋଇଥିଲା। ୨୩ ବର୍ଷୀୟ ଚୈତନ୍ୟ ତାରେ ନାମକ ବ୍ୟକ୍ତି ଘଟଣାସ୍ଥଳରେ ମୃତ୍ୟୁବରଣ କରିଥିବା ବେଳେ ୨୧ ବର୍ଷୀୟ ଋଷି ତେଜା ରାପୋଲୁ ହସ୍ପିଟାଲ୍‌ରେ ପ୍ରାଣ ହରାଇଥିଲେ। କାର ଚଳାଉଥିବା ଦୁଇଜଣ ଲୋକଙ୍କୁ ଏସେକ୍ସ ପୁଲିସ ଗିରଫ କରିଛି। ଏହି ଦୁଇଜଣ ଇଷ୍ଟ ଲଣ୍ଡନର। ବିପଜ୍ଜନକ ଗାଡି ଚଳାନା ଯୋଗୁଁ ଏହି ଦୁଇଜଣଙ୍କୁ ଗିରଫ କରାଯିବାର କିଛି ସମୟରେ ପରେ ଜାମିନ ମିଳିଥିଲା। ଦୁର୍ଘଟଣା ନେଇ ତଦନ୍ତ ଜାରି ରହିଛି ବୋଲି ପୁଲିସ କହିଛି।

## ବିଜୟୱାଡା-ବେଙ୍ଗାଲୁରୁ ବିମାନରେ ପକ୍ଷୀ ମାଡ଼

ବେଙ୍ଗାଲୁରୁ, ୪।୯ (ଏଜେନ୍ସି): ଆନ୍ଧ୍ରପ୍ରଦେଶର ବିଜୟୱାଡା ବିମାନବନ୍ଦରରୁ ଗୁରୁବାର ବେଙ୍ଗାଲୁରୁ ଯିବାକୁ ଥିବା ଏକ ଏୟାର ଇଣ୍ଡିଆ ବିମାନରେ ପକ୍ଷୀ ମାଡ଼ ହୋଇଛି। ଏୟାର ଇଣ୍ଡିଆର ଆଇଏକ୍ସ୨୦୧୧ ବିମାନ ଟେକ୍‌ଅଫ୍ କରିବା ପୂର୍ବରୁ ହିଁ ଏକ ଚିଲ ପକ୍ଷୀ ମାଡ ହୋଇଥିଲା। ଏହା ଦ୍ୱାର ବିମାନର ନୋଜ୍ ଅର୍ଥାତ ସମ୍ମୁଖ ଭାଗ କ୍ଷତିଗ୍ରସ୍ତ ହୋଇଛି। ପାଇଲଟ ବିମାନର ଇଞ୍ଜିନ୍ ଚାଲୁ କରିବା ମାତ୍ରେ ହିଁ ଏହି ଘଟଣା ଘଟିଥିଲା। ବିମାନର ଟେକ୍ ଅଫ୍ ସମୟ ୮.୧୫ରେ ଥିଲା ଓ ଏହା ୯.୪୦ରେ ବେଙ୍ଗାଲୁରୁରେ ପହଞ୍ଚିବାର କାର୍ଯ୍ୟକ୍ରମ ଥିଲା। ଏହି ବିମାନରେ ୧୬୦ରୁ ୧୬୫ ଯାତ୍ରୀ ଥିଲେ। ସମସ୍ତେ ସୁରକ୍ଷିତ ଅଛନ୍ତି। ଏହି ଯାତ୍ରୀମାନଙ୍କୁ ବେଙ୍ଗାଲୁରୁ ନେବା ପାଇଁ ଏକ ଦ୍ୱିତୀୟ ବିମାନର ବ୍ୟବସ୍ଥା କରାଯାଇଛି ବୋଲି ଏୟାର ଇଣ୍ଡିଆ ଏକ୍ସପ୍ରେସ ତରଫରୁ କୁହାଯାଇଛି। ଗତ ୩ ଦିନ ମଧ୍ୟରେ ଦ୍ୱିତୀୟଥର ପାଇଁ ପକ୍ଷୀ ମାଡ଼ ହେବାରୁ ଉଡାଣକୁ ବାତିଲ କରାଯାଇଛି। ଏହାପୂର୍ବରୁ ନାଗପୁରରୁ କୋଲକାତା ଯାଉଥିବା ଇଣ୍ଡିଗୋ ୬ଇ୮୧୨ ବିମାନରେ ମଙ୍ଗଳବାର ପକ୍ଷୀ ମାଡ ହୋଇଥିଲା। ଫଳରେ ବିମାନକୁ ନାଗପୁରରେ ଜରୁରୀ ଅବତରଣ କରାଯାଇଥିଲା।

## ବିଚ୍ ବଜାରରେ ପତ୍ନୀଙ୍କୁ ଗୁଳିକରି ହତ୍ୟାକଲା ସ୍ୱାମୀ

ଗୋରଖପୁର, ୪।୯ (ଏଜେନ୍ସି): ଉତ୍ତରପ୍ରଦେଶର ଗୋରଖପୁର ଜିଲ୍ଲାର ଶାହାପୁର ଅଞ୍ଚଳରେ ଗୁରୁବାର ଏକ ଜନଗହଳିପୂର୍ଣ୍ଣ ବଜାରରେ ଏକ ଅଭାବନୀୟ ଘଟଣା ଘଟିଛି। ବିଶ୍ୱକର୍ମା ଚୌହାନ ନାମକ ଜଣେ ସ୍ୱାମୀ ତାଙ୍କ ପତ୍ନୀ ମମତା ଚୌହାନଙ୍କୁ ଗୁଳିକରି ହତ୍ୟା କରିଛନ୍ତି। ଛାଡପତ୍ର ମାମଲା ନେଇ ଚାଲିଥିବା ପ୍ରକ୍ରିୟାକୁ ନେଇ ଦୁଇଜଣଙ୍କ ମଧ୍ୟରେ ଯୁକ୍ତିତର୍କ ହେବା ପରେ ବିଶ୍ୱକର୍ମା ଏହି କାଣ୍ଡ ଘଟାଇଥିଲେ। ଘଟଣା ପରେ ହିଁ ତାଙ୍କୁ ପୁଲିସ ଗିରଫ କରିଛି। ମମତାଙ୍କୁ ହତ୍ୟା କରିବା ନେଇ ତାଙ୍କର କୌଣସି ଅନୁଶୋଚନା ନାହିଁ ବୋଲି ସେ ପୁଲିସକୁ କହିଛନ୍ତି। ସେ ମୋର ପଇସା ଖାଇ ଯାଉଥିଲା ବିଶ୍ୱକର୍ମା କହିଛନ୍ତି। ୩୫ ବର୍ଷୀୟା ମମତା ଏକ ଘରୋଇ ଫାର୍ମରେ ଚାକିରି କରୁଥିଲେ। ସେ ନିଜର ୧୩ ବର୍ଷର ଝିଅ ସହ ଅଲଗା ରହୁଥିଲେ। କିନ୍ତୁ ଭରଣ ପୋଷଣ ପାଇଁ ସେ ସ୍ୱାମୀଙ୍କଠାରୁ ଅର୍ଥ ଓ ଚାଷଜମି ଦାବି କରୁଥିଲେ। ସନ୍ଧ୍ୟା ୭.୩୦ରେ ଏକ ଫଟୋ ଷ୍ଟୁଡିଓ ନିକଟରେ ଦୁହିଁଙ୍କ ମଧ୍ୟ ଜୋରସୋରରେ ପାଟି ଓ ଯୁକ୍ତିତର୍କ ହୋଇଥିଲା ବୋଲି ଜଣେ ପ୍ରତ୍ୟେକ୍ଷଦର୍ଶୀ କହିଛନ୍ତି। ଉତ୍କ୍ଷୀପ୍ତ ହୋଇ ବିଶ୍ୱକର୍ମା ପିସ୍ତଲ ବାହାର କରି ଦୁଇ ରାଉଣ୍ଡ ଗୁଳି ଚଳାଇଥିଲେ। ମମତାଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲେ ମଧ୍ୟ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

## ଭିବାନୀ କୋର୍ଟ ପରିସରରେ ୪ ରାଉଣ୍ଡ ଗୁଳିମାଡ଼

ଭିବାନୀ, ୪।୯ (ଏଜେନ୍ସି): ହରିୟାଣାର ଭିବାନୀ କୋର୍ଟରେ ଗୁରୁବାର ଦ୍ୱିପହରରେ ଫାୟାରିଂ ହୋଇଛି। ହଠାତ ଦୁଇଜଣ ଯୁବକ ଆସି ୩ଜଣଙ୍କ ଉପରେ ଆଖିବୁଜା ଗୁଳି ଚଳାଇଥିଲେ। ଏଥିରେ ଜଣେ ରକ୍ତ ଜୁଡୁବୁଡୁ ଅବସ୍ଥାରେ ତଳେ ପଡ଼ିଯାଇଥିବା ବେଳେ ଅନ୍ୟ ଦୁଇଜଣ କୌଣସି ପ୍ରକାର ଜୀବନ ବଞ୍ଚାଇବାକୁ ସକ୍ଷମ ହୋଇଛନ୍ତି। ଏହାପରେ ଦୁଇ ଆକ୍ରମଣକାରୀ ସେଠାରୁ ପଳାଇଯାଇଥିଲେ। ସୂଚନା ପାଇବା ମାତ୍ରେ ହିଁ ଏସ୍‌ପି ସୁମିତ କୁମାର ପୁଲିସ କର୍ମୀଙ୍କ ସହ ସେଠାରେ ପହଞ୍ଚିଥିଲେ। ତେବେ ଏହା ପୂର୍ବରୁ ସେଠାରେ ଉପସ୍ଥିତ ଲୋକ ଆହତ ବ୍ୟକ୍ତିଙ୍କୁ ଉଠାଇ ଅଟୋରେ ସିଭିଲ ହସ୍ପିଟାଲରେ ପହଞ୍ଚାଇଥିଲେ। ଦୁଇ ଅଭିଯୁକ୍ତ ୪ ରାଉଣ୍ଡ ଗୁଳି ଚଳାଇଥିଲେ ବୋଲି ପ୍ରତ୍ୟେକ୍ଷଦର୍ଶୀ କହିଛନ୍ତି। ଏହା ଦେଖି ସେଠାରେ ଉପସ୍ଥିତ ଲୋକେ ଦୌଡ଼ାଦୌଡ଼ି ଆରମ୍ଭ କରିଥିଲେ। ପୁଲିସ ଏହି ଘଟଣାର ଯାଞ୍ଚ୍ ଆରମ୍ଭ କରିଛି ଓ ଅଭିଯୁକ୍ତଙ୍କୁ ଗିରଫ୍ କରିବା ପାଇଁ କେତୋଟି ଦଳ ଗଠନ କରିଛି।

## ଭାରତ, ଚୀନ୍‌କୁ ଧମକ ଦେବା ବନ୍ଦ କରୁ ଆମେରିକା: ପୁଟିନ୍



ବେଜିଂ, ୪।୯ (ଏଜେନ୍ସି): ଭାରତ ଓ ଚୀନ୍‌କୁ ଟାରିଫ୍ ମାଧ୍ୟମରେ ଆମେରିକା ଧମକ ଦେବା ବନ୍ଦ କରୁ ବୋଲି ରୁଷିଆ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନ କହିଛନ୍ତି। ଏହି ଦୁଇ ଦେଶ ଏବେ ଆମେରିକା ଧମକକୁ ନେଇ ଆଦୌ ଭୟଭିତ ହେଉନାହାନ୍ତି। ବୁଧବାର ଚୀନ୍‌ର ବିଜୟ ଦିବସ ପରେଡ୍‌ରେ ଯୋଗ ଦେବା ପରେ ପୁଟିନ ଗଣମାଧ୍ୟମ ସହ କଥା ହେବା ବେଳେ ଏହି କଥା କହିଛନ୍ତି। ଭାରତ ଓ ଚୀନ୍ ସହ ଟ୍ରମ୍ପ ଏଭଳି ଢ଼ଙ୍ଗରେ କଥା ହେବା ଉଚିତ ନୁହଁ ବୋଲି ସେ ସ୍ପଷ୍ଟ କରିଛନ୍ତି। ଭାରତ ଓ ଚୀନ ଏସିଆର ଦୁଇଟି ଶକ୍ତିଶାଳୀ ଦେଶ। ଆମେରିକା ଅର୍ଥନୈତିକ ଚାପ ପକାଇ ଏହି ଦୁଇ ମହାଶକ୍ତିଙ୍କୁ ଭୟଭିତ କରାଇବାକୁ ପ୍ରୟାସ କରୁଛି ଓ ଦୁଇ ଦେଶର ନେତୃତ୍ୱକୁ ଦୁର୍ବଳ କରିବାକୁ ଚେଷ୍ଟା କରୁଛି ବୋଲି ସେ କହିଛନ୍ତି। ଭାରତ ଓ ଚୀନ୍‌ର ଇତିହାସରେ ଆକ୍ରମଣର ଉଦାହରଣ ଯଥେଷ୍ଟ ରହିଛି। ତେଣୁ ଏହି ଦୁଇ ଦେଶର କୌଣସି ନେତା ଯଦି ନିଜର ଦୁର୍ବଳତା ଦେଖାନ୍ତି, ତେବେ ସେମାନଙ୍କର ରାଜନୈତିକ କ୍ୟାରିୟର ଶେଷ ହୋଇଯିବ। ତେଣୁ ଟ୍ରମ୍ପ ନିଜର ଆଭିମୁଖ୍ୟରେ ପରିବର୍ତ୍ତନ ଆଣିବାକୁ ଚେଷ୍ଟା କରନ୍ତୁ ବୋଲି ପୁଟିନ ପରାମର୍ଶ ଦେଇଛନ୍ତି। ରୁଷଠାରୁ ଭାରତ ତୈଳ କ୍ରୟ କରୁଛି। ତେଣୁ ରୁଷ ୟୁକ୍ରେନ ବିପକ୍ଷରେ ଯୁଦ୍ଧ କରିବାକୁ ବଳ ପାଉଛି ବୋଲି ଟ୍ରମ୍ପ ଅଭିଯୋଗ କରିଛନ୍ତି। ଟାରିଫ ଲାଗୁ କରି ଟ୍ରମ୍ପ ଯୁଦ୍ଧ ବନ୍ଦ କରିବାକୁ ପ୍ରୟାସ କରୁଛନ୍ତି। ଟ୍ରମ୍ପଙ୍କ ଏହି ନୀତି ତାଙ୍କ ଋଢ଼ିବାଦୀ ମାନସିକତାକୁ ସୂଚାଉଛି ବୋଲି ସେ କହିଛନ୍ତି। ଔପନିବେଶିକ ଯୁଗ ଶେଷ ହୋଇଛି। ତେଣୁ ନିଜର ସାଥି ଦେଶଗୁଡିକ ସହ ଆମେରିକା ଏଭଳି କଥା ହେବା ଉଚିତ ନୁହଁ। ତେବେ ନିକଟ ଭବିଷ୍ୟତରେ ସୃଷ୍ଟି ହୋଇଥିବା ଏହି ଅଚଳାବସ୍ଥା କମ୍ ହେବ ଓ ସ୍ଥିତି ସାମାନ୍ୟ ହେବ ବୋଲି ପୁଟିନ ଆଶା ପ୍ରକାଶ କରି କହିଛନ୍ତି।

## ମଣିପୁରରେ ଜାତୀୟ ରାଜପଥ-୨ ଖୋଲିବାକୁ କୁକି ରାଜି

ଇମ୍ଫାଲ, ୪।୯ (ଏଜେନ୍ସି): ଗତ ଦୁଇବର୍ଷ ହେବ ମଣିପୁରରେ ହିଂସା ଜାରି ରହିଥିବା ବେଳେ ଏବେ ଏହି ଉତ୍ତରପୂର୍ବ ରାଜ୍ୟରେ ଶାନ୍ତି ପ୍ରତିଷ୍ଠା ପାଇଁ ରାସ୍ତା ଖୋଲିଛି। ଜାତୀୟ ରାଜପଥ-୨ ଖୋଲିବାକୁ କୁକି-ଜୋ ପରିଷଦ ରାଜି ହୋଇଛି। ଫଳରେ ପୁଣିଥରେ ମଣିପୁର ଉତ୍ତରପୂର୍ବର ଅନ୍ୟ ରାଜ୍ୟମାନଙ୍କ ସହ ଯୋଡି ହେବ। ଏ ସଂକ୍ରାନ୍ତରେ କେନ୍ଦ୍ର ସରକାର, ମଣିପୁର ସରକାର ଓ କୁକି-ଜୋ ପରିଷଦ ଏକ ନୂଆ ଚୁକ୍ତିରେ ହସ୍ତାକ୍ଷର କରିଛନ୍ତି। ଏହି ଚୁକ୍ତି ଆଗାମୀ ଗୋଟିଏ ବର୍ଷ ପାଇଁ ଲାଗୁ ହେବ ବୋଲି କୁହାଯାଇଛି। ଏଥିସହ କେନ୍ଦ୍ର ସରକାର ଓ କୁକି ନ୍ୟାସନାଲ ଅର୍ଗାନାଇଜେସନ (କେଏନ୍‌ଓ) ମଧ୍ୟରେ ୭ଟି ଚୁକ୍ତି ନେଇ ସହମତି ପ୍ରକାଶ ପାଇଛି।

ଦେଶର ଅଖଣ୍ଡତା ବଜାୟ ରଖିବାକୁ ସବୁ ପକ୍ଷ ଜାତୀୟ ରାଜପଥ-୨ ଖୋଲିବାକୁ ସହମତି ପ୍ରକାଶ କରିଛନ୍ତି। ଗତ କିଛିଦିନ ମଧ୍ୟରେ ଦିଲ୍ଲୀରେ ଏ ନେଇ ଏକାଧିକ ବୈଠକ ଅନୁଷ୍ଠିତ ହୋଇଥିଲା। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ସେପ୍ଟେମ୍ବର ୧୩ରେ ମଣିପୁର ଓ ମିଜୋରାମ ଯାତ୍ରା କରିବେ ଓ ସେଠାରେ ନୂଆ ବୈରାବି-ସାଇରଙ୍ଗ ରେଳବାଇ ପ୍ରକଳ୍ପ ଉଦ୍‌ଘାଟନ କରିବେ। ତେଣୁ ମୋଦୀଙ୍କ ଯାତ୍ରା ପୂର୍ବରୁ ଜାତୀୟ ରାଜପଥ-୨ ଖୋଲାଯିବା ଏକ ବଡ଼ ପଦକ୍ଷେପ ବୋଲି ବିବେଚନା କରାଯାଉଛି। ଜାତୀୟ ରାଜପଥ-୨ ମଣିପୁର ସହ ନାଗାଲାଣ୍ଡ, ଆସାମ, ମିଜୋରାମ୍ ଅନ୍ୟ ରାଜ୍ୟଗୁଡିକ ଯୋଡିଥାଏ। ୨୦୨୩ରେ ମଣିପୁରରେ କୁକି ଓ ମେତେଇ ସମ୍ପ୍ରଦାୟ ମଧ୍ୟରେ ସୃଷ୍ଟି ହୋଇଥିବା ହିଂସା କାରଣରୁ ବନ୍ଦ ରହିଥିଲା। ଏହି ରାଜପଥ ଖୋଲିବା ଫଳରେ ମଣିପୁରରେ ସ୍ଥିତି ସାମାନ୍ୟ ହେବ ବୋଲି ଆଶା କରାଯାଉଛି। ଏଠାରେ ଶାନ୍ତି ପ୍ରତିଷ୍ଠା ପାଇଁ ଏହା ବାଟ ଖୋଲିବ। ଏହା ଦ୍ୱାରା ଅତ୍ୟାବଶକୀୟ ଜିନିଷ ମଣିପୁରରେ ପହଞ୍ଚିପାରିବ ଓ ରିଲିଫ ଶିବିରରେ ରହୁଥିବା ବିସ୍ଥାପିତ ପରିବାରଗୁଡିକର ସମସ୍ୟା କମ୍ ହେବ ବୋଲି କୁହାଯାଇଛି। ମଣିପୁରର ଲୋକସଂଖ୍ୟା ୩୮ ଲକ୍ଷ ହୋଇଥିବାବେଳେ ଏହି ରାଜ୍ୟରେ କୁକୁ, ନାଗା ଓ ମେତେଇ ସମ୍ପ୍ରଦାୟର ଲୋକ ରୁହନ୍ତି। ନାଗା ଓ କୁକି ଖ୍ରୀଷ୍ଟିଆନ ଧର୍ମକୁ ମାନୁଥିବା ବେଳେ ମେତେଇ ହିନ୍ଦୁ ଧର୍ମର।

# ଯମୁନା ପାଣିରେ ଭାସୁଛି ଦିଲ୍ଲୀ




### ଫ୍ଲାଏ ଓଭର ଧସିଲା, ରିଲିଫ୍ ଶିବିରରେ ପାଣି

### ପଞ୍ଜାବ, ହରିୟାଣାରେ ବନ୍ୟା; ୪୮ ମୃତ

ନୂଆଦିଲ୍ଲୀ, ୪।୯ (ଏଜେନ୍ସି): ଏଥର ମୌସୁମୀ ଜନିତ ବର୍ଷା ସାରା ଉତ୍ତର ପଶ୍ଚିମ ଭାରତରେ ଜନଜୀବନ ଅସ୍ତବ୍ୟସ୍ତ କରିଛି। କ୍ରମାଗତ ପ୍ରବଳ ବର୍ଷା କାରଣରୁ ନାହିଁ ନଥିବା ସ୍ଥିତି ସୃଷ୍ଟି ହୋଇଛି। ଦିଲ୍ଲୀ- ଏନ୍‌ସିଆର ସମେତ, ପଞ୍ଜାବ, ହରିୟାଣା, ହିମାଚଳ ପ୍ରଦେଶ, ଜମ୍ମୁ-କଶ୍ମୀର ଓ ଉତ୍ତରାଖଣ୍ଡରେ ଏବେ ମଧ୍ୟ ବର୍ଷା ଜାରି ରହିଛି। ଯମୁନା ନଦୀର ପାଣି ଦିଲ୍ଲୀ ସହର ଭିତରେ ପ୍ରବେଶ କରିଛି। ଦିଲ୍ଲୀର ବିଭିନ୍ନ ସଡକରେ ଯମୁନା ନଦୀର ପାଣି ଠିଆ ହୋଇଛି। ଗୁରୁବାର ସକାଳେ ମୋନାଷ୍ଟେରୀ ମାର୍କେଟ୍‌ରେ ଥିବା ସଡ଼କରେ ଯମୁନା ପାଣି ପଶିଛି। ମୟୁର ବିହାରର ଫେଜ୍-୧ ନିକଟରେ ବନ୍ୟା ପୀଡିତଙ୍କ ପାଇଁ ତିଆରି ହୋଇଥିବା ଅସ୍ଥାୟୀ ରିଲିଫ୍ ଶିବିରରେ ମଧ୍ୟ ପାଣି ପସିଯାଇଛି। ଫଳରେ ସମସ୍ୟା ଆହୁରି ଗୁରୁତର ହୋଇଛି। ଅଲିପୁରରେ ଜାତୀୟ ରାଜପଥ-୪୪ରେ ଥିବା ଫ୍ଲାଏ ଓଭର ବ୍ରିଜ୍‌ର ଏକ ଅଂଶ ଧସିଯାଇଛି।

ସେହିପରି ପଞ୍ଜାବର ସବୁ ୨୩ଟି ଜିଲ୍ଲାରେ ବନ୍ୟା ଆସିଛି। ୧, ୬୫୫ ଗାଁର ୩.୫୫ ଲକ୍ଷରୁ ଅଧିକ ଲୋକ ବନ୍ୟା ଯୋଗୁଁ ପ୍ରଭାବିତ ହୋଇଛନ୍ତି। ରାଜ୍ୟର ସବୁ ସ୍କୁଲ, କଲେଜ, ବିଶ୍ୱବିଦ୍ୟାଳୟ ଓ ଶିକ୍ଷାନୁଷ୍ଠାନଗୁଡିକୁ ସେପ୍ଟେମ୍ବର ୭ ପର୍ଯ୍ୟନ୍ତ ବନ୍ଦ କରି ଦିଆଯାଇଛି। ବନ୍ୟା ଯୋଗୁଁ ପଞ୍ଜାବରେ ଏପର୍ଯ୍ୟନ୍ତ ୧, ୭୫, ୨୮୬ ହେକ୍ଟର ଜମିର ଫସଲ ପ୍ରଭାବିତ ହୋଇଛି। ଅଗଷ୍ଟ ୧ରୁ ସେପ୍ଟେମ୍ବର ୩ ତାରିଖ ପର୍ଯ୍ୟନ୍ତ ଆସିଥିବା ଏହି ବନ୍ୟାରେ ୩୭ ଜଣ ଲୋକ ମୃତ୍ୟୁବରଣ କରିଛନ୍ତି। ପଠାନକୋଟ୍‌ରେ ୩ ଜଣ ଲୋକ ନିଖୋଜ ଅଛନ୍ତି। ସେହିପରି ହରିୟାଣାର ଅଧିକାଂଶ ଅଞ୍ଚଳ ବନ୍ୟା ଯୋଗୁଁ ପାଣିରେ ବୁଡିଯାଇଛି। ରାଜ୍ୟରେ ଏପର୍ଯ୍ୟନ୍ତ ୧୧ ଜଣ ମୃତ୍ୟୁବରଣ କରିଛନ୍ତି। ହିସାର, ପଞ୍ଚକୁଲା, ଅମ୍ବାଲା ଓ ରୋହତକରେ ସବୁ ସ୍କୁଲକୁ ବନ୍ଦ କରିଦିଆଯାଇଛି। ଦିଲ୍ଲୀରୁ ପାଣି ଛାଡିବା ଫଳରେ ଫରିଦାବାଦ୍‌ରେ ଯମୁନା ବିପଦ ସଂକେତ ଉପରେ ବହୁଛି। ଅନ୍ୟପଟେ ହିମାଚଳ ପ୍ରଦେଶର କୁଲ୍ଲୁରେ ଗୁରୁବାର ସକାଳେ ଭୂସ୍ଖଳନ ଯୋଗୁଁ ଦୁଇଟି ଘର ଭୁଶୁଡି ପଡ଼ିଛି। ପ୍ରବଳ ବର୍ଷା କାରଣରୁ ଏହି ରାଜ୍ୟରେ ବିପର୍ଯ୍ୟୟ ଥମିବାର ନା ନେଉନାହିଁ। ଫଳରେ ଜଣେ ବ୍ୟକ୍ତି ମୃତ୍ୟୁବରଣ କରିଛନ୍ତି। ୬ ଜଣ ଲୋକ ଫସି ରହିଛନ୍ତି। କୁଲୁରେ ମଧ୍ୟ ଭୂସ୍ଖଳନ ହୋଇଛି। ଆବର୍ଜନା ତଳେ ଦବି ରହିଥିବା ଜଣେ ଏନ୍‌ଡିଆରଏଫ୍ ଯବାନଙ୍କୁ ୨୪ ଘଣ୍ଟା ପରେ ଉଦ୍ଧାର କରାଯାଇଥିଲା। ସେହିପରି ଉଜ୍ଜୟିନ୍‌ରେ ସିପ୍ରା ନଦୀର ଜଳସ୍ତର ବୃଦ୍ଧିପାଇବା ଯୋଗୁଁ ଘାଟ କୂଳରେ ଥିବା ମନ୍ଦିରଗୁଡିକରେ ଜଳମଗ୍ନ ହୋଇଛି। ସେହିପରି ରତଲାମର ରେଲୱେ ପ୍ଲାଟଫର୍ମର ବି ପାଣିରେ ବୁଡିଯାଇଛି। ଭୂସ୍ଖଳନ ଯୋଗୁଁ ଜମ୍ମୁ-କଶ୍ମୀରରେ ଜମ୍ମୁ- ଶ୍ରୀନଗର ରାଜପଥ ବନ୍ଦ ରହିଛି। ସେପଟେ ଗୁଜରାଟ୍‌ରେ ଚଳିତ ମୌସୁମୀରେ ପ୍ରଥମଥର ପାଇଁ ନର୍ମଦା ଡ୍ୟାମ୍‌ରେ ୧୫ଟି ଗେଟ୍‌କୁ ଖୋଲାଯାଇଛି। କାଶ୍ମୀରରେ ମଧ୍ୟ ବନ୍ୟା ଜାରି ରହିଛି ଓ କ୍ରମାଗତ ଦ୍ୱିତୀୟ ଦିନରେ ମଧ୍ୟ ସବୁ ସ୍କୁଲ- କଲେଜକୁ ବନ୍ଦ କରାଯାଇଛି। ଶ୍ରୀନଗରରେ ବନ୍ୟା ଆସିବା ନେଇ ସତର୍କତା ଜାରି କରାଯାଇଛି। ଫଳରେ ତଳିଆ ଅଞ୍ଚଳକୁ ଖାଲି କରିବାକୁ ନିଷ୍ପତ୍ତି ନିଆଯାଇଛି। ଛତିଶଗଡ଼ରେ ୧୨ଟି ଜିଲ୍ଲାରେ ପ୍ରବଳ ବର୍ଷା ହେବା ନେଇ ସତର୍କତା ଜାରି କରାଯାଇଛି। ସେହିପରି ରାଜସ୍ଥାନରେ ୨୬ଟି ଜିଲ୍ଲାରେ ପ୍ରବଳ ବର୍ଷା ହେବ ବୋଲି ସତର୍କତା ଜାରି କରାଯାଇଛି।

## ପୁଅକୁ ଫିଙ୍ଗି ୧୩ ମହଲାରୁ ଡେଇଁ ମା'ର ଆତ୍ମହତ୍ୟା



ସୁରତ, ୪।୯ (ଏଜେନ୍ସି): ଗୁଜରାଟର ସୁରତସ୍ଥିତ ଅଲଥାନା ଅଞ୍ଚଳର ମାର୍ତାଣ୍ଡ ହିଲ୍ସରେ ଏକ ହୃଦୟ ବିଦାରକ ଘଟଣା ସାମ୍ନାକୁ ଆସିଛି। ଜଣେ ମା' ୧୩ ମହଲା ଉପରୁ ନିଜ ୨ ବର୍ଷର ପୁଅକୁ ଫିଙ୍ଗିବାର ୧୨ ସେକେଣ୍ଡ ପରେ ନିଜେ ସେଠାରୁ ଡେଇଁ ଆତ୍ମହତ୍ୟା କରିଛି। ଏହାକୁ ନେଇ ଏହି ଅଞ୍ଚଳରେ ହଇଚଇ ସୃଷ୍ଟି ହୋଇଛି। ଉତ୍ସବମୁଖର ଥିବା ଏହି ସୋସାଇଟିରେ ଅଚାନକ ଦୁଃଖର ଛାୟା ଖେଳିଯାଇଛି। ସୋସାଇଟିରେ ସ୍ଥାପିତ ହୋଇଥିବା ଗଣେଶ ପେଣ୍ଡାଲର ୨୦ ଫୁଟ ଦୂରରେ ମା ଓ ପୁଅଙ୍କ ମୃତଦେହ ପଡ଼ିଥିଲା। ବୁଧବାର ସନ୍ଧ୍ୟାରେ ଏହି ଘଟଣା ଘଟିଥିଲା। ଏହାର ସିସିଟିଭି ଫୁଟେଜ ସାମ୍ନାକୁ ଆସିଛି। ପୁଲିସ ଯାଞ୍ଚ୍ କରୁଛି। ତେବେ ଏହି ଆତ୍ମହତ୍ୟାର କାରଣ ଏପର୍ଯ୍ୟନ୍ତ ଜଣାପଡ଼ିନାହିଁ। ମହିଳାଙ୍କ ପରିବାର ତରଫରୁ ମଧ୍ୟ ଏ ନେଇ କିଛି ସ୍ପଷ୍ଟ କରାଯାଇନାହିଁ। ତାଙ୍କ ପରିବାର ଆର୍ଥିକ ଭାବେ ସ୍ୱଚ୍ଛଳ ଥିଲା। ମହିଳାଙ୍କ ମୋବାଇଲକୁ ଯାଞ୍ଚ୍ କରିବାକୁ ପୁଲିସ୍ ଫରରେନସିକ ଲାବ୍‌କୁ ପଠାଇଛି। ମହିଳା ଜଣକ ହେଉଛନ୍ତି ପୂଜା ପଟେଲ। ବିଲେଶକୁମାର ପଟେଲ ହେଉଛନ୍ତି ତାଙ୍କ ସ୍ୱାମୀ। ବିଲେଶକୁମାର ଲୁମ୍ବ କାରଖାନ ଚଳାନ୍ତି। ହସଖୁସିରେ ମହିଳାଙ୍କ ପରିବାର ସୁଖି ଜୀବନ ବିତାଉଥିଲେ। କିନ୍ତୁ ଏହି ଘଟଣା ପରେ ବିଲେଶକୁମାର ଓ ତାଙ୍କ ପରିବାର ହତବାକ୍ ହୋଇଛନ୍ତି। ଦୁହିଁଙ୍କୁ ଆମ୍ବୁଲାନ୍ସ ଯୋଗେ ହସ୍ପିଟାଲ ନିଆଯାଇଥିଲା। କିନ୍ତୁ ଡାକ୍ତର ଦୁହିଁଙ୍କୁ ମୃତ ଘୋଷଣା କରିଥିଲେ। ୧୩ ମହଲାରୁ ଖସି ପଡ଼ିବା ନେଇ କାରଣ ଏପର୍ଯ୍ୟନ୍ତ ଜଣାପଡ଼ିନାହିଁ। ପୁଲିସ ସିସିଟିଭି ଫୁଟେଜକୁ ନେଇ ଯାଞ୍ଚ ଆରମ୍ଭ କରିଛି। ମୃତଦେହଗୁଡିକର ପୋଷ୍ଟମର୍ଟମ କରିବା ନେଇ ପ୍ରକ୍ରିୟା ଆରମ୍ଭ ହୋଇଛି। ନିଜ ପୁଅକୁ ନେଇ ପୂଜା ଆତ୍ମହତ୍ୟା କରିଥାଇ ପାରନ୍ତି ବୋଲି ଆଶଙ୍କା କରାଯାଉଛି। ତେବେ ତଦନ୍ତ ପ୍ରକ୍ରିୟା ଆଗକୁ ବଢ଼ିବା ପରେ ଘଟଣା ସମ୍ପର୍କରେ ସବୁକିଛି ସ୍ପଷ୍ଟ ହେବ ହେବ ବୋଲି ଆଶା କରାଯାଉଛି।

■ ତାମିଲନାଡୁ ରାଜନୀତିରେ ହଟଚମଟ

## ଏନ୍‌ଡିଏରୁ ଅଲଗା ହେଲେ ଦିନାକରନ

ନୂଆଦିଲ୍ଲୀ, ୪।୯ (ଏଜେନ୍ସି): ତାମିଲନାଡୁ ବିଧାନସଭା ନିର୍ବାଚନ ପୂର୍ବରୁ ଏନ୍‌ଡିଏରୁ ଆଉ ଏକ ପାର୍ଟି ଅଲଗା ହୋଇଛି। ଏଏମ୍‌ଏମ୍‌କେ ନେତା ଟିଟିଭି ଦିନାକରନ ବିଜେପି ନେତୃତ୍ୱାଧୀନ ଏନ୍‌ଡିଏରୁ ଅଲଗା ହେବାକୁ ନିଷ୍ପତ୍ତି ନେଇଛନ୍ତି। ସେ ବୁଧବାର ଏ ନେଇ ଘୋଷଣା କରିଛନ୍ତି। ଦ୍ୱିତୀୟ ଦଳ ଭାବେ ଏଏମ୍‌ଏମ୍‌କେ ଏନ୍‌ଡିଏରୁ ଅଲଗା ହୋଇଛନ୍ତି। ଏହାପୂର୍ବରୁ ପୂର୍ବତନ ମୁଖ୍ୟମନ୍ତ୍ରୀ ଓ ପନିରସେଲଭାମ ତାଙ୍କ ପାର୍ଟି ସହ ଏନ୍‌ଡିଏରୁ ବାହରି ଯାଇଥିଲେ। ଆସନ୍ତାବର୍ଷ ଅର୍ଥାତ ୨୦୨୬ରେ ତାମିଲନାଡୁରେ ବିଧାନସଭା ନିର୍ବାଚନ ହେବ। ତେଣୁ ଏନ୍‌ଡିଏକୁ ଜବରଦସ୍ତ ଝଟ୍‌କା ଲାଗିଛି। ୨୦୨୪ ଲୋକସଭା ନିର୍ବାଚନରେ ଦିନାକରନ ଜାତୀୟ ସ୍ୱାର୍ଥକୁ ଦୃଷ୍ଟିରେ ରଖି ଏନ୍‌ଡିଏକୁ ବିନା କୌଣସି ସର୍ତ୍ତରେ ସମର୍ଥନ କରିଥିଲେ। ତେବେ ଜାତୀୟ ସାଧାରଣ ନିର୍ବାଚନ ଓ ରାଜ୍ୟ ନିର୍ବାଚନରେ ବହୁତ ପାର୍ଥକ୍ୟ ରହିଥିବା କଥା ଦିନାକରଣ କହିଛନ୍ତି। ଲୋକସଭା ନିର୍ବାଚନଠାରୁ ୨୦୨୬ ବିଧାନସଭା ନିର୍ବାଚନରେ ଯଥେଷ୍ଟ ପାର୍ଥକ୍ୟ ରହିଛି। ଆଗାମୀ ଡିସେମ୍ବରରେ ନୂଆ ଦଳ ସହ ଆମେ ମେଣ୍ଟ କରିବୁ ବୋଲି ସେ କହିଛନ୍ତି। ପୁଣିଥରେ ଏନ୍‌ଡିଏ ଓ ଏଆଇଏଡିଏମ୍‌କେ ଏକାଠି ହେବାକୁ ଦିନାକରନ ନାପସନ୍ଦ କରିଛନ୍ତି। ଏଥିସହ ବିଧାନସଭା ନିର୍ବାଚନ ପୂର୍ବରୁ ତାମିଲନାଡୁ ରାଜନୀତି ରୋଚକ ମୋଡରେ ଉପନୀତ ହୋଇଛି।

## ଆଗ୍ନେୟଗିରିରେ ୧୦ ମାସରେ ୩୨ଥର ଅଗ୍ନି ଉଦ୍‌ଗୀରଣ

ହନଲୁଲୁ, ୪।୯ (ଏଜେନ୍ସି): ଆମେରିକାର ଦୀପ ରାଜ୍ୟ ହାୱାଇରେ କିଲାଉଏ ଆଗ୍ନେୟଗିରିରେ ଅଗ୍ନି ଉଦ୍‌ଗିରଣ ହୋଇଛି ଓ ଏହା ଏବେ ମଧ୍ୟ ଜାରି ରହିଛି। ଗତ ଡିସେମ୍ବରରୁ ଏପର୍ଯ୍ୟନ୍ତ ଅର୍ଥାତ ପାଖାପାଖି ୧୦ ମାସ ମଧ୍ୟରେ ଏହି ଆଗ୍ନେୟଗିରିରେ ୩୨ଥର ପାଇଁ ଅଗ୍ନି ଉଦ୍‌ଗିରଣ ହୋଇଛି ବୋଲି ଆମେରିକା ଭୂବୈଜ୍ଞାନିକ ସର୍ବେକ୍ଷଣ (ୟୁଏସ୍‌ଜିଏସ୍) ତରଫରୁ କୁହାଯାଇଛି। ୧୦୦ ମିଟରରୁ ଉର୍ଦ୍ଧ୍ୱ ଉଚ୍ଚକୁ ଅଗ୍ନି ଉଦ୍‌ଗିରଣ ହୋଇଥିଲା। କିଲାଉଆଉକୁ ବିଶ୍ୱର ସବୁଠାର ସକ୍ରିୟଆଗ୍ନେୟଗିରି କୁହାଯାଇଥାଏ। ହାୱାଇ ରାଜଧାନୀଠାରୁ ଏହା ୨୦୦ ମାଇଲ ଦକ୍ଷିଣରେ ଅବସ୍ଥିତ। ପ୍ରତି ସେକେଣ୍ଡରେ ହାରାହାରି ୬, ୭୫୦ କ୍ୟୁବିକ୍ ଲାଭା ଉଦ୍‌ଗିରଣ ହେଉଛି ଓ ୫୫, ୦୦୦ ଟନ୍ ସଲଫର ଡାଇଅକ୍ସାଇଡ୍ ଭଳି ବିଶାକ୍ତ ଗ୍ୟାସ ସୃଷ୍ଟି ହେଉଛି ବୋଲି ୟୁଏସ୍‌ଜିଏସ୍ କହିଛି।

## ପଶ୍ଚିମବଙ୍ଗ ବିଧାନସଭାରେ ପ୍ରବଳ ହଟ୍ଟଗୋଳ



### ୫ ବିଜେପି ବିଧାୟକ ସସ୍‌ପେଣ୍ଡ

### ବିଜେପି ଚିଫ୍ ହ୍ୱିପ୍‌ଙ୍କୁ ଘୋଷାଡ଼ି ବାହାର କଲେ ମାର୍ଶାଲ୍

କୋଲକାତା, ୪।୯ (ଏଜେନ୍ସି): ପଶ୍ଚିମବଙ୍ଗ ବିଧାନସଭାରେ ଗୁରୁବାର ଅଭାବନୀୟ ସ୍ଥିତି ସୃଷ୍ଟି ହେବା ସହ ଜୋରସୋରରେ ହଟ୍ଟଗୋଳ ଦେଖିବାକୁ ମିଳିଛି। ବଙ୍ଗଳା ପ୍ରବାସୀଙ୍କ ଉପରେ ହେଉଥିବା ଅତ୍ୟାଚାର ନେଇ ଚର୍ଚ୍ଚା ଚାଲୁଥିବା ବେଳେ ଜୋରରେ ହଙ୍ଗାମା ହୋଇଥିଲା। ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଏହି ପ୍ରସ୍ତାବକୁ ନେଇ ଭାଷଣ ଦେଉଥିବା ବେଳେ ବିପକ୍ଷ ଦଳର ବିଧାୟକମାନେ ସ୍ଲୋଗାନ ଦେବା ସହ ପାଟିତୁଣ୍ଡ କରିଥିଲେ। ସେପ୍ଟେମ୍ବର ୨ରେ ବିରୋଧୀ ଦଳ ନେତା ଶୁଭେନ୍ଦୁ ଅଧିକାରୀଙ୍କୁ ଗୃହରୁ ନିଲମ୍ବନ କରିବା ନେଇ ବିଜେପି ବିଧାୟକମାନେ ବିରୋଧ କରିଥିଲେ। ତୃଣମୂଳ କଂଗ୍ରେସ ବିଧାୟକ ଏହାକୁ ରୋକିବାକୁ ପ୍ରୟାସ କରିଥିଲେ। ବିଶୃଙ୍ଖଳା ଅଧିକ ହେବାରୁ ବାଚସ୍ପତି ବିମାନ ବାନାର୍ଜୀ ବିଜେପି ଚିଫ୍ ହ୍ୱିପ୍ ଶଙ୍କର ଘୋଷଙ୍କୁ ବିଧାନସଭାରୁ ସସ୍‌ପେଣ୍ଡ କରିଥିଲେ। ଶଙ୍କର ବାହାରକୁ ଯିବାକୁ ମନା କରିବାରୁ ମାର୍ଶାଲଙ୍କୁ ଡକାଯାଇଥିଲା। ଶଙ୍କରଙ୍କୁ ଘୋଷାଡି ମାର୍ଶାଲ ଗୃହ ବାହାରକୁ ନେଇଥିଲେ। ଏତିକି ବେଳେ ଶଙ୍କର ବେହୋସ ହୋଇଯାଇଥିଲେ। ତାଙ୍କୁ ଆମ୍ବୁଲାନ୍ସରେ ହସ୍ପିଟାଲ ନିଆଯାଇଥିଲା। ଶଙ୍କରଙ୍କୁ ବାଦ୍ ଦେଲେ ବିଜେପିର ଅନ୍ୟ ୪ଜଣ ବିଧାୟକ ଅଗ୍ନିମିତ୍ର ପାଲ, ମିହିର ଗୋସ୍ୱାମୀ, ବଙ୍କିମ ଘୋଷ ଓ ଅଶୋକ ଡିଣ୍ଡାଙ୍କୁ ମଧ୍ୟ ଗୃହରୁ ନିଲମ୍ବିତ କରାଯାଇଥିଲା। ଭାଷଣ ଦେବା ଅବସରରେ ମମତା 'ମୋଦୀ ଭୋଟ ଚୋର' ସ୍ଲୋଗାନ ଦେଇଥିଲେ। ସେ ବିଜେପି ଓ କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହାଙ୍କୁ ବଙ୍ଗଳା ବିରୋଧୀ ବୋଲି ଅବିହିତ କରିଥିଲେ। ବିଧାନସଭାର ୩ ଦିନିଆ ସ୍ୱତନ୍ତ୍ର ଅଧିବେଶନ ଗତ ପହିଲାରୁ ଆରମ୍ଭ ହୋଇଥିଲା। ୩ ତାରିଖ ଦିନ ଛୁଟି ଥିବାରୁ ଗୁରୁବାର ଅଧିବେଶନର ଅନ୍ତିମ ଦିବସ ଥିଲା। ଚଳିତ ସପ୍ତାହ ପ୍ରାରମ୍ଭରେ ଶୁଭେନ୍ଦୁ ଅଧିକାରୀଙ୍କୁ ଗୃହରୁ ନିଲମ୍ବନ କରାଯାଇଥିଲା। ଉଲ୍ଲେଖଯୋଗ୍ୟ ଯେ, ପଶ୍ଚିମବଙ୍ଗରେ ଆସନ୍ତାବର୍ଷ ମାର୍ଚ୍ଚ-ଏପ୍ରିଲ୍‌ରେ ବିଧାନସଭା ନିର୍ବାଚନ ହେବ।

## ଭାରତରେ ଶିଶୁ ମୃତ୍ୟୁହାର ୧୯୭୧ ପରେ ୮୦ ପ୍ରତିଶତ ହ୍ରାସ ପାଇଛି

ନୂଆଦିଲ୍ଲୀ, ୪।୯ (ଏଜେନ୍ସି): ଭାରତରେ ଶିଶୁ ମୃତ୍ୟୁ ହାର (ଆଇଏମ୍‌ଆର)ରେ ଆଖି ଦୃଶିଆ ହ୍ରାସ ହୋଇଛି। ଏବେ ଏହା ୨୫ ପ୍ରତିଶତରେ ପହଞ୍ଚିଛି। ୨୦୧୩ରେ ଏହା ୪୦ ପ୍ରତିଶତ ଥିଲା। ଅର୍ଥାତ ଗତ ୧୦ ବର୍ଷ ମଧ୍ୟରେ ଏଥିରେ ୩୭.୫ ପ୍ରତିଶତ ଅବନତି ହୋଇଛି। ରେଜିଷ୍ଟ୍ରାର ଜେନେରାଲ ଅଫ୍ ଇଣ୍ଡିଆ (ଆରଜିଆଇ) ୨୦୨୩ ବର୍ଷ ପାଇଁ ପ୍ରକାଶିତ ସାମ୍ପଲ ରେଜିଷ୍ଟ୍ରେସନ ସିଷ୍ଟମ (ଏସ୍‌ଆରଏସ୍) ରିପୋର୍ଟରେ ଏ ନେଇ ଉଲ୍ଲେଖ କରିଛି। ଗୋଟିଏ ବର୍ଷରେ ପ୍ରତି ୧୦୦୦ ପିଲା ଜନ୍ମ ନେବା ପରେ କେତେ ସଂଖ୍ୟାରେ ମୃତ୍ୟୁବରଣ କରୁଛନ୍ତି ସେ ନେଇ ଆଇଏମ୍‌ଆର ବୈଧ ତଥା ନିର୍ଭରଯୋଗ୍ୟ ସୂଚନା ଦେଇଥାଏ। ଏହି ସଂଖ୍ୟାରେ ଯେତେ ଅବନତୀ ହେବ ଦେଶର ସ୍ୱାସ୍ଥ୍ୟାବସ୍ଥା ସେତେ ଉନ୍ନତ ବୋଲି ଧରିନେବାକୁ ହେବ।

ଏସ୍‌ଆରଏସ୍ ୨୦୨୩ ରିପୋର୍ଟ ଅନୁସାରେ ୧୯୭୧ ତୁଳନାରେ ଶିଶୁ ମୃତ୍ୟୁହାରରେ ୮୦ ପ୍ରତିଶତ ଅବନତି ହୋଇଛି। ୧୯୭୧ରେ ଏହା ୧୨୯ ଥିବା ବେଳେ ୨୦୨୩ରେ ଏହା ୩୭ରେ ପହଞ୍ଚିଛି। ଉତ୍ତରପୂର୍ବ ରାଜ୍ୟ ମଣିପୁରରେ ଏହା ସର୍ବନିମ୍ନ ୩ ରହିଛି। ଏହିକ୍ରମରେ କେରଳ ଦ୍ୱିତୀୟ ସ୍ଥାନରେ ରହିଛି। କେରଳରେ ଶିଶୁ ମୃତ୍ୟୁହାର ୫ ରହିଛି। ଦେଶର ଗ୍ରାମାଞ୍ଚଳରେ ଆଇଏମ୍‌ଆର ୪୪ରୁ ୨୮କୁ ଓ ସହରାଞ୍ଚଳରେ ଏହା ୨୭ରୁ ୧୮କୁ କମିଛି। ଗତ ୧୦ ବର୍ଷ ମଧ୍ୟ ଆଇଏମ୍‌ଆରରେ ଗ୍ରାମାଞ୍ଚଳ ଓ ସହରାଞ୍ଚଳରେ ଯଥାକ୍ରମେ ୩୬ ଓ ୩୩ ପ୍ରତିଶତ ରହିଛି।

ଦେଶରେ ଜନ୍ମହାର ସମେତ ମୃତ୍ୟୁହାର ଉଭୟରେ ଯଥେଷ୍ଟ ଅବନତି ହୋଇଛି। ୧୯୭୧ରେ ଜନ୍ମହାର ୩୬.୯ରେ ଥିବା ବେଳେ ଏହା ୨୦୧୩ରେ ଏହା ୧୮.୪ରେ ପହଞ୍ଚିଛି। ଗତ ୧୦ ବର୍ଷରେ ଜନ୍ମହାର ୧୪ ପ୍ରତିଶତ କମିଛି। ୨୦୧୩ରେ ଏହା ୨୧.୪ ଥିବାବେଳେ ୨୦୨୩ରେ ଏହା ୧୮.୪ ରହିଛି। ବିହାରରେ ସର୍ବାଧିକ ଜନ୍ମହାର ୨୫.୮ ରହିଥିବା ବେଳେ ଆଣ୍ଡାମାନ ନିକୋବରରେ ଏହା ୧୦.୧ ରହିଛି। ସେହିପରି ଗତ ୫ ଦଶକରେ ମୃତ୍ୟୁ ହାରରେ ମଧ୍ୟ ଯଥେଷ୍ଟ ଅବନତୀ ହୋଇଛି। ୧୯୭୧ ମୃତ୍ୟୁହାର ୧୪.୯ ଥିବା ବେଳେ ୨୦୨୩ରେ ୬.୪ରେ ପହଞ୍ଚିଛି। ଚଣ୍ଡିଗଡ଼ରେ ମୃତ୍ୟୁହାର ସର୍ବନିମ୍ନ ୪ ଥିବା ବେଳେ ଛତିଶଗଡ଼ରେ ଏହା ସର୍ବାଧିକ ୮.୩ରେ ପହଞ୍ଚିଛି।

# ନବୀନଙ୍କୁ ଭେଟିଲେ ଦିଲ୍ଲୀପ ରାୟ



ଭୁବନେଶ୍ୱର, ୪।୯ (ସମିସ): ଦୀର୍ଘ ୬ ବର୍ଷ ପରେ ନବୀନ ନିବାସରେ ବିଜେଡି ସୁପ୍ରିମୋ ତଥା ବିରୋଧୀଦଳ ନେତା ନବୀନ ପଟ୍ଟନାୟକଙ୍କୁ ଭେଟିଛନ୍ତି ପୂର୍ବତନ କେନ୍ଦ୍ରମନ୍ତ୍ରୀ ଦିଲ୍ଲୀପ ରାୟ । ଗୁରୁବାର ବିଳମ୍ବିତ ସନ୍ଧ୍ୟାରେ ଏହି ସୌଜନ୍ୟମୂଳକ ସାକ୍ଷାତ ଅବସରରେ ନବୀନଙ୍କ ସୁସ୍ୱାସ୍ଥ୍ୟ ଓ ଦୀର୍ଘ ନିରାମୟ ଜୀବନ କାମନା କରିଛନ୍ତି ଦିଲ୍ଲୀପ। ଉଭୟ ନେତାଙ୍କ ମଧ୍ୟରେ ଏହି ସମୟରେ ରାଜ୍ୟ ସ୍ୱାର୍ଥ ସମ୍ବଳିତ ବିଭିନ୍ନ ପ୍ରସଙ୍ଗ ସମ୍ପର୍କରେ ମଧ୍ୟ ଆଲୋଚନା ହୋଇଥିବା ସୂଚନା ମିଳିଛି ।

# କୋମାରେ ଅଭିଜିତ ମଜୁମଦାର

ଭୁବନେଶ୍ୱର,୪।୯ (ସମିସ): ବିଶିଷ୍ଟ ସଙ୍ଗୀତ ନିର୍ଦ୍ଦେଶକ, ସ୍ୱନାମଧନ୍ୟ କଣ୍ଠଶିଳ୍ପୀ ଅଭିଜିତ ମଜୁମଦାର ଭୁବନେଶ୍ୱର ଏମ୍ସରେ ଭର୍ତ୍ତି ହୋଇଛନ୍ତି। ଯକୃତ(ଲିଭର) ଜନିତ ରୋଗରେ ପୀଡ଼ିତ ହୋଇ ଅଭିଜିତ ଗତ ସପ୍ତାହରୁ କଟକର ଏକ ଘରୋଇ ହସ୍ପିଟାଲରେ ଚିକିତ୍ସିତ ହେଉଥିଲେ। ମାତ୍ର ସ୍ୱାସ୍ଥ୍ୟରେ ଉନ୍ନତି ନ ହେବାରୁ ଗୁରୁବାର ସକାଳେ ତାଙ୍କୁ ଭେଣ୍ଟିଲେଟର ସପୋର୍ଟ ଆମ୍ବୁଲାନ୍ସ ଯୋଗେ ଭୁବନେଶ୍ୱର ଏମ୍ସକୁ ସ୍ଥାନାନ୍ତର କରାଯାଇଥିଲା। ଏମ୍ସରେ ଭର୍ତ୍ତି ହେବା ପୂର୍ବରୁ ସେ କୋମାରେ ଥିବା ଭୁବନେଶ୍ୱର ଏମ୍ସ ପକ୍ଷରୁ ସୂଚନା ଦିଆଯାଇଛି। ତେବେ ଏମ୍ସରେ ଭର୍ତ୍ତି ହେବା ପରେ ଅଭିଜିତଙ୍କ ବ୍ରେନ୍‌ରେ ସୋଡିୟମ କମିଥିବା ଏବଂ ନିଃଶ୍ୱାସ ନେବାରେ ସମସ୍ୟା ହେଉଥିବା କୁହାଯାଉଥିଲା। ଟ୍ରମାକେୟାରରେ ପ୍ରାଥମିକ ଚିକିତ୍ସା ପରେ ତାଙ୍କୁ ଏବେ ସେଣ୍ଟ୍ରାଲ ଆଇସିୟୁରେ ଭେଣ୍ଟିଲେଟର ସପୋର୍ଟରେ ରଖାଯାଇ ଚିକିତ୍ସା କରାଯାଉଛି। ବର୍ତ୍ତମାନ ତାଙ୍କର ରକ୍ତଚାପ ଓ ସ୍ପନ୍ଦନ ସ୍ଥିର ଥିବା ଜେନେରାଲ ମେଡିସିନ୍ ବିଭାଗ ଆସିଷ୍ଟାଣ୍ଟ ପ୍ରଫେସର ଡ. ଶ୍ରୀକାନ୍ତ ବେହେରା ସୂଚନା ଦେଇଛନ୍ତି। ସେହିପରି ଅଭିଜିତ ମଜୁମଦାର୍‌ଙ୍କ ସାଥିରେ ଆସିଥିବା ଡାକ୍ତର ଅମ୍ରିତ ପାଟ୍ଟଯୋଶୀ କହିଛନ୍ତି ଯେ ଅଭିଜିତ ଗୁରୁତର ଥିବାରୁ ଭେଣ୍ଟିଲେଟର ସପୋର୍ଟରେ ଅଛନ୍ତି। ତାଙ୍କର ବ୍ରେନ୍ ଏବଂ ଲିଭର୍‌ରେ ସମସ୍ୟା ସାଙ୍ଗକୁ ଅଗ୍ନାଶୟ(ପାନକ୍ରିଆଜ୍)ରେ ସମସ୍ୟା ଦେଖାଦେଇଛି। ତାଙ୍କ ନିକଟରେ ପରିବାର ସଦସ୍ୟ ଉପସ୍ଥିତ ଥିବାବେଳେ ଅଭିନେତା ବାବୁଶାନ, ଶ୍ରୀତମ୍ ଦାସଙ୍କ ସମେତ ବହୁ ସିନେ କଳାକାର ଓ ସଙ୍ଗୀତ ଜଗତର ବହୁ ବିଶିଷ୍ଟ ବ୍ୟକ୍ତି ଏମ୍ସ ଯାଇ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ବୁଝିବା ସହ ଆଶୁ ଆରୋଗ୍ୟ କାମନା କରିଛନ୍ତି। ବିରୋଧୀ ଦଳ ନେତା ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଅଭିଜିତ ମଜୁମଦାରଙ୍କ ସ୍ୱାସ୍ଥ୍ୟାବସ୍ଥାକୁ ନେଇ ଚିନ୍ତା ପ୍ରକଟ କରିବା ସହ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ତାଙ୍କର ଉତ୍ତମ ସ୍ୱାସ୍ଥ୍ୟ ଓ ଆଶୁ ଆରୋଗ୍ୟ କାମନା କରିଛନ୍ତି।

## ଆଶୁ ଆରୋଗ୍ୟ କାମନା କଲେ ନବୀନ





ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କୁ ରାଷ୍ଟ୍ରପତି ଭବନରେ ସୌଜନ୍ୟମୂଳକ ସାକ୍ଷାତ କରୁଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ

## ବର୍ଷକ ମଧ୍ୟରେ ହୋଇନାହିଁ ଗୋଟିଏ ଡିସିମିଲ ଜମିର ସଂଶୋଧିତ ସ୍ୱତ୍ୱଲିପି

# ସତରେ ଫେରିବ ତ ମହାପ୍ରଭୁଙ୍କ ସମ୍ପତ୍ତି !

ଭୁବନେଶ୍ୱର, ୪।୯ (ସମିସ): ରାଜ୍ୟ ଓ ରାଜ୍ୟ ବାହାରୁ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଭୂସମ୍ପତ୍ତି ଫେରିବ। ମହାପ୍ରଭୁଙ୍କ ୫୮ ହଜାର ଏକର ଜମି ରହିଛି। ଏଥିରୁ ୩୭ ହଜାର ଏକର ଜମିର କାଗଜ ପ୍ରସ୍ତୁତ ହୋଇସାରିଛି। ବାକିଗୁଡ଼ିକର କାଗଜ ପ୍ରସ୍ତୁତ କରାଯାଉଛି। ସରକାର ଏ ଦିଗରେ ତ୍ୱରିତ ପଦକ୍ଷେପ ନେଉଛନ୍ତି ଓ ଜମି ଫେରସ୍ତ ପ୍ରକ୍ରିୟା ଆରମ୍ଭ କରିଛନ୍ତି ବୋଲି ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ସେ ଆହୁରି ମଧ୍ୟ କହିଛନ୍ତି ଯେ ମହାପ୍ରଭୁଙ୍କର ଯେଉଁଠି ଭୂସମ୍ପତ୍ତି ଅଛି ତାହାର ଠିକ୍ ଆକଳନ କିପରି ହୋଇପାରିବ ସେନେଇ ସରକାର ଯୋଜନା ପ୍ରସ୍ତୁତ କରୁଛନ୍ତି। ରାଜ୍ୟ ଏବଂ ରାଜ୍ୟ ବାହାରେ ଯେଉଁଠି ମହାପ୍ରଭୁଙ୍କ ସମ୍ପତ୍ତି ଅଛି ସେସବୁ ମହାପ୍ରଭୁଙ୍କ କାମରେ କିପରି ବିନିଯୋଗ ହେବ ସେନେଇ ସରକାର ପଦକ୍ଷେପ ନେଉଛନ୍ତି ।

୨୦୨୩ ମସିହା ଅକ୍ଟୋବରରେ ତତ୍କାଳୀନ ବିଜେଡି ସରକାରରେ ଆଇନ ମନ୍ତ୍ରୀ ଜଗନ୍ନାଥ ସାରକା ଶ୍ରୀଜଗନ୍ନାଥଙ୍କ ଜମି ସମ୍ପର୍କିତ ଏକ ଉତ୍ତର ବିଧାନସଭାରେ ରଖିଥିଲେ। ମନ୍ତ୍ରୀଙ୍କ ଉତ୍ତର ଅନୁଯାୟୀ ମହାପ୍ରଭୁଙ୍କ ନାମରେ ରାଜ୍ୟର ୨୪ଟି ଜିଲ୍ଲାରେ ପ୍ରାୟ ୬୦ ହଜାର ୪୨୬ ଏକର ଜମି ରହିଛି। ତନ୍ମଧ୍ୟରୁ ୩୮ ହଜାର ୬୧ ଏକର ଜମିର ସଂଶୋଧିତ ସତ୍ତ୍ୱଲିପି ଶ୍ରୀମନ୍ଦିର ପ୍ରଶାସନ କାର୍ଯ୍ୟାଳୟରେ ପ୍ରାପ୍ତ ହୋଇଛି। ସେହିପରି ରାଜ୍ୟ ବାହାରେ ୭ଟି ରାଜ୍ୟରେ ଶ୍ରୀ ଜଗନ୍ନାଥ ମହାପ୍ରଭୁଙ୍କର ୩୯୫.୨୫୨ ଏକର ପରିମିତ ଜମି ଚିହ୍ନଟ କରାଯାଇଛି। ବେଆଇନ ଭାବେ

## ରାଜ୍ୟ ବାହାରେ ରହିଛି ୩୯୫ ଏକର ଶ୍ରୀଜଗନ୍ନାଥ ଜମି



ଅବରୋଧ ହୋଇଥିବା ଶ୍ରୀଜୀଉଙ୍କ ଜମିକୁ ସରଜମିନ ତଦନ୍ତ କରାଯାଇଛି। ଓଡ଼ିଶାରେ ୭ଟି ଜିଲ୍ଲାରେ ପ୍ରାୟ ୧୬୯ ଏକର ଜମି ଉପରେ ବିଭିନ୍ନ ବ୍ୟକ୍ତିବିଶେଷଙ୍କ ଦ୍ୱାରା କରାଯାଇଥିବା ଅବରୋଧକୁ ଉଚ୍ଛେଦ କରାଯିବା ପାଇଁ ଶ୍ରୀ ଜଗନ୍ନାଥ ମନ୍ଦିର ଆଇନ-୧୯୫୫ର ଧାରା-୧୬(ଏ)(କ)ରେ ବର୍ଣ୍ଣିତ ଅନୁଯାୟୀ ମୋଟ ୯୭୪ଟି ବେଆଇନ ଅବରୋଧ ମୋକଦ୍ଦମା ସମ୍ପୃକ୍ତ ତହସିଲଦାରଙ୍କ ଇଜିଲାସରେ ଦାଏର କରାଯାଇଛି ବୋଲି ମନ୍ତ୍ରୀ ଶ୍ରୀ ସାରକା ସୂଚନା ଦେଇଥିଲେ। ଅନୁରୂପ ଭାବରେ ଶ୍ରୀ ଜଗନ୍ନାଥଙ୍କ ଜମି ସମ୍ପର୍କରେ ଗତ ମାର୍ଚ୍ଚ ମାସରେ ବିଧାନସଭାରେମ ଆଇନମନ୍ତ୍ରୀ ଶ୍ରୀ ହରିଚନ୍ଦନ ପୂର୍ବତନ ଆଇନ ମନ୍ତ୍ରୀ ଜଗନ୍ନାଥଙ୍କ ଉତ୍ତରକୁ ଦୋହରାଇଥିଲେ। ଅତଏବ ୨୦୨୩ ଅକ୍ଟୋବରରୁ ୨୦୨୫ ମାର୍ଚ୍ଚ ମାସ ମଧ୍ୟରେ ଶ୍ରୀଜଗନ୍ନାଥଙ୍କ ଗୋଟିଏ ହେଲେ ଏକର ଜମିର ସଂଶୋଧିତ ସତ୍ତ୍ୱଲିପି ଶ୍ରୀମନ୍ଦିର କାର୍ଯ୍ୟାଳୟକୁ ଆସିନାହିଁ ଓ ଅବରୋଧ ହୋଇଥିବା ଜମିର ସ୍ଥିତି ଅପରିବର୍ତ୍ତିତ ରହିଛି ।

ଅପରପକ୍ଷେ ଗତ ମେ ମାସରେ ଓଡ଼ିଶା ହାଇକୋର୍ଟ ଏନେଇ ଏକ ଗୁରୁତ୍ୱପୂର୍ଣ୍ଣ ରାୟ ଦେଇଥିଲେ। ହାଇକୋର୍ଟ କହିଥିଲେ ଯେ ମହାପ୍ରଭୁଙ୍କ ସମ୍ପତ୍ତିର ଭୂକ୍ଷରଣ କେବଳ ଆଇନଗତ ବ୍ୟତିକ୍ରମ ନୁହେଁ, ଏହା ଆଧ୍ୟାତ୍ମିକ ଅପମାନ ଓ ସାଂସ୍କୃତିକ କ୍ଷତି । ତେଣୁ ଶ୍ରୀ ଜଗନ୍ନାଥଙ୍କ ନାମରେ ଥିବା ସମ୍ପତ୍ତି ସଂକ୍ରାନ୍ତୀୟ ତଥ୍ୟ ସଠିକ୍ ଭାବେ ରେକର୍ଡ କରିବାକୁ ରାଜସ୍ୱ ଓ ଭୂମି ରେକର୍ଡ କର୍ତ୍ତୃପକ୍ଷ ପଦକ୍ଷେପ ନେବାକୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଥିଲେ। ମହାପ୍ରଭୁଙ୍କ ସମ୍ପତ୍ତି ସୁରକ୍ଷିତ ରଖିବା ପାଇଁ ଉଭୟ ମନ୍ଦିର ପ୍ରଶାସନ ଏବଂ ଆଇନ ବିଭାଗ ଏକଠି କାମ କରିବାକୁ ପରାମର୍ଶ ଦେଇଥିଲେ ହାଇକୋର୍ଟ। ମାତ୍ର ରାଜ୍ୟରେ ସରକାର ପରିବର୍ତ୍ତନ ପରେ ସରକାର ଗୋଟିଏ ଡ଼ିସିମିଲ ଜମିର ସତ୍ତ୍ୱଲିପି ସଂଶୋଧନ କରିବାରେ ବ୍ୟର୍ଥ ହୋଇଥିବାବେଳେ ୫୮ ହଜାର ଏକର ଜମି କିପରି ଫେରାଇ ଅଣାଯିବ ତାହାକୁ ନେଇ ପ୍ରଶ୍ନ ଉଠିଛି।

ଅପରପକ୍ଷେ ମନ୍ତ୍ରୀଙ୍କ ବୟାନକୁ ରାଜନୈତିକ ହଟଚମଟ ବୋଲି କହିଛନ୍ତି ବିଜେଡି ଓ କଂଗ୍ରେସ। ପୁରୀ ବିଜେଡି ବିଧାୟକ ସୁନୀଲ ମହାନ୍ତି କହିଛନ୍ତି ଶ୍ରୀ ଜଗନ୍ନାଥଙ୍କ ଜମି ଯଥାଶୀଘ୍ର ଫେରାଇ ଆଣିବାର ଆବଶ୍ୟକତା ରହିଛି। ବହୁ ଅସାଧୁ ଲୋକେ ଶ୍ରୀ ଜଗନ୍ନାଥଙ୍କ ଜମି ବେଆଇନ ଭାବରେ ବିକ୍ରି କରିଥିବା ବେଳେ ପୁରୀରେ ଉକ୍ତ ଜମିରେ ଏକ ବସ୍ତି ମଧ୍ୟ ତିଆରି ହୋଇଗଲାଣି। ତେଣୁ ସରକାର ପ୍ରଥମେ ଯେଉଁ ବିକ୍ରି ହେଉଛି ତାହାକୁ ରୋକନ୍ତୁ। ଏନେଇ ସରକାର ପଦକ୍ଷେପ ନେବା ପରିବର୍ତ୍ତେ କେବଳ ଅଯଥା ହଟଚମଟ ବୟାନ ଦେଉଛନ୍ତି ବୋଲି ସୁନୀଲ କହିଛନ୍ତି । ସେହିପରି ଜମିର ସଂଶୋଧିତ ସତ୍ତ୍ୱଲିପି ଶ୍ରୀମନ୍ଦିର କାର୍ଯ୍ୟାଳୟକୁ ଆସିନଥିବା ବେଳେ ଅବରୋଧ ଜମି ଚିହ୍ନଟ ଯଥା ପୂର୍ବଂ ତଥା ପରଂ ରହିଛି। ଏପରିସ୍ଥଳେ ଆଇନ ମନ୍ତ୍ରୀ କେବଳ ବାହାବା ନେବା ପାଇଁ ଆଜି ଭୂସମ୍ପତ୍ତି ସମ୍ପର୍କିତ ମନ୍ତବ୍ୟ ଦେଇଛନ୍ତି ବୋଲି ବିଶେଷଜ୍ଞ ମହଲ ମତ ପ୍ରକାଶ କରିଛନ୍ତି ।

# କେନ୍ଦୁପତ୍ର ଓ ହ୍ୟାଣ୍ଡଲୁମ୍ ସାମଗ୍ରୀ ଉପରୁ ସମ୍ପୂର୍ଣ୍ଣ ଜିଏସ୍‌ଟି ଛାଡ଼ ହେଉ: ବିଜେଡି

ଭୁବନେଶ୍ୱର,୪।୯ (ସମିସ): ବୁଧବାର କେନ୍ଦ୍ର ସରକାର ପ୍ରଚଳିତ ଜିଏସ୍‌ଟି ସ୍ଲାବ୍‌ରେ ପରିବର୍ତ୍ତନ ଆଣିଛନ୍ତି। ମାତ୍ର କ୍ରମାଗତ ଦାବି ସତ୍ତ୍ୱେ କେନ୍ଦୁପତ୍ର ଓ ହ୍ୟାଣ୍ଡଲୁମ୍ ଜିନିଷ ଉପରୁ ସମ୍ପୂର୍ଣ୍ଣ ଜିଏସ୍‌ଟି ଛାଡ଼ ହୋଇ ନ ଥିବାରୁ ବିଜୁ ଜନତା ଦଳ କ୍ଷୋଭ ପ୍ରକାଶ କରିଛି। ଏହାଛଡ଼ା ନୂତନ ଜିଏସ୍‌ଟି ସ୍ଲାବ୍ କାରଣରୁ ଓଡ଼ିଶା ସରକାରଙ୍କୁ ପ୍ରତି ମାସରେ ପ୍ରାୟ ୧୦୦୦ କୋଟି ଟଙ୍କାର ରାଜସ୍ୱ କ୍ଷତି ହେବାର ଆଶଙ୍କା ସୃଷ୍ଟି ହୋଇଛି। ଏହାକୁ କେନ୍ଦ୍ର ସରକାର ଭରଣା କରିବା ଦରକାର ବୋଲି ବିଜେଡି ଦାବି କରିଛି।

ଗୁରୁବାର ଶଙ୍ଖ ଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଦଳର ବରିଷ୍ଠ ଉପସଭାପତି ଦେବୀ ପ୍ରସାଦ ମିଶ୍ର ଓ ବିଧାୟକ ତଥା ଦଳର ବରିଷ୍ଠ ଉପସଭାପତି ନିରଞ୍ଜନ ପୂଜାରୀ ଜିଏସ୍‌ଟି ସ୍ଲାବ୍ ପରିବର୍ତ୍ତନ ଯୋଗୁଁ ଓଡ଼ିଶାରେ କ'ଣ ପ୍ରଭାବ ପଡ଼ିବ, ସେନେଇ ଆଲୋଚନା କରିଥିଲେ। ଶ୍ରୀ ମିଶ୍ର କହିଥିଲେ ଯେ ୨୦୧୮ ମସିହାରୁ କେନ୍ଦୁପତ୍ର ଉପରେ ଜିଏସ୍‌ଟି ସମ୍ପୂର୍ଣ୍ଣ ଛାଡ଼ ପାଇଁ ବିଜେଡି ଦାବି କରିଆସୁଛି। ତତ୍କାଳୀନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଦେଶର ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣଙ୍କୁ କେନ୍ଦୁପତ୍ର ଉପରୁ ସମ୍ପୂର୍ଣ୍ଣ ଜିଏସ୍‌ଟି ଛାଡ଼ ପାଇଁ ଚିଠି ଲେଖିଥିଲେ। ଜିଏସ୍‌ଟିର ନୂତନ ସ୍ଲାବ୍ ଅନୁଯାୟୀ କେନ୍ଦୁପତ୍ର ଉପରେ ଜିଏସଟିକୁ ୧୮ ପ୍ରତିଶତରୁ ୫ ପ୍ରତିଶତକୁ ଖସାଇ ଦିଆଯାଇଛି। କିନ୍ତୁ ଏହା କମିଥିଲେ ମଧ୍ୟ କେନ୍ଦୁପତ୍ର ତୋଳାଳୀଙ୍କୁ ବିଶେଷ ଫାଇଦା ମିଳିବ ନାହିଁ। କେନ୍ଦୁପତ୍ର ତୋଳାଳୀମାନେ କୌଣସି ସୁବିଧା ପାଇବେ ନାହିଁ।

ସେହିପରି ନିରଞ୍ଜନ ପୂଜାରୀ କହିଛନ୍ତି ଯେ କେନ୍ଦୁପତ୍ର ଭଳି ହ୍ୟାଣ୍ଡଲୁମ୍ କ୍ଷେତ୍ରରେ ମଧ୍ୟ ବୁଣାକାରମାନଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ଜିଏସ୍‌ଟି ଛାଡ଼ ପାଇଁ ବିଜେଡି ପକ୍ଷରୁ ଦାବି ହୋଇ ଆସୁଥିଲା। ଟେକ୍ସଟାଇଲ କ୍ଷେତ୍ରରେ ପାୱାରଲୁମ୍ ଓ ହ୍ୟାଣ୍ଡଲୁମ୍ ରହିଛି। ପାୱାରଲୁମ୍‌ରେ ଶିଳ୍ପପତିମାନେ ସମ୍ପୃକ୍ତ ଥିବାବେଳେ ହ୍ୟାଣ୍ଡଲୁମ୍‌ରେ ଗରିବ ବୁଣାକାରମାନେ ରହିଛନ୍ତି। ସେମାନେ ବିଭିନ୍ନ ସୂତାଶାଢ଼ୀ, ପାଟଶାଢ଼ୀ ଇତ୍ୟାଦି ତିଆରି କରିଥା'ନ୍ତି। ଏହି ଗରିବ ଶ୍ରେଣୀର ବୁଣାକାରମାନଙ୍କୁ ପ୍ରୋତ୍ସାହନ ଦେବା ପାଇଁ ଜିଏସ୍‌ସଟି ଛାଡ଼ ପାଇଁ ଦାବି ହୋଇ ଆସୁଥିଲା; କିନ୍ତୁ ସେମାନଙ୍କ ପାଇଁ ମଧ୍ୟ ୫ ପ୍ରତିଶତ ଜିଏସଟି ରହିଛି। ତେଣୁ ଉଭୟ କେନ୍ଦୁପତ୍ର ଓ ହ୍ୟାଣ୍ଡଲୁମ୍ ଟେକ୍ସଟାଇଲ ଉପରୁ ସମ୍ପୂର୍ଣ୍ଣ ଜିଏସ୍‌ଟି ଛାଡ଼ ପାଇଁ ବିଜେଡି ପୁଣିଥରେ ଦାବି କରିଛି।



- ଏବେବି କେନ୍ଦୁପତ୍ର ଓ ହ୍ୟାଣ୍ଡଲୁମ୍ ସାମଗ୍ରୀ ଉପରେ ୫ ପ୍ରତିଶତ ଜିଏସ୍‌ଟି ରହିଛି
- ନୂଆ ସ୍ଲାବ୍‌ରେ ୧୦୦୦ କୋଟିର ରାଜସ୍ୱ କ୍ଷତିକୁ କେନ୍ଦ୍ର ସରକାର ଭରଣା କରନ୍ତୁ

# ସ୍ନେହାଙ୍ଗିନୀ ଛୁରିଆ ବିଜୁ ମହିଳା ଜନତା ଦଳ ସଭାପତି ନିଯୁକ୍ତ

## ମହିଳା ବ୍ୟାପାର କମିଟିରେ ୧୫ ବରିଷ୍ଠ ଓ ଯୁବନେତ୍ରୀ



ଭୁବନେଶ୍ୱର,୪।୯ (ସମିସ): ବିଜେଡିର ବରିଷ୍ଠ ନେତ୍ରୀ ତଥା ପୂର୍ବତନ ମନ୍ତ୍ରୀ ସ୍ନେହାଙ୍ଗିନୀ ଛୁରିଆ ପୁଣିଥରେ ହୋଇଛନ୍ତି ବିଜୁ ମହିଳା ଜନତା ଦଳର ରାଜ୍ୟ ସଭାନେତ୍ରୀ। ଏହାସହିତ ମହିଳା ବିଜେଡିକୁ ସଂଗଠିତ କରିବା ନିମନ୍ତେ ୧୫ ଜଣ ବରିଷ୍ଠ ଓ ଯୁବ ନେତ୍ରୀଙ୍କୁ କମିଟି (ମହିଳାବ୍ୟାପାର)ରେ ନବୀନ ସ୍ଥାନ ଦେଇଛନ୍ତି। ଦଳର ବରିଷ୍ଠ ନେତ୍ରୀ ସୁମିତ୍ରା ଜେନା, ରାଜଶ୍ରୀ ମଲ୍ଲିକ ଓ ଲେଖାଶ୍ରୀ ସାମନ୍ତସିଂହାରଙ୍କୁ ବରିଷ୍ଠ ସାଧାରଣ ସମ୍ପାଦକ ଦାୟିତ୍ୱ ପ୍ରଦାନ କରାଯାଇଛି। ଅନୁରୂପ ଭାବରେ ସୁଲୋଚନା ଦାସ, ସୁଲତା ଦେଓ, ବର୍ଷା ସିଂ ବରିହା, ଶର୍ମିଷ୍ଠା ସେଠୀ, ଶ୍ରୀମୟୀ ମିଶ୍ର, ଲୋପାମୁଦ୍ରା ବକ୍ସିପାତ୍ର, ମିନତୀ ବେହେରା, କସ୍ତୁରୀ ମହାପାତ୍ର, ପଦ୍ମିନୀ ଦିଆନ୍, ଦୀପାଳି ଦାସ, ରଞ୍ଜିତା ସାହୁ ଓ ଗୀତାଞ୍ଜଳି ବସ୍ତିଆଙ୍କ ସାଧାରଣ ସମ୍ପାଦିକା ଭାବେ ନବୀନ ନିଯୁକ୍ତି ଦେଇଛନ୍ତି ।

# ୩ ଜିଲ୍ଲା ପାଇଁ ବିଜେଡି ସଭାପତି ଓ କାର୍ଯ୍ୟକାରୀ ସଭାପତି ନିଯୁକ୍ତ

ଭୁବନେଶ୍ୱର,୪।୯ (ସମିସ): ବିଜେଡି ସଭାପତି ନବୀନ ପଟ୍ଟନାୟକ ଗୁରୁବାର ଢେଙ୍କାନାଳ, କୋରାପୁଟ ଓ ରାୟଗଡା ଜିଲ୍ଲା ପାଇଁ ସଭାପତି ଏବଂ କାର୍ଯ୍ୟକାରୀ ସଭାପତି ନିଯୁକ୍ତ କରିଛନ୍ତି। ବରିଷ୍ଠ ନେତା ଡ. ନୃସିଂହ ଚରଣ ସାହୁଙ୍କୁ ଢେଙ୍କାନାଳ ଜିଲ୍ଲା ସଭାପତି ଓ ସନ୍ଦୀପ ଷଡ଼ଙ୍ଗୀଙ୍କୁ କାର୍ଯ୍ୟକାରୀ ସଭାପତି ନିଯୁକ୍ତି ମିଳିଛି। କୋରାପୁଟ ଜିଲ୍ଲା ସଭାପତି ଭାବେ ଝିନ ହିକକା ଏବଂ ଦୁଇ କାର୍ଯ୍ୟକାରୀ ସଭାପତି ଭାବେ ଦୁର୍ଗା ମିଶ୍ର ଓ ପ୍ରସାଦ ବିଡିକାଙ୍କୁ ଦାୟିତ୍ୱ ମିଳିଛି। ସେହିପରି ରାୟଗଡା ଜିଲ୍ଲା ସଭାପତି ଭାବେ ଜଗନ୍ନାଥ ସାରକାଙ୍କୁ ନିଯୁକ୍ତି ପ୍ରଦାନ କରାଯାଇଛି ଏବଂ କାର୍ଯ୍ୟକାରୀ ସଭାପତି ଭାବେ ଗୟାଧର ପୁଲାଓ ଓ ରଞ୍ଜିତ କୁମାର ପାଣିଗ୍ରାହୀ ପାଇଛନ୍ତି ।




■ ଛାତ୍ରୀଙ୍କୁ ମାଡ଼ ଓ ଜାତିଆଣ ଅକ୍ଷେପ ଅଭିଯୋଗ

## ଶିକ୍ଷାଧିକାରୀ ଓ ପୁଲିସ ଅଧିକାରୀଙ୍କ ତଦନ୍ତ

କଣାସ,୪।୯ (ସମିସ): କଣାସ ବ୍ଲକ୍ ଗଡ଼ବଳଭଦ୍ରପୁର ଗ୍ରାମପଞ୍ଚାୟତ ଗୌଡ଼ପାଟଣା ଗ୍ରାମରେ ପ୍ରତିଷ୍ଠିତ ଗୌଡ଼ପାଟଣା ପ୍ରାଥମିକ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନଶିକ୍ଷୟିତ୍ରୀ ପ୍ରତିମା ଜେନା ସେହି ବିଦ୍ୟାଳୟର ତୃତୀୟଶ୍ରେଣୀ ଛାତ୍ରୀ ଜ୍ୟୋସ୍ନା ମଲ୍ଲିକଙ୍କୁ ଗତ ୨ ତାରିଖରେ ବିଦ୍ୟାଳୟରେ ମାଡ଼ମାରିବା ଓ ଜାତିଆଣ ଅକ୍ଷେପ କରିଥିବା ଜ୍ୟୋସ୍ନାଙ୍କ ବାପା କଣାସ ବ୍ଲକ୍ ଶିକ୍ଷାଧିକାରୀ ଓ କଣାସ ଥାନାରେ ଏକ ଲିଖିତ ଅଭିଯୋଗ କରିଥିଲେ। ଗୁରୁବାର ଶିକ୍ଷାଧିକାରୀ ରାମଚନ୍ଦ୍ର ବେହେରାଙ୍କ ନିର୍ଦ୍ଦେଶକ୍ରମେ ଗୌଡ଼ପାଟଣା ପ୍ରାଥମିକ ବିଦ୍ୟାଳୟକୁ ଅତିରିକ୍ତ ଶିକ୍ଷାଧିକାରୀ ଗୋବର୍ଦ୍ଧନ ବେହେରା ଓ ସିଆର୍‌ସିସି ଭୂପତି ଭୂଷଣ ତ୍ରିପାଠୀ ଯାଇ ଶିକ୍ଷୟିତ୍ରୀ, ଛାତ୍ରୀ ଜ୍ୟୋସ୍ନାଙ୍କ ବାପା ଓ ଅନ୍ୟାନ୍ୟ ଛାତ୍ରୀମାନଙ୍କୁ ଘଟଣା ସମ୍ପର୍କରେ ପଚାରି ଫେରିଆସିଛନ୍ତି। ପୁରୀ ଜିଲ୍ଲା ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ସଚିନ୍ ପଟେଲ୍, ପିପିଲି ସିଡିପିଓ ଦେବାଶିଷ ମିଶ୍ର, କଣାସ ଥାନା ଆଇଆଇସି ପ୍ରଶନ୍ନ ନାୟକ ଗୌଡ଼ପାଟଣା ଗ୍ରାମକୁ ଯାଇ ପ୍ରଧାନଶିକ୍ଷୟିତ୍ରୀ, ଛାତ୍ରଛାତ୍ରୀ, ଅଭିଭାବକ, ବିଦ୍ୟାଳୟରେ ଥିବା ଅନ୍ୟାନ୍ୟ ଛାତ୍ରୀଙ୍କୁ ଘଟଣା ସମ୍ପର୍କରେ ପଚାରି ବୁଝିଥିଲେ।

## ୨ ବେପରୁଆ ଗାଡ଼ିଚାଳକ ଗିରଫ, କାର୍ ଜବତ

ଗୋପ,୪।୯ (ସମିସ): ବୁଧବାର ବିଳମ୍ବିତ ରାତିରେ ଗୋପ ବଜାରରେ ବେପରୁଆ ଗାଡ଼ି ଚଳାଇବା ସହ ଟ୍ରାଫିକ୍ ନିୟନ୍ତ୍ରଣ କରୁଥିବା ଜଣେ ହୋମ୍‌ଗାର୍ଡଙ୍କୁ ଧକ୍କା ମାରି ଖସି ଯାଉଥିବା ସମୟରେ ଗୋପ ପୁଲିସ କାର୍ ଡ୍ରାଇଭର ସହିତ ମାଲିକଙ୍କୁ ଗିରଫ କରାଯାଇଛି। କାର୍‌ଟିକୁ ଜବତ କରିବା ସହ ଗୁରୁବାର ଦୁଇ ଜଣଙ୍କୁ କୋର୍ଟ ଚାଲାଣ କରାଯାଇଥିବା ଜଣାପଡ଼ିଛି। ସୂଚନା ମୁତାବକ, କାର୍ ମାଲିକ ନିଆଳି ଥାନା ଅଧୀନ ତାମ୍ପଡ଼ା ଗ୍ରାମର ଜଗବନ୍ଧୁ ସ୍ୱାଇଁ ଏବଂ ଡ୍ରାଇଭର ନୂଆଗାଁ ଗ୍ରାମର ଅନନ୍ତ ବେହେରା ରାତି ପ୍ରାୟ ୧୦ଟା ସମୟରେ କାର୍‌ରେ ନିଆଳି ଫେରୁଥିବା ସମୟରେ ଗୋପ ମୁଖ୍ୟ ବଜାରରେ ଏକ କ୍ଷୀର ଟ୍ୟାଙ୍କର୍‌କୁ ସାଇଡ୍ ଦେବାକୁ ଯାଇ ପାଟିତୁଣ୍ଡ କରିଥିଲେ। ଏହି ସମୟରେ ଟ୍ରାଫିକ୍ ନିୟନ୍ତ୍ରଣ କରୁଥିବା ହୋମଗାର୍ଡ କାଲା ଖାଁ ତାଙ୍କୁ ବୁଝାସୁଝା କରିବା ସମୟରେ କାର୍ ଡ୍ରାଇଭର ଅନନ୍ତ ତାଙ୍କୁ ଧକ୍କା ମାରିଥିଲେ। ଫଳରେ ଅପ୍ରିତୀକର ପରିସ୍ଥିତି ସୃଷ୍ଟି ହୋଇଥିଲା। ସେଠାରେ ଥିବା ସ୍ଥାନୀୟ ଲୋକେ ରୁଣ୍ଡ ହେବା ସହ ଖବର ପାଇ ଗୋପ ପୁଲିସ ପହଞ୍ଚି ଉଭୟ ମାଲିକ ଓ ଡ୍ରାଇଭରଙ୍କୁ ଥାନାରେ ଅଟକ ରଖିଥିବାବେଳେ ଗୁରୁବାର ତାଙ୍କୁ କୋର୍ଟ ଚାଲାଣ କରାଯାଇଥିବା ଜଣାପଡ଼ିଛି।

ନିଆରା ଗୁରୁ ପ୍ରକାଶ ସାର୍

# ପେସା ଶିକ୍ଷାଦାନ; ନିଶା ସମାଜସେବା





ଗୋପ,୪।୯ (ସମିସ): ଗୁରୁ ହିଁ ଏକମାତ୍ର ବ୍ୟକ୍ତି ଯିଏ ଅଜ୍ଞାନ ରୂପକ ଅନ୍ଧକାରକୁ ଦୂର କରି ଜ୍ଞାନ ରୂପକ ଆଲୋକ ପ୍ରଦାନ କରନ୍ତି। ଭଗବାନଙ୍କ ନିକଟରେ ପହଞ୍ଚିବାର ମାର୍ଗ ହେଉଛନ୍ତି ଗୁରୁ। କେବେ ଆକଟଭରା କଠୋର ଅନୁଶାସନ ତ କେବେ ଉତ୍ସାହପ୍ରଦ ପ୍ରେରଣା ଦେଇ ଜୀବନରେ ଆଗକୁ ବଢ଼ିବାର ବାଟ ଦେଖାନ୍ତି। ଅଜ୍ଞାନ ରୂପକ ଅନ୍ଧକାରକୁ ଦୂର କରି ଆଲୋକ ଦେଖାଇବା ପାଇଁ ପଣ କରିଥିବା ଆଉ ଜଣେ ପଥ ପ୍ରଦର୍ଶକ ହେଉଛନ୍ତି ପ୍ରକାଶ ଚନ୍ଦ୍ର ଖଟୋଇ (ପ୍ରକାଶ ସାର୍)। ଏହା ସହିତ ସେ ମଧ୍ୟ ଅନେକ କିଛି ପରଚୟ ହାସଲ କରିଛନ୍ତି। ପେସା ତାଙ୍କର ଶିକ୍ଷାଦାନ ହେଲେ ମଧ୍ୟ ସେ ସମାଜସେବା, ବୃକ୍ଷରୋପଣ ଆଦି କାର୍ଯ୍ୟକ୍ରମ କରି ବେଶ୍ ପ୍ରଶଂସା ସାଉଁଟିଛନ୍ତି। ଅନେକ ସ୍ଥାନରେ ସମ୍ମାନିତ ହୋଇଛନ୍ତି।

ପୁରୀ ଜିଲ୍ଲା ଗୋପ ବ୍ଲକ୍ ନୟାହାଟ୍‌ସ୍ଥିତ ଜଙ୍ଗଲବୋରି ପଞ୍ଚାୟତ ଭୁରୁଭୁରା ଗ୍ରାମରେ ଜନ୍ମଗ୍ରହଣ କରିଥିବା ପ୍ରକାଶ ଚନ୍ଦ୍ର ଖଟୋଇ ନିଜ ଗୁରୁଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ଜଣେ ଶିକ୍ଷକ ହୋଇ ସମାଜର ପଥ ପ୍ରଦର୍ଶକ ସାଜିବେ ବୋଲି ମନସ୍ଥ କରିଥିଲେ। ୧୯୮୬ ମସିହାରେ ନିଜ ଲକ୍ଷ୍ୟସ୍ଥଳର ପହଞ୍ଚି ମହାବିଦ୍ୟାଳୟରେ ରାଜନୀତି ବିଭାଗରେ ଅଧ୍ୟାପନା ଆରମ୍ଭ କଲେ। ତାଙ୍କର ନିଆରା ଶୈଳୀରେ ପାଠ ପଢ଼ାଇବା ଓ ଛାତ୍ରଛାତ୍ରୀଙ୍କ ସହ ବନ୍ଧୁ ଭଳି ମିଶିବା ସହ ବିଭିନ୍ନ ଗରିବ ମେଧାବୀ ଛାତ୍ରଛାତ୍ରୀଙ୍କୁ ନିଜର ଦରମା ଟଙ୍କାରେ ପାଠ ପଢ଼ାଇବା ଓ ସମାଜର ହିତ ପାଇଁ ବିଭିନ୍ନ ଜନହିତକର କାର୍ଯ୍ୟ କରିବା ଦ୍ୱାରା ସେ ଗୋପ ଅଞ୍ଚଳରେ ବେଶ୍ ସୁନାମ ଅର୍ଜନ କରିଛନ୍ତି। ନିଜର ଅଧ୍ୟାପନା ସମୟରେ ଜାତୀୟ ସେବା ଯୋଜନା କାର୍ଯ୍ୟକ୍ରମ ଅଧିକାରୀ ଭାବେ କାର୍ଯ୍ୟ କରି ନିଶାମୁକ୍ତ ଅଭିଯାନ, ସଡ଼କ ସୁରକ୍ଷା, ବାଲ୍ୟବିବାହ ଆଦି ସଚେତନତା କାର୍ଯ୍ୟକ୍ରମ କରିଥିବାବେଳେ ସୁସ୍ଥ ପରିବେଶ ପାଇଁ ବ୍ୟାପକ ପରିଣାମର ବୃକ୍ଷରୋପଣ କରି ବେଶ୍ ଚର୍ଚ୍ଚାରେ ରହିଥିଲେ। ସେହିପରି ସଂସ୍କୃତି, ପରମ୍ପରା ବଞ୍ଚାଇବାକୁ ସାର୍‌ଙ୍କ ଅବଦାନ ଅତୁଳନୀୟ। ବେଇତ ବନ୍ଦାଣ କାର୍ଯ୍ୟକ୍ରମ ହେଉ କି ରଜ ମହୋତ୍ସବ ଅବା ଗୋପ ଲୋକ ଉତ୍ସବ ସବୁଥିରେ ଖୋଜାପଡ଼ନ୍ତି ପ୍ରକାଶ ସାର୍। ସେହିପରି କୁନି ପିଲାଙ୍କ ପାଠପଢ଼ା ପ୍ରତି ରୁଚି ବଢ଼ାଇବା, ମାନସିକ ବିକାଶ ଲାଗି ୩୮ ବର୍ଷ ପୂର୍ବେ ପିଲାଙ୍କ ଖବରକାଗଜ 'ବାନରସେନା' ଆରମ୍ଭ କରିଥିବାବେଳେ ଗୋପ ତଥା ପୁରୀ ଜିଲ୍ଲା ଓ ସାରା ରାଜ୍ୟରେ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ଗଳ୍ପ, କବିତା, ଚିତ୍ରାଙ୍କନ ଆଦି ସ୍ଥାନିତ କରି ଛାତ୍ରଛାତ୍ରୀଙ୍କ ମନରେ ପାଠପଢ଼ା ପ୍ରତି ଉତ୍ସାହ ସୃଷ୍ଟି କରୁଛନ୍ତି।

> ➤ ରାଜ୍ୟ ସରକାରଙ୍କଠାରୁ ପାଇଛନ୍ତି 'ପ୍ରକୃତି ବନ୍ଧୁ' ସମ୍ମାନ
> ➤ ଅବସର ପରେ ବି ମାଗଣାରେ କରୁଛନ୍ତି ଶିକ୍ଷାଦାନ

ପ୍ରକାଶ ସାର୍ ୨୦୨୧ରେ ଗୋପ ମହାବିଦ୍ୟାଳୟ ଅଧ୍ୟକ୍ଷ ଭାବେ ଅବସର ନେଇଥିବାବେଳେ ଏବେବି କେତେକ ମେଧାବୀ ଛାତ୍ରଛାତ୍ରୀଙ୍କୁ ମାଗଣା ଶିକ୍ଷାଦାନ କରିବା ସହ ସମାଜସେବା କାର୍ଯ୍ୟ ଜାରି ରଖିଛନ୍ତି। ତାଙ୍କ ଉପଦେଶରେ ନିଃସ୍ୱାର୍ଥ ପରିବାର, ଉତ୍ସର୍ଗ, ଦ ସେବକ ଭଳି ସ୍ୱେଚ୍ଛାସେବୀ ସଂଗଠନ ଗଢ଼ି ଉଠିଥିବାବେଳେ ୧ ହଜାରରୁ ଊର୍ଦ୍ଧ୍ୱ ସ୍ୱେଚ୍ଛାସେବୀ ବ୍ୟାପକ ବୃକ୍ଷରୋପଣ, ରକ୍ତଦାନ କାର୍ଯ୍ୟକ୍ରମ ଜାରିରହିଛି। ବ୍ୟାପକ ବୃକ୍ଷରୋପଣ ଯୋଗୁଁ ତାଙ୍କୁ ରାଜ୍ୟ ସରକାରଙ୍କ ପକ୍ଷରୁ ୨୦୧୮ରେ 'ପ୍ରକୃତି ବନ୍ଧୁ' ପୁରସ୍କାର ମିଳିଥିବାବେଳେ ଜାତୀୟ ସେବା ଯୋଜନା ଶ୍ରେଷ୍ଠ କାର୍ଯ୍ୟକ୍ରମ ଅଧିକାରୀ ଭାବେ ସମ୍ମାନିତ ହୋଇଥିଲେ। ଏହା ସହ ଅନେକ ଅନୁଷ୍ଠାନରେ ମଧ୍ୟ ସମ୍ମାନିତ ହୋଇଛନ୍ତି। ଉତ୍କଳ ବିଶ୍ୱବିଦ୍ୟାଳୟରେ ଶ୍ରେଷ୍ଠ ଶିଶୁ ସାହିତ୍ୟିକ ଭାବେ ସମ୍ମାନିତ ହୋଇଛନ୍ତି।

## ଲୁଟ୍ ସାମଗ୍ରୀ ଜବତ, ୨ ଗିରଫ






ସାକ୍ଷୀଗୋପାଳ,୪।୯ (ସମିସ): ସତ୍ୟବାଦୀ ଥାନା ଅନ୍ତର୍ଗତ ପୁରୀ-ଭୁବନେଶ୍ୱର ୩୧୬ ନମ୍ବର ଜାତୀୟ ରାଜପଥରେ ବୁଧବାର ରାତି ସାଢ଼େ ୭ରୁ ୮ଟା ମଧ୍ୟରେ ପୃଥକ୍ ପୃଥକ୍ ଦୁଇଟି ଡକାୟତି ଘଟଣାରେ ସତ୍ୟବାଦୀ ପୁଲିସ ଦୁଇ ଜଣ ଯୁବକଙ୍କୁ ଗିରଫ କରି ଗୁରୁବାର କୋର୍ଟ ଚାଲାଣ କରିଛି। ସେମାନଙ୍କଠାରୁ ଦୁଇଟି ବାଇକ୍, ଏକ ଭ୍ୟାନିଟି, ମୋବାଇଲ୍ ଫୋନ୍, ଏଟିଏମ୍ କାର୍ଡ ଆଦି ଜବତ କରାଯାଇଛି। ଅଭିଯୁକ୍ତଦ୍ୱୟ ହେଲେ ପୁରୀ ମଙ୍ଗଳାଘାଟ ପାଇକସାହିର ଜୟଦେବ ସାହୁ (୨୪) ଓ ପୁରୀ କୁମ୍ଭାରପଡ଼ା ଥାନା ଅଞ୍ଚଳ ନରେନ୍ଦ୍ର କୋଣର ଟିକୁ ଭୋଇ (୨୮)।

ପ୍ରକାଶ ଯେ, ସତ୍ୟବାଦୀ ଥାନା ଅଞ୍ଚଳ ରାୟ ଚକ୍ରଧରପୁର ଗ୍ରାମର ପ୍ରକାଶ ଚନ୍ଦ୍ର ତ୍ରିପାଠୀଙ୍କ ଧର୍ମପତ୍ନୀ କଲ୍ୟାଣୀ ମିଶ୍ର ନିଜ କାମ ସାରି ଏକ ବିଦ୍ୟୁତ୍ ଚଳିତ ଅଟୋ ଯୋଗେ ପୁରୀ-ଭୁବନେଶ୍ୱର ଜାତୀୟ ରାଜପଥରେ ନିଜ ଘରକୁ ଫେରୁଥିଲେ। ଏହି ସମୟରେ ସତ୍ୟବାଦୀ ଥାନା ଅନ୍ତର୍ଗତ ବୀରଗୋବିନ୍ଦପୁର ଛକ ନିକଟରେ ଥିବା ଜୟ ଜଗନ୍ନାଥ ପେଟ୍ରୋଲ୍ ପମ୍ପଠାରେ ଅଭିଯୁକ୍ତଦ୍ୱୟ ତାଙ୍କଠାରୁ ଭ୍ୟାନିଟି ବ୍ୟାଗ୍ ଓ ମୋବାଇଲ୍ ନେଇ ଦ୍ରୁତଗତିରେ ଫେରାର୍ ହୋଇଯାଇଥିଲେ। କଲ୍ୟାଣୀ ଏ ନେଇ ସତ୍ୟବାଦୀ ଥାନାରେ ଏକ ଅଭିଯୋଗ କରିଥିଲେ। ଅନୁରୂପ ଭାବେ ଏହାର କିଛି ସମୟ ମଧ୍ୟରେ ସତ୍ୟବାଦୀ ଥାନା ଅନ୍ତର୍ଗତ କାଦୁଆଠାରେ ଟ୍ୟୁସନରୁ ସାଇକଲ ଯୋଗେ ଫେରୁଥିବା ଜନୈକ ଛାତ୍ରଙ୍କଠାରୁ ଏକ ମୋବାଇଲ୍ ଛଡ଼ାଇ ନେଇ ଫେରାର୍ ହୋଇଯାଇଥିଲେ। ତେବେ ଏହି ଘଟଣା ପାଇଁ ଉକ୍ତ ଥାନା ଅନ୍ତର୍ଗତ ହରିଶଙ୍କରପୁର ଗ୍ରାମର କାମଦେବ ନାୟକ ସତ୍ୟବାଦୀ ଥାନାରେ ଏକ ଅଭିଯୋଗ କରିଥିଲେ। ସତ୍ୟବାଦୀ ପୁଲିସ ଜୟଦେବ ଓ ନରେନ୍ଦ୍ରଙ୍କୁ ଗିରଫ କରିବା ସହ ଭ୍ୟାନିଟି ବ୍ୟାଗ୍, ୨ଟି ମୋବାଇଲ୍, ଦୁଇଟି ଏଟିଏମ୍ କାର୍ଡ, ନଗଦ ୧୧୦୦ ଟଙ୍କା ଓ ଏକ ନମ୍ବରବିହୀନ ବାଇକ୍‌କୁ ଜବତ କରିଛି। ଉଭୟଙ୍କ ନାମରେ ପୁରୀ ଓ ପିପିଲି ଥାନାରେ ଅନେକ ଅପରାଧିକ ମାମଲା ରହିଛି ବୋଲି ସତ୍ୟବାଦୀ ଆଇଆଇସି ବିଜୟ କେତନ ବେହେରା ସୂଚନା ଦେଇଛନ୍ତି।

## ସୁନିଆଁରେ ପ୍ରାଚୀତଟ ପଦ୍ମ ସଂଭବ ପୀଠରେ ନବାନ୍ନ ଅର୍ପଣ



ଚାରିଛକ,୪।୯ (ସମିସ): ପବିତ୍ର ପ୍ରାଚୀନଦୀ ତଟ ପୁରାଣବର୍ଣ୍ଣିତ ପଦ୍ମ ସଂଭବ ପୀଠରେ ପଦ୍ମାସନରେ ପୂଜିତ ଅନନ୍ତମାଧବଙ୍କ ବାମନ ଜନ୍ମ ଓ ସୁନିଆଁ ଅବସରରେ ପ୍ରାଚୀ ସଂସ୍କୃତି ସୁରକ୍ଷା ପରିଷଦ ପରିଚାଳନାରେ ନୂଆ ଚାଉଳରେ ପ୍ରସ୍ତୁତ ଖେଚୁଡ଼ି ଓ ଖିରି ଅର୍ପଣ କରାଯାଇଛି। ପରିଷଦର ଆବାହକ ପ୍ରକୃତିବନ୍ଧୁ ପଣ୍ଡିତ ତ୍ରିଲୋଚନ ମିଶ୍ର ଭକ୍ତମାନଙ୍କ ଗହଣରେ ଶ୍ରୀମଦ୍ ଭାଗବତ ବର୍ଣ୍ଣିତ ବାମନ ଜନ୍ମ ଉପାଖ୍ୟାନ ପାଠକରି ସୁନିଆଁ ପାଳନର ଭାବାର୍ଥ ବୁଝାଇ ଶ୍ରୀଜଗନ୍ନାଥଙ୍କ ଚଳନ୍ତି ସ୍ୱରୂପ ଉତ୍କଳର ଗଜପତି ଶ୍ରୀଶ୍ରୀ ଦିବ୍ୟସିଂହ ଦେବଙ୍କ ନୂତନ ଅଙ୍କ ଚଳନର ମଙ୍ଗଳକାମନା କରିଛନ୍ତି। ପରେ ପ୍ରାଚୀତଟର ଗର୍ବ ଗୌରବ ଭକ୍ତ ଜୟଦେବଙ୍କ ବିରଚିତ ଶ୍ରୀ ଗୀତଗୋବିନ୍ଦ ଶ୍ରୀବିଗ୍ରହଙ୍କ ସମ୍ମୁଖରେ ସାମୂହିକ ଗାୟନ କରାଯାଇ ରାଜ୍ୟ, ଦେଶ ତଥା ବିଶ୍ୱର ମଙ୍ଗଳ ପାଇଁ ସମୂହ ପ୍ରାର୍ଥନା କରାଯାଇଛି। ପରିଷଦର ସମ୍ପାଦକ ଲଲାଟେନ୍ଦୁ ମିଶ୍ରଙ୍କ ତତ୍ତ୍ୱାବଧାନରେ ସମସ୍ତ ଭକ୍ତଙ୍କୁ ନବାନ୍ନ ପ୍ରସାଦ ବିତରଣ କରିଛନ୍ତି।

## କଣାସରୁ ୫ ପାଇବେ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର



କଣାସ,୪।୯ (ସମିସ): ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ୨୦୨୪-୨୫ ପାଇଁ କଣାସ ବ୍ଲକ୍‌ରେ ୪ ଜଣ ଶିକ୍ଷକଶିକ୍ଷୟିତ୍ରୀ ଓ ଜଣେ ସିଆର୍‌ସିସି ମନୋନୀତ ହୋଇଥିବାରୁ ଶିକ୍ଷକଶିକ୍ଷୟିତ୍ରୀ ଓ ବୁଦ୍ଧିଜୀବୀଙ୍କ ମଧ୍ୟରେ ଆନନ୍ଦ ପ୍ରକାଶ ପାଇଛି। ତାଲିକାରେ ମାଧ୍ୟମିକ ବର୍ଗରେ ୨୧ ଜଣ, ପ୍ରାଥମିକ ବର୍ଗରେ ୧୧ ଜଣ ଓ ସିଆର୍‌ସିସି ବର୍ଗରେ ଜଣେ ପୁରୀ ଜିଲ୍ଲାରୁ ମନୋନୀତ ହୋଇଥିବା ଜଣାଯାଇଛି। ଏଥିମଧ୍ୟରେ ସିଆର୍‌ସିସି ବର୍ଗରେ କଣାସ ବ୍ଲକ୍ ଅନ୍ତର୍ଗତ ମଦାରବସ୍ତ ଆଞ୍ଚଳିକ ସାଧନ କେନ୍ଦ୍ରର ପୂର୍ବତନ ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ତଥା ବାରଦା ବାଦଲପୁର ସଂଯୁକ୍ତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଶିକ୍ଷକ ବୈକୁଣ୍ଠ ନାଥ କୋଦମା ସିଂହ ଯୋଗ୍ୟ ବିବେଚିତ ହୋଇଥିବାବେଳେ ଏହି ବ୍ଲକ୍ ଅନ୍ତର୍ଗତ ଗଡ଼ ସାନପୁଟ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନଶିକ୍ଷୟିତ୍ରୀ ମମତା ରାଣୀ ବେହେରା ପ୍ରାଥମିକ ବର୍ଗରେ ମନୋନୀତ ହୋଇଛନ୍ତି। ସେହିପରି ଗଡ଼ବଡ଼ପୁଟ ସଂଯୁକ୍ତ ଉଚ୍ଚ ବିଦ୍ୟାଳୟର ପୀତବାସ ସୁନା, ଶ୍ରୀ ଅଭିରାମ ସଂଯୁକ୍ତ ବିଦ୍ୟାପୀଠର ଆଶୁତୋଷ ଦାସ ଓ ପ୍ରଫୁଲ୍ଲ ପଲେଇ ପ୍ରମୁଖ ଶିକ୍ଷକ ମାଧ୍ୟମିକ ବର୍ଗରେ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ପାଇବାକୁ ଯୋଗ୍ୟ ବିବେଚିତ ହୋଇଛନ୍ତି। ଗୁରୁବାର ଶିକ୍ଷକ ବୈକୁଣ୍ଠ ନାଥ ଓ ଶିକ୍ଷୟିତ୍ରୀ ମମତା ରାଣୀଙ୍କୁ ବିଦ୍ୟାଳୟ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଛି।

## ପ୍ରତାପ ଓ ପ୍ରିୟଦର୍ଶିନୀ ପାଇବେ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର





କାକଟପୁର,୪।୯ (ସମିସ): ରାଜ୍ୟ ସରକାରଙ୍କ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ୨୦୨୪-୨୫ ଶିକ୍ଷାବର୍ଷ ପାଇଁ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ଘୋଷଣା କରାଯାଇଛି। ଏହି ପୁରସ୍କାର ସମଗ୍ର ପୁରୀ ଜିଲ୍ଲାର ୧୧ ବ୍ଲକ୍‌ରେ ମୋଟ୍ ୩୩ ଜଣ ଶିକ୍ଷକ ଶିକ୍ଷୟିତ୍ରୀ ପାଇବା ପାଇଁ ଯୋଗ୍ୟ ବିବେଚିତ ହୋଇଛନ୍ତି। ଉକ୍ତ ପୁରସ୍କାର ନିମନ୍ତେ କାକଟପୁର ପିଏମ୍‌ଶ୍ରୀ ନୋଡାଲ ଉଚ୍ଚ ବିଦ୍ୟାଳୟର ସହକାରୀ ଶିକ୍ଷକ ପ୍ରତାପ ଚନ୍ଦ୍ର ରାଉତ ଓ ଏଲିମେଣ୍ଟାରୀ ଶିକ୍ଷୟିତ୍ରୀ ପ୍ରିୟଦର୍ଶିନୀ ସ୍ୱାଇଁ ମନୋନୀତ ହୋଇଥିବାବେଳେ ବଟେଶ୍ୱର ଉଚ୍ଚ ବିଦ୍ୟାଳର ଶ୍ରୁତି ସ୍ମୃତି ସାହୁ ମନୋନୀତ ହୋଇଛନ୍ତି। ଏହି ୩ ଜଣ ଶୁକ୍ରବାର ପୁରୀ ଜିଲ୍ଲାପାଙ୍କ ସଦ୍‌ଭାବନା ଗୃହରେ ଜିଲ୍ଲାପାଙ୍କ ଦ୍ୱାରା ମୁଖ୍ୟମନ୍ତ୍ରୀ ଶିକ୍ଷା ସମ୍ମାନରେ ସମ୍ମାନିତ ହେବେ।

## ଅବକାରୀ ବିଭାଗ ପକ୍ଷରୁ ବିପୁଳ ଭାଙ୍ଗ ଜବତ

ପିପିଲି,୪।୯ (ସମିସ): ଅବକାରୀ ବିଭାଗକୁ ମିଳିଛି ବଡ଼ ସଫଳତା। ପିପିଲି ଦାଣ୍ଡମୁକୁନ୍ଦପୁରରୁ ଜବତ କଲା ୪୨୧ କେଜି ୨୦୦ ଗ୍ରାମ୍ ଭାଙ୍ଗ ପତି। ବିଶେଷ ସୂତ୍ରରୁ ଖବର ପାଇ ପିପିଲି ଅବକାରୀ ବିଭାଗ ଅଧିକାରିଣୀ ଶୁଭସ୍ମିତା ସାହୁ ଅଚାନକ ଭାବେ ପିପିଲି ଦାଣ୍ଡମୁକୁନ୍ଦପୁର ଗ୍ରାମର ପୂର୍ଣ୍ଣଚନ୍ଦ୍ର ସ୍ୱାଇଁଙ୍କ ଘରେ ଚଢ଼ଉ କରିଥିଲେ। ତାଙ୍କ ଘରୁ ବିପୁଳ ପରିମାଣ ଭାଙ୍ଗ ପତି ଯାହାର ଓଜନ ୪୨୧ କେଜି ୨୦୦ ଗ୍ରାମ୍ ଜବତ ହୋଇଥିଲା। ଯାହାର ମୂଲ୍ୟ ୪ ଲକ୍ଷ ୨୧ ହଜାର ୨୦୦ ଟଙ୍କା ହେବ ବୋଲି ଅନୁମାନ କରାଯାଉଛି। ଏଥିରେ ପୂର୍ଣ୍ଣଚନ୍ଦ୍ରଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି। ଅବକାରୀ ବିଭାଗର ଏହି ଟିମ୍‌ରେ ଏଏସ୍‌ଆଇ ବିଦ୍ୟାଧର ପ୍ରଧାନ, କନେଷ୍ଟବଳ ସଞ୍ଜିପ ହସ୍ତି, ଆଲୋକ ଦାସ ପ୍ରମୁଖ ଏହି ଅଚାନକ ଚଢ଼ଉରେ ସାମିଲ ହୋଇଥିଲେ। ଅବକାରୀ ବିଭାଗର ଏହି ସଫଳତା ପରେ ପିପିଲିରେ ବେଆଇନ ନିଶା କାରବାର ଉପରେ ରୋକ୍ ଲାଗିବ ବୋଲି ଆଶା କରାଯାଉଛି।

## ସାକ୍ଷୀଗୋପାଳ ମନ୍ଦିରରେ ସୁନିଆଁ



ସାକ୍ଷୀଗୋପାଳ,୪।୯ (ସମିସ): ସାକ୍ଷୀଗୋପାଳ ମନ୍ଦିରରେ ଠାକୁର ଶ୍ରୀଶ୍ରୀଗୋପାଳଜୀଉଙ୍କ ଗୁରୁବାର ବାମନ ଅବତାର ବେଶ ଅନୁଷ୍ଠିତ ହୋଇଥିଲା। ସନ୍ଧ୍ୟାରେ ଠାକୁର ଶ୍ରୀଶ୍ରୀଗୋପାଳଜୀଉ ରାଜବେଶରେ ଦର୍ଶନ ଦେଇଛନ୍ତି। ଦୈନନ୍ଦିନ ଦେବନୀତି ସହିତ ଦ୍ୱିପ୍ରହର ଧୂପରେ ଠାକୁର ଆଣ୍ଠୁ ଉପରକୁ ଧଳା ଧୋତି ପରିଧାନ କରିଥିବାବେଳେ ଧଳା ଦୋଷଡ଼ା, ପଇତା, ତ୍ରିପଣ୍ଡକ ଚିତା ଲାଗି ହୋଇଥିଲା। ଏହି ବେଶ ସନ୍ଧ୍ୟା ଧୂପ ଶେଷ ପର୍ଯ୍ୟନ୍ତ ଦେଖିବାକୁ ମିଳିଥିଲା। ଶ୍ରୀକୃଷ୍ଣଙ୍କ ଦଶ ଅବତାର ମଧ୍ୟରୁ ବାମନାବତାରରେ ଠାକୁର ଏହି ବେଶ ଧାରଣ କରିଥିଲେ। ସେହିପରି ସୁନିଆଁ ଉପଲକ୍ଷେ ସନ୍ଧ୍ୟାରେ ଶ୍ରୀସାକ୍ଷୀଗୋପାଳ ଠାକୁର ରାଜବେଶରେ ଦର୍ଶନ ଦେଇଥିଲେ। ପରମ୍ପରା କ୍ରମେ ଅପରାହ୍ଣରେ ମନ୍ଦିର ସିଂହଦ୍ୱାରକୁ ପୂର୍ଣ୍ଣକୁମ୍ଭ, କଦଳୀ ଗଛ, ଆମ୍ବଡାଳରେ ସଜ୍ଜିତ କରାଯାଇଥିଲା। ସନ୍ଧ୍ୟା ଧୂପ ବେଶରେ ଠାକୁର ପାଟ ପିତାମ୍ବରୀ କାଛିଲାଗି ହୋଇ ସୁବର୍ଣ୍ଣ କୀରିଟି, ବଂଶୀ, ମକର କୁଣ୍ଡଳ, ଚାପସରି, ନୁଦୁକ, ତାବିଜ, ବେଙ୍ଗପାଟିଆ, ବାଙ୍କି ନୁପୂର ଆଦି ସୁନାରୁପା ଅଳଙ୍କାର, ଫୁଲ ତୁଳସୀ ମାଳ ଲାଗିହୋଇ ରାଜବେଶରେ ଶୋଭାପାଇଥିଲେ। ପ୍ରତିବର୍ଷ ପରି ସ୍ଥାନୀୟ ଗୋପାଳପୁର ପାଟଣାର ମହାଜନ, ପ୍ରଜା, ସେବାୟତ ଓ ଶ୍ରଦ୍ଧାଳୁମାନେ ମଶାଲ ଜଳାଇ ସର, ଲବଣି, ଖୁରୁଡ଼ି ନଡ଼ିଆ, ଫଳଭାର ଓ ଫୁଲ ତୁଳସୀ ମାଳ ଆଦି ଠାକୁରଙ୍କୁ ଲାଗି ପାଇଁ ଆଣିଥିଲେ। ମନ୍ଦିର ସୁପରଭାଇଜର ବିଶ୍ୱନାଥ ମହାପାତ୍ର ଜଣ ଜଣ କରି ତାଲିକା ପଢ଼ିବା ପରେ ଭେଟି ଅର୍ଥରାଶି ପ୍ରଦାନ କରାଯାଇଥିଲା। ଏହି ଅବସରରେ ବିଭିନ୍ନ ବର୍ଗର ସେବାୟତ ପନିକି, କୋରଣା, କଟୁରୀ, ପିଢ଼ା ଓ ଦୀପରୁଖା ପ୍ରଦାନ କରିଥିଲେ। ସ୍ଥାନୀୟ ରଙ୍ଗଣିସାହିସ୍ଥିତ ମହାଭୋଇ କୂଳର କୁନି ଗୋପାଳ ବାଳକ ପବିତ୍ରତାର ସହ ଠାକୁରଙ୍କ ଲାଗି ସର, ଲବଣି ଭାର ନେଇ ମନ୍ଦିରକୁ ଆସିଥିବା ଦେଖାଯାଇଥିଲା।

## ପିପିଲିରୁ ୪ ପାଇବେ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର







ପିପିଲି,୪।୯ (ସମିସ): ପୁରୀ ଜିଲ୍ଲା ପିପିଲି ଶିକ୍ଷା ମଣ୍ଡଳ ଅଧୀନ ସ୍କୁଲମାନଙ୍କ ମଧ୍ୟରୁ ୪ଜଣ ଶିକ୍ଷକଶିକ୍ଷୟିତ୍ରୀ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ପାଇଁ ମନୋନୀତ ହୋଇଛନ୍ତି। ଚୟନ କରାଯାଇଥିବା ୪ ଜଣଙ୍କ ମଧ୍ୟରୁ ପୁବା ଶାସନ ଜିପି ହାଇସ୍କୁଲର ତପନ ଦାସ, ଜବାହର ବିଦ୍ୟାପୀଠର ଜଗନ୍ନାଥ ପ୍ରଧାନ, ହାଟସାହି ପଞ୍ଚାୟତ ହାଇସ୍କୁଲର ସ୍ୱାଗତିକା ସାମନ୍ତରାୟ ଏବଂ ପୀତବାସ ୟୁଜିୟୁପି ଦାଣ୍ଡମୁକୁନ୍ଦପୁରର ସଂଯୁକ୍ତା ମହାପାତ୍ର ଏହି ପୁରସ୍କାର ପାଇଁ ଯୋଗ୍ୟ ବିବେଚିତ ହୋଇଛନ୍ତି।

# ମାଉସୀ ଘରେ ଯୁବକଙ୍କ ସନ୍ଦେହଜନକ ମୃତ୍ୟୁ

### ପରିବାର ଲୋକେ ଆଣିଲେ ହତ୍ୟା ଅଭିଯୋଗ



ଅସ୍ତରଙ୍ଗ,୪।୯ (ସମିସ): ଅସ୍ତରଙ୍ଗ ଥାନା ଅନ୍ତର୍ଗତ ସାନସିରେଇ ଗ୍ରାମରେ ମାଉସୀ ଘରେ ଯୁବକଙ୍କ ମୃତ୍ୟୁକୁ ନେଇ ତାଙ୍କ ପରିବାର ଲୋକେ ହତ୍ୟା ଅଭିଯୋଗ ଆଣିଛନ୍ତି। ମୃତକ ଜଣକ ହେଲେ ଅସ୍ତରଙ୍ଗ ବ୍ଲକ୍ ଉଦୟପୁର ଗ୍ରାମର ବୁଦ୍ଧେଶ୍ୱର ପ୍ରଧାନ ଓରଫ ବୁଧିଆ।

ଘଟଣା ଅନୁଯାୟୀ, ଗ୍ରାମର ହରିହର ପ୍ରଧାନଙ୍କ ଏକମାତ୍ର ପୁଅ ବୁଦ୍ଧେଶ୍ୱର ଦୀର୍ଘ ଦିନ ଧରି ମୁମ୍ବଇରେ ଏକ ଘରୋଇ ସଂସ୍ଥାରେ କାମକରି ନିଜ ପରିବାର ପ୍ରତିପୋଷଣ କରୁଥିଲେ। ହଠାତ୍ ସେ ନିଜ ଘରେ କାହାକୁ କିଛି ନ ଜଣାଇ ବୁଧବାର ସାନସିରେଇରେ ରହୁଥିବା ମଉସା ରବୀନ୍ଦ୍ର ସାହୁଙ୍କ ଘରକୁ ଆସିଥିଲେ। ଗୁରୁବାର ଭୋର୍ ୪ଟାରେ ତାଙ୍କ ମାଉସୀ ପୁଅ ସୁନୀଲ୍ ସାହୁ ପରିସ୍ରା କରିବାକୁ ବାହାରକୁ ଆସି ବୁଧିଆଙ୍କ ମୃତଦେହ ନିଜ ଘର ବାରିପଟେ ଏକ ଅମୃତ ଭଣ୍ଡା ଗଛରେ ଦୁଇଟି ଗାମୁଛାରେ ଝୁଲୁଥିବା ଦେଖିବାକୁ ମିଳିଥିଲା। ସୁନିଲଙ୍କ କହିବା ଅନୁସାରେ ଗାମୁଛାକୁ ଖୋଲିଦେବାରୁ ସେ ତଳେ ପଡ଼ିଯାଇଥିଲେ। ସେତେବେଳେ ତାଙ୍କର ଶ୍ୱାସକ୍ରିୟା ହେଉଥିଲା। ସେ ବଞ୍ଚେଇବାକୁ ପ୍ରୟାସ କରି ନିଜ ଘରଲୋକ ଓ ସାହିପଡ଼ିଶା ଲୋକଙ୍କୁ ଡାକିଥିଲେ। ମାତ୍ର ସେତେବେଳକୁ ବୁଧିଆଙ୍କର ମୃତ୍ୟୁ ହୋଇଥିଲା। ସୁନିଲ ତାଙ୍କ ଦାଦା ଓ ସାନ ଭାଇକୁ ଉଦୟପୁର ତାଙ୍କ ମଉସାଙ୍କ ଘରକୁ ଘଟଣା ସମ୍ପର୍କରେ ଜଣାଇବାକୁ ପଠାଇଥିଲେ। କିନ୍ତୁ ଏହି ଘଟଣାକୁ ନେଇ ବୁଧିଆଙ୍କ ପରିବାର ଲୋକେ ତାଙ୍କ ପୁଅକୁ ହତ୍ୟା କରାଯାଇଥିବା ନେଇ ଅସ୍ତରଙ୍ଗ ଥାନାରେ ଅଭିଯୋଗ କରିଛନ୍ତି। ବୁଦ୍ଧେଶ୍ୱର କାହିଁକି ନିଜ ଘରକୁ ନ ଜଣାଇ ମାଉସୀ ଘରକୁ ସୁଦୂର ମୁମ୍ବଇରୁ ଆସିଥିଲେ ଏବଂ କିପରି ତାଙ୍କର ମୃତ୍ୟୁ ହେଲା ତାହା ଏକ ସନ୍ଦେହଘେରରେ ରହିଛି। ଅନ୍ୟପଟେ ବୁଦ୍ଧେଶ୍ୱରଙ୍କ ମାଉସୀ ପୁଅ ଭାଇ ସୁନୀଲଙ୍କ କହିବା ଅନୁସାରେ, ଜନୈକା ଯୁବତୀଙ୍କ ସହ ତାଙ୍କର ପ୍ରେମ ସମ୍ପର୍କ ଥିଲା। ସେ ଅନେକ ସମୟ ମୋବାଇଲରେ କଥା ହୁଅନ୍ତି। ହୁଏତ ପ୍ରେମବ୍ୟାପାରକୁ ନେଇ ଏହିଭଳି ଘଟଣା ଘଟିଥାଇପାରେ। ଅନ୍ୟପକ୍ଷରେ ଅମୃତ ଭଣ୍ଡା ଗଛରେ ଆତ୍ମହତ୍ୟା କରିବା ଘଟଣା ସନ୍ଦେହ ସୃଷ୍ଟି କରିଛି। ଜଣେ କିପରି ଅମୃତ ଭଣ୍ଡା ଗଛରେ ଗାମୁଛା ବାନ୍ଧି ଝୁଲିବ ତାହାକୁ ସହଜରେ ଗ୍ରହଣ କରିପାରୁନାହାନ୍ତି ପରିବାର ଲୋକେ। ଯାହାକୁ ନେଇ ମୃତକଙ୍କ ବଡ଼ବାପା ପୁଅ ଭାଇ ଏହା ଏକ ଷଡ଼ଯନ୍ତ୍ରଭିତ୍ତିକ ହତ୍ୟା ବୋଲି ଅଭିଯୋଗ ଉଠାଇଛନ୍ତି। ଏ ବାବଦରେ ଅସ୍ତରଙ୍ଗ ଥାନାରେ ମୃତକଙ୍କ ପରିବାର ତରଫରୁ ଏତଲା ହେବା ପରେ ଘଟଣାସ୍ଥଳରେ ଅସ୍ତରଙ୍ଗ ଥାନା ଅଧିକାରୀ ଦୁର୍ଗାଚରଣ ମହାପାତ୍ର, ଏସ୍‌ଆଇ ଅନିରୁଦ୍ଧ ଜାଲି ଓ ଫରେନ୍‌ସିକ୍ ଟିମ୍ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି। ବ୍ୟବଚ୍ଛେଦ ରିପୋର୍ଟ ଏବଂ ସଠିକ୍ ତଦନ୍ତ ପରେ ଘଟଣାର ପ୍ରକୃତ ସତ୍ୟାସତ୍ୟ ଜଣାପଡ଼ିବ ବୋଲି ପୁଲିସ କହିଛି।

## ଖାଲି ପଡ଼ିଲା ଓଡ଼ିଆ ବିଶ୍ୱବିଦ୍ୟାଳୟ କୁଳପତି ପଦ

ସାକ୍ଷୀଗୋପାଳ,୪।୯ (ସମିସ): ଓଡ଼ିଆ ବିଶ୍ୱବିଦ୍ୟାଳୟ, ସତ୍ୟବାଦୀର କୁଳପତି ସବିତା ପ୍ରଧାନ ଗୁରୁବାର ତାଙ୍କର ପୂର୍ବ ଅନୁଷ୍ଠାନ ବିଶ୍ୱଭାରତୀ ବିଶ୍ୱବିଦ୍ୟାଳୟ, ଶାନ୍ତିନିକେତନ, ପଶ୍ଚିମବଙ୍ଗରେ କାର୍ଯ୍ୟରେ ଯୋଗଦେଇଛନ୍ତି। ଗୁରୁବାରଠାରୁ ଓଡ଼ିଆ ବିଶ୍ୱବିଦ୍ୟାଳୟ ମୁରବୀଶୂନ୍ୟ ହୋଇ ପଡ଼ିଛି। ଏ ସମ୍ପର୍କରେ କୁଳପତି ସବିତା ପ୍ରଧାନ କହିଛନ୍ତି, ଓଡ଼ିଆ ବିଶ୍ୱବିଦ୍ୟାଳୟରେ ତାଙ୍କୁ ୨ ବର୍ଷ ନିମନ୍ତେ ନିଯୁକ୍ତି ମିଳିଥିଲା। ତାଙ୍କର କାର୍ଯ୍ୟକାଳ ଶେଷ ହେବା ସମ୍ପର୍କରେ ସେ କୁଳାଧିପତିଙ୍କୁ ଅବଗତ କରିଥିଲେ। ତାଙ୍କର କାର୍ଯ୍ୟକାଳ ଶେଷ ହେବା ପରେ ସେ ଗୁରୁବାର ବିଶ୍ୱଭାରତୀ ବିଶ୍ୱବିଦ୍ୟାଳୟ, ଶାନ୍ତିନିକେତନରେ କାର୍ଯ୍ୟରେ ଯୋଗଦେଇଛନ୍ତି। ଏହା ୟୁଜିସିର ଏକ ନିୟମିତ ପ୍ରକ୍ରିୟା ବୋଲି ସେ ସୂଚନା ଦେଇଛନ୍ତି।

## ପାର୍ବଣର ଆଗମନକୁ ସ୍ୱାଗତ କରୁଛି କାଶତଣ୍ଡୀ ଫୁଲ



ଅସ୍ତରଙ୍ଗ,୪।୯ (ସମିସ): ସାଧାରଣତଃ ଭାଦ୍ରବ ମାସରୁ ଆରମ୍ଭ ହୋଇଯାଏ ପାର୍ବଣ ଋତୁ। ଯାହାକୁ ସ୍ୱାଗତ କରିବା ପାଇଁ ଧରିତ୍ରୀ ମା'କୁ ନିଜ ସୁନ୍ଦରତାରେ ସଜେଇ ଦେଇଛି କାଶତଣ୍ଡୀ ଫୁଲ। ଯାହାକୁ ଦେଖିଲେ ଶରତ ଋତୁର ଆଗମନ ହେବା ସହିତ ମହିଷାମର୍ଦ୍ଦିନୀଙ୍କ ପାର୍ବଣ ପୂଜା ପାଖେଇ ଆସୁଛି ବୋଲି ଜଣାପଡ଼େ। ଜଳବାୟୁ ପରିବର୍ତ୍ତନ ପାଇଁ ଏ ବର୍ଷ ଯଥେଷ୍ଟ ଆଗରୁ କାଶତଣ୍ଡୀ ଫୁଟିଛି। ଆସନ୍ତା ୧୪ ତାରିଖରେ ମା' ଦୁର୍ଗାଙ୍କ ସହସ୍ରା କୁମ୍ଭାଭିଷେକ ନୀତି ଅନୁଷ୍ଠିତ ହୋଇ ଶାରଦୀୟ ପାର୍ବଣ ପୂଜାର ଅୟମାରମ୍ଭ ହେବକୁ ଥିବାରୁ ଅଞ୍ଚଳର ବିଭିନ୍ନ ସ୍ଥାନରେ କାଶତଣ୍ଡୀର ଶୋଭା ସମ୍ଭାର ଦେଖିବାକୁ ମିଳିଛି। ସୁଲୁସୁଲିଆ ପବନରେ କାଶତଣ୍ଡୀ ହଲି ଦୋହଲି ପ୍ରକୃତିପ୍ରେମୀ, କବି, ଭାବୁକମାନଙ୍କ ମନକୁ ପୁଲକିତ କରୁଛି।

# ଶ୍ରୀକ୍ଷେତ୍ର ସିଟି

୪/୯/୨୦୨୫ (ଗୁରୁବାର) ଶ୍ରୀଜଗନ୍ନାଥଙ୍କ ହୁଣ୍ଡିରେ ସମର୍ପଣ

ଟ. ୭,୦୧,୭୫୪/- ସୁନା: ୦୦.୫୦୦ ଗ୍ରାମ୍ ରୂପା: ୬୮.୨୦୦ ଗ୍ରାମ୍







## ଶ୍ରୀମନ୍ଦିରରେ ବାମନ ଜନ୍ମ ନୀତି

ପୁରୀ,୪।୯ (ସମିସ): ଶ୍ରୀମନ୍ଦିରରେ ଗୁରୁବାର ମହାପ୍ରଭୁଙ୍କ ବାମନ ଜନ୍ମ ନୀତି ସମ୍ପନ୍ନ ହୋଇଛି। ସକାଳଧୂପ ଏବଂ ଭୋଗମଣ୍ଡପ ପରେ ତିନିବାଡ଼ରେ ଯାତ୍ରାଙ୍ଗୀ ମହାସ୍ନାନ ହୋଇ ଶ୍ରୀଅଙ୍ଗରେ ଚନ୍ଦନ ଲାଗି କରାଯାଇଥିଲା। ପରେ ମହାପ୍ରଭୁଙ୍କ ପବିତ୍ରା ଲାଗି ହୋଇଥିଲା। ଠାକୁର ୬ ମୂର୍ତ୍ତି ଅଳଙ୍କାର ଲାଗି ହୋଇ ବେଶ ହୋଇଥିଲେ। ମଧ୍ୟାହ୍ନ ଧୂପ ପରେ ଜୟ ବିଜୟ ଦ୍ୱାର ବନ୍ଦ କରାଯାଇଥିଲା। ଭିତର ଚନ୍ଦନ ଅର୍ଗଳିଠାରେ ପୂଜାପଣ୍ଡା ସାମନ୍ତ ପଞ୍ଚବର୍ଣ୍ଣ ମୁରୁଜରେ ବାମନ ଜନ୍ମ ନୀତି ମଣ୍ଡଳ ପକାଇଥିଲେ। ଶ୍ରୀମଦନମୋହନ (ବାମନ ଦେବ) ଜନ୍ମ ଚକଡ଼ାକୁ ବିଜେ ପରେ ସୁନାର ବାମନ ବିଗ୍ରହ ଅବସ୍ଥାପିତ ହୋଇଥିଲେ। ମାର୍କଣ୍ଡେଶ୍ୱର ସାହି ପକ୍ଷରୁ ବାମନ ଜନ୍ମପଟି ଆସିଥିଲା। ପୂଜାପଣ୍ଡା ପୋଥି ପ୍ରମାଣେ ବାମନ ଦେବଙ୍କ ଜନ୍ମବିଧି ସମ୍ପାଦନ କରିଥିଲେ। ପରେ ଠାକୁରଙ୍କୁ ସୋମନାଥ ଓ ଶ୍ରୀଦୁର୍ଗାଦେବୀଙ୍କୁ ମଣ୍ଡପ ଖଟରେ ବିଜେ କରାଯାଇଥିଲା। ସେଠାରେ ପୂଜାବିଧି ସମ୍ପନ୍ନ ପରେ ଶୀତଳ ଭୋଗ ସରି ପନ୍ତି ବଢ଼ାହୋଇଥିଲା। ଦଧି ମଣୋହି ହୋଇ ପ୍ରସାଦ ଲାଗି ପରେ ପୂଜାର୍ଚ୍ଚନା କରାଯାଇଥିଲା। ବନ୍ଦାପନା ପରେ ବାମନ ଦେବ ଦକ୍ଷିଣୀ ଘରକୁ ଏବଂ ଦେବୀ ଦୁର୍ଗା ଭଣ୍ଡାରଘରକୁ ବିଜେ କରିଥିଲେ। ଏଥିସହ ଗୁରୁବାର ଶ୍ରୀମନ୍ଦିରରେ ଗରୁଡ଼ ପାଶ୍ୱର୍ ପରିବର୍ତ୍ତନ ନୀତି ସମ୍ପନ୍ନ ହୋଇଛି। ସୂଚନାଥାଉ କି, ବୁଧବାର ପାଶ୍ୱର୍ ପରିବର୍ତ୍ତନ ଏକାଦଶୀରେ ଶୟନ ଠାକୁର କଡ଼ ଲେଉଟାଇଥିଲେ।

## ତମାଖୁମୁକ୍ତ ଗ୍ରାମାଞ୍ଚଳ ପାଇଁ ଶପଥପାଠ

ପୁରୀ,୪।୯ (ସମିସ): ପୁରୀ ଜିଲ୍ଲାର ୧୧ଟି ବ୍ଲକ୍‌ର ୪୦ ଜଣ ସରପଞ୍ଚ ଗ୍ରାମାଞ୍ଚଳକୁ ତମାଖୁମୁକ୍ତ କରିବା ପାଇଁ ଶପଥପାଠ କରିଛନ୍ତି। ପୁରୀ ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ପୁରୀ ଜିଲ୍ଲା ସ୍ୱାସ୍ଥ୍ୟ ସମିତି ପକ୍ଷରୁ ଅନୁଷ୍ଠିତ ଜାତୀୟ ତମାଖୁ ନିୟନ୍ତ୍ରଣ କାର୍ଯ୍ୟକ୍ରମରେ ତମାଖୁମୁକ୍ତ ଗ୍ରାମାଞ୍ଚଳ ଓ ପଞ୍ଚାୟତିରାଜ ଶୀର୍ଷକ ଦିନିକିଆ ଓରିଏଣ୍ଟେସନକୁ ଡିଆର୍‌ଡିଏର କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରିୟରଞ୍ଜନ ପୃଷ୍ଟି ଉଦ୍‌ଘାଟନ କରିବା ପରେ ତମାଖୁ ନିୟନ୍ତ୍ରଣ କାର୍ଯ୍ୟକ୍ରମର ସହ ପରିଚାଳିକା ଅନୀତା ଦାସ ତାଲିମ ପ୍ରଦାନ ଓ ଶପଥ ଗ୍ରହଣ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏଥିରେ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ଅକ୍ଷୟ କୁମାର ଶତପଥୀ, ଏଡିପିଏଚ୍‌ଓ ଡାକ୍ତର ମାନସ ରଞ୍ଜନ ଦାସ ଓ ଅଣସଂକ୍ରାମକ ବିଭାଗ ଡାକ୍ତର ଶିଳ୍ପୀ ଦାଶ ଅତିଥି ଭାବେ ଯୋଗଦେଇ ସରପଞ୍ଚମାନଙ୍କୁ କୋଟପା ଆଇନ, ତମାଖୁର ଅପକାରିତା ଓ ତମାଖୁ ନିୟନ୍ତ୍ରଣରେ ଜନପ୍ରତିନିଧିଙ୍କ ଆବଶ୍ୟକତା ଉପରେ ତାଲିମ ପ୍ରଦାନ କରିଥିଲେ। ଏଥିରେ ବକ୍ତା ଭାବେ ଯୋଗଦେଇ ମିଶନ ଓଡ଼ିଶା ସଭାପତି ବଦ୍ରି ମିଶ୍ର ଓ ସମ୍ପାଦକ ମଧୁସୂଦନ ମିଶ୍ର, କ୍ୟାନ୍‌ସର ପାଇଁ ଗଣମାଧ୍ୟମରେ ଗୁଟ୍‌ଖାର ବିଜ୍ଞାପନ, ଶରୀରକୁ ମୃତ୍ୟୁ ଦେଉଥିବା ତମାଖୁ ପ୍ରତି କିଶୋର ବିଶେଷତଃ ଛାତ୍ରଛାତ୍ରୀମାନଙ୍କ ଆକର୍ଷଣର ଅପକାରିତା ବିଶେଷକରି ଶିକ୍ଷାନୁଷ୍ଠାନ ଓ ଧର୍ମାନୁଷ୍ଠାନ ନିକଟରେ ତମାଖୁ ବିକ୍ରିର କୁପ୍ରଭାବ ଉପରେ ଉଦ୍‌ବୋଧନ ଦେଇଥିଲେ। ଏଥିରେ ଅନେକ ଜନପ୍ରତିନିଧି, ତମାଖୁ ସଚେତନତା ଅପେକ୍ଷା ତମାଖୁ ଉତ୍ପାଦନ ବନ୍ଦ ପଦକ୍ଷେପ ଉପରେ ମନ୍ତବ୍ୟ ରଖିଥିଲେ। ଶେଷରେ ଜିଲ୍ଲାର ବିଭିନ୍ନ ପଞ୍ଚାୟତରେ ତାମାଖୁମୁକ୍ତ ଗ୍ରାମାଞ୍ଚଳ ପାଇଁ ବ୍ଲକ୍ ଲେବୁଲ ଓ ଭିଲେଜ ଲେବୁଲ କମିଟି ଗଠନ କରାଯିବାକୁ ନିଷ୍ପତ୍ତି ନିଆଯାଇଥିଲା।

## ଡିଜେ ଗାଡ଼ିକୁ ଜବତକଲା ପୁଲିସ

ପୁରୀ,୪।୯ (ସମିସ): ଡିଜେ ବଜାଇବା ଉପରେ କଟକଣା ଲଗାଇଛି ପୁରୀ ପୁଲିସ। ଏହାସତ୍ତ୍ୱେ ଅନେକ ସମୟରେ ଏହାକୁ ଅବମାନନା କରାଯାଉଛି। ଯେଉଁମାନେ ଏହାକୁ ମାନୁନାହାନ୍ତି ସେମାନଙ୍କ ଗାଡ଼ିକୁ ଜବତ କରୁଛି ପୁଲିସ। ଏହି ମର୍ମରେ ଗୁରୁବାର ଟାଉନ ଥାନା ପୁଲିସ ଏକ ଡିଜେ ଗାଡ଼ିକୁ ଜବତ କରିଛି। ସୂଚନା ଅନୁଯାୟୀ, ଲୋକନାଥ ରୋଡ୍‌ରେ ଏକ ଗଣେଶ ଭସାଣି ଶୋଭାଯାତ୍ରା ଚାଲିଥିଲା। ଏଥିରେ ସାମିଲ ହୋଇଥିଲା ଡିଜେ ଗାଡ଼ି। ଡିଜେର କର୍କଶ ଏବଂ ଉଚ୍ଚ ଶବ୍ଦ ଲୋକମାନଙ୍କୁ ଅତିଷ୍ଠ କରି ଦେଇଥିଲା। ଡିଜେର ତାଳେ ତାଳେ ଯୁବଗୋଷ୍ଠୀ ମତୁଆଲା ହୋଇ ନାଚ କରୁଥିଲେ। ଫଳରେ ରାସ୍ତାରେ ମଧ୍ୟ ସମସ୍ୟା ହେଉଥିଲା। ଏ ନେଇ ଟାଉନ ଥାନା ପୁଲିସ ପାଖରେ ଅଭିଯୋଗ ପହଞ୍ଚିବା ସଙ୍ଗେ ସଙ୍ଗେ ପୁଲିସ କର୍ମଚାରୀ ପହଞ୍ଚି ସେହି ଡିଜେ ଗାଡ଼ିକୁ ଜବତ କରିଥିଲେ।

## ମରଣାନ୍ତ ଆକ୍ରମଣ; ଜଣେ ଗିରଫ

ପୁରୀ,୪।୯ (ସମିସ): ଗୁପ୍ତାଙ୍ଗକୁ ଚିପି ଧରି ମାରିଦେବାକୁ ଉଦ୍ୟମ କରିଥିବା ଅଭିଯୋଗରେ ସିଂହଦ୍ୱାର ଥାନା ପୁଲିସ ଜଣେ ଯୁବକକୁ ଗିରଫ କରିଛି। ଅଭିଯୁକ୍ତ ହେଉଛି କଟକ ମଙ୍ଗଳାବାଗର ହିମତ ସିଂ (୪୩)। ଅଭିଯୋଗ ଅନୁଯାୟୀ, ଗୁରୁବାର କୁମୁଟି ସାହିର ମାନସ ସାହୁ (୨୮) ପାରିବାରିକ କଳହକୁ ନେଇ ମନଦୁଃଖରେ ଦୋଳବେଦୀ କୋଣରେ ବସିଥିଲେ। ସେଠାରେ ହିମତ ପହଞ୍ଚି କାହିଁକି ବସିଛ ବୋଲି ତାଙ୍କୁ ପ୍ରଶ୍ନ କରିଥିଲେ। ମାନସ କୌଣସି ଉତ୍ତର ନ ଦେବାରୁ ଏଥିରେ ହିମତ ଉତ୍‌କ୍ଷିପ୍ତ ହୋଇପଡ଼ିଥିଲେ। ଅଭିଯୁକ୍ତ ହିମତ ମାନସଙ୍କ ଗୁପ୍ତାଙ୍ଗକୁ ଚାପି ଧରିଥିଲେ। ମାନସ ଚିତ୍କାର କରିଥିଲେ। ଏହାପରେ ହିମତ ତାଙ୍କ ବେକକୁ ମାଡ଼ି ବସିଥିଲେ। ମାନସ ଅସହାୟ ହୋଇ ଚିତ୍କାର କରିବାରୁ ସେଠାରେ କାର୍ଯ୍ୟରତ ସୁରକ୍ଷା କର୍ମୀ ତାଙ୍କୁ ଉଦ୍ଧାର କରିଥିଲେ। ସିଂହଦ୍ୱାର ପୁଲିସ ଏକ ମାମଲା ରୁଜୁ କରି ହିମତଙ୍କୁ ଗିରଫ କରିଥିଲା।

### ବିପଦରେ ବାଲୁଖଣ୍ଡ ଅଭୟାରଣ୍ୟ

# ଲୁଟ୍ ହେଉଛି କାଠ, ତାଡ଼ି ନିଆଯାଉଛି ବାଲି





ପୁରୀ,୪।୯ (ସମିସ): ବିପଦରେ ବାଲୁଖଣ୍ଡ ଅଭୟାରଣ୍ୟ। ପ୍ରତିଦିନ ଅଭୟାରଣ୍ୟ ପରିସରରୁ କାଠ ଲୁଟ୍ ହେଉଥିବାବେଳେ ତାଡ଼ି ନିଆଯାଉଛି ବାଲି। ପୁଲିସ ଓ ମାଫିଆଙ୍କ ମଧ୍ୟରେ ସଲାସୁତରା ଯୋଗୁଁ ଏଭଳି ବେଆଇନ କାମ ବଢ଼ିବାରେ ଲାଗିଛି ବୋଲି ଅଭିଯୋଗ କରିଛି ପୁରୀ ଜିଲ୍ଲା ଆମ୍ ଆଦ୍‌ମୀ ପାର୍ଟି(ଆପ୍)। ଗୁରୁବାର ଆପ୍ ଜିଲ୍ଲା କାର୍ଯ୍ୟାଳୟ ପରିସରରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଆପ୍ ଜିଲ୍ଲା ସଭାପତି ସଞ୍ଜୀବ ମହାନ୍ତି ବାଲୁଖଣ୍ଡ ପ୍ରତି କିପରି ଅବହେଳା କରାଯାଉଛି ଏବଂ ମାଫିଆମାନେ ମାଲେମାଲ୍ ହେଉଛନ୍ତି ସେ ସମ୍ପର୍କରେ ବିସ୍ତୃତ ଭାବେ ସୂଚନା ଦେଇଛନ୍ତି।

ଶ୍ରୀ ମହାନ୍ତି କହିଛନ୍ତି, ପୁଲିସ ଆଉ ମାଫିଆଙ୍କ ସଲାସୁତରା ଯୋଗୁଁ ଧ୍ୱଂସାଭିମୁଖୀ ହେବାକୁ ଯାଉଛି ବାଲୁଖଣ୍ଡ ଅଭୟାରଣ୍ୟ। ଛଇତନା ଛକରୁ ରାମଚଣ୍ଡୀ ମନ୍ଦିର ବାମ ପାର୍ଶ୍ୱରେ ଏତେ ପରିମାଣରେ ବାଲି ଓ କାଠ ଚୋରି ହେଉଛି ଯେ ବର୍ତ୍ତମାନ ପୁରୀବାସୀ ବିପଦରେ। କାରଣ ପୁରୀ ବାତ୍ୟାପ୍ରବଣ ଅଞ୍ଚଳରେ ରହିଛି। ପ୍ରାକୃତିକ ଦୁର୍ବିପାକ ସମୟରେ ସୁରକ୍ଷା ପାଇଁ ଜଙ୍ଗଲ ନିତାନ୍ତ ଆବଶ୍ୟକ। ହେଲେ ଜଙ୍ଗଲ ଉଜୁଡ଼ି ଯାଉଥିବାବେଳେ ପ୍ରାକୃତିକ ବାଲୁକାସ୍ତୁପ ଖୋଳି ନିଆଯାଉଛି। ଆଉ ବାଲୁକାସ୍ତୁପ ଦେଖିବାକୁ ମିଳୁନାହିଁ। ବାଲୁଖଣ୍ଡ ଅଭୟାରଣ୍ୟ କଡ଼ରେ ଅର୍ଥାତ୍ ବେଳାଭୂମିକୁ ଲାଗି ପୂର୍ବରୁ ଅନେକ ବାଲିବନ୍ତ ଥିଲା। ହେଲେ ଏବେ ଏହା ଦେଖିବାକୁ ମିଳୁନାହିଁ। ଏହାକୁ ବାଲିମାଫିଆମାନେ ତାଡ଼ି ନେଉଛନ୍ତି। ପ୍ରତିଦିନ ଶହ ଶହ ଟ୍ରିପ୍ ବାଲି ବୋହି ନିଆଯାଉଛି। ଏଠାରେ ପ୍ରଶ୍ନ ଉଠୁଛି ପୁଲିସର ସହାୟତା ବିନା ଏହ ବାଲି ଉଠିପାରିବ ନାହିଁ। ଏହି ବାଲି ଚୋରାଚାଲାଣ ଏବେକାର ନୁହେଁ। କିଛିବର୍ଷ ହେବ ଚାଲିଆସୁଛି। ଗୁରୁତ୍ୱପୂର୍ଣ୍ଣ କଥା ହେଉଛି କିଛିବର୍ଷ ମଧ୍ୟରେ ଏ ସବୁ ଘଟଣା ଘଟିଥିବାବେଳେ ଏଥିରେ କିଛି ପୁଲିସ କର୍ମଚାରୀଙ୍କ ସମର୍ଥନ ଥିବା ଅଭିଯୋଗ ଆଣିଛି ଆପ୍। ପୁଲିସର ସମର୍ଥନ ବିନା ଏତେ ବଡ଼ ପରିମାଣରେ ବାଲିଚାଲାଣ ହେବ କେମିତି ବୋଲି ପ୍ରଶ୍ନ କରିଛନ୍ତି ଆପ୍ ଜିଲ୍ଲା ସଭାପତି ଶ୍ରୀ ମହାନ୍ତି। ଅନ୍ୟପକ୍ଷରେ ପୁଲିସର ନିଷ୍କ୍ରିୟତା ଆଜି ଏଭଳି ସ୍ଥିତିରେ ପହଞ୍ଚାଇଛି ବୋଲି ମତ ଦେଇଛନ୍ତି।

ସବୁଠୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଜଙ୍ଗଲ ଭିତରେ ରାସ୍ତା, ହୋଟେଲ, ରିସର୍ଟ କାହା ନାଁରେ ରହିଛି ସେ ତଥ୍ୟ ନାହିଁ। ଜଙ୍ଗଲ ବିଭାଗ ମାତ୍ର ୩ ଜଣଙ୍କ ନାଁରେ ମାମଲା ରୁଜୁ କରି ନୋଟିସ୍ କରିଛି। ହେଲେ କାହା ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନାହିଁ। ସେହିପରି ସ୍ୱାମୀ ନାରାୟଣ ମନ୍ଦିର ବିରୋଧରେ ମାମଲା ରୁଜୁ ହୋଇଛି। ଏହାସତ୍ତ୍ୱେ ସେଠାରେ ବଡ଼ ବଡ଼ କାର୍ଯ୍ୟକ୍ରମ କରାଯାଉଛି। ସ୍ୱାମୀ ନାରାୟଣ ମନ୍ଦିରକୁ ଅଟ୍ଟାଳିକା ନିର୍ମାଣ ଲାଗି ଅନୁମତି ଦେବା ନିମନ୍ତେ ମୁଖ୍ୟମନ୍ତ୍ରୀ ନିଜେ ଚାହୁଁଥିବା ଅଭିଯୋଗ ଆଣିଛି ଜିଲ୍ଲା ଆପ୍, ଯାହାକି ଆଇନ ବିରୋଧ ବୋଲି କହିଛି। ସେହି ସଂସ୍ଥାକୁ ନୋଟିସ୍ ହେବା ସତ୍ତ୍ୱେ କାର୍ଯ୍ୟାନୁଷ୍ଠାନ କାହିଁକି ନିଆଗଲା ନାହିଁ ବୋଲି ଉଠିଛି ପ୍ରଶ୍ନ। ଡିଏଫ୍‌ଓଙ୍କ ନୀରବତା ଯୋଗୁଁ ବାଲୁଖଣ୍ଡ ବିପଦରେ ବୋଲି ଅଭିଯୋଗ କରିଛି ଆପ୍। ସେହିପରି ବାଲୁଖଣ୍ଡ ଅଭୟାରଣ୍ୟ ଭିତରୁ ପ୍ରତିଦିନ କାଠ ଚୋରି ହେଉଛି। ଅଭୟାରଣ୍ୟ ଆଖପାଖ ଲୋକେ ଜାଳେଣି କାଠ ନାଁରେ ବଡ଼ ବଡ଼ ଗଛ କାଟୁଥିବାବେଳେ ଚୋରାରେ ମଧ୍ୟ କାଠ ବିକ୍ରି କରାଯାଉଛି। ଗତ ୪ ବର୍ଷ ଭିତରେ ଅନେକ ଅଧିକାରୀ ବଦଳି ହୋଇଗଲେଣି। ତେଣୁ ସମସ୍ତଙ୍କ ଜାଣତରେ ଏ ବଡ଼ ଲୁଟ୍ ହେଉଛି। ଏହାକୁ ନେଇ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଚୁପ୍ ରହିବା ଭିନ୍ନ କିଛି ଇସାରା ଦେଉଛି ବୋଲି କହିଛନ୍ତି ଆପ୍ ଜିଲ୍ଲା ସଭାପତି ଶ୍ରୀ ମହାନ୍ତି। ଯଦି ଉକ୍ତ ବିଷୟରେ କୌଣସି କାର୍ଯ୍ୟାନୁଷ୍ଠାନ ନିଆ ନ ଯାଏ ତେବେ ଆପ୍ ରାଜରାସ୍ତାକୁ ଓହ୍ଲାଇବାକୁ ବାଧ୍ୟ ହେବ ବୋଲି ସେ ଚେତାବନୀ ଦେଇଛନ୍ତି। ଏହି ସାମ୍ବାଦିକ ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ କୃଷକ ସଭାପତି ଦେବ ପ୍ରଧାନ ଓ ଆପ୍ ନେତା ରାକେଶ ନନ୍ଦ ଉପସ୍ଥିତ ଥିଲେ।

### ସିଂହଦ୍ୱାର ଗୁମୁଟ ଖାଲି ପଡ଼ିବା ଘଟଣା

## ଶିଳ୍ପୀଙ୍କଠାରୁ ଦଶାବତାର ମୂର୍ତ୍ତି କିଣିଲା ଜଗନ୍ନାଥ ସେନା



ପୁରୀ,୪।୯ (ସମିସ): ବର୍ଷେ କି ଦୁଇବର୍ଷ ଅବା ପାଞ୍ଚବର୍ଷ ନୁହେଁ, ଦୀର୍ଘ ୧୪ବର୍ଷ ହେବ ଶ୍ରୀହୀନ ଶ୍ରୀମନ୍ଦିର ମୁଖଶାଳା। ସିଂହଦ୍ୱାର ଗୁମୁଟ ସମ୍ମୁଖ ଭାଗରେ ଲାଗିପାରୁନାହିଁ ଦଶାବତାର ମୂର୍ତ୍ତି। ଖାଲିପଡ଼ିଛି ଦଶାବତାର ମୂର୍ତ୍ତିଙ୍କ ସ୍ଥାନ। ୨୦୧୨ରେ ଦଶାବତାର ମୂର୍ତ୍ତିଗୁଡ଼ିକୁ ଏଏସ୍‌ଆଇ ପକ୍ଷରୁ କାଢ଼ି ଦିଆଯାଇଥିଲା। ନୂତନ ଭାବେ ମୂର୍ତ୍ତି ନିର୍ମାଣ ପାଇଁ ଏଏସ୍‌ଆଇ ପକ୍ଷରୁ ଏକ ସଂସ୍ଥାକୁ ଅନୁମତି ଦିଆଯାଇଥିଲା। ଏଏସ୍‌ଆଇର ଅନୁମତି ମୁତାବକ ବୀରହରେକୃଷ୍ଣପୁର ଗ୍ରାମର ଶିଳ୍ପୀ ମହେନ୍ଦ୍ର ଆଚାର୍ଯ୍ୟ ଓ ତାଙ୍କ ସହଯୋଗୀ ମୂର୍ତ୍ତି ନିର୍ମାଣ କରିଥିଲେ। ଆଜକୁ ୧୩ ବର୍ଷ ହେବ ଏହା ପରିତ୍ୟକ୍ତ ଅବସ୍ଥାରେ ପଡ଼ି ରହିଛି, ଯାହାକୁ ନେଇ ଉଦ୍‌ବେଗ ପ୍ରକାଶ କରିଛନ୍ତି ଭକ୍ତ, ସେବାୟତ ଓ ଶ୍ରୀଜଗନ୍ନାଥ ସେନା। ଗୁରୁବାର ଶ୍ରୀଜଗନ୍ନାଥ ସେନା ପକ୍ଷରୁ ବୀରହରେକୃଷ୍ଣପୁରଠାରେ ଗଢ଼ାଯାଇ ରଖାଯାଇଥିବା ଦଶାବତାର ମୂର୍ତ୍ତିକୁ ସଫାସୁତରା କରାଯିବା ସହ ଦୀପ, ଧୂପ, ନୈବେଦ୍ୟ ଦେଇ ଆବାହନ କରାଯାଇଛି। ଶିଳ୍ପୀଙ୍କଠାରୁ ଦଶାବତାର ମୂର୍ତ୍ତି କିଣିନେଇଛି ସେନା। ତୁରନ୍ତ ଦଶାବତାର ମୂର୍ତ୍ତିକୁ ଶ୍ରୀମନ୍ଦିର ଗୁମୁଟର ଯଥାସ୍ଥାନରେ ସ୍ଥାପିତ କରିବା ପାଇଁ ସେନା ଦାବି କରିଛି। ୧୫ ଦିନ ମଧ୍ୟରେ ଦାବି ପୂରଣ ନ ହେଲେ ସେନା ପକ୍ଷରୁ ଆଗାମୀ କାର୍ଯ୍ୟପନ୍ଥା ଗ୍ରହଣ କରାଯିବ ବୋଲି ଚେତାବନୀ ଦିଆଯାଇଛି।

ସୂଚନାଥାଉ କି, ୨୦୧୨ରେ ସିଂହଦ୍ୱାର ମରାମତି ନାଁରେ ଦଶାବତାର ମୂର୍ତ୍ତିକୁ ଖୋଲି ଦିଆଯାଇଥିଲା। ପରବର୍ତ୍ତୀ ସମୟରେ ନବମ ଅବତାରରେ କିଏ ତାକୁ ନେଇ ଉଠିଥିଲା ବାଦବିବାଦ। ତେବେ ଏହି ବିବାଦ ଏବଂ ଆଇନର ଜାଲ ମଧ୍ୟରେ ଛନ୍ଦି ହୋଇଗଲା ଭକ୍ତଙ୍କ ଭାବାବେଗ। ଆଇନର ଆଳ ଦେଖାଇ ଭକ୍ତଙ୍କ ବିଶ୍ୱାସରେ ପୂର୍ଣ୍ଣଚ୍ଛେଦ ଟାଣିଦେଇଛି ଏଏସ୍‌ଆଇ। ଶ୍ରୀମନ୍ଦିର ପରିଚାଳନା କମିଟି ବି ଚୁପ୍ ବସିଥିବାବେଳେ ଏପଟେ ଶ୍ରୀହୀନ ଦେଖାଯାଉଛି ଶ୍ରୀମନ୍ଦିର ସିଂହଦ୍ୱାର।

### ● ପୁଲିସର ସ୍ୱତନ୍ତ୍ର ଅଭିଯାନ

## ଧରାପଡ଼ିଲେ ୪୯ ଅସାମାଜିକ

ପୁରୀ,୪।୯ (ସମିସ): ଅସାମାଜିକଙ୍କୁ ସାବାଡ଼ କରିବା ପାଇଁ ପୁରୀ ପୁଲିସ ପକ୍ଷରୁ ସ୍ୱତନ୍ତ୍ର ଅଭିଯାନ ଚାଲିଛି। ବିଶେଷକରି ସର୍ବସାଧାରଣ ସ୍ଥାନରେ ମଦ୍ୟପାନ କରିବା ଏବଂ ଅସାମାଜିକ ଯୁବକଙ୍କୁ କାବୁ କରିବା ଲାଗି ଧରପଗଡ଼ କରାଯାଉଛି। ପୁରୀ ସହରରେ ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ଗୁରୁବାର ପୁଲିସ ସହରର ବିଭିନ୍ନ ସ୍ଥାନରେ ଚଢ଼ଉ ଏବଂ ଚେକିଂ କରିଥିଲା। ଏହି ଅଭିଯାନରେ ପୁରୀ ନଗର ସବ୍‌ଡିଭିଜନ୍ ଅନ୍ତର୍ଗତ ସମସ୍ତ ଥାନା କର୍ମଚାରୀ ସକ୍ରିୟ ଭାବେ ଯୋଗଦେଇଥିଲେ। ଚେକିଂ ସମୟରେ ସର୍ବସାଧାରଣ ସ୍ଥାନରେ ମଦ୍ୟପାନ କରିଥିବା ଏବଂ ଅଶାନ୍ତି ସୃଷ୍ଟି କରିଥିବା ଅଭିଯୋଗରେ ୪୯ ଜଣ ଧରାଯାଇଥିଲା। ସମୁଦ୍ରକୂଳ, ବଡ଼ଦାଣ୍ଡ, ବସ୍‌ଷ୍ଟାଣ୍ଡ, ବଜାର ଏବଂ ରେସିଡେନ୍ସିଆଲ୍ ଏରିଆରେ ସମ୍ପୂର୍ଣ୍ଣ ସର୍ଭେଲାନ୍ସ, ପୁଲିସ୍ ରେଡ୍ ଏବଂ ପାଟ୍ରୋଲିଂ କରାଯାଇଥିଲା। ସମୁଦ୍ରକୂଳ ଥାନା ଅଞ୍ଚଳରୁ ୧୧, କୁମ୍ଭାରପଡ଼ା ଅଞ୍ଚଳରୁ ୮, ବଳିଆପଣ୍ଡା ଅଞ୍ଚଳରୁ ୫, ଟାଉନ ଥାନା ଅଞ୍ଚଳରୁ ୬, ତାଳବଣିଆ ଅଞ୍ଚଳରୁ ୧୦, ବାସେଳିସାହି ଥାନା ଅଞ୍ଚଳରୁ ୪, ପିସିଆର୍ ୫ ଜଣ ଏହିପରି ମୋଟ୍ ୪୯ ଜଣଙ୍କୁ ଧରିଥିଲା ପୁଲିସ। ଏ



ସଂକ୍ରାନ୍ତରେ ପୁଲିସ ପକ୍ଷରୁ କୁହାଯାଇଛି, ସାର୍ବଜନୀନ ସ୍ଥାନରେ ମଦ୍ୟପାନ ଓ ଅସଭ୍ୟ କାର୍ଯ୍ୟକଳାପ କେବେ ସହ୍ୟ ହେବ ନାହିଁ। ସର୍ବସାଧାରଣ ସ୍ଥାନରେ ନିୟମ ଉଲ୍ଲଘଂନ କଲେ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ହେବ। ଶାନ୍ତିଶୃଙ୍ଖଳା ଓ ସୁରକ୍ଷା ପାଇଁ ପୁଲିସ୍‌ର ବିଶେଷ ଅଭିଯାନ ଜାରି ରହିବ। ପୁରୀକୁ ସୁରକ୍ଷିତ ଓ ଶୃଙ୍ଖଳିତ ସହର ଭାବେ ରଖିବାରେ ସହଯୋଗ କରିବାକୁ ପୁଲିସ ଆହ୍ୱାନ ଦେଇଛି।



ଗୋଧୂଳିବେଳାରେ ଚିଲିକା।

### ଜାପାନ ପ୍ରତିନିଧିଙ୍କ ସହ ପୁରୀ ଜିଲ୍ଲା ପ୍ରଶାସନର ବୈଠକ

# ଶିକ୍ଷା, ସ୍ୱାସ୍ଥ୍ୟ, ପର୍ଯ୍ୟଟନ ନେଇ ଆଲୋଚନା

ପୁରୀ,୪।୯ (ସମିସ): ଜାପାନର ପ୍ରଧାନମନ୍ତ୍ରୀ ସିଗେରୁଇ ସିବାଙ୍କ ନିର୍ବାଚନ ମଣ୍ଡଳୀ ତୋତରି (ରାଜ୍ୟ)ରୁ ଆସିଥିବା ସରକାରୀ ପ୍ରତିନିଧି ଦଳ ଗୁରୁବାର ପୁରୀ ଜିଲ୍ଲା ପ୍ରଶାସନ ସହ ଏକ ବୈଠକ କରିଛନ୍ତି। ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରର ଓସ୍‌ୱନ ହଲ୍‌ରେ ଅତିରିକ୍ତ ଜିଲ୍ଲାପାଳ (ପ୍ରଶାସନ) ଶରତ କୁମାର ବେହେରାଙ୍କ ଅଧ୍ୟକ୍ଷତାରେ ଏହି ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ଅତିରିକ୍ତ ଜିଲ୍ଲାପାଳ (ପ୍ରୋଟୋକଲ) ନୀଳମାଧବ ଭୋଇ, ପୌରନିର୍ବାହୀ ଅଧିକାରୀ ଅଭିମନ୍ୟୁ ବେହେରା, ଜିଲ୍ଲା ପର୍ଯ୍ୟଟନ ଅଧିକାରୀ ସରୋଜକାନ୍ତ ପ୍ରଧାନ, ଇଣ୍ଡିଆ-ଜାପାନ ଫ୍ରେଣ୍ଡସିପ୍ ସେଣ୍ଟର ସଭାପତି ଶ୍ରୀମନ୍ତ କୁମାର ଦାଶ, ପୁରୀକୁ ଆସିଥିବା ଜାପାନ ପ୍ରତିନିଧି ଦଳ ସିଞ୍ଜି ନାଗାତା, ରିୟୋସୁକି ୟମାଗୁଚି, କୋଇଚି ନାକାସିମା, ସେଇକୋ କାମ୍ବା, କେନିଚି ତାମୁରା, ଷ୍ଟଆଟ କୋନିରାଲି ଓ ଜପାନରୁ ଭିଡିଓ କନ୍‌ଫରେନ୍ସ ଜରିଆରେ ପୁରୀ ସିଟି ବ୍ରାଣ୍ଡ ଆମ୍ବାସାଡର ତଥା ଇଣ୍ଡିଆ ବିଜିନେସ୍ ଆଡ୍‌ଭାଇଜର ତୋତରି ଜପାନ ସରକାର କୁନା ଦାଶ ଓ ଅନ୍ୟ ଅଧିକାରୀମାନେ ସାମିଲ ଥିଲେ। ବୈଠକରେ ପୁରୀ ସହରର ରାସ୍ତା, ପରିମଳ, ସ୍ୱଚ୍ଛତା, ଶିକ୍ଷା, ସ୍ୱାସ୍ଥ୍ୟ, ପର୍ଯ୍ୟଟନ, ବାଣିଜ୍ୟ ସମେତ କୁଶଳୀ ଓ ଅଣକୁଶଳୀମାନେ କିଭଳି ଜାପାନ ଯାଇ ସ୍ୱାମ୍ବଲମ୍ବୀ ହୋଇପାରିବେ ସେ ସମ୍ପର୍କରେ ବିସ୍ତୃତ ଭାବେ ଆଲୋଚନା ହୋଇଥିଲା। ଟିମ୍‌ର ସଦସ୍ୟମାନେ ବେଳାଭୂମି ସମେତ ସହରର ଭିତ୍ତିଭୂମିକୁ ଅନୁଧ୍ୟାନ କରିଥିଲେ। ସେହିଭଳି ଚନ୍ଦ୍ରଶେଖର ଏକାଡେମୀ ପରିଦର୍ଶନ କରିଥିଲେ।



ଏକାଡେମୀରେ ନର୍ସରୀଠାରୁ ଯୁକ୍ତ ୨ ପର୍ଯ୍ୟନ୍ତ ଜାପାନ ଭାଷା ପଢୁଥିବା ଛାତ୍ରଛାତ୍ରୀମାନଙ୍କ ସହ ଭାଷାର ଆଦାନପ୍ରଦାନ କରିଥିଲେ। ଏହି ଏକାଡେମୀରୁ ଜାପାନ ଭାଷା ପଢ଼ି ପ୍ରତିବର୍ଷ କିଛି ଛାତ୍ର ଜାପାନରେ କର୍ମନିଯୁକ୍ତ ପାଇଥିବା ଜାଣି ଖୁସିବ୍ୟକ୍ତ କରିଥିଲେ। ଶେଷରେ ଅନ୍ତର୍ଜାତୀୟ ବାଲୁକା ଶିଳ୍ପୀ ସୁଦାମ ପ୍ରଧାନଙ୍କ ବାଲୁକା କଳା ମ୍ୟୁଜିୟମ୍ ବୁଲି ଦେଖି ବିମୋହିତ ହୋଇଥିଲେ। ଏହି ଅବସରରେ ଇଣ୍ଡିଆ ଜାପାନ ଫ୍ରେଣ୍ଡସିପ୍ ସେଣ୍ଟର ସଭାପତି ଶ୍ରୀ ଦାଶ କୁହନ୍ତି, ମେକ୍ ଇନ୍ ଇଣ୍ଡିଆ ମିଶନକୁ ସଫଳ କରିବା ଲାଗି ପୁରୀ ସହରର ଭିତ୍ତିଭୂମିକୁ ସୁଦୃଢ଼ କରିବା ସହ ଯୁବକଯୁବତୀମାନେ ଯେପରି ଅଧିକରୁ ଅଧିକ ନିଯୁକ୍ତି ପାଇବେ ଏବଂ ଜାପାନର ଟେକ୍ନୋଲୋଜି ଆଣି କିଭଳି ପୁରୀରେ କାର୍ଯ୍ୟକ୍ଷମ ହୋଇପାରିବ ତାହା ଆମର ମୂଳ ଲକ୍ଷ୍ୟ ରହିଛି।


ୟୁନିୟନ ବ୍ୟାଙ୍କ Union Bank of India

**କ୍ଷେତ୍ରୀୟ କାର୍ଯ୍ୟାଳୟ: ବାଲେଶ୍ୱର**

ମାଣିଖାନ, ଓଟି ରୋଡ୍, ପୋଲିସ୍ ଲାଇନ୍, ଭାସ୍କରଗଞ୍ଜ, ଜିଲ୍ଲା: ବାଲେଶ୍ୱର, ପିନ୍-୭୫୬୦୦୧, ମୋ.: ୮୯୨୮୯୧୭୪୧୧/୯୬୮୭୬୯୭୫୪୮

**ସୁନା ନିଲାମ ବିଜ୍ଞପ୍ତି**

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ ନିମ୍ନଲିଖିତ ସୁନା ଋଣଗ୍ରହୀତାମାନଙ୍କୁ ବ୍ୟାଙ୍କ ବାରମ୍ବାର ନୋଟିସ୍ ଦ୍ୱାରା ସୂଚାଇ ଦେଇଥିବା ସତ୍ତ୍ୱେ ସେମାନେ ଋଣ ପରିଶୋଧ କରୁନାହାନ୍ତି। ଯଦି ସେମାନେ ନିଲାମ ତାରିଖ ପୂର୍ବରୁ ସେମାନଙ୍କର ବକେୟା ଋଣ ପରିଶୋଧ ନ କରନ୍ତି, ତାହା ହେଲେ ଆମର ସମ୍ପୃକ୍ତ ଶାଖା ପରିସରରେ ତା.୧୨.୦୯.୨୦୨୫ରିଖ ଅପରାହ୍ନ ୧୨.୩୦ ଘଟିକା ସମୟରେ ସେମାନଙ୍କର ବନ୍ଧକଥିବା ସୁନା ଅଳଙ୍କାରଗୁଡ଼ିକୁ ନିଲାମ କରାଯିବ। ଋଣଗ୍ରହୀତାମାନଙ୍କର କୌଣସି ଅସୁବିଧା ବା କ୍ଷୟ କ୍ଷତି ପାଇଁ ବ୍ୟାଙ୍କ ଦାୟୀ ହେବ ନାହିଁ ଓ ଆବଶ୍ୟକ ସ୍ଥଳେ ବ୍ୟାଙ୍କର କ୍ଷୟ କ୍ଷତି ଘଟିଲେ ବ୍ୟାଙ୍କ ସେମାନଙ୍କ ବିରୁଦ୍ଧରେ ଅଦାଲତରେ ଆଶ୍ରୟ ନେବ। ଋଣଗ୍ରହୀତାମାନେ ନିଲାମ ସମୟ ପୂର୍ବରୁ ବକେୟା ରାଶି ପରିଶୋଧ କରି ଅଳଙ୍କାରଗୁଡ଼ିକ ନେଇପାରିବେ।

| କ୍ର. ନଂ. | ଋଣଗ୍ରହୀତାମାନଙ୍କ ନାମ ଓ ଠିକଣା / ସୁନା ଋଣ ଆକାଉଣ୍ଟ ନଂ. | ବକେୟା ରାଶି | ନେଟ୍ ଓଜନ (ଗ୍ରାମରେ) | ମୋଟ ଓଜନ (ଗ୍ରାମରେ) |
|---|---|---|---|---|
| | **ଯୋଡା ଶାଖା, ମେନ୍ ରୋଡ୍, ଯୋଡା, ପିନ୍-୭୫୮୦୩୮, ମୋ.: ୯୬୩୫୧୪୨୭୨୩** | | | |
| ୧. | ସାନ୍ସା ପ୍ରବୀନ୍, ସ୍ୱାମୀ: ମହମ୍ମଦ ଗଫୁର କୁରେଶୀ, ସା: ଯୋଡା ମାର୍କେଟ, ଯୋଡା, କେନ୍ଦୁଝର, ପିନ୍-୭୫୮୦୩୪ / ୧୩୬୭୧୬୫୩୦୦୦୦୪୫୫ | ଟ.୩୦,୬୮୯.୦୦ | ୨.୩୬ | ୩.୧୩ |
| ୨. | ଶ୍ରୀମତୀ ସୁନିତା ପୃଷ୍ଟି, ସ୍ୱାମୀ: ଶୁକଦେବ ପୃଷ୍ଟି, ସା: କୋହୁରଇଡା, ଭୂର୍ଯାରଇଡା, ଯୋଡା, କେନ୍ଦୁଝର, ପିନ୍-୭୫୮୦୩୫ / ୧୩୬୭୧୬୫୩୦୦୦୦୩୮୦ | ଟ.୨୩,୬୮୬.୮୫ | ୫.୫୬ | ୬.୬୫ |
| | **ରାଇରଙ୍ଗପୁର ଶାଖା, ପ୍ଲଟ୍ ନଂ.: ୫୪/୧୦୬୬, ଚୌବେ ଧର୍ମଶାଳା ସାମ୍ନା, ୱାର୍ଡ ନଂ.-୯, ପୋ: ରାଇରଙ୍ଗପୁର, ଜିଲ୍ଲା: ମୟୂରଭଞ୍ଜ, ଓଡ଼ିଶା, ପିନ୍-୭୫୭୦୪୩, ମୋ.: ୯୭୦୪୮୬୮୮୮୪** | | | |
| ୧. | ମହମ୍ମଦ କୁଲଫିକାର ଅଲ୍ଲି, ୱାର୍ଡ ନଂ.-୧୧, ଗ୍ରାମ: ଠାକୁରାଣୀବେଡା, ପୋ: ରାଇରଙ୍ଗପୁର, ଥାନା: ରାଇରଙ୍ଗପୁର, ମୟୂରଭଞ୍ଜ-୭୫୭୦୨୨ / ୭୬୩୯୦୬୬୩୦୦୦୦୦୦୩ | ଟ.୪୭,୮୦୨.୦୦ | ୧୧.୩୮୯ | ୧୬.୨୭ |
| | **ରେମୁଣା-କାନୁଗଞ୍ଜ ଶାଖା, ଗଣେଶ୍ୱରପୁର, କାନୁଗଞ୍ଜ, ରେମୁଣା ଗୋଲେଇ, ବାଲେଶ୍ୱର, ପିନ୍-୭୫୬୦୧୯, ମୋ.: ୯୯୭୩୨୬୧୦୩୩** | | | |
| ୧. | ଶ୍ରୀ ପ୍ରଫୁଲ୍ଲ କୁମାର ଜେନା, ପିତା: ଘାଟେଶ୍ୱର ଜେନା, ସା: ସରସ୍ୱତୀପୁର, ପୋ: ଛଣପୁର, ବାଲେଶ୍ୱର, ପିନ୍-୭୫୬୦୫୬ / ୭୨୩୭୦୬୬୩୦୦୦୦୦୫୧ | ଟ.୧,୫୬,୩୩୦.୦୦ | ୩୩.୪୧୭ | ୩୫.୫୬ |
| | **ବାଲେଶ୍ୱର ମୁଖ୍ୟ ଶାଖା, ଆର୍ କେ ପ୍ଲାଜା, ୧ମ ମହଲା, ହସ୍ପିଟାଲ ରୋଡ୍, ଭି ଏନ୍ ମାର୍ଗ, ବାଲେଶ୍ୱର, ଜିଲ୍ଲା: ବାଲେଶ୍ୱର, ପିନ୍-୭୫୬୦୦୧, ମୋ.: ୭୭୩୫୩୪୬୬୬୯** | | | |
| ୧. | ଶ୍ରୀ ସୁଦାମ ମହାରଣା, ପିତା: ସୁଧବ ମହାରଣା, ସା: ମହାରଣା ସାହି, ବାଣେଶ୍ୱର ନିକଟ, ବାଲେଶ୍ୱର-୭୫୬୦୦୨ / ୫୦୦୬୦୬୫୪୦୦୦୦୯୬୭ | ଟ.୪,୮୭,୯୧୯୬ | ୮୫ | ୧୦୦.୬ |

**ନିଲାମ ଧରିବା ପାଇଁ ଇଚ୍ଛୁକ ବ୍ୟକ୍ତି ବ୍ୟାଙ୍କର ନିମ୍ନଲିଖିତ ନିୟମ ଗୁଡିକ ପାଳନ କରି ନିଲାମରେ ଅଂଶଗ୍ରହଣ କରିପାରିବେ।**

୧) ନିଲାମ ଡାକିବା ପାଇଁ ଇଚ୍ଛୁକ ବ୍ୟକ୍ତିଙ୍କୁ ନିଲାମର ନିର୍ଦ୍ଧାରିତ ସମୟର ୨ ଘଣ୍ଟା ପୂର୍ବରୁ ଟ.୫,୦୦୦/- ଅମାନତ ଆକାରରେ ଜମା ଏବଂ ବୈଧ କେୱାଇସି (KYC) ଦେବାକୁ ହେବ।
୨) ଅମାନତ ଦାଖଲ ପରେ, ନିଲାମରେ ଅଂଶଗ୍ରହଣ କରିବାକୁ ଚାହୁଁଥିବା ବ୍ୟକ୍ତିମାନେ ଅଳଙ୍କାରଗୁଡ଼ିକୁ ଯାଞ୍ଚ କରିପାରିବେ।
୩) ସର୍ବୋଚ୍ଚ ନିଲାମ ଡାକ ଡାକିଥିବା ବ୍ୟକ୍ତିଙ୍କୁ ଉକ୍ତ ଡାକର ଶତକଡା ସମ୍ପୂର୍ଣ୍ଣ ରାଶି ସଙ୍ଗେ ସଙ୍ଗେ ବ୍ୟାଙ୍କରେ ଜମା କରିବାକୁ ପଡିବ। ଯଦି କୌଣସି ବ୍ୟକ୍ତି ସର୍ବୋଚ୍ଚ ଡାକ ଡାକିଲା ପରେ, ସମ୍ପୂର୍ଣ୍ଣ ରାଶି ଜମା କରିବାକୁ ଅସମର୍ଥ ହୁଅନ୍ତି, ତେବେ ତାଙ୍କର ଅମାନତ ଟଙ୍କା ବାଜ୍ୟାପ୍ତି ହୋଇଯିବ ଓ ଉକ୍ତ ବ୍ୟକ୍ତିଙ୍କୁ ଆଉ ଥରେ ନିଲାମ ଡାକିବାକୁ ଅନୁମତି ଦିଆଯିବ ନାହିଁ।
୪) ଗୋଟିଏ ଆକାଉଣ୍ଟର ନିଲାମ ଡାକ ଓ ଟଙ୍କା ଜମା ଇତ୍ୟାଦି ସରିଲା ପରେ ହିଁ ଅନ୍ୟ ଆକାଉଣ୍ଟ ପାଇଁ ନିଲାମ କାର୍ଯ୍ୟ ଆରମ୍ଭ ହେବ।
୫) ବ୍ୟାଙ୍କ କୌଣସି ନିଲାମ ଡାକ ମାନିନେବାକୁ ବାଧ୍ୟ ନୁହେଁ। କୌଣସି କାରଣ ନ ଦର୍ଶାଇ ବ୍ୟାଙ୍କ ନିଲାମକୁ ରଦ୍ଦ କରିପାରେ।
୬) ଯେଉଁ ବ୍ୟକ୍ତିଙ୍କ ସର୍ବୋଚ୍ଚ ଡାକ, ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ ଶାଖା କାର୍ଯ୍ୟାଳୟ ଦ୍ୱାରା ଗ୍ରହଣୀୟ ହେବ ଉକ୍ତ ବ୍ୟକ୍ତି ନିଲାମ ଦୃଢ଼ୀକରଣ ହେବା ସୂଚନା ପାଇବା ପରେ ସମ୍ପୂର୍ଣ୍ଣ ନିଲାମ ରାଶି ସଙ୍ଗେସଙ୍ଗେ ବ୍ୟାଙ୍କରେ ଜମା କରିବାକୁ ବାଧ୍ୟ ହେବେ। ନଚେତ୍ ପୂର୍ବରୁ ଜମା ଦେଇଥିବା ଅମାନତ ରାଶି ବାଜ୍ୟାପ୍ତି ହେବ।
୭) ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ ଶାଖା କାର୍ଯ୍ୟାଳୟ ଯଦି କୌଣସି ଉଚ୍ଚ ନିଲାମ ଡାକକୁ ନାକଚ/ରଦ୍ଦ କରନ୍ତି, ତେବେ ଜମା ହୋଇଥିବା ଅମାନତ ରାଶି ଉକ୍ତ ଜମାକାରୀଙ୍କୁ ବିନା ସୁଧରେ ଫେରାଇ ଦିଆଯିବ।
୮) ନିଲାମରେ ରଖାଯାଇଥିବା ଅଳଙ୍କାରଗୁଡ଼ିକର ଗୁଣ, ଓଜନ ଓ ବିଶୁଦ୍ଧତା ପାଇଁ ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ କୌଣସି ପ୍ରକାର ଦାୟୀ ହେବେ ନାହିଁ।
୯) ନିଲାମରେ ଭାଗ ନେଇଥିବା କୌଣସି ବ୍ୟକ୍ତି ଉପରୋକ୍ତ ନିୟମକୁ ନ ମାନିଲେ ବ୍ୟାଙ୍କ ତାଙ୍କର ଅମାନତ ଟଙ୍କା ବାଜ୍ୟାପ୍ତି କରିପାରିବ।

ସ୍ଥାନ : ବାଲେଶ୍ୱର
ତାରିଖ : ୦୪.୦୯.୨୦୨୫

ଶାଖା ପ୍ରବନ୍ଧକ,
ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ

# ସମ୍ପାଦକୀୟ



ସେମାନେ ହିଁ ପ୍ରକୃତ ଶିକ୍ଷକ, ଯେଉଁମାନେ ଆମ ନିଜକୁ ଚିନ୍ତା କରିବାରେ ସାହାଯ୍ୟ କରନ୍ତି।
-ସର୍ବପଲ୍ଲୀ ରାଧାକୃଷ୍ଣନ

ସକାଳ
THE SAKALA

## ଜିଏସ୍‌ଟି ଆଶ୍ୱସ୍ତି

ଦ୍ରବ୍ୟ ଓ ସେବା କର(ଜିଏସ୍‌ଟି) ପ୍ରଚଳନ ପରେ ଯେଉଁ ବ୍ୟାଖ୍ୟାନ ସୃଷ୍ଟି କରାଗଲା ସେଥିରେ କୁହାଗଲା ଯେ ପୂର୍ବରୁ ଗରିବଙ୍କ ଜୀବନଧାରଣ ପାଇଁ ଅତ୍ୟାବଶ୍ୟକ ଅଟା ଓ ଚାଉଳରେ ମଧ୍ୟ ଟିକସ ଲାଗୁଥିଲା। ଜିଏସ୍‌ଟି ପରେ ଗରିବ ଆଶ୍ୱସ୍ତ ହେବେ। କିନ୍ତୁ ଜିଏସ୍‌ଟି ପରିସରକୁ ଏଭଳି ଅନେକ ଦ୍ରବ୍ୟ ଓ ସେବା ଅଣାଗଲା, ଯାହା ଥିଲା ଅଭୂତପୂର୍ବ ଓ ଅବିଶ୍ୱସନୀୟ। ସେଥିମଧ୍ୟରୁ ଗୋଟିଏ ଥିଲା ସମ୍ବିଧାନ ପ୍ରଦତ୍ତ ଜୀବନ ଜିଇଁବାର ମୌଳିକ ଅଧିକାର ସହିତ ଯୋଡ଼ି ହୋଇଥିବା ସ୍ୱାସ୍ଥ୍ୟବୀମା ଓ ଜୀବନ ବୀମା। ଅବିଶ୍ୱସନୀୟ ଭାବେ ଏହା ଉପରେ ୧୮% ପର୍ଯ୍ୟନ୍ତ ଜିଏସ୍‌ଟି ଧାର୍ଯ୍ୟ କରାଯାଇଥିଲା। ଭାରତରେ ବୀମା କମ୍ପାନୀମାନେ ପ୍ରଚୁର ଲାଭ କରୁଥିଲେ ମଧ୍ୟ ଜିଏସ୍‌ଟି ବୋଝ ବୀମାଧାରୀ ବା ଉପଭୋକ୍ତାଙ୍କୁ ହିଁ ମୁଣ୍ଡାଇବାକୁ ପଡ଼ୁଥିଲା। ଏହାକୁ ନେଇ ଟିକସଦାତାଙ୍କ ମନରେ ପ୍ରବଳ ଅସନ୍ତୋଷ, ଏପରିକି ଏନ୍‌ଡିଏ ଭିତରେ ମଧ୍ୟ ବିରୋଧାଭାସ ସୃଷ୍ଟି ହୋଇଥିଲା। ବରିଷ୍ଠ ବିଜେପି ନେତା ନିତିନ ଗଡ଼କରୀ ଅନେକ ଜନସଭାରେ ଏହାକୁ ନାପସନ୍ଦ କରି ମନ୍ତବ୍ୟ ଦେଇଥିଲେ। ସୁଖର କଥା ଯେ ସଦ୍ୟତମ ଜିଏସ୍‌ଟି ବୈଠକରେ ସ୍ୱାସ୍ଥ୍ୟ ଓ ଜୀବନ ବୀମା ସମେତ ସମ୍ବିଧାନ ପ୍ରଦତ୍ତ ମୌଳିକ ଅଧିକାର ଶିକ୍ଷା ସହିତ ଜଡ଼ିତ କେତେକ ଉପକରଣକୁ ଜିଏସ୍‌ଟି ପଞ୍ଝାରୁ ମୁକ୍ତ କରିଦିଆଯାଇଛି।

ଶିକ୍ଷା ଓ ସ୍ୱାସ୍ଥ୍ୟ ସମ୍ବିଧାନ ପ୍ରଦତ୍ତ ଦୁଇ ମୌଳିକ ଅଧିକାର। ଅଥଚ ଭାରତରେ ସର୍ବାଧିକ ସମସ୍ୟାବହୁଳ କ୍ଷେତ୍ର ରୂପେ ପରିଚିତ ଏହି ଦୁଇଟିରେ ବଜେଟ୍ ବ୍ୟୟବରାଦ ନୈରାଶ୍ୟଜନକ। ଅପରପକ୍ଷରେ ଦିନକୁ ଦିନ ସ୍ୱାସ୍ଥ୍ୟ ଓ ଶିକ୍ଷା ବ୍ୟୟବହୁଳ ହୋଇପଡୁଥିବା ବେଳେ ସେଗୁଡ଼ିକ ଉପରେ ୧୨%-୧୮% ଜିଏସ୍‌ଟି 'ବୋଝ ଉପରେ ନଳିତା ବିଡ଼ା' ଭଳି ହୋଇଥିଲା। ଶିକ୍ଷା ଓ ସ୍ୱାସ୍ଥ୍ୟ ବୀମା ଉପରେ ଜିଏସଟି୍ ଯେ ସମ୍ବିଧାନର ପରିପନ୍ଥୀ ଏହା ହୃଦ୍‌ବୋଧ କରିବାକୁ ସରକାରଙ୍କୁ ୯ ବର୍ଷ ଲାଗିଗଲା। ଶିକ୍ଷା ସହିତ ସଂଶ୍ଳିଷ୍ଟ ଉପକରଣକୁ ୧୨% ଜିଏସ୍‌ଟି ସ୍ଲାବ୍‌ରୁ ମୁକ୍ତ କରି ୦% କରାଯାଇଥିବା ବେଳେ ତଥାପି କେତେକ ସ୍ୱାସ୍ଥ୍ୟ ଓ ଚିକିତ୍ସା ଉପକରଣ ଜିଏସ୍‌ଟିର ପଞ୍ଝାରୁ ସମ୍ପୂର୍ଣ୍ଣ ମୁକ୍ତ ହୋଇନାହିଁ। ଆଗାମୀ ଦିନରେ ଏ ଦିଗପ୍ରତି ଜିଏସ୍‌ଟି ପରିଷଦ ଦୃଷ୍ଟି ଦେବେ ବୋଲି ଆଶା।

ସଘନ ଭୋଟର ତାଲିକା ସଂଶୋଧନ ଅଭିଯାନ ବିବାଦ ପୃଷ୍ଠଭୂମିରେ ବିହାର ବିଧାନସଭା ନିର୍ବାଚନ ଅବ୍ୟବହିତ ପୂର୍ବର ବାଧ୍ୟବାଧକତା ହେଉ କିମ୍ବା ସରକାରଙ୍କ ଜନକଲ୍ୟାଣ ଦୃଷ୍ଟିକୋଣରୁ ଚାରିଥାକିଆ ଜିଏସ୍‌ଟି ଏବେ ତିନିଥାକିଆର ରୂପ ନେଇଛି। ୧୨% ଓ ୨୮% ସ୍ଲାବ୍‌କୁ ହଟାଇ ତା' ଅଧୀନରେ ଆସୁଥିବା ନିତ୍ୟବ୍ୟବହାର୍ଯ୍ୟ, ବିଳାସପୂର୍ଣ୍ଣ ଓ ଆମୋଦଦାୟକ ସାମଗ୍ରୀ, ଯାନବାହନ, କୃଷି ଉପକରଣ ଆଦିକୁ ୫% ଓ ୧୮% ସ୍ଲାବ୍‌ରେ ବାଣ୍ଟି ଦିଆଯାଇଥିବାରୁ ମହଙ୍ଗା ମାଡ଼ ଓ ଆୟ ସଂକୋଚନରେ ଘାଇଲା ଖାଉଟି ଆଶ୍ୱସ୍ତି ପାଇବେ ନିଶ୍ଚୟ। ଏହାଦ୍ୱାରା ବଜାର ଅର୍ଥନୀତି ମଧ୍ୟ ଚଳଚଞ୍ଚଳ ହୋଇ ଅଭିବୃଦ୍ଧିକୁ ଗତି ମିଳିବ। ଜିଏସ୍‌ଟି ସ୍ଲାବ୍ କୋହଳ ଦ୍ୱାରା ସରକାର ଯେତିକି ରାଜସ୍ୱ ହରାଇବେ ତାହାକୁ ତମାଖୁଜାତୀୟ ଉତ୍ପାଦରୁ ଭରଣା କରିବେ। କାରଣ ଇତିମଧ୍ୟରେ ସେହିସବୁ ଆପତ୍ତିଜନକ ସାମଗ୍ରୀର ବ୍ୟବହାର ବୃଦ୍ଧି ପାଉଥିବା ବେଳେ ଜିଏସ୍‌ଟିର ୪୦% ସ୍ଲାବ୍ ମଧ୍ୟରେ ସେଗୁଡ଼ିକୁ ରଖାଯାଇଛି। ତେଣୁ ରାଜସ୍ୱ ଭରଣାରେ ସରକାରଙ୍କ ପାଇଁ ବିଶେଷ ଅସୁବିଧା ହେବ ନାହିଁ। କିନ୍ତୁ ଏହାଦ୍ୱାରା ରାଜ୍ୟମାନଙ୍କର ଟିକସ ରାଜସ୍ୱ ହାନି ନେଇ ଯେଉଁ ଅଭିଯୋଗ ଓ ଭରଣା ଦାବିମାନ ଆସିବ ତାହାର ସମାଧାନ କେନ୍ଦ୍ର ସରକାରଙ୍କ ପାଇଁ ଆହ୍ୱାନ ସୃଷ୍ଟି କରିବ।

## ସ୍ୱପ୍ନରେ ଅଙ୍କୁଶ

ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଭାରତ ବିରୋଧୀ ଅସୂୟା ଉତ୍କଟ ହେଉଛି। ଏହା ଯେ ଉଭୟଦେଶ ପାଇଁ ଅହିତ ତାହା ବୁଝିବା ସ୍ଥିତିରେ ଟ୍ରମ୍ପ ନାହାନ୍ତି। ଭାରତର ରପ୍ତାନି ବାଣିଜ୍ୟ ପରେ ଟ୍ରମ୍ପଙ୍କ ରୋଷର ଶିକାର ହେବାକୁ ଯାଉଛନ୍ତି ଆମେରିକାରେ ପାଠପଢ଼ି ସେଠାରେ ଚାକିରି ଖୋଜିବାକୁ ସ୍ୱପ୍ନ ଦେଖୁଥିବା ପ୍ରବାସୀ ଛାତ୍ରଛାତ୍ରୀ। ଆମେରିକାରେ ପ୍ରଚଳିତ ନିୟମ ଓ ସର୍ତ୍ତ ଅନୁଯାୟୀ ପ୍ରବାସୀ ଛାତ୍ରଛାତ୍ରୀଙ୍କ ପାଇଁ ଏଫ୍-୧ ଓ ଜେ ଆକାରରେ ଦୁଇପ୍ରକାର ଭିସା ଦିଆଯାଉଛି। ଏଫ୍-୧ ଭିସାଧାରୀମାନଙ୍କ ପାଖରେ ଛାତ୍ର ମାନ୍ୟତା ଥିବା ପର୍ଯ୍ୟନ୍ତ ଆମେରିକାରେ ରହିପାରୁଛନ୍ତି। ଗୋଟିଏ ପାଠ୍ୟକ୍ରମ ସରିବା ପରେ ଅନୁରୋଧ ଆଧାରରେ ଆମେରିକାର ଶିକ୍ଷାନୁଷ୍ଠାନମାନ ଛାତ୍ରଛାତ୍ରୀଙ୍କ ପାଠପଢ଼ା ଅବଧି ବୃଦ୍ଧି ପାଇଁ ସୁପାରିସ କରୁଛନ୍ତି। ଏହାଦ୍ୱାରା ସେମାନେ ସେଠାରେ ରହି ଚାକିରି ଖୋଜିବା ସହଜ ହେଉଛି। ପାଠପଢ଼ା ଅବଧି ପରେ ଛାତ୍ରଛାତ୍ରୀଙ୍କୁ ସର୍ବାଧିକ ୬୦ ଦିନ ପର୍ଯ୍ୟନ୍ତ ରହିବାର ଅନୁମତି ମିଳୁଛି। ଏହି ନିୟମକୁ ଏବେ ଟ୍ରମ୍ପ ପ୍ରଶାସନ ସଂଶୋଧନ କରିବାର ପ୍ରସ୍ତୁତି ଚୂଡ଼ାନ୍ତ କରିଛନ୍ତି। ଆମେରିକାର ଡିପାର୍ଟମେଣ୍ଟ ଅଫ୍ ହୋମ୍‌ଲାଣ୍ଡ ସିକ୍ୟୁରିଟି(ଡିଏଚ୍‌ଏସ୍) ଦ୍ୱାରା ପ୍ରଣୀତ ସଂଶୋଧିତ ଚିଠା ନିୟମ ଅନୁଯାୟୀ ପ୍ରବାସୀ ଛାତ୍ରଛାତ୍ରୀଙ୍କୁ ୪ ବର୍ଷ କିମ୍ବା ପାଠ୍ୟକ୍ରମ ଅବଧି ମଧ୍ୟରୁ ଯାହା କମ୍ ଥିବ ସେତିକି ଦିନ ପାଇଁ ଭିସା ଅନୁମତି ମିଳିବ। ଏହାପରେ ଛାତ୍ରଛାତ୍ରୀମାନେ ସେଠାରେ ରହିବାକୁ ହେଲେ ସିଧାସଳଖ ଡିଏଚ୍‌ଏସ୍‌କୁ ଆବେଦନ କରିବାକୁ ପଡ଼ିବ। ଯଦି ଡିଏଚ୍‌ଏସ୍ ସନ୍ତୁଷ୍ଟ ହୁଏ ତେବେ ସର୍ବାଧିକ ୩୦ ଦିନ ପର୍ଯ୍ୟନ୍ତ ହିଁ ରହିବା ଅନୁମତି ମିଳିବ।

୨୦୨୩-୨୪ ତଥ୍ୟାନୁଯାୟୀ ଆମେରିକାରେ ୧୧ ଲକ୍ଷ ୨୭ ହଜାର ପ୍ରବାସୀ ଛାତ୍ରଛାତ୍ରୀ ଅଛନ୍ତି, ଯାହାଙ୍କ ମଧ୍ୟରୁ ପ୍ରାୟ ଏକ-ଚତୁର୍ଥାଂଶ ବା ୩ ଲକ୍ଷ ୩୧ ହଜାର ଭାରତୀୟ। ତେଣୁ ଟ୍ରମ୍ପଙ୍କ ନୂଆ ଭିସା ନିୟମରେ ଭାରତୀୟ ଛାତ୍ରଛାତ୍ରୀ ସର୍ବାଧିକ ପ୍ରଭାବିତ ହେବେ। କିନ୍ତୁ ଯେଉଁମାନଙ୍କୁ ଏଫ୍-୧ ଭିସା ଅନୁମତି ମିଳିସାରିଛି ସେମାନେ ନୂଆ ନିୟମରେ ପ୍ରଭାବିତ ହେବେ ନାହିଁ ବୋଲି ବିଶେଷଜ୍ଞମାନେ ମତ ଦେଇଛନ୍ତି। ଆମେରିକାକୁ ପୁଣି ସମୃଦ୍ଧିଶାଳୀ କରିବା ଲକ୍ଷ୍ୟ(ମେକ୍ ଆମେରିକା ଗ୍ରେଟ୍ ଏଗେନ୍-ମାଗା)ରେ ଟ୍ରମ୍ପଙ୍କ ମାତ୍ରାଧିକ ରକ୍ଷଣଶୀଳ ରାଷ୍ଟ୍ରବାଦୀ ନୀତି ଆମେରିକାକୁ ତାଙ୍କ ଲକ୍ଷ୍ୟ ବିପରୀତ ଦିଗରେ ନେଇଯାଇପାରେ। ତେଣୁ ଆମେରିକାର କୁଳପତି ଓ ଅଧ୍ୟକ୍ଷ ସଂଘ ଚିଠା ନିୟମର ପୁନଃବିଚାର ପାଇଁ ଟ୍ରମ୍ପ ପ୍ରଶାସନକୁ ପ୍ରସ୍ତାବ ଦେଇଛନ୍ତି। 'ମାଗା'ରେ ମଣିଷ ଗଢ଼ା ଉଦ୍ୟମର ଫଳ ଯଦି ମାଙ୍କଡ଼ର ରୂପ ନିଏ ତେବେ ତାହା କେବଳ ଆମେରିକା ନୁହେଁ, ସମଗ୍ର ବିଶ୍ୱ ପାଇଁ ଅହିତକର ହେବ - ଏହା ଟ୍ରମ୍ପଙ୍କୁ ତାଙ୍କ ପରାମର୍ଶଦାତା ପରିଷଦ ବୁଝାଇବା ଆବଶ୍ୟକ।

# ଆମେ ଖାଉଟି ହୋଇ ରହିଗଲେ

**ଗୌରୀ ପ୍ରସାଦ ମହାପାତ୍ର**

ଆମେ ବିଶ୍ୱର ସର୍ବବୃହତ୍ ଓ ସଚଳ ଖାଉଟି ବଜାରର ଅଧିକାରୀ। ତେଣୁ ବିଦେଶୀ ଯେତେ ଶକ୍ତିଶାଳୀ ଓ ପ୍ରତିପତ୍ତିଶାଳୀ ହେଉ ପଛକେ ଆଜିର ବଜାର-ଅର୍ଥନୈତିକ ବିଶ୍ୱ ପ୍ରେକ୍ଷାପଟରେ ଆମ ସହିତ ସାଲିସ୍ କରିବାକୁ ବାଧ୍ୟ। ଏହି ଧାରଣାରୁ ଉର୍ଦ୍ଧ୍ୱକୁ ଆମେ ଯଦି ଉଠିପାରିଥା'ନ୍ତେ, ତା'ହେଲେ ଆଜି ଆମେରିକା ଚାପରେ ଅସହାୟ ହୋଇ ପଡ଼ି ନଥା'ନ୍ତେ। ଖାଉଟି ମାନସିକତା, ଶ୍ରମକାତରତା ଓ ନୀତିଗତ ଅର୍ଥବତାର କର୍ମସଂସ୍କୃତି ଭିତରେ ଆମେ ଯାହା ଯେତିକି ଉତ୍ପାଦନ କଲୁ ସେଥିରୁ ସିଂହଭାଗ ରପ୍ତାନୀ ପାଇଁ କେବଳ ଆମେରିକା ବଜାର ଉପରେ ନିର୍ଭର କରି ଅଧିକ ଲାଭ, ସୁଖ ଓ ଶାନ୍ତି ଖୋଜିଲୁ; ଅଥଚ ବିଶ୍ୱ ବଜାରର ଆହ୍ୱାନକୁ ସମ୍ମୁଖୀନ ହେବାକୁ ଆଗଭର ହେଲୁ ନାହିଁ। ଆମେରିକାର ଆମଦାନୀ ଶୁଳ୍କ ବୃଦ୍ଧିରେ ଆକ୍ରାନ୍ତ ହେବା ପରେ ଯାଇ ଏବେ ବିକଳ୍ପ ବଜାର ସନ୍ଧାନ ଆରମ୍ଭ କରିଛୁ। ଯଦିବା ଆମେ ଏଥିରେ ଆଶୁ ସଫଳତା ଲାଭ କରୁ, ତଥାପି ଯେ ବାଣିଜ୍ୟ ନିଅଣ୍ଟକୁ ଭରଣା କରିପାରିବୁ ସେ ସମ୍ଭାବନା ନିକଟ ଭବିଷ୍ୟତରେ ଦିଶୁନାହିଁ।

ସ୍ୱାଧୀନତାର ୭୮ ବର୍ଷ ପରେ ମଧ୍ୟ ଆମେ କେବଳ ଖାଉଟି ହୋଇ ରହିଯିବା ପଛରେ ମୁଖ୍ୟ କାରକଟି ହେଉଛି ରାଜନୈତିକ ବାଧ୍ୟବାଧକତା ଜନିତ ନୀତିଗତ ସ୍ଥାଣୁତା। ପ୍ରତିଯୋଗୀ ପ୍ରତିବେଶୀ ଚୀନ୍ ସହିତ ଆମର ତୁଳନା କରାଯାଉ। ଆମେ ସ୍ୱାଧୀନତା ଲାଭ କରିବାର ଦୁଇବର୍ଷ ପରେ ଚୀନ୍ ସ୍ୱାଧୀନ ରାଷ୍ଟ୍ର ଘୋଷିତ ହେଲା। ଭାରତ ୧୯୯୧ରେ ମୁକ୍ତ ବାଣିଜ୍ୟ ଅର୍ଥନୀତିକୁ ଆପଣେଇବାର ପାଞ୍ଚ ବର୍ଷ ପରେ ଚୀନ୍ ଅର୍ଥନୈତିକ ସଂସ୍କାର ଆରମ୍ଭ କଲା। ଭାରତ ୨୦୧୪ରେ 'ମେକ୍ ଇନ୍ ଇଣ୍ଡିଆ' ଘୋଷଣା କରିବାର ବର୍ଷକ ପରେ 'ମେକ୍ ଇନ୍ ଚାଇନା -୨୦୨୫' ପ୍ରଣୟନ ହେଲା। ଅଥଚ ଆଜି ଚୀନ୍ ତୁଳନାରେ ଆମ ସ୍ଥିତି କେଉଁଠି ତାହାର ତର୍ଜମା କଲା ବେଳେ ନିରାଶା ଓ ହତାଶା ସୃଷ୍ଟି ହେବା ସ୍ୱାଭାବିକ। ମୁକ୍ତ ଅର୍ଥନୀତିକୁ ଆପଣେଇବା ସହିତ ଚୀନ୍ ତାହାର ଅର୍ଥନୀତିକୁ ସମ୍ପୂର୍ଣ୍ଣ ରୂପେ ଉତ୍ପାଦନଭିତ୍ତିକ କରିବାର ଦୀର୍ଘସ୍ଥାୟୀ ଯୋଜନା ପ୍ରସ୍ତୁତ କଲା। ଅଥଚ ଆମେ ଆମର ବିଶାଳ ଖାଉଟି ବଜାର ଲବ୍ଧ ରାଜସ୍ୱ ଉପରେ ସମ୍ପୂର୍ଣ୍ଣ ଭରସା କରି ରହିଗଲୁ। ଖାଉଟି ବଜାର ଅର୍ଥନୀତି ୨୦୦୮ ଆର୍ଥିକ ମାନ୍ଦାବସ୍ଥାରୁ ଭାରତୀୟ ଅର୍ଥବ୍ୟବସ୍ଥାକୁ ସୁରକ୍ଷା ଦେବାରେ ସହାୟକ ହେଲା ସତ; କିନ୍ତୁ ଖାଉଟି-ଭାରତୀୟର ଛାପ ସୃଷ୍ଟି କରିଗଲା। ଫଳ ହେଲା ଆଜି ଭାରତରେ ବିଶ୍ୱର ସର୍ବାଧିକ ବିଜ୍ଞାପନ ଓ ବହୁଦେଶୀୟ କମ୍ପାନୀଙ୍କ ଭିଡ଼ ବଢ଼ିବାରେ ଲାଗିଛି।

ଆର୍ଥିକ ମାନ୍ଦାବସ୍ଥା ପରେ ପରେ ୨୦୧୦ରେ ଚୀନ୍ ଏକ ଅଭିନବ ଉତ୍ପାଦନ ନୀତି ଆପଣେଇଲା। ଅପେକ୍ଷାକୃତ କମ୍ ମୂଲ୍ୟଯୁକ୍ତ ସାମଗ୍ରୀ ନିର୍ମାଣକୁ ଭାରତ, ବାଂଲାଦେଶ, ମେକ୍ସିକୋ, ଭିଏତ୍‌ନାମ ପରି ସୁଲଭ ଶ୍ରମଭିତ୍ତିକ ଦେଶକୁ ସ୍ଥାନାନ୍ତରିତ କରି ଉଚ୍ଚମୂଲ୍ୟଯୁକ୍ତ ନିର୍ମାଣ, ଅଭିନବତା ଓ ବୈଷୟିକ ଜ୍ଞାନକୌଶଳ ଭିତ୍ତିକ ଉତ୍ପାଦ ସବୁକୁ ନିଜ ଦେଶରେ ରଖିଲା। ସେଥିପାଇଁ ଆଜି ଏଆଇ, ମେସିନ ଲର୍ଣ୍ଣିଂ, ସବୁଜ ଶକ୍ତି ଆଦି କ୍ଷେତ୍ରରେ ଚୀନ୍ ଆମେରିକା ସହିତ କାନ୍ଧ ମିଳାଇବାର ଯୋଗ୍ୟତା ଅର୍ଜନ କରିପାରିଛି। ଚୀନ୍‌ର ଉତ୍ପାଦନ ନୀତିକୁ ସେତେବେଳେ କେତେକ ବିକାଶଶୀଳ ଦେଶ ଆପଣେଇଥିଲେ ମଧ୍ୟ ଆମେ ଆମ ମାତ୍ରାଧିକ ଆତ୍ମବିଶ୍ୱାସ ଏବଂ ଖର୍ବକାୟ ଶିଳ୍ପ-ବାଣିଜ୍ୟ ନୀତିକୁ ଜାବୁଡ଼ି ଧରି ସେଥିରୁ ଦୂରେଇ ରହିଲୁ। ଯଦି ଆମେ ସେତେବେଳେ ଚୀନ୍ ସୁଲଭ ବିଶ୍ୱ ନିର୍ମାଣ ହବ୍ ପ୍ରତିଷ୍ଠା କରି ଭାରତୀୟ ଉତ୍ପାଦକୁ ବହୁମୁଖୀ କରିଥା'ନ୍ତୁ ଏବେ ସେହିସବୁ କେନ୍ଦ୍ରରୁ ଉତ୍ପାଦିତ ଭାରତୀୟ ସାମଗ୍ରୀ ଶୁଳ୍କ କଟକଣାରୁ ମୁକ୍ତ ରହି ଆମେରିକା ବଜାରରେ ତୁଳନାତ୍ମକ ଭାବେ କମ୍ ମୂଲ୍ୟରେ ପ୍ରବେଶ କରିପାରିଥା'ନ୍ତା ଏବଂ ଭାରତୀୟ ବାଣିଜ୍ୟ-ଅର୍ଥନୀତିକୁ ଚିନ୍ତାମୁକ୍ତ କରିପାରିଥା'ନ୍ତା।

ଖାଉଟି-ଭାରତୀୟରୁ ଉତ୍ପାଦକ-ଭାରତୀୟ ହେବାର ରାସ୍ତାରେ ଆଉ ଏକ ପ୍ରତିବନ୍ଧକ ଥିଲା ଆମ ରାଜନୈତିକ ସ୍ଥିତି ଓ ଶାସନ ବ୍ୟବସ୍ଥା। ବିଗତ ଶତାବ୍ଦୀର ଶେଷ ଦଶନ୍ଧିରୁ ଚଳିତ ଶତାବ୍ଦୀର ପ୍ରଥମ ଦେଢ଼ ଦଶନ୍ଧିରେ ମେଣ୍ଟ ସରକାରର ବାଧ୍ୟବାଧକତା ଯୋଗୁଁ ଅନେକ ଅତ୍ୟାବଶ୍ୟକ ଓ ଯୁଗୋପଯୋଗୀ ନୀତିଗତ ସଂସ୍କାର କାର୍ଯ୍ୟକାରୀ ହୋଇପାରିଲା ନାହିଁ। ପରବର୍ତ୍ତୀ ଦଶନ୍ଧିରେ ମେଣ୍ଟ ଶାସନର ବାଧ୍ୟବାଧକତା ଦୂର ହେଲା, ଅଥଚ କେନ୍ଦ୍ରରେ ବିରୋଧୀ ପ୍ରଭାବଶୂନ୍ୟ ନିରଙ୍କୁଶ ଶାସନ ନୀତିଗତ ସଂସ୍କାର ଦିଗରେ ମନ ବଳାଇଲା ନାହିଁ। ସଂସ୍କାର ସହିତ ପ୍ରତିଯୋଗିତାର ତୀବ୍ରତା ଜଡ଼ିତ ଥିବାରୁ ଭାରତୀୟ ଶିଳ୍ପ ଜଗତକୁ ସରକାର ଅସନ୍ତୁଷ୍ଟ କରିବାକୁ ଚାହିଁଲେ ନାହିଁ, ଯାହାର ପରାଭବ ଆମକୁ ଆଜି ଭୋଗ କରିବାକୁ ପଡୁଛି।

୨୦୧୪ରେ ଆମେ ଆତ୍ମନିର୍ଭରଶୀଳତାର ସ୍ଲୋଗାନ୍ ଦେଇ 'ମେକ୍ ଇନ୍ ଇଣ୍ଡିଆ' ଅଭିଯାନ ଆରମ୍ଭ କଲୁ। ଆଶା ଥିଲା ଖାଉଟି-ଭାରତର ଅପବାଦ ଲିଭି ଉତ୍ପାଦକର ସମ୍ମାନ ମିଳିବ। କିନ୍ତୁ ଆମେ 'ମେକ୍ ଇନ୍ ଇଣ୍ଡିଆ'ର ପ୍ରଚାରରେ ଯେତିକି ମୁଖର ହେଲୁ ବାସ୍ତବତାଠାରୁ ସେତିକି ଦୂରେଇଗଲୁ। ଅପରପକ୍ଷରେ ପ୍ରତିବେଶୀ ଚୀନ୍ ଡବ୍ଲୁଟିଓର ନୀତି ଓ ସର୍ତ୍ତର ଉର୍ଦ୍ଧ୍ୱରେ ତା'ର ଉତ୍ପାଦକଙ୍କୁ ସରକାରୀ ପ୍ରୋତ୍ସାହନ ଓ ସୁରକ୍ଷା ଦେଇ ବିଶ୍ୱ ପ୍ରତିଯୋଗୀକ୍ଷମ କରିବା ପାଇଁ 'ମେକ୍ ଇନ୍ ଚୀନ୍-୨୦୨୫' ଯୋଜନାକୁ ସମ୍ପୂର୍ଣ୍ଣ ଗୋପନ ରଖିଲା। ପୁଣି ବିଦେଶୀ ନିବେଶକମାନଙ୍କ ପାଇଁ ବୈଷୟିକ ଜ୍ଞାନକୌଶଳ ହସ୍ତାନ୍ତର ଭଳି କଠୋର ସର୍ତ୍ତ ଧାର୍ଯ୍ୟ କଲା। ଏ ବିଷୟରେ ଅବଶିଷ୍ଟ ବିଶ୍ୱ ଜାଣିବା ବେଳକୁ ଚୀନ୍‌ର ସାମଗ୍ରୀ ବିଶ୍ୱବଜାରରେ ଆଧିପତ୍ୟ ବିସ୍ତାର କରିସାରିଥିଲା। ଏପରିକି ଭାରତରେ ଉତ୍ପାଦିତ ନିର୍ମାଣ ସାମଗ୍ରୀ ତୁଳନାରେ ଚୀନ୍‌ରୁ ଆମାଦାନୀ ସାମଗ୍ରୀ ବହୁ କମ୍ ଦାମରେ ଉପଲବ୍ଧ। ବିଶ୍ୱ ଅର୍ଥନୈତିକ ମଞ୍ଚର ସୂଚନା ଅନୁଯାୟୀ, ସମ୍ପ୍ରତି ଚୀନ୍ ବିଶ୍ୱର ସବୁଜ ଜ୍ଞାନକୌଶଳର ୭୫%, ସୌରଚାଳିତ ଶକ୍ତିର ୮୦%, ଇଭିରେ ସିଂହଭାଗ ଦଖଲ କରିସାରିଛି। ରୋବୋଟିକ୍ ଓ ଇଞ୍ଜିନିୟରିଂରେ ଆମେରିକା ସହିତ ପାଦ ମିଳାଇ ପାରିଛି। ୧୯୯୬ରେ ବିଶ୍ୱ ରପ୍ତାନିଭିତ୍ତିକ ଉତ୍ପାଦନରେ ମାତ୍ର ୪% ଅବଦାନ ଥିବା ଚୀନ୍‌ର ଅଂଶ ଏବେ ୩୦%। ଭାରତର ଅଂଶ ୧.୮%ରୁ ସାମାନ୍ୟ ଅଧିକ।

ଆମର ଖାଉଟି ମାନସିକତା, ଉତ୍ପାଦନରେ ନୀତିଗତ ଜଡ଼ତା ଓ ବିକଳ୍ପ ସନ୍ଧାନର କାତରତା ଯୋଗୁଁ ବିଗତ ୩୩ ବର୍ଷ ଧରି ଆମର ହାରାହାରି ଅଭିବୃଦ୍ଧି ହାର ୬.୨%ରେ ସୀମିତ। ଗତ ଦୁଇଦଶନ୍ଧି ମଧ୍ୟରେ ଆମ ଦେଶରେ ପ୍ରତ୍ୟକ୍ଷ ବୈଦେଶିକ ପୁଞ୍ଜି ନିବେଶ(ଏଫ୍‌ଡିଆଇ) ପରିମାଣ ଜିଡିପିର ହାରାହାରି ୨-୨.୫%। ଏବେ ତାହା ୧୯୯୦ ପୂର୍ବ ସ୍ଥିତି ୧%କୁ ହ୍ରାସ ପାଇଛି। ଏଫ୍‌ଡିଆଇର ଶିଥିଳତା ପଛରେ ମଧ୍ୟ ଥିଲା ଆମର ମାତ୍ରାଧିକ ଆତ୍ମବିଶ୍ୱାସ ପ୍ରେରିତ ନୀତିଗତ ନିଷ୍ପତ୍ତି ବା 'ଦ୍ୱିପାକ୍ଷିକ ନିବେଶ ଚୁକ୍ତି(ବିଆଇଟି)।' ୨୦୧୫ରେ ପ୍ରଣୀତ ଏହି ନୀତି ଅନୁଯାୟୀ ଯଦି ବିଦେଶୀ ଓ ଘରୋଇ ସଂସ୍ଥାଙ୍କ ଦ୍ୱାରା ପ୍ରତିଷ୍ଠିତ ଯୌଥ ଉଦ୍ୟୋଗରୁ କୌଣସି ସଂସ୍ଥା ଓହରିବାକୁ ଚାହାନ୍ତି ତେବେ ସେମାନେ ଭାରତୀୟ ନ୍ୟାୟାଳୟର ଦ୍ୱାରସ୍ଥ ହେବାକୁ ବାଧ୍ୟ। ଏହି ନୀତି ପ୍ରଣୟନ ବେଳେ ଆମେ ନିଶ୍ଚିତ ହୋଇସାରିଥିଲୁ ଯେ ଆମର ବିଶାଳ ଖାଉଟି ବଜାର ପ୍ରତି ଆକୃଷ୍ଟ ହୋଇ ଯେକୌଣସି ବିଦେଶୀ ସଂସ୍ଥା ଆମ ମାଟିରେ ଶିଳ୍ପ ପ୍ରତିଷ୍ଠା କିମ୍ବା ନିବେଶ କରିବା ପାଇଁ ଧାଇଁ ଆସିବେ, ଯାହାଙ୍କୁ ଆମେ ଆମ ଆଇନ କାନୁନ୍ ଦ୍ୱାରା ବାନ୍ଧି ରଖିପାରିବୁ। କିନ୍ତୁ ଆମ ବିଳମ୍ବିତ ନ୍ୟାୟିକ ପ୍ରକ୍ରିୟା ଯୋଗୁଁ ବିଦେଶୀ ସଂସ୍ଥା ତ ଏହି ସର୍ତ୍ତରେ ରାଜି ହେଲେ ନାହିଁ, ଅଧିକନ୍ତୁ ଯୌଥ ଉଦ୍ୟୋଗର ଭାରତୀୟ ସଂସ୍ଥାମାନେ ବିଦେଶୀ ବିଚାର ବ୍ୟବସ୍ଥା ଅଧୀନସ୍ଥ ହେବାକୁ ଅଧିକ ଇଚ୍ଛୁକ ହେଲେ।

ଆମେ ଏବେ ଔଷଧ ଉତ୍ପାଦନ ଓ ରପ୍ତାନୀରେ ଅଗ୍ରଣୀ ରାଷ୍ଟ୍ର, ଅଥଚ ଏହାର କଞ୍ଚାମାଲ୍‌ର ୮୦% ଚୀନ୍ ଉପରେ ନିର୍ଭରଶୀଳ। ଆମର ଯେଉଁ ରପ୍ତାନିଭିତ୍ତିକ ବୟନ ଶିଳ୍ପ ଆମେରିକା ବଜାରରେ ଆଦୃତ ବୋଲି ଦାବି କରୁଛୁ, ତାହାର କଞ୍ଚାମାଲ୍ ବା କପାର ସିଂହଭାଗ ଆମେରିକାରୁ ଆସୁଛି। ଆମ ପରିସ୍ଥିତି ଏପରି ହୋଇଛି ଯେ ଆମେରିକା ଭାରତୀୟ ଉତ୍ପାଦ ଉପରେ ୫୦% ଆମଦାନୀ ଶୁଳ୍କ ଲାଗୁ କରିଥିବା ବେଳେ ଆମେ ଚଳିତ ବର୍ଷ ଶେଷ ପର୍ଯ୍ୟନ୍ତ ୦% ଶୁଳ୍କରେ ଆମେରିକାରୁ କପା ଆମଦାନୀ ପାଇଁ ଅନୁମତି ଦେଇଛୁ। ଏଥିରୁ ଆତ୍ମନିର୍ଭର ଭାରତର ବିବଶତା କେତେ ତାହାର ଅଧିକ ବିଶ୍ଳେଷଣ ଅନାବଶ୍ୟକ।

କୃଷି କ୍ଷେତ୍ରରେ ମଧ୍ୟ ସମାନ ସ୍ଥିତି। ଅଶୋଧିତ ତୈଳ ପରେ ଡାଲି ଓ ଖାଇବା ତେଲ ଚାହିଦା ପୂରଣ ପାଇଁ ଆମେ ଆମଦାନୀ ଉପରେ ନିର୍ଭରଶୀଳ। ଭାରତରେ ଡାଲି ଉତ୍ପାଦନ ପାଇଁ ପର୍ଯ୍ୟାପ୍ତ ସୁବିଧା ସୁଯୋଗ ଥିଲେ ମଧ୍ୟ ନୀତିଗତ ବୈଷମ୍ୟ ଆମ ଆମଦାନୀ ନିର୍ଭରଶୀଳତାକୁ ବୃଦ୍ଧି କରିଚାଲିଛି। ଉଦାହରଣସ୍ୱରୂପ ମୁଗଡାଲିର ଏମ୍‌ଏସ୍‌ପି କ୍ୱିଣ୍ଟାଲ୍ ପିଛା ୮, ୬୮୨ ଟଙ୍କା ଥିବା ବେଳେ ଖୋଦ୍ ସରକାରୀ ସଂସ୍ଥା ଖୋଲା ବଜାରରୁ କ୍ୱିଣ୍ଟାଲ୍ ପିଛା ୬ ହଜାର ଟଙ୍କାରେ କିଣୁଛି। ସୋୟାବିନ୍‌ର ମଧ୍ୟ ସମାନ ଅବସ୍ଥା। ଏଭଳି ସ୍ଥିତିରେ ଚାଷୀମାନେ କେବଳ ଏମ୍‌ଏସ୍‌ପି ପ୍ରାଧାନ୍ୟ ଧାନ ଓ ଗହମ ଉପରେ ଅଧିକରୁ ଅଧିକ ଧ୍ୟାନ କେନ୍ଦ୍ରିତ କରିବା ସ୍ୱାଭାବିକ। ସେହିପରି ଆମେ ଏବେ ମୋଟ ଖାଇବା ତେଲ ଚାହିଦାର ମାତ୍ର ୪୦% ଉତ୍ପାଦନରେ ସକ୍ଷମ ଥିବା ବେଳେ ୬୦% ଆମଦାନୀ ଦ୍ୱାରା ପୂରଣ ହେଉଛି। ବିଡ଼ମ୍ବନା ହେଲା ଆମଦାନୀ ଭିତ୍ତିକ ଖାଇବା ତେଲ ଘରୋଇ ଉତ୍ପାଦ ତୁଳନାରେ ବହୁ ଶସ୍ତାରେ ମିଳୁଛି।

ଏବେ ସମୟ ଆସିଛି ଆମେ ଉପଭୋକ୍ତାରୁ ଉତ୍ପାଦକ ହେବାର ମାନସିକତାକୁ ଉନ୍ନୀତ ହେବାକୁ ପଡ଼ିବ। ଏଥିପାଇଁ ଶିଳ୍ପଗୋଷ୍ଠୀ, ଶ୍ରମବଜାର ଓ ସର୍ବୋପରି ନୀତି ନିର୍ଦ୍ଧାରକଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। କିନ୍ତୁ ଯେଉଁ ଦେଶର ଭୋଟ ରାଜନୀତିରେ ୮୦ କୋଟି ପରିବାରକୁ ମାଗଣା ରାସନ୍ ଜରିଆରେ ଖାଉଟି ବ୍ୟବସ୍ଥାର ବାଧ୍ୟବାଧକତା ଭିତରକୁ ଠେଲି ଦିଆଯାଇଛି, ସେଠାରେ ଉତ୍ପାଦକ ମନସ୍କ ପରିବେଶ ସୃଷ୍ଟି ହେବ କେବେ ଓ କେମିତି?


ଭୁବନେଶ୍ୱର, ମୋ: ୯୩୩୮୦୮୭୯୦୦

# ୟୁରାନସର ୨୯ ତମ ଚନ୍ଦ୍ର

**ଡ. ବିଜୟ କେତନ ପଟ୍ଟନାୟକ**

ୟୁରାନ୍ସ ସୌରମଣ୍ଡଳର ସପ୍ତମ ଗ୍ରହ। ସୌର ମଣ୍ଡଳର କେନ୍ଦ୍ରବିନ୍ଦୁ ସୂର୍ଯ୍ୟଙ୍କଠାରୁ ଦୂରତା କ୍ରମରେ ବୁଧ, ଶୁକ୍ର, ପୃଥିବୀ, ମଙ୍ଗଳ, ବୃହସ୍ପତି, ଶନି ଓ ସପ୍ତମରେ ୟୁରାନ୍ସ ଗ୍ରହର ଅବସ୍ଥିତି। ୟୁରାନ୍ସ ପଛକୁ ରହିଛି ନେପଚୁନ୍ ଓ ବାମନ ଗ୍ରହ ପ୍ଲୁଟୋ। ସୂର୍ଯ୍ୟଙ୍କଠାରୁ ଏହି ଗ୍ରହର ଦୂରତା ହାରାହାରି ୨.୮୭ ବିଲିୟନ କିଲୋମିଟର (୧ବିଲିୟନ=୧୦୦ କୋଟି)। ସୂର୍ଯ୍ୟଙ୍କ ଠାରୁ ଉତ୍ପନ୍ନ ସୂର୍ଯ୍ୟକିରଣ ୟୁରାନ୍ସ ଗ୍ରହରେ ପହଞ୍ଚିବାକୁ ସମୟ ଲାଗେ ୨ଘଣ୍ଟା ୪୦ ମିନିଟ୍। ଏହି ଗ୍ରହଟିକୁ ବରଫାବୃତ ଗ୍ରହ କୁହାଯାଏ। କାରଣ ଗ୍ରହରେ ମହଜୁଦ୍ ଆମୋନିଆ, ମିଥେନ୍ ଗ୍ୟାସ୍, ଜଳ ଓ ହାଇଡ୍ରୋକାର୍ବନ ହିମୀକୃତ ଅବସ୍ଥାରେ ଅଛି। ସୂର୍ଯ୍ୟଙ୍କ ଚାରିପଟେ ଥରେ ଘୂରି ଆସିବାକୁ ୟୁରାନ୍ସକୁ ଆମ ପୃଥିବୀର ବର୍ଷ ଅନୁପାତରେ ୮୪ ବର୍ଷ ବା ୩୦, ୬୮୭ ଦିନ ସମୟ ଲାଗିଥାଏ। ପ୍ରଦକ୍ଷିଣ ସମୟରେ ଗ୍ରହର ବେଗ ଘଣ୍ଟା ପ୍ରତି ୨୪, ୬୦୭ କିଲୋମିଟର ଅଟେ। ନିଜର ଅକ୍ଷଦଣ୍ଡ ସହ ୯୮ ଡିଗ୍ରୀ ବକ୍ର ରହିଥିବାରୁ, ପ୍ରଦକ୍ଷିଣ ସମୟରେ ଏହାର ମେରୁ ଅଞ୍ଚଳ ଯଥାକ୍ରମେ ୪୨ ବର୍ଷ ଧରି ସୂର୍ଯ୍ୟାଲୋକ ପ୍ରାପ୍ତ ହୁଏ ଏବଂ ୪୨ ବର୍ଷ ଅନ୍ଧକାରାଚ୍ଛନ୍ନ ରୁହେ।

ଅଷ୍ଟାଦଶ ଶତାବ୍ଦୀର ଦ୍ୱିତୀୟାର୍ଦ୍ଧରେ ୟୁରାନ୍ସର ଦୁଇଟି




ଚନ୍ଦ୍ର ଟାଇଟାନିଆ ଓ ଓବେରନ୍ ଆବିଷ୍କୃତ ହୋଇଥିଲେ। ୧୭୮୭ ମସିହାରେ ଜ୍ୟୋତିର୍ବିଜ୍ଞାନୀ 'ହରଶ୍ଚେଲ' ଏହାକୁ ପ୍ରଥମେ ଠାବ କରିଥିଲେ। ଉପଗ୍ରହ 'ଟାଇଟାନିଆ' ବୃହତ୍ତମ। ଏହାର ବ୍ୟାସ ୧୫୭୮ କିଲୋମିଟର। ସୌରମଣ୍ଡଳର ଅନ୍ୟ ଗ୍ରହମାନଙ୍କର ଚନ୍ଦ୍ର ମଧ୍ୟରେ ଏହି ଉପଗ୍ରହଟି ଅଷ୍ଟମ ସର୍ବାଧିକ ବୃହତ୍ତମ। ପୃଥିବୀର ଉପଗ୍ରହ ଚନ୍ଦ୍ରର ବସ୍ତୁତ୍ୱ ତୁଳନାରେ ଟାଇଟାନିଆର ବସ୍ତୁତ୍ୱ ୨୦ ଭାଗରୁ ୧ ଭାଗ।

ଗତ ଅଗଷ୍ଟ ୨୦ ତାରିଖରେ ଜେମ୍ସ ୱେବ ସ୍ପେସ୍ ଟେଲେସ୍କୋପ ଠାବ କରିଥିବା ଉପଗ୍ରହକୁ ମିଶାଇ ବର୍ତ୍ତମାନ ସୁଦ୍ଧା ୟୁରାନ୍ସ ଗ୍ରହର ଉପଗ୍ରହ ବା ଚନ୍ଦ୍ର ସଂଖ୍ୟା ୨୯ ରେ ପହଞ୍ଚିଛି। ଏହି ୨୯ ତମ ଉପଗ୍ରହର ବ୍ୟାସ ୯.୭ କିଲୋମିଟର ଏବଂ ପ୍ରତି ୯.୬ ଘଣ୍ଟାରେ ଏହା ମୂଳ ଗ୍ରହ ୟୁରାନ୍ସକୁ ପ୍ରଦକ୍ଷିଣ କରିଥାଏ। ୟୁରାନ୍ସର ୨୯ଟି ଚନ୍ଦ୍ରଙ୍କ ମଧ୍ୟରୁ ୫ଟି ବୃହତ୍ ବା ପ୍ରମୁଖ, ୧୪ଟି ଆଭ୍ୟନ୍ତରୀଣ ଏବଂ ଅନ୍ୟ ଦଶଟି ଅନିୟମିତ। ବୃହତ୍ ଚନ୍ଦ୍ରଙ୍କ ମଧ୍ୟରେ ଦୁଇଟିର ଆବିଷ୍କାର ୧୭୮୭ ମସିହାରେ ଜ୍ୟୋତିର୍ବିଜ୍ଞାନୀ ୱିଲିୟମ ହରଶ୍ଚେଲ୍ କରିଥିବା ବେଳେ ଅନ୍ୟ ତିନୋଟି ଅଣ୍ଡାକୃତି ଉପଗ୍ରହ ଯଥାକ୍ରମେ ୧୮୫୧ ମସିହାରେ ୱିଲିୟମ ଲାସେଲ ଏବଂ ୧୯୪୮ରେ ଗୋରାର୍ଡ କୁପର କରିଥିଲେ। ଏହି ତିନୋଟି ଉପଗ୍ରହର ନାମ ମିରାଣ୍ଡା, ଏରିଏଲ୍ ଓ ଆମ୍ବ୍ରିଏଲ୍। ୧୯୮୫ ମସିହା ପରେ ଅନ୍ୟ ଉପଗ୍ରହଗୁଡ଼ିକୁ 'ଭଏଜର-୨' ମହାକଶ ଯାନରୁ ଏବଂ ଭୂପୃଷ୍ଠରୁ ଉନ୍ନତ ଶକ୍ତିଶାଳୀ ଦୂରବୀକ୍ଷଣ ଯନ୍ତ୍ର ଯଥା ହବଲ୍ ସ୍ପେଶ୍ ଟେଲେସ୍କୋପ ଦ୍ୱାରା ଆବିଷ୍କୃତ ହୋଇଥିଲା। କିନ୍ତୁ ନିକଟରେ ଅଧିକ ଶକ୍ତିଶାଳୀ ଜେମ୍‌ସ ୱେବ ଟେଲେସ୍କୋପ ସାହାଯ୍ୟରେ ଠାବ କରାଯାଇଥିବା ୨୯ ତମ ଚନ୍ଦ୍ରଟି ଆକୃତିରେ ଏତେ ଛୋଟ ଯେ ତାହା ସେ ସମୟରେ ଅନାବିଷ୍କୃତ ହୋଇ ରହିଯାଇଥିଲା।

ଆମେରିକାର ମାନହାଟନ ସହରଠାରୁ ଯଥେଷ୍ଟ ଛୋଟ ଏହି ଉପଗ୍ରହଟି ବୈଷୟିକ ନାମକରଣ କରାଯାଇଛି ଏସ୍ / ୨୦୨୫ ୟୁ-୧। କିନ୍ତୁ ବିଧିବଦ୍ଧ ଭାବରେ ଏହାର ନାମକରଣ କରିବେ ଆନ୍ତର୍ଜାତୀୟ ଜ୍ୟୋତିର୍ବିତ ସଂଘ। ପୂର୍ବରୁ ୱିଲିୟମ ହରଶ୍ଚେଲ୍ ଆବିଷ୍କାର କରିଥିବା ଦୁଇଟି ଚନ୍ଦ୍ରର ନାମକରଣ ଗ୍ରୀକ୍ ପୌରାଣିକ ଚରିତ୍ର ଉପରେ ପର୍ଯ୍ୟବସିତ ନ କରି ତତ୍କାଳୀନ ଇଂରାଜୀ ସାହିତ୍ୟର ଖ୍ୟାତନାମା ଚରିତ୍ରକୁ ନେଇ ନାମିତ କରିଥିଲେ। ତଦନୁଯାୟୀ ୱିଲିୟମ ସେକ୍ସପିୟରଙ୍କ 'ଏମିଡ୍ ସମର ନାଇଟସ୍ ଡ୍ରିମ' ଏବଂ ଆଲେକଜାଣ୍ଡାର ପୋଲାଙ୍କ 'ଦ ରେପ୍ ଅଫ୍ ଦ ଲକ୍' ପୁସ୍ତକରୁ ନିଆଯାଇଥିଲା। ଅନ୍ୟ ସମସ୍ତ ଉପଗ୍ରହଙ୍କର ନାମକରଣ ମଧ୍ୟ ସେକ୍ସପିୟର 'ଦଟେମ୍ପେଷ୍ଟ ଏବଂ 'ଏମିଡ୍ ସମର ନାଇଟସ୍ ଡ୍ରିମ୍' ଏବଂ ଆଲେକ୍ଜାଣ୍ଡାଲ ପୋଲାଙ୍କ 'ଦ ରେପ୍ ଅଫ୍ ଦ ଲକ୍' ପୁସ୍ତକରୁ ନିଆଯାଇଥିଲା। ଅନ୍ୟ ସମସ୍ତ ଉପଗ୍ରହଙ୍କର ନାମକରଣ ମଧ୍ୟ ସେକ୍ସପିୟରଙ୍କ 'ଦ ଟେମ୍ପେଷ୍ଟ' ଓ 'ମଚ୍ ଏଡୋ ଆବାଉଟ୍ ନଥିଙ୍ଗ' ପୁସ୍ତକର ଚରିତ୍ରରୁ ନିଆଯାଇଛି। ଆଶା କରାଯାଏ ୟୁରାନ୍ସ ଗ୍ରହର ୨୯ ତମ ଚନ୍ଦ୍ରର ନାମକରଣ ମଧ୍ୟ ପୂର୍ବ ପ୍ରଥାନୁଯାୟୀ ଇଂରାଜୀ ସାହିତ୍ୟର ଏକ ବଳିଷ୍ଠ ଚରିତ୍ରକୁ ନେଇ କରାଯାଇପାରେ।

(ପୂର୍ବତନ ପି.ସି.ସି.ଏଫ୍, ଓଡ଼ିଶା)
ଭୁବନେଶ୍ୱର, ମୋ: ୯୪୩୭୦୦୦୯୦୪

# ହନୁମାନଙ୍କ ସହ ପୂଜା ପାଆନ୍ତି ଅହିରାବଣ ଓ ମହିରାବଣ

**ଓଜସ୍ୱିନୀ**

**ବିଚିତ୍ର ବିଶ୍ୱାସ**

ଭାରତର ଧର୍ମବିଶ୍ୱାସର ବୈଚିତ୍ର୍ୟ ଯୋଗୁଁ କେବଳ ଦେବୀଦେବତା ନୁହନ୍ତି, ଅସୁରଅସୁରୁଣୀମାନେ ମଧ୍ୟ କାହିଁ କେଉଁ କାଳରୁ ପୂଜା ପାଇ ଆସୁଛନ୍ତି। ଏହି ଦେବଲୀଳାଭୂମିରେ ଭକ୍ତ ଓ ଶ୍ରଦ୍ଧାଳୁଙ୍କ ବିଶ୍ୱାସ ଆସୁରିକ ଶକ୍ତିକୁ ଈଶ୍ୱରୀୟ ଶକ୍ତିରେ ପରିଣତ କରିଦେଇଛି। କେତେକ ମନ୍ଦିରରେ ଅସୁର ପୂଜା ପାଉଥିବା ବେଳେ ଆଉ କେତେକ ସ୍ଥାନରେ ଦେବଦେବୀଙ୍କ ସହ ଅସୁରମାନେ ପୂଜିତ ହେଉଛନ୍ତି। ଏହିକ୍ରମରେ ଭାରତରେ ଅହିରାବଣ ଓ ମହିରାବଣ ପୂଜା ପାଇବା ଅବିଶ୍ୱସନୀୟ ନୁହେଁ।

ପୌରାଣିକ କଥା ଅନୁସାରେ ଅହିରାବଣ ଓ ମହିରାବଣ ହେଉଛନ୍ତି ରାବଣଙ୍କ ଦୁଇ ଭ୍ରାତା। ଆସୁରିକ ପ୍ରବୃତ୍ତି ସତ୍ତ୍ୱେ ଭାରତର ଅନେକ ସ୍ଥାନରେ ଏହି ଦୁଇ ଅସୁରଙ୍କୁ ପୂଜା କରାଯାଉଛି। ଭାରତରେ କେତେକ ପଞ୍ଚମୁଖୀ ହନୁମାନ ମନ୍ଦିରରେ ହନୁମାନଙ୍କ ସହିତ ଏହି ଅସୁରଦ୍ୱୟ ପୂଜା ପାଇଥା'ନ୍ତି। ଏହିସବୁ ମନ୍ଦିରରେ ଭକ୍ତମାନେ ପୂଜାର୍ଚ୍ଚନା କରିବା ଦ୍ୱାରା କର୍ମପଥରେ ଆସୁଥିବା ବାଧାବିଘ୍ନ ଦୂର ହେବା ସହିତ ଶତ୍ରୁଭୟ ରହେ ନାହିଁ ଏବଂ ଜୀବନର ପ୍ରତ୍ୟେକ କ୍ଷେତ୍ରରେ ବିଜୟଲାଭ ହୋଇଥାଏ ବୋଲି ବିଶ୍ୱାସ ଅଛି। ଏଭଳି ଗୋଟିଏ ମନ୍ଦିର ହେଉଛି - ଚିନ୍ତାହରଣ ହନୁମାନ ମନ୍ଦିର।

ଉତ୍ତର ପ୍ରଦେଶର ଝାନ୍ସୀ ନିକଟସ୍ଥ ପଞ୍ଚକୁଇଁଆ ଅଞ୍ଚଳରେ ଥିବା 'ଚିନ୍ତାହରଣ ହନୁମାନ ମନ୍ଦିର'ରେ ହନୁମାନଙ୍କର ୫ଫୁଟ ଉଚ୍ଚତା ବିଶିଷ୍ଟ ପ୍ରତିମା ରହିଛି ଏବଂ ତାଙ୍କର ଦୁଇ କାନ୍ଧ ଉପରେ ପ୍ରଭୁ ଶ୍ରୀରାମ ଓ ଲକ୍ଷଣ ବିରାଜମାନ କରିଛନ୍ତି। ହନୁମାନଙ୍କ ପାଦ ତଳେ ଜଣେ ତନ୍ତ୍ର ଦେବୀ ଅଛନ୍ତି। ପ୍ରାୟ ୩୦୦ ବର୍ଷ ପୁରୁଣା ଏହି ମନ୍ଦିରରେ ହନୁମାନଙ୍କ ସହିତ ଅହିରାବଣ ଓ ତାଙ୍କ ଭାଇ ମହିରାବଣ ମଧ୍ୟ ପୂଜା ପାଇ ଆସୁଛନ୍ତି। ସ୍ଥାନୀୟ ଲୋକଙ୍କ ବିଶ୍ୱାସ ରହିଛି ଯେ, ମଙ୍ଗଳବାର ଦିନ ମନ୍ଦିରରେ ଅଟାରେ ପ୍ରସ୍ତୁତ ଦୀପ ପ୍ରଜ୍ୱଳନ ଦ୍ୱାରା ସମସ୍ତ ମନସ୍କାମନା ପୂର୍ଣ୍ଣ ହୋଇଥାଏ।

ଏହି ମନ୍ଦିରର ବିଶେଷତ୍ୱ ହେଉଛି, ମନସ୍କାମନା ପୂର୍ଣ୍ଣ ହେବା ପରେ ଭକ୍ତମାନେ ଯେଉଁ ବସ୍ତୁ ଦାନ କରନ୍ତି, ସେଗୁଡ଼ିକ ହନୁମାନଙ୍କ ସହିତ ଅହିରାବଣ ଓ ମହିରାବଣଙ୍କୁ ସମର୍ପଣ କରାଯାଏ। ମନ୍ଦିରର ଆଉ ଏକ ବିଶେଷତ୍ୱ ହେଉଛି, ପୂଜାରୀଙ୍କ ବ୍ୟତୀତ ମୂର୍ତ୍ତିକୁ କେହି ମଧ୍ୟ ସ୍ପର୍ଶ କରିପାରିବେ ନାହିଁ। ମନ୍ଦିର ନିକଟରେ ହନୁମାନଙ୍କ ପୁତ୍ର ମକରଧ୍ୱଜଙ୍କର ମଧ୍ୟ ଗୋଟିଏ ମନ୍ଦିର ଅଛି। ହନୁମାନ ଓ ଅହିରାବଣ ମଧ୍ୟରେ ହୋଇଥିବା ଯୁଦ୍ଧ ଆଧାରରେ ଏହି ମୂର୍ତ୍ତି ନିର୍ମାଣ ହୋଇଛି ବୋଲି କୁହାଯାଏ।

ରାମାୟଣର ଲଙ୍କାକାଣ୍ଡରେ ବର୍ଣ୍ଣିତ ଏକ କଥା ଅନୁଯାୟୀ ଶ୍ରୀରାମ ଓ ରାବଣଙ୍କ ଯୁଦ୍ଧ ସମୟରେ ମହିରାବଣ ମାୟାବୀ ଶକ୍ତିର ପ୍ରୟୋଗ କରି ଶ୍ରୀରାମଙ୍କ ସେନାରେ ଯୋଗ ଦେଇଥିଲେ। ରାତ୍ରିରେ ସେ ଶ୍ରୀରାମ ଓ ଲକ୍ଷଣଙ୍କୁ ମୂର୍ଚ୍ଛିତ କରି ଅପହରଣ କରିନେଇ ପାତାଳଲୋକ ଚାଲି ଯାଇଥିଲେ। ପାତାଳଲୋକରେ ମହିରାବଣ ଓ ଅହିରାବଣ ପ୍ରଭୁ ଶ୍ରୀରାମ ଓ ଲକ୍ଷଣଙ୍କୁ ବଳି ଦେବା ପାଇଁ ଯୋଜନା କରିଥିଲେ। ରାତିପାହିବା ପରେ ଶ୍ରୀରାମ ଓ ଲକ୍ଷଣଙ୍କୁ ନଦେଖି ବାନରସେନା ସନ୍ଧାନ ଆରମ୍ଭ କଲେ। ସଙ୍କଟମୋଚନ ଭକ୍ତଶ୍ରେଷ୍ଠ ହନୁମାନ ଦିବ୍ୟଦୃଷ୍ଟି ଦ୍ୱାରା ମହିରାବଣଙ୍କ ସମ୍ପର୍କରେ ଜାଣିବା ପରେ ଶ୍ରୀରାମ ଓ ଲକ୍ଷଣଙ୍କୁ ଉଦ୍ଧାର କରିବା ପାଇଁ ପାତାଳଲୋକକୁ ଯାଇଥିଲେ। ଏଥିପାଇଁ ହନୁମାନଙ୍କୁ ପୁତ୍ର ମକରଧ୍ୱଜ ସହାୟତା କଲେ। ହନୁମାନ ଓ ଅହିରାବଣଙ୍କ ମଧ୍ୟରେ ଯୁଦ୍ଧ ହେଲା ଏବଂ ହନୁମାନ ପଞ୍ଚମୁଖ ସ୍ୱରୂପ ଧାରଣ କରି ଅସୁରକୁ ପରାସ୍ତ କଲେ ଏବଂ ଶ୍ରୀରାମ ଓ ଲକ୍ଷଣଙ୍କୁ ସୁରକ୍ଷିତ ଫେରାଇ ଆଣିଲେ।

ଏହି ପୌରାଣିକ କଥାକୁ ଭିତ୍ତି କରି ମଧ୍ୟପ୍ରଦେଶର ଇନ୍ଦୋର୍ ଜିଲ୍ଲାର ସାନୱେର୍‌ଠାରେ ମଧ୍ୟ ହନୁମାନଙ୍କର ଏକ ବିଚିତ୍ର ମନ୍ଦିର ଅଛି, ଯେଉଁଠି ହନୁମାନଙ୍କ ମୂର୍ତ୍ତି ଓଲଟା ସ୍ୱରୂପରେ ପୂଜା ପାଇଥା'ନ୍ତି। ଅର୍ଥାତ୍ ହନୁମାନ ପାତାଳପୁରକୁ ଯାଉଥିବା ଭଳି ଦୃଶ୍ୟମାନ ହୋଇଥାଏ। ହନୁମାନଙ୍କ ମୁଖ ତଳକୁ ଥିବା ବେଳେ ପାଦୁକାଦ୍ୱୟ ଉପରକୁ ରହିଛି। ଏହି ସ୍ଥାନରୁ ହନୁମାନ ପାତାଳପୁରକୁ ଗମନ କରିଥିବାର ବିଶ୍ୱାସ ରହିଥିବାରୁ ସେଠାରେ ହନୁମାନଙ୍କର ଏଭଳି ବିଚିତ୍ର ପ୍ରତିମା ନିର୍ମାଣ କରାଯାଇଛି।

ଭୁବନେଶ୍ୱର, ମୋ: ୯୦୯୦୧୯୪୯୪୩

ସକାଳ
THE SAKALA
ଯୋଗାଯୋଗ ଠିକଣା
NEWS & INFO
news@thesakala.com
CIRCULATION
circulation@thesakala.com
ADVERTISEMENT
advt@thesakala.com
THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୂର୍ଣ୍ଣ ଲେଖକଙ୍କର ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

# ବଣାଇଁ ରେଞ୍ଜରେ ପୁଣି ବାଘ ଆତଙ୍କ



## ଆକ୍ରମଣରେ ବାଛୁରୀ ମୃତ

ବଣାଇଁ, ୪।୯(ସମିସ): ବଣାଇଁ ରେଞ୍ଜ ସରସରା ବଲାଙ୍ଗ ସେକ୍ସନ ଦଲକି ଗ୍ରାମର ଗଣେଶ କିସାନ ଆଜି ସକାଳୁ ଗାଈ ଚରାଇବାକୁ ନେଇଥିବା ବେଳେ ଏକ ବାଛୁରୀକୁ ବାଘ ଆକ୍ରମଣ କରିଥିବା ଦାବି କରିଛନ୍ତି। ଗ୍ରାମବାସୀ ଏ ଖବର ବନ ବିଭାଗକୁ ଖବର ଦେବା ପରେ ବିଭାଗ ପକ୍ଷରୁ ଅନୁଧ୍ୟାନ ଆରମ୍ଭ ହୋଇଛି। ସମଗ୍ର ଅଞ୍ଚଳରେ ଲୋକଙ୍କୁ ସଚେତନ କରାଯିବା ସହ ଜଙ୍ଗଲର ବିଭିନ୍ନ ସ୍ଥାନରେ ବାଘର ଗତିବିଧି ଜାଣିବା ପାଇଁ ଟ୍ରାପ୍ କ୍ୟାମେରା ଖଞ୍ଜାଯାଇଛି। କିଛି ଦିନ ପୂର୍ବରୁ ବଣାଇଁ ରେଞ୍ଜର ଘୋଷରା ନିକଟସ୍ଥ ବେଲଡିହି ଜଙ୍ଗଲରେ ବାଘର ପାଦଚିହ୍ନ ଠାବ କରାଯାଇଥିଲା। ପରବର୍ତ୍ତୀ ସମୟରେ ସେହି ବାଘ ହୁଏତ ଦଲକି ଜଙ୍ଗଲକୁ ପଳାଇ ଆସିଥିବ, ସେନେଇ ସ୍ଥାନୀୟ ଲୋକେ ସନ୍ଦେହ କରୁଛନ୍ତି। ସ୍ଥାନୀୟ ଅଞ୍ଚଳରେ ବନବିଭାଗ କର୍ମଚାରୀ ପାଟ୍ରୋଲିଂ କଡ଼ାକଡ଼ି କରିବା ସହ ବାଘର ଗତିବିଧି ଉପରେ ତୀକ୍ଷ୍ଣ ନଜର ରଖିଛନ୍ତି। ଏ ବାବଦରେ ବନ ବିଭାଗର କୌଣସି ପ୍ରତିକ୍ରିୟା ମିଳି ପାରିନାହିଁ।

# ସାଇବର୍ ଠକେଇ | ଅବସରପ୍ରାପ୍ତ ବ୍ୟାଙ୍କ ମ୍ୟାନେଜରଙ୍କୁ ୭୩ଲକ୍ଷର ଚୂନ

## ଆଇଟି ଇଞ୍ଜିନିୟର ପୁଅ କଥାରେ ନିବେଶ କରିଥିଲେ ବାପା

କଟକ,୪।୯(ସମିସ): ଅନଲାଇନ୍‌ରେ ପୁଞ୍ଜିନିବେଶ ଆଳରେ ସାଇବର୍ ଠକମାନେ ଜଣେ ଅବସରପ୍ରାପ୍ତ ବ୍ୟାଙ୍କ ମ୍ୟାନେଜରଙ୍କୁ ୭୩ ଲକ୍ଷ ଟଙ୍କାର ଚୂନ ମାରିଛନ୍ତି। ଠକେଇର ଶିକାର ବ୍ୟକ୍ତିଜଣଙ୍କ ହେଲେ, ଯାଜପୁର ବାଲିଚନ୍ଦ୍ରପୁରର ଅବସରପ୍ରାପ୍ତ ବ୍ୟାଙ୍କ୍ ମ୍ୟାନେଜର୍ ନାରାୟଣ ଚନ୍ଦ୍ର ପଣ୍ଡା। ଏ ସଂପର୍କରେ ସେ କଟକ କ୍ରାଇମବ୍ରାଞ୍ଚ୍ ସାଇବର୍ ସେଲରେ ଅଭିଯୋଗ କରିଛନ୍ତି।

ଅଭିଯୋଗ ଅନୁଯାୟୀ, ଠକମାନେ ପ୍ରଥମେ ତାଙ୍କ ଆଇଟି ଇଞ୍ଜିନିୟର ପୁଅଙ୍କୁ ଟାର୍ଗେଟ୍ କରିଥିଲେ। ମାତ୍ର ୫ ଲକ୍ଷ ଟଙ୍କା ନିବେଶ କରି କମ୍ ଦିନରେ ଅଧିକ ରୋଜଗାର କରିବା ପାଇଁ ପ୍ରବର୍ତ୍ତାଇଥିଲେ। ତେବେ ଏ ସଂପର୍କରେ ସେ ତାଙ୍କ ବାପାଙ୍କୁ କହିଥିଲେ। ପୁଅ କଥାରେ ପଡ଼ି ନାରାୟଣ ଠକଙ୍କ କହିବାନୁଯାୟୀ, ଆର୍‌ଟିଜିଏସ୍ ଜରିଆରେ ଟଙ୍କା ଜମା କରିଥିଲେ। ଗତ ଅଗଷ୍ଟ ୩୦ରୁ ସେପ୍ଟେମ୍ବର ୩ ତାରିଖ, ମାତ୍ର ୪ ଦିନ ମଧ୍ୟରେ ସେ ୧୧ଟି ବ୍ୟାଙ୍କ ଆକାଉଣ୍ଟରେ ୭୩ ଲକ୍ଷ ଟଙ୍କା ସାଇବର୍ ଠକ ଜମା କରିଥିଲେ। ତାଙ୍କ ୱାଲେଟ୍‌ରେ ୧ କୋଟି ୮ ଲକ୍ଷ ଟଙ୍କା ମିଳିବ ବୋଲି ସାଇବର ଠକମାନେ ତାଙ୍କୁ କହିଥିଲେ। ତେବେ ଟିକସ ବାବଦକୁ ଠକମାନେ ଆହୁରି ତାଙ୍କ ମାଗିବାରୁ ନାରାୟଣଙ୍କ ସନ୍ଦେହ ହୋଇଥିଲା। ୱାଲେଟ୍‌ରୁ ଟଙ୍କା ଉଠାଇବାକୁ ଚେଷ୍ଟା କରିଥିଲେ ହେଁ ସେଥିରେ ବିଫଳ ହୋଇଥିଲେ। ତେଣୁ ଠକେଇର ଶିକାର ହୋଇଥିବା ଜାଣିବା ପରେ ସେ କ୍ରାଇମବ୍ରାଞ୍ଚର ଦ୍ୱାରସ୍ଥ ହୋଇଛନ୍ତି।

# ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଛିଡ଼ିଲା ଲିଫ୍ଟ

ମାଲକାନଗିରି, ୪।୯ (ସମିସ): ମାଲକାନଗିରି ସଦର ମହକୁମାର ମୁଖ୍ୟ ଚିକିତ୍ସାଳୟରେ ଥିବା ଲିଫ୍ଟ ଆଜି ହଠାତ୍ ଛିଡ଼ି ପଡ଼ିଛି। ତେବେ ସୌଭାଗ୍ୟକୁ ସେଥିରେ ଥିବା ରୋଗୀଙ୍କ ସମ୍ପର୍କୀୟ ଅଳ୍ପକେ ବର୍ତ୍ତିଯାଇଛନ୍ତି। ଲିଫ୍ଟରେ କ୍ଷମତାଠାରୁ ମାତ୍ରାଧିକ ଲୋକ ଥିବାରୁ ଲିଫ୍ଟ ଛିଡ଼ି ଯାଇଥିବା କୁହାଯାଉଛି।

ସୂଚନାନୁଯାୟୀ, ଜିଲ୍ଲା ସଦର ମହକୁମାରେ ଥିବା ମୁଖ୍ୟ ଚିକିତ୍ସାଳୟରେ ରୋଗୀ ଓ ସେମାନଙ୍କ ସମ୍ପର୍କୀୟଙ୍କ ସହ ଡାକ୍ତର ଏବଂ କର୍ମଚାରୀମାନେ ବିଭିନ୍ନ ମହଲାକୁ ଯାତାୟାତ ଲାଗି ୩ଟି ଲିଫ୍ଟ ରହିଛି। ଏହି ଲିଫ୍ଟ ମଧ୍ୟରୁ ଗୋଟିଏ ଲିଫ୍ଟ ଆଜି ହଠାତ୍ ଛିଡିପଡ଼ିଥିଲା। ଏହି ଲିଫ୍ଟରେ ୧୦ରୁ ୧୨ଜଣ ଯିବା ପାଇଁ କ୍ଷମତା ଥିବା ବେଳେ ୨୭ଜଣ ଯାଉଥିଲେ। ପ୍ରଥମ ମହଲାରୁ ଦ୍ୱିତୀୟ ମହଲାକୁ ଯାଉଥିବା ବେଳେ ଲିଫ୍ଟଟି ଛିଡ଼ି ଯାଇଥିଲା। ସୌଭାଗ୍ୟବଶତଃ ଏହି ଦୁର୍ଘଟଣାରେ କାହାର କିଛି କ୍ଷତି ହୋଇ ନଥିବା ବେଳେ ଲିଫ୍ଟ ସାଇରନ୍ ବାଜିବା ପରେ ଚିକିତ୍ସାଳୟ କର୍ତ୍ତୃପକ୍ଷ ଏହାକୁ ମାନୁଆଲ୍ ଭାବେ ଖୋଲି ଭିତରୁ ଲୋକଙ୍କୁ ସୁରକ୍ଷିତ ଉଦ୍ଧାର କରିଛନ୍ତି। ଆସନ୍ତାକାଲି ବିଶାଖାପାଟଣାରୁ ମରାମତି ଦଳ ଆସିଲେ ଲିଫ୍ଟର ମରାମତି କରାଯିବ ବୋଲି ଜଣାପଡ଼ିଛି।

# ବଜ୍ରପାତରେ ଚାଷୀ ମୃତ

ଭଣ୍ଡାରିପୋଖରୀ/ବାରିକପୁର, ୪।୯(ସମିସ): ଭଦ୍ରକ ଜିଲ୍ଲା ଭଣ୍ଡାରିପୋଖରୀ ବ୍ଲକ୍‌ରେ ବଜ୍ରପାତ ଜଣଙ୍କ ଜୀବନ ନେଇଛି। ମୃତକ ହେଲେ, ଜଳମଣ୍ଡୁଆ ପଞ୍ଚାୟତ ମଙ୍ଗୁଳିଆ ସାହିର ମଙ୍ଗୁଳି ପ୍ରଧାନ। ଆଜି ମଧ୍ୟାହ୍ନରେ ସେ ଚାଷ ଜମିରେ ଘାସ ବାଛୁଥିବା ବେଳେ ବଜ୍ରପାତରେ ଗୁରୁତର ଆହତ ହୋଇଥିଲେ। ପରେ ଗୁରୁତର ଅବସ୍ଥାରେ ଲୋକେ ତାଙ୍କୁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିବା ବେଳେ ଡାକ୍ତର ମୃତ ଘୋଷଣା କରିଥିଲେ। ପୁଲିସ ଶବ ଜବତ କରି ବ୍ୟବଚ୍ଛେଦ ପାଇଁ ଭଦ୍ରକ ପଠାଇଛି।

**AFFIDAVIT**

By virtue of an Affidavit before Notary Public, Malkangiri, I, **Mase Sodi**, aged about 55 years, W/o.: Pandu Sodi resident of Village: Singharajkhunta, PO.: Sikhapali, P.S./Dist.: Malkangiri, Odisha, declare by this Affidavit No.: 1469/2025, Dated: 02.09.2025 that I have changed my name from Mashe Sodi to **Mase Sodi**. Henceforth I shall be known as **Mase Sodi** for all future purposes.

**AFFIDAVIT**

By virtue of an Affidavit before Notary Public, Malkangiri, I, **Adama Madhi**, aged about 47 years, S/o.: Muka Madhi resident of Village: Chidipali, PO.: Tumusapalli, P.S./ Dist.: Malkangiri, Odisha, declare by this Affidavit No.: 1468/2025, Dated: 02.09.2025 that I have changed my & my father surname from Adama Madi, S/o.: Muka Madi to **Adama Madhi, S/o.: Muka Madhi**. Henceforth I shall be known as **Adama Madhi, S/o.: Muka Madhi** for all future purposes.

**AFFIDAVIT**

I, SURAJ DHALS/O SUBASH CHANDRA DHALSULDHIAPADA, PO-EKATALI, WARD NO-07, JHARSUGUDA -768202, ODISHA Declare by this affidavit No.4671 dtd-04/09/2025, that now onwards i shall be known as **SURAJ KUMAR DHAL** for all future purposes.

**AFFIDAVIT**

I, Madhujyotshna Samal, W/o- Bijay Kumar Nayak, resident of Karadamali, PO-Gadbandhagoda, PS-Ramachandrapur, District-Kendujhar, PIN-758043, Odisha declare by this affidavit No. A/39 dtd. 02.09.2025 that now onwards I shall be known as **Madhujyotsna Nayak** for all future purposes.

**AFFIDAVIT**

By virtue of an Affidavit before Notary Public, Malkangiri, I, **Makar Burudi,** aged about 37 years, S/o.: Hari Burudi resident of Village: Gudumpadar, PO.: Biralakshmanpur, P.S./Dist.: Malkangiri, Odisha, declare by this Affidavit No.: 1470/2025, Dated: 02.09.2025 that I have changed my name from Makara Burudi to **Makar Burudi**. Henceforth I shall be known as **Makar Burudi** for all future purposes.

**AFFIDAVIT**

By virtue of an Affidavit before Notary Public, Malkangiri, I, **Gangaram Gouda**, aged about 58 years, S/o.: Late Sambharu Gouda resident of Village: Bahalguda (Titang), PO.: Tandiki, P.S./ Dist.: Malkangiri, Odisha, declare by this Affidavit No.: 1503/2025, Dated: 04.09.2025 that I have changed my & my father surname from Gangaram Madhi, S/o.: Late Sambharu Madhi to **Gangaram Gouda, S/o.: Late Sambharu Gouda.** Henceforth I shall be known as **Gangaram Gouda, S/o.: Late Sambharu Gouda** for all future purposes.

**AFFIDAVIT**

I, Jeetindra Kumar Patro, S/o.- Lambodara Patro, resident of Vill- Sahasapur, Po.- Gothagam, Ps.- Jaradagada, Dist- Ganjam, Dist- Ganjam, Pin: 761037, Odisha declare by this affidavit No. 80, Dtd: 03.09.2025 that now onwards I shall be known **JITENDRA KUMAR PATRO** for all future purposes.

**ହଜିଯାଇଅଛି**

ଏହି ଶପଥ ପତ୍ର ନୋଟାରି ପବ୍ଲିକ୍, ନିମାପଡ଼ା, ପୁରୀଙ୍କ ସମ୍ମୁଖରେ ନିଷ୍ପାଦନ କରାଯାଇଛି କି, ମୁଁ ଅଜୟ କୁମାର ବେହେରା, ପି- ମୃତ ଗଜେନ୍ଦ୍ର ବେହେରା, ଗ୍ରା/ପୋ- ରୂପଦେଈପୁର, ଥାନା, ବଳଙ୍ଗା, ଜିଲ୍ଲା, ପୁରୀ, ଓଡ଼ିଶା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଘୋଷଣା କରୁଅଛି କି ମୋ ବାପାଙ୍କ ନାମରେ ଥିବା ସେଲ ଡିଡ୍ ନମ୍ବର ୧୨୧୩, ତା.୨୨.୦୭.୧୯୯୭ ଲିଖରେ ମୁଁ ମୋ ମଟରସାଇକେଲରେ ରୂପଦେଈପୁରରୁ ବଳଙ୍ଗା ଯିବା ବାଟରେ ଓରିଜିନାଲ କବଲାଟି କେଉଁଠାରେ ହଜିଯାଇଅଛି। ମୁଁ ବଳଙ୍ଗା ଥାନା ଓ ଆଇସିଙ୍କ ମାଧ୍ୟମରେ ଏକ କେସ ଡାଏରୀ ମଧ୍ୟ ଏଣ୍ଟ୍ରି କରିଅଛି। ଏତଦ୍ ଦ୍ୱାରା ମୁଁ ଘୋଷଣା କରୁଅଛିକି ଉପରୋକ୍ତ ବିବରଣୀ ସତ୍ୟ ଅଟେ।

ସ୍ୱାକ୍ଷର/- ଅଜୟ କୁମାର ବେହେରା

**AFFIDAVIT**

By virtue of an affidavit sworn before The Executive Magistrate, Banpur, Dist.- Khordha vide no-3381, Dated- 3/9/2025, I Gurubari Nayak, aged about 40 yrs., W/O- Sukadeb Nayak, Address At- Halanda, Po.- Badasireipur, Ps.- Banpur, Dist.- Khordha, Pin- 752031, Odisha, declare that I have changed my minor Son's name from **Sambit Kumar Nayak** to **Sambit Nayak**. Henceforth, he shall be known as **Sambit Nayak** for all purpose.

**AFFIDAVIT**

By an affidavit CF No. 30 sworn before Executive Magistrate, Bhubaneswar on dtd- 03/09/2025. I, **Indramani Panigrahy,** Husband of Sarojanalini Panigrahy, father of Ipsita Panigrahy, resident of Plot No. 65/3331, Narayani Club, Old Town Mahatab Road, Bhubaneswar, Dist.- Khurda, Odisha has declared that in my daughter's school document, my wife's name is wrongly mentioned as Sarojanalini instead of Sarojanalini Panigrahy. Sarojanalini Panigrahy is the correct name. Both **Sarojanalini** and **Sarojanalini Panigrahy** is one and the same person who happens to be the mother of Ipsita Panigrahy.

**AFFIDAVIT**

I, Asha Tarai, aged about 38 years, W/o- Manas Patnaik, resident of At- Bharati Bhavan, Srivihar Colony, Tulasipur, Cuttack, PIN- 753008, Odisha declared by this affidavit No. 12/2025, dtd- 01/09/2025 that now onwards I shall be known as **ASHA RAY** for all future purposes.

**AFFIDAVIT**

I, Rena Dev, aged about 72 years, W/o- Late Samir Deb, resident of At- Gujurati Colony, Purunabasti, Po- Kalimandir Road, Ps/Dist- Jharsuguda, Odisha, PIN- 768201 declared by this affidavit C.F. No. 4657, dtd- 03/09/2025 that now onwards I shall be known as **RENA DEB** for all future purposes.

**AFFIDAVIT**

By virtue of an affidavit sworn before the Executive Magistrate, Niali on dtd. 04/09/2025. I Bijay Behera, S/o- Late Sikhar Behera, resident of Village-Bansahi, Po- Bilasuni, PS- Niali, Dist- Cuttack, Odisha, Aadhar No- 9779 8796 8122, declare that, in my driving licence No. OR 05 20060020688 my name recorded as **Sudhir Kumar Behera** which is my nick name. My self **Bijay Behera** and **Sudhir Kumar Behera** same and one person. Henceforth, I shall be known as **Bijay Behera** for all purposes.

**Bijay Behera**

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ଆଇପିଏଲ୍ ଟିକଟ...

ମ୍ୟାଚ୍ ପାଇଁ ୫୦୦ ଟଙ୍କାରୁ ଅଧିକ ମୂଲ୍ୟର ଟିକଟ୍ ଉପରେ ୧୮% ଜିଏସ୍‌ଟି ଲାଗୁ ହେଉଛି। ଏହି ପରିବର୍ତ୍ତନଗୁଡ଼ିକ ସେପ୍ଟେମ୍ବର ୨୨ରୁ ଭାରତରେ ଖେଳାଯିବାକୁ ଥିବା ପରବର୍ତ୍ତୀ ଅନ୍ତର୍ଜାତୀୟ କ୍ରିକେଟ୍ ଇଭେଣ୍ଟ, ମହିଳା ବିଶ୍ୱକପ୍ ଆରମ୍ଭ ହେବାର ଗୋଟିଏ ସପ୍ତାହ ପୂର୍ବରୁ ଲାଗୁ ହେବ। ସୂଚନାଯୋଗ୍ୟ ଯେ, ଏହି କାର୍ଯ୍ୟକ୍ରମ ପାଇଁ ଟିକଟ୍ ବିକ୍ରି ଏ ପର୍ଯ୍ୟନ୍ତ ଆରମ୍ଭ ହୋଇନାହିଁ।

### ଚାଲିଲା ୬୯ ଅଙ୍କ...

ପରେ ଗଜପତି ମହାରାଜା ଏହାକୁ ଘୋଷଣା କରିଥିଲେ। ପରେ ଗଜପତି ମହାରାଜା ଦିବ୍ୟସିଂହ ଦେବଙ୍କୁ ପ୍ରଜା ଏବଂ କର୍ମଚାରୀମାନେ ଶୁଭେଚ୍ଛା ଜଣାଇବା ସହ ସୁନିଆଁ ଭେଟି ଦେଇଥିଲେ।

ସୁନିଆଁ ପରମ୍ପରା ସମ୍ପର୍କରେ ଗଜପତି ମହାରାଜାଙ୍କ ପାରମ୍ପରିକ ରାଜଗୁରୁ ଦେବୀପ୍ରସାଦ ରାଜଗୁରୁ କହିଛନ୍ତି, ସୁନିଆଁରେ ଗଜପତି ମହାରାଜାଙ୍କ ନବବର୍ଷ ଆରମ୍ଭ ହୋଇଥାଏ। ଗଜପତି ମହାରାଜାଙ୍କ ୬୯ଅଙ୍କ ପ୍ରଚଳିତ ହେଲା ଏବଂ ୧୪୩୩ ସାଲ ପ୍ରବେଶ କଲା। ଅଙ୍କ କଟାର ପରମ୍ପରା ଅଦ୍ୟାବଧି ପ୍ରଚଳିତ ରହିଛି ବୋଲି ରାଜଗୁରୁ କହିଛନ୍ତି। ସୂଚନାଯୋଗ୍ୟ, ସୁନିଆଁକୁ ଗଜପତି ମହାରାଜାଙ୍କ ନବବର୍ଷ ବୋଲି ଧରାଯାଏ। ଓଡ଼ିଆଙ୍କ ପାଇଁ ଜାତକରେ ବର୍ଷ, ମାସ, ତାରିଖ, ତିଥି ଓ ନକ୍ଷତ୍ର ଉଲ୍ଲେଖ ହୁଏ। ସୁନିଆଁ ଦିନଠାରୁ ଗଜପତି ମହାରାଜାଙ୍କ ଗାଦିନାସୀନ ବର୍ଷର ଗଣନା ହୋଇଥାଏ। ଏହିଦିନ ଷୋଳ ଶାସନରୁ ବ୍ରାହ୍ମଣମାନେ ଶ୍ରୀନଅରକୁ ଆସ ଗୋଟିଏ ଲେଖାଏଁ ନଡ଼ିଆ ଗଜପତିଙ୍କୁ ଭେଟି ଦେଇ ଆଶୀର୍ବାଦ କରିଥା'ନ୍ତି।

### ପ୍ରତିଶୋଧ ନେଉଛି...

ଚାଲିଛି। ଯାହା ଜଣାପଡୁଛି ଏହି କାରଣରୁ ପାର୍ବତ୍ୟ ରାଜ୍ୟମାନଙ୍କରେ ଏଥର ବନ୍ୟା ବିପଜ୍ଜନକ ପରିସ୍ଥିତି ସୃଷ୍ଟି କରିଛି। ଏମିତି ଗଛକଟା ଜାରି ରହିଲେ, ଆଉ ଜଙ୍ଗଲ ରହିବ ନାହିଁ। ବର୍ଷା ଓ ବନ୍ୟା ଆସିଲେ ସମଗ୍ର ଅଞ୍ଚଳ ବୁଡ଼ିଯିବ। ପଞ୍ଜାବର ଉଦାହରଣ ଦେଇ କୋର୍ଟ କହିଲେ ଯେ ସେଠାରେ ଜନବସତି ଓ ବିଲବାଡ଼ି ପାଣିରେ ବୁଡ଼ି ରହିଛି। ଏସଂପର୍କରେ ସଂପୃକ୍ତ ରାଜ୍ୟ ସରକାରମାନଙ୍କ ସହିତ ଆଲୋଚନା କରିବା ଲାଗି କୋର୍ଟ ସଲିସିଟର ଜେନେରାଲଙ୍କୁ ପରାମର୍ଶ ଦେଇଛନ୍ତି। ବେଆଇନ ଭାବେ ଚାଲିଥିବା ଗଛକଟା ରୋକିବାକୁ ରାଜ୍ୟ ଓ କେନ୍ଦ୍ର ସରକାର କଣ ପଦକ୍ଷେପ ନେଇଛନ୍ତି ତାହା ତିନି ସପ୍ତାହ ମଧ୍ୟରେ ଜଣାଇବାକୁ ନିର୍ଦ୍ଦେଶ ଦେଇଛନ୍ତି। ସଲିସିଟର ଜେନେରାଲ ତୁଷାର ମେହେଟ୍ଟା ମାନ୍ୟବର ବେଞ୍ଚଙ୍କ ସହିତ ଏକମତ ହୋଇ କହିଲେ ଯେ ସେ ଆଜି ଏସଂପର୍କରେ କେନ୍ଦ୍ର ପରିବେଶ ବିଭାଗ ସଚିବଙ୍କ ସହିତ କଥା ହେବେ। ସଂପୃକ୍ତ ରାଜ୍ୟର ମୁଖ୍ୟ ସଚିବମାନଙ୍କ ସହିତ ଯୋଗାଯୋଗ ଲାଗି ତାଙ୍କୁ କୁହାଯିବ।

### ୧୦ ଜିଲ୍ଲାକୁ...

ଏବଂ ମହାନଦୀରେ ୨.୫ ଲକ୍ଷ କ୍ୟୁସେକ୍ ଜଳ ପ୍ରବାହିତ ହେବାର ଆଶା କରାଯାଉଛି। ଏହା ଫଳରେ ହୀରାକୁଦ ଡ୍ୟାମର ତଳମୁଣ୍ଡରେ ଥିବା ନଦୀ ଶଯ୍ୟା ଅଞ୍ଚଳରେ ବନ୍ୟା ଆସିବାର ଆଶଙ୍କା ରହିଛି। ମହାନଦୀ କୂଳରେ ଥିବା ତଳିଆ ଅଞ୍ଚଳ ଅର୍ଥାତ ୧୦ଟି ଜିଲ୍ଲା ଅନୁଗୁଳ, ବୌଦ୍ଧ, କଟକ, ଯାଜପୁର, କେନ୍ଦ୍ରାପଡ଼ା, ଖୋର୍ଦ୍ଧା, ନୟାଗଡ଼, ପୁରୀ, ସମ୍ବଲପୁର ଓ ସୋନପୁରକୁ ସତର୍କ ରହିବା ପାଇଁ ଏସ୍‌ଆରସିଙ୍କ କାର୍ଯ୍ୟାଳୟ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି। ଜନସାଧାରଣଙ୍କ ଜୀବନ ଏବଂ ସମ୍ପତ୍ତିର ସୁରକ୍ଷା ପାଇଁ ନଦୀକୂଳ ଅଞ୍ଚଳରେ ବସବାସ କରୁଥିବା ଲୋକେ ନଦୀ ଶଯ୍ୟାଠାରୁ ଦୂରେଇ ରହିବା ସହିତ ସମସ୍ତ ସତର୍କତାମୂଳକ ପଦକ୍ଷେପ ଅବଲମ୍ବନ କରିବାକୁ ହୀରାକୁଦ ଜଳଭଣ୍ଡାର ପକ୍ଷରୁ ପରାମର୍ଶ ଦିଆଯାଇଛି।

ଜଳସମ୍ପଦ ବିଭାଗ ସର୍ବୋଚ୍ଚ ଯନ୍ତ୍ରୀ ଚନ୍ଦ୍ରଶେଖର ପାଢ଼ୀ କହିଛନ୍ତି ଯେ ଗତ ୨୪ ଘଣ୍ଟାରେ ୧୪ଟି ବ୍ଲକରେ ୧୦୦ମିମିରୁ ଅଧିକ ବର୍ଷା ହୋଇଥିବା ବେଳେ ୪୨ଟି ବ୍ଲକରେ ୫୦ମିମିରୁ ଅଧିକ ବର୍ଷା ରେକର୍ଡ ହୋଇଛି। ଉପର ମହାନଦୀ, ବୈତରଣୀ, ବୁଢାବଳଙ୍ଗରେ ବହୁତ ବର୍ଷା ହୋଇଛି। କେବଳ ବୈତରଣୀରେ ଛୋଟ ବନ୍ୟା ଅଛି। ବିପଦ ସଙ୍କେତର ୦.୫ମି ଉପରେ ଆଖୁଆପଦାରେ ବୈତରଣୀ ପ୍ରବାହିତ ହେଉଥିବା ବେଳେ ହୀରାକୁଦର ୧୬ଟି ଗେଟ୍ ଦେଇ ବନ୍ୟା ଜଳ ନିଷ୍କାସନ ହେଉଛି। ଏହାସତ୍ତ୍ୱେ ମହାନଦୀରେ ଜଳସ୍ତର ବଢିବ; ହେଲେ ବନ୍ୟା ଆସିବନି ବୋଲି ଯନ୍ତ୍ରୀ କହିଛନ୍ତି।

### ଗୋଟାଏ ସ୍ଥାନକୁ...

ବିଭାଗ ୟେଲୋ ଚେତାବନୀ ଜାରି କରାଯାଇଥିଲା। ମାତ୍ର ସେହିଦିନ ଉତ୍ତର ଓଡ଼ିଶାର କେନ୍ଦୁଝର ଜିଲ୍ଲାର ହାଟଡିହଠାରେ ଅତ୍ୟନ୍ତ ପ୍ରବଳ ବର୍ଷା (୨୦ ସେମି ରୁ ଅଧିକ) ୨୨୫.୧ ମିମି ରେକର୍ଡ ହେଲା। ଘସିପୁରାରେ ୧୩୦.୩ ମିମି, ଆନନ୍ଦପୁର ୧୦୩.୪ ମିମି, ସେହିପରି ବାଲେଶ୍ୱର ସହରରେ ୧୩୩.୮ ମିମି, ଗୋବିନ୍ଦପୁର ଠାରେ ୧୨୩.୨ ମିମି, ରେମୁଣା ୯୧ ମିମି , ଭଦ୍ରକ ଆଖୁଆପାଦ ଠାରେ ୭୦.୪ ମିମି ରେକର୍ଡ ହୋଇଥିବା ବେଳେ ଭାରି ବର୍ଷା ପାଇଁ ଚେତାବନୀ ଜାରି ହୋଇଥିବା ଜିଲ୍ଲା ଗୁଡ଼ିକ ମଧ୍ୟରୁ କେବଳ ମାଲକାନଗିରି ଠାରେ ସର୍ବାଧିକ ୪୮ ମିମି ବର୍ଷା ରେକର୍ଡ ହୋଇଥିଲା। ସେହିପରି ଦକ୍ଷିଣ ଓଡିଶାର ଅନ୍ୟ ଜିଲ୍ଲାଗୁଡିକରେ ବିକ୍ଷିପ୍ତ ବର୍ଷା ଅନୁଭୂତ ହୋଇଥିଲା।

୨ ତାରିଖ ଲଘୁଚାପ ସୃଷ୍ଟି ପରେ ପାଣିପାଗ କେନ୍ଦ୍ର ୪ ଜିଲ୍ଲାକୁ ଉତ୍ତର ଓଡ଼ିଶାର ସୁନ୍ଦରଗଡ, ଝାରସୁଗୁଡା, ସମ୍ବଲପୁର ଏବଂ ଦେବଗଡ଼ ପାଇଁ ଅତ୍ୟନ୍ତ ପ୍ରବଳ ବର୍ଷା ଆଶଙ୍କା କରି ରେଡ୍ ଆଲର୍ଟ ଜାରି କରିଥିଲା। ମାତ୍ର ଏହି ଜିଲ୍ଲାମଧ୍ୟରୁ କେବଳ ସୁନ୍ଦରଗଡ଼ରେ ୩୮ ମିମି ବର୍ଷା ରେକଡର୍ ହୋଇଥିଲା ଓ ଅନ୍ୟ ଜିଲ୍ଲାଗୁଡ଼ିକରେ କାଁଭାଁ ବର୍ଷା ହୋଇଥିଲା। ତେବେ ବର୍ଷା ସମ୍ଭାବନା ସୂଚନା ନ ଥିବା ବଲାଙ୍ଗୀରରେ ୧୨୯ ମିମି , ନୟାଗଡ଼ରେ ୭୫.୩ ମିମି ବର୍ଷା ରେକଡର୍ ହୋଇଥିଲା। ୩ ତାରିଖରେ ଲଘୁଚାପ ଘନୀଭୂତ ହୋଇ ସ୍ୱଷ୍ଟ ଚିହ୍ନିତ ଲଘୁଚାପରେ ପରିଣତ ହେବ ସହ ଏହା ଉତ୍ତର ଓଡିଶା ସଂଲଗ୍ନ ଝାଡ଼ଖଣ୍ଡ ଏବଂ ଉତ୍ତର ଛତିଶଗଡ ମୁହାଁ ହେବ ଆଶଙ୍କାରେ ପାଣିପାଗ ବିଜ୍ଞାନକେନ୍ଦ୍ର ଖୋର୍ଦ୍ଧା, କଟକ, ଜଗତସିଂହପୁର ଏବଂ ପୁରୀକୁ ଅତି ପ୍ରବଳ ବର୍ଷା ସହ ଅରେଞ୍ଜ ଆଲର୍ଟ ଏବଂ ଦକ୍ଷିଣ ଓ ଉତ୍ତର ଓଡ଼ିଶାର ୧୬ ଜିଲ୍ଲାକୁ କମ୍ ବର୍ଷା ଆଶଙ୍କା କରି ୟେଲୋ ଆଲର୍ଟ ଜାରି କରିଥିଲା। ହେଲେ ଅରେଞ୍ଜ ଆଲର୍ଟ ଜାରି କୌଣସି ଜିଲ୍ଲାରେ ବର୍ଷା ୩୦ ମିମି ଟପି ନ ଥିବାବେଳେ ୟେଲୋ ଆଲର୍ଟ ଜାରି ହୋଇଥିବା ଯାଜପୁର ଜିଲ୍ଲାର ଅଧିକାଂଶ ସ୍ଥାନରେ ଅତି ପ୍ରବଳ ବର୍ଷା ରେକର୍ଡ ହୋଇଥିଲା। ସେହିପରି ଚେତାବନୀ ଅନ୍ତର୍ଭୁକ୍ତ ନଥିବା ଝାରସୁଗୁଡା ଜିଲ୍ଲାର ଲାଇକିରା ଠାରେ ସର୍ବାଧିକ ୨୧୨.୨ ମିମି, କିର୍ମିରା ଠାରେ ୧୭୦.୪ ମିମି, କୋଲାବିରା ୧୬୩ ମିମି, ଲଖନପୁର ୧୪୩.୨ ମିମି , ଦେବଗଡ ସହରରେ ୧୪୫ ମିମି, ସମ୍ବଲପୁର ଜିଲ୍ଲାର କୁଚିଣ୍ଡା ଠାରେ ୧୧୪ ମିମି ସହ ବର୍ଷା ରେକର୍ଡ ହୋଇଥିଲା।

ପାଣିପାଗ ବିଭାଗର ଏଭଳି ଆକଳନ ଫଳରେ କେଉଁ ଅଞ୍ଚଳରେ କେତେ ବର୍ଷା ହେବ ତାହାର କୌଣସି ଠିକ୍ ଠିକଣା ରହୁ ନଥିବା ବେଳେ ବନ୍ୟା ଜଳ ନିଷ୍କାସନରେ ମଧ ସମସ୍ୟା ସୃଷ୍ଟି ହେଉଛି। ଗତ ୨୪ ଘଣ୍ଟାରେ ମହନଦୀର ଉଭୟ ଉପରମୁଣ୍ଡ ଓ ତଳମୁଣ୍ଡରେ ପ୍ରବଳ ବର୍ଷା ହୋଇଥିବା ବେଳେ ଏବେ ମହାନଦୀରେ ବନ୍ୟା ଆଶଙ୍କା ସୃଷ୍ଟି ହୋଇଛି। ହୀରାକୁଦ ଡ୍ୟାମ୍‌ରୁ ବର୍ତ୍ତମାନ ୧୬ ଟି ଗେଟ୍ ଖୋଲାଯାଇ ବନ୍ୟା ଜଳ ନିଷ୍କାସିତ ହେଉଛି। ମହାନଦୀ ତଳମୁଣ୍ଡ ପାଇଁ ବର୍ଷା ଆଶଙ୍କା କରାଯାଇ ନ ଥିବା ବେଳେ ସେଠାରେ ପ୍ରଚୁର ବର୍ଷା ହୋଇଥିବାରୁ ଏହି ସ୍ଥିତି ସୃଷ୍ଟି ହୋଇଥିବା ଆଶଙ୍କା ହୋଇଛି। ସେହିପରି ଉତ୍ତର ଓଡ଼ିଶାରେ ବର୍ତ୍ତମାନ ବୈତରଣୀ ପୁଣି ଥରେ ବିପଦ ସଙ୍କେତ ଟପିବା ସହ ଜଳକା ମଧ ଫୁଲିବାରେ ଲାଗିଛି। ମନୁଷ୍ୟକୃତ ତ୍ରୁଟି ଯୋଗୁଁ ଗୋଟିଏ ବର୍ଷରେ ଏଭଳି ବାରମ୍ବାର ବନ୍ୟା ସ୍ଥିତି ସୃଷ୍ଟି ହେଉଥିବା ପରିଲକ୍ଷିତ ହୋଇଛି।

### ପରିବାରର ୬ଜଣଙ୍କୁ...

ଅଭିଯୁକ୍ତମାନେ ଡମ୍ବରୁ ପୂଜାରୀଙ୍କୁ ସଂଘବଦ୍ଧ ଭାବେ ଆକ୍ରମଣ କରି ହତ୍ୟା କରିଥିଲେ। ଉକ୍ତ ଦିନ ଡମ୍ବରୁ ଓ ତାଙ୍କ ପରିବାର ସଦସ୍ୟମାନେ ନିଜ ବାଡ଼ିରେ ପରିବା ତୋଳୁଥିବା ବେଳେ ଅଭିଯୁକ୍ତମାନେ ଖଣ୍ଡା, ଛୁରୀ, ବରଛା ସମେତ ଅନ୍ୟାନ୍ୟ ମରଣାସ୍ତ୍ରରେ ସେମାନଙ୍କୁ ଆକ୍ରମଣ କରିଥିଲେ। ପ୍ରଥମେ ସେମାନେ ଡମ୍ବରୁଙ୍କ ଭାଇ ପଦଲାମଙ୍କୁ ଆକ୍ରମଣ କରିଥିଲେ। ଏହା ଦେଖି ଡମ୍ବରୁ ବିରୋଧ କରିବାରୁ ସେମାନେ ଦୁଇଭାଇଙ୍କୁ ମରଣାନ୍ତକ ଆକ୍ରମଣ କରିଥିଲେ। ଅଭିଯୁକ୍ତମାନେ ପଦଲାମଙ୍କ ଉପରେ ଟ୍ରାକ୍ଟର ଚଢ଼ାଇ ଦେଇଥିଲେ। ଏଥିରେ ତାଙ୍କ ଗୋଡ଼ ନଷ୍ଟ ହୋଇଯାଇଥିଲା। ସେହିପରି ରକ୍ତ ଜୁଡ଼ୁବୁଡ଼ୁ ଅବସ୍ଥାରେ ଡମ୍ବରୁଙ୍କୁ ପ୍ରଥମେ ନବରଙ୍ଗପୁର ଓ ପରେ କଟକ ଏସ୍‌ସିବି ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ୨୦୨୨ ଅଗଷ୍ଟ ୧୬ରେ ଡମ୍ବରୁଙ୍କ ମୃତ୍ୟୁ ହୋଇଥିଲା। ଏନେଇ ଅଭିଯୋଗ ହେବା ପରେ କୋଡିଙ୍ଗା ପୁଲିସ୍ ନାବାଳକ ସମେତ ୬ ଜଣଙ୍କୁ ଗିରଫ କରିଥିଲା। ମାମଲାକୁ ଅତିରିକ୍ତ ପବ୍ଲିକ୍ ପ୍ରସିକ୍ୟୁଟର୍ ସନ୍ତୋଷ ମିଶ୍ର ପରିଚାଳନା କରୁଥିଲେ।

### ନିରାଶ କରୁଛି...

ଔଷଧ ଉପଲବ୍ଧ ନାହିଁ। ପୂର୍ବରୁ ଜିଲ୍ଲାସ୍ତରୀୟ ଡ଼ାକ୍ତରଖାନାଗୁଡ଼ିକରେ ଅତି କମ୍‌ରେ ୨ଶହ ପ୍ରକାରର ଔଷଧ ଉପଲବ୍ଧ ହେଉଥିଲା। ଏବେ ତାହା ବହୁ ପରିମାଣରେ ହ୍ରାସ ପାଇଛି। ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ନୂଆ ଔଷଧ ପାଇଁ ଟେଣ୍ଡର ପ୍ରକାଶ ପାଉନି। ପୂର୍ବରୁ ଯେଉଁମାନେ ଟେଣ୍ଡର ପାଇଛନ୍ତି, ଟଙ୍କା ମିଳିବାରେ ବିଳମ୍ବ ହେବାରୁ ସେମାନେ ଠିକ୍ ଭାବେ ଔଷଧ ଯୋଗାଉ ନାହାନ୍ତି। ନିରାମୟରେ ଡାକ୍ତରଙ୍କ ଚିଠା ଅନୁଯାୟୀ ଔଷଧ ମିଳୁନଥିବାରୁ ରୋଗୀମାନେ ବାଧହୋଇ ବାହାର ଦୋକାନରୁ ଔଷଧ କିଣୁଛନ୍ତି। ଏହି ଯୋଜନାରେ ରାଜ୍ୟ ବଜେଟ୍‌ର ୧୦ ପ୍ରତିଶତ ଅର୍ଥ ଜିଲ୍ଲାମାନଙ୍କୁ ଏବଂ ୩୦ ପ୍ରତିଶତ ମେଡିକାଲ କଲେଜକୁ ଯୋଗାଇ ଦିଆଯାଉଛି। ଏହି ଅର୍ଥରେ ସେମାନେ ଆବଶ୍ୟକ ଔଷଧ କିଣି ଯୋଗାଇବାର ବ୍ୟବସ୍ଥା ଥିଲେ ମଧ୍ୟ ରୋଗୀମାନେ ସହଜରେ ଏହାର ସୁବିଧା ପାଇପାରୁନାହାନ୍ତି।

ନିଜ ନାମ ଗୋପନ ରଖିବା ସର୍ତ୍ତରେ ଜଣେ ସରକାରୀ ଡାକ୍ତର କହିଛନ୍ତି ଯେ ସରକାରୀ ଡାକ୍ତରଖାନାରେ ଡାକ୍ତରମାନେ ରୋଗୀଙ୍କୁ ବାହାରୁ ଔଷଧ କିଣିବା ପାଇଁ ଲେଖିପାରିବେ ନାହିଁ। ଏଥିପାଇଁ ସରକାରୀ ଭାବେ ସ୍ୱଷ୍ଟ ନିର୍ଦ୍ଦେଶନାମା ଜାରି ରହିଛି। ଏମିତିକି ଯେଉଁ ଡାକ୍ତରମାନେ ବାହାରୁ ଔଷଧ ଲେଖିବେ, ସେମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ହେବ ବୋଲି ସରକାର ନିୟମ କରିଛନ୍ତି। ତେଣୁ ଡାକ୍ତରମାନେ କେବଳ ସରକାରୀ ଡାକ୍ତରଖାନାରେ ମିଳୁଥିବା ଔଷଧ ଲେଖୁଛନ୍ତି। ମଧୁମେହ, ଉଚ୍ଚ ରକ୍ତଚାପ ଆଦି ପାଇଁ ରୋଗୀଙ୍କୁ ନିରାମୟ କେନ୍ଦ୍ରକୁ ପଠାଇ ଦେଉଛନ୍ତି। ହେଲେ ନିରାମୟ କେନ୍ଦ୍ରରେ ଔଷଧ ମିଳୁନଥିବାରୁ ରୋଗୀମାନେ ଫେରୁଛନ୍ତି। ଅପରପକ୍ଷେ ମଧୁମେହ ଓ ଉଚ୍ଚ ରକ୍ତଚାପ ରୋଗୀମାନେ ନିୟମିତ ଭାବେ ଔଷଧ ଆବଶ୍ୟକ କରୁଛନ୍ତି। ସେମାନଙ୍କୁ ବଟିକା ସହିତ ଇନ୍ସୁଲିନ୍ ବି ଦେବାକୁ ପଡୁଛି। ଗୋଟିଏ ଥରରେ ରୋଗୀମାନଙ୍କୁ ଅତି କମରେ ମାସକ ପାଇଁ ଔଷଧ ଦିଆଯାଉଥିବାବେଳେ କେତେକ ସ୍ଥଳରେ ବୟସ୍କ ରୋଗୀମାନେ ଦୁଇ ମାସର ଔଷଧ ଦେବାକୁ ଦାବି କରୁଛନ୍ତି। ହେଲେ ଔଷଧ ଯୋଗାଣ ହ୍ରାସ ପାଇଥିବାରୁ ସେମାନଙ୍କୁ ଔଷଧ ଦେବା ସମ୍ଭବପର ହେଉନି ବୋଲି ସେ କହିଛନ୍ତି।

### ଥାନାରେ କାମ କରୁନି...

ଏହାକୁ ନେଇ ଥାନା ଅଧିକାରୀ କୋର୍ଟରେ ବିଭିନ୍ନ ପ୍ରକାର ବାହାନା ଦେଖାଉଛନ୍ତି। ହାଜତମୃତ୍ୟୁ ମାମଲାରେ ପୁଲିସ ସିସିଟିଭି ଫୁଟେଜ୍ ଦାଖଲ ନକରିବା ଲାଗି ବିଭିନ୍ନ ବାହାନା ଦେଖାଉଛି। ହାଜତମୃତ୍ୟୁକୁ ରୋକିବା ସହିତ ପାରଦର୍ଶିତା ଆଣିବା ଲାଗି ସମସ୍ତ ପୁଲିସ ଥାନାରେ ସିସିଟିଭି କ୍ୟାମେରା ଲଗାଇବାକୁ ସୁପ୍ରିମ କୋର୍ଟ ବାଧ୍ୟତାମୂଳକ କରିଛନ୍ତି। ମାନବାଧିକାର ଉଲ୍ଲଂଘନ ରୋକିବାକୁ ଏହା ଜରୁରି। ସିସିଟିଭି ଲଗାଇବା ସହିତ ଏହାର ରକ୍ଷଣାବେକ୍ଷଣା ନେଇ ସୁପ୍ରିମ କୋର୍ଟ ଏହାପୂର୍ବରୁ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କୁ ଅନେକ ନିର୍ଦ୍ଦେଶ ଦେଇଛନ୍ତି। ସିସିଟିଭି ଡାଟା ଏବଂ ରେକର୍ଡିଂ ବ୍ୟାକଅପ୍ ସୁରକ୍ଷିତ ରଖିବା ସହିତ ଯାନ୍ତ୍ରିକ ତ୍ରୁଟି ସଜାଡ଼ିବା ଦାୟିତ୍ୱ ଥାନା ଦାୟିତ୍ୱରେ ଥିବା ଅଧିକାରୀଙ୍କର ବୋଲି କୋର୍ଟ ସ୍ୱଷ୍ଟ ଭାବେ କହିଛନ୍ତି। କୋର୍ଟ ନିର୍ଦ୍ଦେଶ ସତ୍ତ୍ୱେ ବିଭିନ୍ନ ସରକାରଙ୍କ ପକ୍ଷରୁ ଦାଖଲ କରାଯାଇଥିବା ସତ୍ୟପାଠରେ ବିଭ୍ରାନ୍ତିକର ତଥ୍ୟ ଦିଆଯାଉଛି। ଏକ୍ଷେତ୍ରରେ ସୁପ୍ରିମ କୋର୍ଟଙ୍କ ଆଦେଶ ପାଳନ କରାଯାଉ ନଥିବାରୁ ୨୦୨୩ରେ ଜଷ୍ଟିସ ଗଭାଇ ବେଞ୍ଚ କ୍ଷୋଭ ପ୍ରକାଶ କରିଥିଲେ। ଜାତୀୟ କ୍ରାଇମ ରେକର୍ଡ ବ୍ୟୁରୋ ତଥ୍ୟ ଅନୁଯାୟୀ ୨୦୦୦ରୁ ୨୦୨୨ ମଧ୍ୟରେ ବର୍ଷକୁ ୯୨ ଜଣ ବ୍ୟକ୍ତି ପୁଲିସ ହାଜତରେ ପ୍ରାଣ ହରାଇଥିଲେ। ତେବେ ୨୦୦୫ରେ ସର୍ବାଧିକ ୧୨୮ ଟି ହାଜତମୃତ୍ୟୁ ହୋଇଥିବା ବେଳେ ୨୦୦୭ ରେ ୧୧୮ ଟି ହାଜତମୃତ୍ୟୁ ହୋଇଥିଲା।

### ହାଇକୋର୍ଟ ନିର୍ଦ୍ଦେଶ...

ବ୍ୟବସ୍ଥା କରାଯିବ। ଫାଣ୍ଡିରେ ଲାଗିଥିବା କ୍ୟାମେରା ଗୁଡିକ ଭିଡିଓ ମ୍ୟାନେଜମେଣ୍ଟ ସିଷ୍ଟମ ଜରିଆରେ ସେଣ୍ଟ୍ରାଲ ମନିଟରିଂ ସିଷ୍ଟମରେ ସେହି ସମାନ ସମୟ ସୁଦ୍ଧା ଯୋଡ଼ି ହୋଇଥିବ ବୋଲି ଦର୍ଶାଯାଇଥିଲା। ଏହି ଅବଧି ପୂରି ଯାଇଥିଲେ ମଧ ରାଜ୍ୟର ସମସ୍ତ ଥାନା ଓ ଫାଣ୍ଡିରେ ସିସିଟିଭି ବ୍ୟବସ୍ଥା ହୋଇପାରିନାହିଁ। ଏବେ ବି ରାଜ୍ୟର ଆହୁରି ୩୦ଟି ଥାନାରେ ସିସିଟିଭି କ୍ୟାମେରା ଲାଗିପାରି ନ ଥିବା ଜନୈକ ପୁଲିସ ଅଧିକାରୀଙ୍କଠାରୁ ସୂଚନା ମିଳିଛି। ଫଳରେ ଥାନାକୁ ଅଭିଯୋଗ କରିବା ପାଇଁ ଯାଉଥିବା ଜନସାଧାରଣଙ୍କୁ କି ପ୍ରକାର ନ୍ୟାୟ ମିଳୁଛି ତାହା ନିଶ୍ଚିତ ହୋଇପାରିନାହିଁ।

୨୦୨୪ ସେପ୍ଟେମ୍ବର ୧୫ ତାରିଖ ବିଳମ୍ବିତ ରାତିରେ ଭରତପୁର ଥାନାରେ ଘଟିଥିବା ପୁଲିସ ନିର୍ଯାତନା ମାମଲାର ଶୁଣାଣି କରି ହାଇକୋର୍ଟ ଦର୍ଶାଇଥିଲେ ଯେ କୌଣସି ଆର୍ମି ଅଫିସର ଥାନାକୁ ଆସିଲେ କିପରି ବ୍ୟବହାର କରାଯିବ ସେ ନେଇ ପୁଲିସ ଉଚ୍ଚ କର୍ତ୍ତୃପକ୍ଷ ସବୁ ଥାନାକୁ ଏସଓପି ଜାରି କରିବେ ଏବଂ ରାଜ୍ୟର ପ୍ରତ୍ୟେକ ପୁଲିସ ଅଧିକାରୀ ଏହାକୁ ଅନୁସରଣ କରିବେ। ଏହି ଏସଓପିକୁ ଠିକ ଭାବେ ଚାରିଆଡେ ପ୍ରଚାର କରାଯିବ। ଏପରିକି ପୁଲିସ ଅଧିକାରୀମାନେ କିପରି ସଚେତନ ହେବେ ସେନେଇ ପଦକ୍ଷେପ ନିଆଯିବ। ଏସଓପିକୁ ଓଡ଼ିଆରେ ପ୍ରତ୍ୟେକ ଥାନା ଏବଂ ଫାଣ୍ଡିରେ ବଣ୍ଟାଯିବ ବୋଲି ଭରତପୁର ଥାନାରେ ଆର୍ମି ଅଫିସର ଏବଂ ତାଙ୍କ ବାନ୍ଧବୀଙ୍କୁ ନିର୍ଯାତନା ଦିଆଯିବା ମାମଲାରେ ହାଇକୋର୍ଟ ନିର୍ଦ୍ଦେଶ ଦେଇଥିଲେ।

ଜଣେ ଆର୍ମି ଅଫିସର ଏବଂ ତାଙ୍କ ବାନ୍ଧବୀ ଏତଲା ଦେବାକୁ ଯାଇଥିଲେ। ପୋଲିସ ସେମାନଙ୍କ ଏତଲା ରୁଜୁ କରିବା ପରିବର୍ତ୍ତେ ସେମାନଙ୍କ ବିରୋଧରେ ମାମଲା ରୁଜୁ କରିଥିଲେ। ଏପରିକି ଆର୍ମି ଅଫିସରଙ୍କ ବାନ୍ଧବୀଙ୍କୁ ଗିରଫ କରି ଜେଲକୁ ପଠାଇ ଦିଆଯାଇଥିଲା। ଏହି ଘଟଣା ଦେଶରେ ଆଲୋଡନ ସୃଷ୍ଟି କରିଥିଲା। ଲେଫ୍ଟନାଣ୍ଟ ଜେନେରାଲ ପିଏସ ଶେଖାୱତ ଏନେଇ ହାଇକୋର୍ଟ ମୁଖ୍ୟ ବିଚାରପତିଙ୍କୁ ଏକ ଲେଟର ପିଟିସନ ଲେଖିଥିଲେ। ଏହି ଲେଟର ପିଟିସନକୁ ମାମଲା ଭାବେ ଗ୍ରହଣ କରି ହାଇକୋର୍ଟ ନିଜ ଆଡୁ ମାମଲା ରୁଜୁ କରିଥିଲେ। ଏଥିରେ ହାଇକୋର୍ଟ ରାଜ୍ୟ ସରକାରଙ୍କ ଠାରୁ ଭରତପୁର ଥାନା ସମେତ ରାଜ୍ୟର କେତେ ଥାନାରେ ସିସିଟିଭି କ୍ୟାମେରା ଲାଗିଛି ତାହାର ରିପୋର୍ଟ ତଲବ କରିଥିଲେ।

### ବଢୁଛି ଆତ୍ମହତ୍ୟା...

ମାନସିକ ଅବସାଦର ଶିକାର ହେଉଛନ୍ତି। ଏନେଇ ଡବ୍ଲ୍ୟୁଏଚ୍‌ଓ ଚିନ୍ତା ପ୍ରକଟ କରିବା ସହିତ ମାନସିକ ସ୍ୱାସ୍ଥ୍ୟ ନେଇ ସଚେତନତା ଅଭିଯାନ ଜୋରଦାର କରିବାକୁ ପରାମର୍ଶ ଦେଇଛି। ରିପୋର୍ଟରେ ଆହୁରି କୁହାଯାଇଛି ଯେ ଅବସାଦ ଓ ଦୁଶ୍ଚିନ୍ତା ବିଶ୍ୱର ସବୁ ଦେଶରେ ଦେଖାଯାଉଛି। ବିଶେଷ କରି ଯୁବପିଢ଼ି ଏହାର ଶିକାର ହେଉଛନ୍ତି। ଏହାର ପ୍ରଭାବ ଅର୍ଥନୀତି ଉପରେ ମଧ ପଡୁଛି। ଅବସାଦ ଓ ଦୁଶ୍ଚିନ୍ତା ଯୋଗୁଁ ପ୍ରତିବର୍ଷ ବିଶ୍ୱ ଅର୍ଥନୀତି ଉପରେ ଏକ ଲକ୍ଷ କୋଟି ଡଲାରର ବୋଝ ପଡୁଛି। ଅବସାଦ ଓ ଦୁଶ୍ଚିନ୍ତାର ମୁକାବିଲା ଲାଗି ବିଶ୍ୱବ୍ୟାପୀ ଅଭିଯାନକୁ ଜୋରଦାର କରିବା ଲାଗି ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ଗୁରୁତ୍ୱ ଆରୋପ କରିଛି। ୨୦୩୦ ସୁଦ୍ଧା ଆତ୍ମହତ୍ୟା ହାର ଅତିକମରେ ୩୦ ଭାଗ ହ୍ରାସ କରିବାକୁ ଡବ୍ଲ୍ୟୁଏଚ୍‌ଓ ଲକ୍ଷ୍ୟ ଧାର୍ଯ୍ୟ କରିଛି। କିନ୍ତୁ ଯେଉଁ ହିସାବରେ ଅଭିଯାନ ଚାଲିଛି, ସେଥିରୁ ଜଣାପଡୁଛି ଯେ ଏହି ଲକ୍ଷ୍ୟ ହାସଲ ହେବାର ସମ୍ଭାବନା କମ୍। ଆତ୍ମହତ୍ୟା ହାର ମାତ୍ର ୧୨ ପ୍ରତିଶତ କମିପାରେ ବୋଲି ରିପୋର୍ଟରେ ଉଲ୍ଲେଖ କରାଯାଇଛି। ଯୁବପିଢ଼ି କାହିଁକି ମାନସିକ ଅବସାଦର ଶିକାର ହେଉଛନ୍ତି, ତାହାର କାରଣ ଖୋଜି ବାହାର କରିବା ସହିତ ଏହାର ନିରାକରଣ ପାଇଁ ବିଭିନ୍ନ ଦେଶ ନିମନ୍ତେ ଗାଇଡଲାଇନ୍ସ ଜାରି କରିଛି ସଂଗଠନ।

ଓଡ଼ିଶା ସରକାର
ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ
RR-12

ବିଜ୍ଞାପନ

୩୫ ତମ ରାଜ୍ୟ ଚଳଚ୍ଚିତ୍ର ପୁରସ୍କାର, ୨୦୨୩ ଏବଂ ୩୬ ତମ ରାଜ୍ୟ ଚଳଚ୍ଚିତ୍ର ପୁରସ୍କାର, ୨୦୨୪ ପାଇଁ ଦରଖାସ୍ତ ଆହ୍ୱାନ

ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ତରଫରୁ ୩୫ତମ (2023) ଓ ୩୬ତମ (2024) ରାଜ୍ୟ ଚଳଚ୍ଚିତ୍ର ପୁରସ୍କାର ପ୍ରଦାନ ପାଇଁ ଦରଖାସ୍ତ ଆହ୍ୱାନ କରାଯାଉଅଛି। ପ୍ରଯୋଜକମାନେ Entry Form, ଆବଶ୍ୟକ କାଗଜପତ୍ର ଓ ଚଳଚ୍ଚିତ୍ର Soft Copy (Pen Drive) 04.10.2025 ସୁଦ୍ଧା (Registered/Speed Post/Parcel) ଦାଖଲ କରିପାରିବେ। ଶ୍ରେଷ୍ଠ ଲେଖା (Book/Monograph) ପାଇଁ ଲେଖକମାନେ ଆବେଦନ ଫର୍ମରେ ଆବେଦନ କରିବା ସହିତ ଦଶ (୧୦) ଖଣ୍ଡ ଲେଖା (Book/Monograph) 04.10.2025 ସୁଦ୍ଧା ଦାଖଲ କରିବେ। ଆବେଦନ ସମ୍ବନ୍ଧୀୟ ବିଶଦ ବିବରଣୀ ଯଥା Entry Form ଓ ନିୟମାବଳୀ ଇତ୍ୟାଦି ବିଭାଗର ୱେବସାଇଟ: culture.odisha.gov.in ରେ ଉପଲବ୍ଧ କରାଯାଇଅଛି।

ନିର୍ଦ୍ଦେଶକ,
ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ
ଭୁବନେଶ୍ୱର

OIPR-03029/11/0068/2526

# ବଛା-ଖେଳୁଆ ସମୟରେ ସାର ଅଭାବ

### ନୟାଗଡ଼ରେ ମିଳୁନି ୟୁରିଆ ସାର
### କଳାବଜାରରେ ବସ୍ତାକୁ ୭୦୦

ନୟାଗଡ଼,୪।୯ (ସମିସ)

ନୟାଗଡ଼ ଜିଲ୍ଲାର ଚାଷୀମାନେ କେବଳ ଧାନଚାଷ ଉପରେ ନିର୍ଭରଶୀଳ। ୯୦ ପ୍ରତିଶତ ଚାଷୀ ଧାନଚାଷ କରୁଥିବାବେଳେ ଜିଲ୍ଲାରେ ଏବେ ଚାଷୀଙ୍କ ସମସ୍ୟା ଉତ୍କଟ ସ୍ଥିତିରେ ପହଞ୍ଚିଛି। ନୟାଗଡ଼ ଜିଲ୍ଲାରେ ବ୍ୟାପକ ପରିମାଣର ସାର କଳାବଜାରୀ ଆରମ୍ଭ ହୋଇଛି। କୃଷି ବିଭାଗ ପକ୍ଷରୁ ସରକାରୀସ୍ତରରେ ହେଉଥିବା ସାରକୁ କଳାବଜାରରେ ବିକ୍ରି ଚାଲିଛି। ଜିଲ୍ଲାରେ ଇଫ୍‌କୋ ୟୁରିଆ ସବୁଠାରୁ ଅତ୍ୟାବଶ୍ୟକ ସାର ହୋଇଥିବାବେଳେ ବସ୍ତା ପିଛା ୭୦୦ ଟଙ୍କା ପର୍ଯ୍ୟନ୍ତ କଳାବଜାରୀ କରାଯାଉଛି। ୟୁରିଆ ସାର ୫୦ କେଜି ବସ୍ତା ୨୬୮ ଟଙ୍କା ଏବଂ ୪୫ କେଜି ବସ୍ତା ୨୪୨ ଟଙ୍କା ସରକାରୀ ମୂଲ୍ୟ ରହିଥିବାବେଳେ ଏହାକୁ ୭୦୦ ଟଙ୍କାରେ ବିକ୍ରି କରାଯାଉଛି। ସେହିଭଳି ସୁପର, ଡିଏପି, ପଟାସ ସାର ମୂଲ୍ୟ ମଧ୍ୟ ବୃଦ୍ଧି କରି ବିକ୍ରି କରାଯାଉଛି। ବିଭିନ୍ନ ଡିଲର ଏହାକୁ ଖୁଚୁରା ବ୍ୟବସାୟୀଙ୍କୁ ବିକ୍ରି କରି ବେଶ୍ ମୁନାଫା କମାଉଥିବା ଦେଖାଯାଇଛି। ବଛା-ଖେଳୁଆ ସମୟରେ ଚାଷୀମାନେ ଶୋଷଣର ଶିକାର ହେଉଥିବାବେଳେ ନୂଆ ସରକାର ଏଥିପ୍ରତି ଆଦୌ ଧ୍ୟାନ ଦେଉନଥିବା ଦେଖାଯାଇଛି। ରାଜ୍ୟ ସରକାର ବଜେଟ୍‌ରେ କୃଷିକୁ ଗୁରୁତ୍ୱ ଦେଇଥିବାବେଳେ ଚାଷୀ ଶୋଷଣର ଶିକାର ହେବା ସ୍ଥିତିରୁ କିଭଳି ମୁକୁଳିବ ତାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

ନୟାଗଡ଼ ଜିଲ୍ଲାରେ ୧୫୭ ସମବାୟ ସମିତି ତଥା ପାକ୍ସ ରହିଛି। ଏହି ସମବାୟ ସମିତିଗୁଡ଼ିକୁ ମାର୍କଫେଡ୍ ସାର ଯୋଗାଇ ଦେଉଛି। ଅଦ୍ୟାବଧି ୧୫୭ ସମବାୟ ସମିତିରୁ ଅଦ୍ୟାବଧି ୫୦ ପ୍ରତିଶତ ସମିତିକୁ ସାର ମିଳିନଥିବା ଜଣାପଡ଼ିଛି। ବିଗତ ବର୍ଷ ଜୁଲାଇ ମାସ ସୁଦ୍ଧା ସମସ୍ତ ସମବାୟ ସମିତିରେ ସାର ପହଞ୍ଚୁଥିବାବେଳେ ଚଳିତ ବର୍ଷ ସାର ଯୋଗାଣରେ ବ୍ୟାପକ ମନ୍ଥରତା ଦେଖାଯାଇଛି। ନୟାଗଡ଼ ଜିଲ୍ଲାରେ ସାର ପାଇଁ ର୍ୟାକ୍ ପଏଣ୍ଟ ନ ଥିବାରୁ ଜଟଣୀ କିମ୍ବା କଟକ ର୍ୟାକ୍ ପଏଣ୍ଟରୁ ସାର ମାର୍କଫେଡ୍ ଗୋଦାମକୁ ଆସିଥାଏ। ଏହି ସ୍ଥାନରୁ ବିଭିନ୍ନ ସମବାୟ ସମିତିକୁ ସାର ଯୋଗାଣ ହୋଇଥାଏ। ଅଦ୍ୟାବଧି ନୟାଗଡ଼ ଜିଲ୍ଲାରେ ୫୦ ପ୍ରତିଶତ ସମବାୟ ସମିତି ସାର ପାଇଥିବାବେଳେ ଅନ୍ୟ ସମବାୟ ସମିତିରେ କେବେ ସାର ପହଞ୍ଚିବ ତାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଯେଉଁ ସମବାୟ ସମିତି ପ୍ରଥମ ଥର ସାର ପାଇଥିଲା, ସେହି ସମିତିକୁ ମଧ୍ୟ ଦ୍ୱିତୀୟ ପର୍ଯ୍ୟାୟ ସାର ମିଳିନଥିବା ସୂଚନା ମିଳିଛି। ମାର୍କଫେଡ୍ ଅଧିକାରୀ କିଛି ସମବାୟ ସମ୍ପାଦକଙ୍କ ଫୋନ୍ ଉଠାଉ ନ ଥିବା ଜଣାପଡ଼ିଛି। ପ୍ରଥମ ଦଫାରେ ସାର ପାଇଥିବା ସମିତିଗୁଡ଼ିକ ଦ୍ୱିତୀୟ ପର୍ଯ୍ୟାୟ ପାଇଁ ଜଳକା ଭଳି ଚାହିଁ ରହିଥିବାବେଳେ କେବେ ସାର ଆସିବ ଏବଂ ଚାଷୀଙ୍କୁ ବଣ୍ଟନ କରାଯିବ ବୋଲି ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ନୟାଗଡ଼ ଜିଲ୍ଲାରେ ସାର ବିକ୍ରି ପାଇଁ ଅନୁମତିପ୍ରାପ୍ତ ଡିଲରମାନେ ମଧ୍ୟ ବ୍ୟାପକ ପରିମାଣର କେଳେଙ୍କାରୀ କରୁଛନ୍ତି। ନୟାଗଡ଼ ଜିଲ୍ଲା ଇଟାମାଟି ଅଞ୍ଚଳରେ ସବୁଠାରୁ ଅଧିକ ମୂଲ୍ୟରେ ସାର ବିକ୍ରି ହେଉଥିବା ସୂଚନା ମିଳିଛି। ସାର ଯୋଗାଣ ପାଇଁ ଅନୁମତି ପାଇଥିବା ଡିଲର କଳାବଜାରୀ କରୁଥିବା ଅଭିଯୋଗ ହେଉଛି। କୃଷି ବିଭାଗ, ସମବାୟ ବିଭାଗ, ମାର୍କଫେଡ୍ ଏସବୁ ପ୍ରତି ଧ୍ୟାନ ଦେଇ ଚାଷୀଙ୍କୁ ସୁବିଧାରେ ଏବଂ ସଠିକ୍ ମୂଲ୍ୟରେ ସାର ଯୋଗାଇଦେବାକୁ ଦାବି ହେଉଛି। ଦୁଇ ଦିନ ହେବ ଜିଲ୍ଲାର ବିଭିନ୍ନ ସ୍ଥାନରେ ୟୁରିଆ ସାର ଅଭାବ ଦେଖାଯାଇଥିବା ବେଳେ କେତେକ ବିଜେପି ନେତା ସାର ଅଭାବ ସମସ୍ୟାରୁ ନଜର ହଟାଇବା ପାଇଁ ନାଟକବାଜି ଆରମ୍ଭ କରିଥିବା ଦେଖାଯାଇଛି। କୃଷି ବିଭାଗ ସହ ଆଲୋଚନା ବାସ୍ତବରେ ଫଳପ୍ରଦ ହେଉନଥିବା ଜଣାପଡ଼ିଛି।

## ସାପ କାମୁଡ଼ାରେ ଛାତ୍ର ଗୁରୁତର

ଭାପୁର,୪।୯ (ସମିସ): ଜଣେ ଦଶମ ଶ୍ରେଣୀର ଛାତ୍ର ବିଦ୍ୟାଳୟ ପରିସରରେ ଖେଳୁଥିବା ସମୟରେ ଏକ ବିଷଧର ସାପ କାମୁଡ଼ାରେ ଗୁରୁତର ହୋଇ ଚିକିତ୍ସିତ ହେଉଛନ୍ତି। ଏପରି ଏକ ଘଟଣା ଘଟିଛି ନୟାଗଡ଼ ଜିଲ୍ଲା ଭାପୁର ବ୍ଲକ୍ ଚକ୍ରଧରପ୍ରସାଦ ଗ୍ରାମ ଚକ୍ରଧରପ୍ରସାଦ ହାଇସ୍କୁଲରେ। ବିଦ୍ୟାଳୟରେ ଦଶମ ଶ୍ରେଣୀରେ ଅଧ୍ୟୟନ କରୁଥିବା ସେହି ଗ୍ରାମର ରାଜକିଶୋର ପ୍ରଧାନଙ୍କ ପୁଅ ରାହୁଲ ପ୍ରଧାନ ଗୁରୁବାର ଅପରାହ୍ଣ ୩ଟା ସମୟରେ ବିଦ୍ୟାଳୟ ପରିସରରେ ଖେଳୁଥିବା ସମୟରେ ତାଙ୍କୁ ଏକ ବିଷଧର ସାପ କାମୁଡ଼ି ଦେଇଥିଲା। ତାଙ୍କୁ ଗୁରୁତର ଅବସ୍ଥାରେ ଭାପୁର ଡାକ୍ତରଖାନାରେ ପ୍ରାଥମିକ ଚିକିତ୍ସା ପରେ ଭୁବନେଶ୍ୱରକୁ ସ୍ଥାନାନ୍ତର କରାଯାଇଛି। ବିଦ୍ୟାଳୟ ପରିସର ଅନାବନା ଘାସ ଓ ଆବର୍ଜନାରେ ପୂର୍ଣ୍ଣ ହୋଇଥିବାରୁ ବିଷଧର ସାପ ରହିବା ପାଇଁ ସୁଯୋଗ ପାଉଛନ୍ତି।

## ତଅଁଳା ନୂଆଗାଁରେ ଦେଶୀ ମଦ କାରବାର

ଗଣିଆ,୪।୯ (ସମିସ): ଗଣିଆ ବ୍ଲକ୍ କରଡ଼ାପଡ଼ା ପଞ୍ଚାୟତ ତଅଁଳା ନୂଆଗାଁ ଗ୍ରାମରେ ଦିନକୁ ଦିନ ଦେଶୀ ମଦ କାରବାର ବୃଦ୍ଧି ପାଇବାରେ ଲାଗିଛି। ସନ୍ଧ୍ୟା ହେଲେ ଗାଁର ଉଭୟ ମୁଣ୍ଡରେ ଏହି ଚୋରା ଦେଶୀ ମଦ ଆସର ଜମୁଛି। ମଦ୍ୟପାନ କରି ଖରାପ ଭାଷାରେ ଗାଳିଗୁଲଜ କରୁଥିବାବେଳେ ଗ୍ରାମବାସୀ ଏନେଇ ଅତିଷ୍ଠ ହୋଇଗଲେଣି। ମଦ୍ୟପାନ କରି ଟିକିଏ ଟିକିଏ କଥାରେ ପାଟିତୁଣ୍ଡ, ଗଣ୍ଡଗୋଳ ହେଉଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଏହି ମଦ ଯୋଗୁଁ ସ୍ୱାମୀ-ସ୍ତ୍ରୀ, ବାପ-ପୁଅ ମଧ୍ୟରେ ତିକ୍ତତା ଲାଗି ରହୁଛି। ଅବକାରୀ ବିଭାଗୀୟ ଅଧିକାରୀଙ୍କ ଅପାରଗତା ଏଥିପାଇଁ ଦାୟୀ ବୋଲି ସାଧାରଣରେ ଆଲୋଚନା ହେଉଛି। ତୁରନ୍ତ ଅବକାରୀ ବିଭାଗ ଉକ୍ତ ଗ୍ରାମରେ ଚଢ଼ଉ କରି ଦେଶୀ ମଦ କାରବାର ବନ୍ଦ କରିବାକୁ ଗ୍ରାମବାସୀ ଦାବି କରିଛନ୍ତି।

## ନୀଳମାଧବ ସେବାୟତଙ୍କ ଦେହାନ୍ତ

କଣ୍ଟିଲୋ,୪।୯ (ସମିସ): ନୀଳମାଧବ ମନ୍ଦିର ବରିଷ୍ଠ ସେବାୟତ ଲକ୍ଷ୍ମଣ ମିଶ୍ର(୭୫)ଙ୍କ ନିଜ ସିଂହଦ୍ୱାରସ୍ଥିତ ବାସଭବନରେ ପରଲୋକ ହୋଇଯାଇଛି। ସେ କିଛିଦିନ ହେଲା ବାର୍ଦ୍ଧକ୍ୟଜନିତ ରୋଗରେ ପୀଡ଼ିତ ହୋଇ ଚିକିତ୍ସିତ ହେଉଥିଲେ। ସ୍ୱାସ୍ଥ୍ୟ ବିଭାଗ କର୍ମଚାରୀ ଭାବେ ଅବସର ଗ୍ରହଣ ପରେ ନୀଳମାଧବ ମନ୍ଦିର ସେବାରେ ନିୟୋଜିତ ଥିଲେ। ଜଣେ ଅମାୟିକ, ଧର୍ମପ୍ରାଣ ବ୍ୟକ୍ତି ରୂପେ ସବୁ ମହଲରେ ପରିଚିତ ହେବା ସହ ମନ୍ଦିରର ବିଭିନ୍ନ କର୍ମକର୍ତ୍ତା ଭାବେ ଦାୟିତ୍ୱ ନିର୍ବାହ କରିଥିଲେ। ନିକଟ ମହିମାଶ୍ରମ ମହାନଦୀ କୂଳ ଶ୍ମଶାନ ଘାଟରେ ଶେଷକୃତ୍ୟ ସମ୍ପନ୍ନ ହୋଇଥିବାବେଳେ ଏକମାତ୍ର ପୁତ୍ର ସନ୍ତୋଷ ମୁଖାଗ୍ନି ଦେଇଥିଲେ।

## ନୀଳମାଧବଙ୍କ ପୀଠରେ ସୁନିଆଁ ପର୍ବ



କଣ୍ଟିଲୋ,୪।୯ (ସମିସ): ଭାଦ୍ରବ ଶୁକ୍ଳ ଦ୍ୱାଦଶୀ ତିଥିରେ ନୀଳମାଧବ ପୀଠରେ ପାରମ୍ପରିକ ସୁନିଆଁ ପର୍ବ ପାଳିତ ହୋଇଛି। ଏହି ଦିନ ପ୍ରଭୁ ନାରାୟଣ ବାମନ ଅବତାରରେ ଆବିର୍ଭୂତ ହୋଇଥିବା ପୌରାଣିକ ତଥ୍ୟ ରହିଛି। ଗୁରୁବାର ନୀଳମାଧବଙ୍କୁ ବାମନ ରୂପେ ପୂଜାର୍ଚ୍ଚନା କରାଯାଇଥିଲା। ଆଜିର ଦିନରେ ଗଜପତିଙ୍କ ନୂତନ ଅଙ୍କ ଆରମ୍ଭ ହୋଇଥାଏ। ସୁନିଆଁକୁ ଉତ୍କଳୀୟ ଗଜପତିଙ୍କ ନବବର୍ଷ ବୋଲି ଧରାଯାଏ। ସୁନିଆଁଠାରୁ ରାଜାଙ୍କ ଦ୍ୱାରା ନୂତନ ଅଙ୍କର ଗଣନା ଆରମ୍ଭ ହୁଏ। ରାଜାରାଜୁଡ଼ା ଶାସନ ଇତିହାସ ପାଲଟିଛି ସତ ମାତ୍ର ପ୍ରତୀକାତ୍ମକ ଭାବେ ନୀଳମାଧବ ପୀଠରେ ସୁନିଆଁ ପର୍ବ ପାଳିତ ହେଉଛି। ଏଥିପାଇଁ ନୀଳମାଧବ ପୀଠରେ ପ୍ରବଳ ଭିଡ଼ ପରିଲକ୍ଷିତ ହୋଇଥିଲା।

## ଦୁର୍ଗାପୂଜା ପ୍ରସ୍ତୁତି ବୈଠକ

ଗଣିଆ,୪।୯ (ସମିସ): ଗଣିଆ ବଜାର ବଣିକ ସଂଘ ପକ୍ଷରୁ ଦୁର୍ଗାପୂଜା ପାଇଁ ଏକ ପ୍ରସ୍ତୁତି ବୈଠକ ରଘୁନାଥଜୀଉ ମନ୍ଦିର ପରିସରରେ ଅନୁଷ୍ଠିତ ହୋଇଯାଇଛି। ସଂଘର ସଭାପତି ଦାଶରଥି ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉକ୍ତ ବୈଠକରେ ସମ୍ପାଦକ ପ୍ରଭାତ କୁମାର ଦାଶ, ଉପସଭାପତି କୂଳମଣି ସାହୁ, ଜଗନ୍ନାଥ ଦାଶ, ପ୍ରଦୀପ୍ତ ମହାପାତ୍ର, ଚିତ୍ତରଞ୍ଜନ ସାହୁଙ୍କ ସମେତ ପରିଚାଳନା କମିଟିର ସଦସ୍ୟ ତଥା ବ୍ୟବସାୟୀ ଉପସ୍ଥିତ ଥିଲେ। ଗଣିଆରେ ପୀଠେ ପୂଜା ହୋଇଥିବାରୁ ଅକ୍ଟୋବର ୨ ତାରିଖରେ ଦଶହରା ପାଳନ କରାଯିବା ପାଇଁ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା। ପୂଜା ପାଇଁ ବିଭିନ୍ନ କମିଟି ଗଠନ କରାଯାଇ ଦାୟିତ୍ୱ ପ୍ରଦାନ କରାଯାଇଥିଲା। ୧ ଓ ୨ ତାରିଖ ଦୁଇ ଦିନ ଧରି ବଜାର ପରିସରରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯିବା ପାଇଁ ସ୍ଥିର କରାଯାଇଥିଲା। ଅକ୍ଟୋବର ୫ରେ ଭସାଣି ହେବା ପାଇଁ ସ୍ଥିରୀକୃତ ହୋଇଥିବାବେଳେ ସମସ୍ତ ବ୍ୟବସାୟୀ ଦୋକାନ ବନ୍ଦ କରି ଭସାଣିରେ ଯୋଗଦେବାକୁ ସଭାପତି ନିବେଦନ କରିଥିଲେ। ନିଜ ନିଜର ଦାୟିତ୍ୱ ସମ୍ପାଦନ କରିବା ସହିତ ଦଶହରା କିଭଳି ଶାନ୍ତି ଶୃଙ୍ଖଳାରେ ସମାପ୍ତ ହେବ ସେଥିପାଇଁ ସମସ୍ତଙ୍କ ସହଯୋଗ ଦରକାର ବୋଲି ସଭାପତି ମତବ୍ୟକ୍ତ କରିଥିଲେ।

● ବାରମ୍ବାର ଅଘୋଷିତ ବିଦ୍ୟୁତ୍ କାଟ୍

## ବାଲୁଗାଁ ସବ୍‌ଷ୍ଟେସନରେ ତାଲା ପକାଇ ପ୍ରତିବାଦ

ନୟାଗଡ଼,୪।୯ (ସମିସ): ନୟାଗଡ଼ ଜିଲ୍ଲା ସଦର ବ୍ଲକ୍ ବାଲୁଗାଁ ଓ ଆଖପାଖ ଅଞ୍ଚଳରେ ଦୀର୍ଘ ସମୟ ଧରି ଅଘୋଷିତ ବିଦ୍ୟୁତ୍ କାଟ୍ ଲୋକଙ୍କୁ ଅତିଷ୍ଠ କଲାଣି। ବାଲୁଗାଁ, କ୍ରିଦାଶପୁର, ଶରଧାପୁର, ମାଳିସାହି, ଲକ୍ଷ୍ମୀପ୍ରସାଦ ପ୍ରଭୃତି ପଞ୍ଚାୟତର ହଜାର ହଜାର ଉପଭୋକ୍ତା ଅଘୋଷିତ ବିଦ୍ୟୁତ୍ କାଟ୍ ଓ ବିଦ୍ୟୁତ୍ କର୍ମଚାରୀଙ୍କ ମନମୁଖୀ କାର୍ଯ୍ୟକୁ ନେଇ ଅତିଷ୍ଠ ହୋଇଥିଲେ। ଯାହାକୁ ନେଇ ଗୁରୁବାର ବାଲୁଗାଁ ଅଞ୍ଚଳର ଶହ ଶହ ଲୋକ ଚଣ୍ଡୀମନ୍ଦିର ନିକଟସ୍ଥ ସବ୍‌ଷ୍ଟେସନରେ ତାଲା ପକାଇ ପ୍ରତିବାଦ କରିଥିଲେ। ବାଲୁଗାଁ ସରପଞ୍ଚ ମନୋଜ କୁମାର ନାୟକ, ରାଜକିଶୋର ଦଳବେହେରା ପ୍ରମୁଖ ଏହାର ନେତୃତ୍ୱ ନେଇଥିଲେ। ଦୀର୍ଘ ସମୟ ଧରି ସବ୍‌ଷ୍ଟେସନରେ ତାଲା ଝୁଲାଇ ପ୍ରତିବାଦ କରାଯିବା ପରେ ଟିପିସିଓଡିଏଲ୍ ସହକାରୀ ଯନ୍ତ୍ରୀ, ଯନ୍ତ୍ରୀ ସେଠାରେ ପହଞ୍ଚି ଆନ୍ଦୋଳନକାରୀଙ୍କୁ ବୁଝାସୁଝା କରିଥିଲେ। ବାଲୁଗାଁ ସବ୍‌ଷ୍ଟେସନରେ ରହିଥିବା ସମସ୍ୟାକୁ ଦୂରୀଭୂତ କରିବା ସହ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ଲୋକେ ଦାବି କରିଥିଲେ। ଯାହାକୁ ନେଇ ଟିପିସିଓଡିଏଲ୍ ପକ୍ଷରୁ ୧୦ ଦିନ ମଧ୍ୟରେ ସମସ୍ତ ସମସ୍ୟାକୁ ଦୂର କରାଯିବାକୁ ପ୍ରତିଶ୍ରୁତି ଦିଆଯାଇଛି। ବିଦ୍ୟୁତ୍ ବିଭାଗ ବାଲୁଗାଁ ସବ୍‌ଷ୍ଟେସନକୁ ସ୍ୱତନ୍ତ୍ର ଫିଡର୍ କରିବା ସହ ଫ୍ୟୁଜ୍ କଲ୍ ପାଇଁ ଗାଡ଼ି ବ୍ୟବସ୍ଥା କରିବା ଏବଂ ରାତ୍ରିରେ ଗୋଟିଏ ସିଫ୍ଟ ପାଇଁ କର୍ମଚାରୀ ନିଯୁକ୍ତି ଦେବାକୁ ପ୍ରତିଶ୍ରୁତି ଦେଇଥିବା ଜଣାପଡ଼ିଛି। ଟିପିସିଓଡିଏଲ୍ ପ୍ରତିଶ୍ରୁତି ପାଳନ ନ କଲେ ଆଗାମୀ ଦିନରେ ସବ୍‌ଷ୍ଟେସନରେ ତାଲା ପକାଯିବା ସହ ନୟାଗଡ଼-ଖଣ୍ଡପଡ଼ା ରାସ୍ତା ଅବରୋଧ କରି ଆନ୍ଦୋଳନ କରାଯିବ ବୋଲି ବାଲୁଗାଁ ସରପଞ୍ଚ ମନୋଜ କୁମାର ନାୟକ କହିଛନ୍ତି।



## ଶ୍ରୀଅନ୍ନ ଅଭିଯାନ ସଚେତନତା ରଥ ଶୁଭାରମ୍ଭ

ଗଣିଆ,୪।୯ (ସମିସ): ଗଣିଆ ବ୍ଲକ୍ ପରିସରରେ ଶ୍ରୀଅନ୍ନ ଅଭିଯାନ ସଚେତନତା ରଥ ଶୁଭାରମ୍ଭ ହୋଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବ୍ଲକ୍ ଅଧ୍ୟକ୍ଷା ଝୁନା ଜେନା ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ଉପାଧ୍ୟକ୍ଷ ରାଜକିଶୋର ସାହୁ, ବେଲପଡ଼ାପାଟଣା ସରପଞ୍ଚ ସୁକାନ୍ତ କୁମାର ଗଣ୍ଡିଆ, ମହିଳା ଓ ଶିଶୁ କଲ୍ୟାଣ ବିଭାଗ ସୁପରଭାଇଜର କଳ୍ପନା ମିଶ୍ର, ଗଣିଆ ଉନ୍ନୟନ କମିଟି ସମ୍ପାଦକ ଆନନ୍ଦ ଚନ୍ଦ୍ର ବେହେରାଙ୍କ ସମେତ ବ୍ଲକ୍ କର୍ମଚାରୀ ଉପସ୍ଥିତ ଥିଲେ। ବ୍ଲକ୍ ଅଧ୍ୟକ୍ଷା ପତାକା ଦେଖାଇ ରଥ ଶୁଭାରମ୍ଭ କରିଥିଲେ। ଏହି ରଥ ୫ ତାରିଖ ପର୍ଯ୍ୟନ୍ତ ଗଣିଆ ବ୍ଲକ୍‌ର ୮ଟି ପଞ୍ଚାୟତ ପରିଭ୍ରମଣ କରି ଜନସଚେତନତା ସୃଷ୍ଟି କରିବ ବୋଲି ଗଣିଆ ଉନ୍ନୟନ କମିଟି ସଭାପତି ଉଷା ପଟ୍ଟନାୟକ ପ୍ରକାଶ କରିଛନ୍ତି। ଗାଁ ଗାଁରେ ମାଣ୍ଡିଆର ବହୁଳ ବ୍ୟବହାର ତଥା ମାଣ୍ଡିଆର ଉପକାରିତା ସମ୍ପର୍କରେ ପ୍ରଚାରପ୍ରସାର କରିବା ପାଇଁ ସରକାରଙ୍କ ଏହି ପ୍ରୟାସ ଚଳିତବର୍ଷ ମାଣ୍ଡିଆ କ୍ୱିଣ୍ଟାଲ ପିଛା ୫ ହଜାର ଟଙ୍କାକୁ ବୃଦ୍ଧି କରାଯାଇଥିବାରୁ ଚାଷୀମାନେ ମାଣ୍ଡିଆ ଚାଷ କରି ସ୍ୱାବଲମ୍ବୀ ହୋଇପାରିବେ ବୋଲି ଅଧ୍ୟକ୍ଷା ସୂଚନା ଦେଇଥିଲେ। ଗରିବଙ୍କ ଖାଦ୍ୟ ରୂପେ ପରିଚିତ ମାଣ୍ଡିଆ ଏବେ ଧନୀ ଲୋକଙ୍କର ପ୍ରଥମ ପସନ୍ଦ ପାଲଟିଛି ବୋଲି ସେ ପ୍ରକାଶ କରିଛନ୍ତି।



ସାମନ୍ତ ଚନ୍ଦ୍ରଶେଖର କପିଳ ମାର୍ଥା ସରକାରୀ ଉଚ୍ଚ ବିଦ୍ୟାଳୟ

## ଅଧପନ୍ତରିଆ ଶୌଚାଳୟ; ଛାତ୍ରଛାତ୍ରୀ ହୀନସ୍ତା

ଭାପୁର,୪।୯ (ସମିସ): ବିଦ୍ୟାଳୟରେ ଶୈକ୍ଷିକ ପରିବେଶ ସହ ଛାତ୍ରଛାତ୍ରୀଙ୍କୁ ସମସ୍ତ ପ୍ରକାରର ଆନୁସଙ୍ଗିକ ମୌଳିକ ସୁବିଧାସୁଯୋଗ ଯୋଗାଇଦେବା ପାଇଁ ରାଜ୍ୟ ସରକାର ୫-ଟି ଯୋଜନାରେ କୋଟି କୋଟି ଟଙ୍କା ବ୍ୟୟ କରିଛନ୍ତି। ହେଲେ କିଛି ଅସାଧୁ କର୍ମଚାରୀ ଓ ଠିକାଦାର ଏହି ନିର୍ମାଣ କାର୍ଯ୍ୟରେ ହେର୍‌ଫେର୍ କରି ଛାତ୍ରଛାତ୍ରୀଙ୍କ ହକ୍ ଛଡ଼ାଇ ନେଇଛନ୍ତି। ଏଠାରେ ପ୍ରସଙ୍ଗ କ୍ରମେ ନୟାଗଡ଼ ଜିଲ୍ଲା ଭାପୁର ବ୍ଲକ୍ କରବର ପଞ୍ଚାୟତ ସାମନ୍ତ ଚନ୍ଦ୍ରଶେଖର କପିଳ ମାର୍ଥା ସରକାରୀ ଉଚ୍ଚ ବିଦ୍ୟାଳୟ କଥା ଆଲୋଚନା କରାଯାଇପାରେ। ଏହି ବିଦ୍ୟାଳୟରେ ଷଷ୍ଠରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ରହିଛି। ଏହି ବିଦ୍ୟାଳୟରେ ମୋଟ୍ ୨୫୪ ଜଣ ଛାତ୍ର ଅଧ୍ୟୟନ କରନ୍ତି। କରବର ପଞ୍ଚାୟତ କରବର, ବଡ଼ବର, ଗୁଡୁପଡ଼ା, ମାଣିତ୍ରୀ, ନଣ୍ଡାବର, ଶାସନ ପଞ୍ଚାୟତ ଶାସନ, ଟିକିରିପଡ଼ା, ଯଶୋବନ୍ତପୁର ଓ ଫତେଗଡ଼ ପଞ୍ଚାୟତ ମଣିପୁର ଗ୍ରାମର ଛାତ୍ରମାନେ ଅଧ୍ୟୟନ କରନ୍ତି। ଏହି ବିଦ୍ୟାଳୟର ବନୀକରଣ ପାଇଁ ୨୦୨୨-୨୩ ମସିହାରେ ୫-ଟି ଯୋଜନାରେ ସାମିଲ୍ ହୋଇ କାର୍ଯ୍ୟ ହୋଇଛି। ଏହି ଯୋଜନାରେ ୫ ଲକ୍ଷ ଟଙ୍କା ବ୍ୟୟରେ ବିଦ୍ୟାଳୟରେ ଏକ ନୂତନ ଶୌଚାଳୟ ନିର୍ମାଣ ହୋଇଛି। ମାତ୍ର ଠିକାଦାର ଏହି ଶୌଚାଳୟକୁ ଜଳଯୋଗାଣ କରିନାହାନ୍ତି କି ଠିକ୍‌ରେ ପାଣି ଟ୍ୟାପ୍ ନିର୍ମାଣ ନ କରି ତାଲା ପକାଇ ରଖିଛନ୍ତି। ୩ବର୍ଷ ପରେ ମଧ୍ୟ ବ୍ଲକ୍ ପ୍ରଶାସନ ଏହି ଶୌଚାଳୟକୁ ବିଦ୍ୟାଳୟକୁ ହସ୍ତାନ୍ତର କରିନାହିଁ କି ସ୍ଥାନୀୟ ଜନପ୍ରତିନିଧିଙ୍କ ଏଥିପ୍ରତି ନଜର ନାହିଁ। ସେହିପରି ଜିଲ୍ଲା ପରିଷଦ ସଭ୍ୟ ଧର୍ମେନ୍ଦ୍ର କୁମାର ଧଳଙ୍କ ଅନୁଦାନରେ ୫ ଲକ୍ଷ ଟଙ୍କା ଅନୁଦାନରେ ଏହି ବିଦ୍ୟାଳୟରେ ଏକ ସୋଲାର ପ୍ୟାନେଲ୍ ଲଗାଯାଇ ମୋଟରରେ ପାଣି ଉଠାଯାଉଥିଲା। ମୋଟର ଖରାପ ହେବା ପରେ ଏହାକୁ ଠିକାଦାର ଖୋଲି ନେଇଯାଇଛନ୍ତି। ବର୍ଷେ ହେଲା ନୂଆ ମୋଟର ଲଗାଉ ନାହାନ୍ତି। ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେବାକୁ ଛାତ୍ର ଅଭିଭାବକମାନେ ଦାବି କରିଛନ୍ତି।



## ପଞ୍ଚାୟତକୁ ଚାରାଯୋଗାଣ କାର୍ଯ୍ୟକ୍ରମର ଶୁଭାରମ୍ଭ

ଓଡ଼ଗାଁ,୪।୯ (ସମିସ): ନୟାଗଡ଼ ଜିଲ୍ଲା ବନଖଣ୍ଡ ଓଡ଼ଗାଁ ବନାଞ୍ଚଳରୁ ପ୍ରତି ପଞ୍ଚାୟତକୁ ଚାରାଯୋଗାଣ କାର୍ଯ୍ୟକ୍ରମ ଗୁରୁବାର ଶୁଭାରମ୍ଭ ହୋଇଛି। ଜିଲ୍ଲା ବନଖଣ୍ଡ ଅଧିକାରୀଙ୍କ ନିର୍ଦ୍ଦେଶ କ୍ରମେ ଓଡ଼ଗାଁ ବନାଞ୍ଚଳ ଅଧିକାରୀ ଅଭିମନ୍ୟୁ ମଲ୍ଲିକଙ୍କ ତତ୍ତ୍ୱାବଧାନରେ ବନପାଳ ସରିତା ବରାଳ, ବନରକ୍ଷୀ ସୌମ୍ୟରଞ୍ଜନ ଦଳେଇ, ଉଦ୍ଧବ ପ୍ରଧାନ, ଦୀପ୍ତିମୟୀ ରାଉତ, ଅଲିଭା ବରାଳ ଏବଂ ସ୍କ୍ୱାଡ୍ ଦଳ ମିଳିତ ଭାବେ ପତାକା ଦେଖାଇ ଅଭିଯାନର ଶୁଭାରମ୍ଭ କରିଥିଲେ। ପରେ ଗୋଟିଏ ଟ୍ରକ୍ ଯୋଗେ ଚାରା ନେଇ ପ୍ରତି ପଞ୍ଚାୟତକୁ ୫ଶହ ଲେଖାଏଁ ବଣ୍ଟନ କରାଯାଇଥିଲା। ଏହି ଅବସରରେ ଶରଧାପୁର, ଭାଡ଼ିକିଳା ଓ ମଗରବନ୍ଧ ପଞ୍ଚାୟତରେ ସରପଞ୍ଚ ଓ ପଞ୍ଚାୟତ ଅଧିକାରୀଙ୍କୁ ଗୁରୁବାର ଅପରାହ୍ଣରେ ଚାରା ହସ୍ତାନ୍ତର କରାଯାଇଥିଲା। ଏପରି ଭାବେ ଓଡ଼ଗାଁ ବନାଞ୍ଚଳରୁ ଓଡ଼ଗାଁ ସେକ୍ସନ୍‌ର ୧୩ ଏବଂ ବାହାଡ଼ାଝୋଲା ସେକ୍ସନ୍‌ର ୭ ପଞ୍ଚାୟତକୁ ମୋଟ୍ ୧୦ ହଜାର ଚାରା ବଣ୍ଟନ ପାଇଁ ସ୍ଥିର ହୋଇଛି। ରାଜ୍ୟ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ଦ୍ୱାରା 'ମାଆ ନାମରେ ଗୋଟିଏ ଗଛ' ଅଭିଯାନ ମାଧ୍ୟମରେ ଆମ ଜନ୍ମଦାତ୍ରୀ ମାଆ ପ୍ରତି ସମ୍ମାନ ପ୍ରଦର୍ଶନ କରିବା ସହିତ ଧରିତ୍ରୀ ମା'ର ସୁରକ୍ଷା ଓ ସମ୍ମାନ ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଜନ୍ମ ଦିନ ଆଗାମୀ ୧୭ ତାରିଖରେ ରାଜ୍ୟବ୍ୟାପୀ ୭୫ ଲକ୍ଷ ସାମୂହିକ ଚାରାରୋପଣ କରାଯିବ।

## ଓଡ଼ଗାଁ କଂଗ୍ରେସ କମିଟିର ସାଂଗଠନିକ ବୈଠକ



ଓଡଗାଁ,୪।୯ (ସମିସ): ନୟାଗଡ଼ ଜିଲ୍ଲା ଓଡ଼ଗାଁ ବ୍ଲକ୍ ଓ ଏନ୍‌ଏସିସ୍ତରୀୟ କଂଗ୍ରେସ ଦଳର ସାଂଗଠନିକ ବୈଠକ ଓଡ଼ଗାଁ ହ୍ୱାଇଟ୍ ହାଉସ୍ କଲ୍ୟାଣୀ ମଣ୍ଡପଠାରେ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ସ୍ଥିତି ଅନୁଧ୍ୟାନ କରିବା ନିମନ୍ତେ କେନ୍ଦ୍ରୀୟ କଂଗ୍ରେସ କମିଟି ପର୍ଯ୍ୟବେକ୍ଷକ ବରିଷ୍ଠ କଂଗ୍ରେସ ନେତା ମହେଶ ଶର୍ମାଙ୍କ ଉପସ୍ଥିତିରେ ଆଲୋଚନା ହୋଇଥିଲା। ରାଜ୍ୟ ତଥା ଜିଲ୍ଲାରେ କଂଗ୍ରସକୁ କ୍ଷମତାକୁ ଫେରାଇବା ପାଇଁ ତୃଣମୂଳ ସ୍ତରରୁ ସଂଗଠନକୁ ସୁଦୃଢ଼ କରିବା ଉପରେ ଗୁରୁତ୍ୱ ଦେବାକୁ ଆହ୍ୱାନ କରିଥିଲେ। ସଭାପତି ସତ୍ୟବ୍ରତ ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ବ୍ଲକ୍ କଂଗ୍ରେସ ସଭାପତି ପୂର୍ଣ୍ଣଚନ୍ଦ୍ର ନାୟକ ପ୍ରାରମ୍ଭିକ ଅଭିଭାଷଣ ରଖିଥିଲେ। ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ପର୍ଯ୍ୟବେକ୍ଷକ ତଥା ପ୍ରାକ୍ତନ ସାଂସଦ ଅମର ପ୍ରଧାନ, ପ୍ରାକ୍ତନ ଜିଲ୍ଲା ସଭାପତି ରଣଜିତ ଦାଶ, ରଣପୁର ବିଧାନସଭା ପ୍ରାର୍ଥୀ ବିଭୁପ୍ରସାଦ ମିଶ୍ର, କଂଗ୍ରେସ ନେତା ହୁସେନ୍ ଖାଁ, ମନୋଜ ସାହୁ, କମଳଲୋଚନ ସାହୁ, ପିସିସି ସମ୍ପାଦକ ଦେବାଶିଷ ମହାପାତ୍ର କର୍ମୀଙ୍କୁ ଉତ୍ସାହ ପ୍ରଦାନପୂର୍ବକ ଅଭିଭାଷଣ ଦେଇଥିଲେ। ଏତଦ୍‌ବ୍ୟତୀତ ସ୍ଥାନୀୟ ବରିଷ୍ଠ ନେତା ନିରଞ୍ଜନ ତ୍ରିପାଠୀ, ପ୍ରଶାନ୍ତ ପାଇକରାୟ, ବସନ୍ତ କର, ଭଗବାନ ଆଚାର୍ଯ୍ୟ, ବିଭୁତି ରାଉତ, ମଦନ ବିଷୋୟୀ, ଯୋଗେନ୍ଦ୍ର ଗୌଡ଼ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଜିଲ୍ଲା ଛାତ୍ର କଂଗ୍ରେସ ସଭାପତି ଶିବ ସୁନ୍ଦର ସାହୁ ଧନ୍ୟବାଦ ଦେଇଥିଲେ।

ଓଡ଼ଗାଁ ରଘୁନାଥଜୀଉ ମନ୍ଦିରରେ ସୁନିଆଁ ପର୍ବ

## ୩ ସୁନା ଥାଳିରେ ୩ ବାଡ଼ କାକରା ଅର୍ପଣ

ଓଡ଼ଗାଁ,୪।୯ (ସମିସ): ନୟାଗଡ଼ ଜିଲ୍ଲା ଓଡ଼ଗାଁ ଗୁପ୍ତ ଅଯୋଧ୍ୟାର ଅଧିଶ୍ୱର ଶ୍ରୀରଘୁନାଥଜୀଉଙ୍କ ମନ୍ଦିରରେ ଗୁରୁବାର ସୁନିଆଁ ପର୍ବ ସହିତ ବାମନ ଜନ୍ମ ନୀତି ପାଳିତ ହୋଇଯାଇଛି। ରାମ, ଲକ୍ଷ୍ମଣ ଓ ସୀତା ତିନି ଠାକୁରଙ୍କୁ ସୁନାବେଶ କରାଯାଇ ୩ଟି ସୁନା ଥାଳିରେ ୩ ବାଡ଼ କାକରା ଲାଗିକରି ପୂଜା ନୈବେଦ୍ୟ ଅର୍ପଣ କରାଯାଇଛି। ଗୁରୁବାର ପବିତ୍ର ଉତ୍କଳୀୟ ନବବର୍ଷ ୧୪୩୩ ସାଲ ପୁରୀ ଗଜପତି ଦିବ୍ୟସିଂହ ଦେବଙ୍କ ରାଜତ୍ୱର ହେଉଛି ୬୯ ଅଙ୍କର ପ୍ରଥମ ଦିବସ। ଏହି ଉପଲକ୍ଷେ ପ୍ରଭୁଙ୍କ ସମ୍ମାନାର୍ଥେ ପ୍ରଜାମାନେ ୧୪ ହଜାର ୧୭୦ ଟଙ୍କା ଭେଟି ପ୍ରଦାନ କରିଥିଲେ। ଶ୍ରୀରଘୁନାଥଜୀଉଙ୍କ ସୁନିଆଁ ପର୍ବ ସହିତ ବାମନ ଜନ୍ମ ନୀତି ପାଳନ ଦର୍ଶନ ପାଇଁ ବହୁ ସଂଖ୍ୟାରେ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା। ମନ୍ଦିର ପ୍ରଶାସନ ତରଫରୁ ସ୍ଥିରୀକୃତ ସମୟରେ ସକାଳ ନୀତି ସରିବା ପରେ ମଧ୍ୟାହ୍ନ ୧୨ରେ ସୁନିଆଁ ନୀତି ଆରମ୍ଭ ହୋଇଥିଲା। ଆଜ୍ଞାମାଳ ପାଇ ବନାରସୀ ପାଟପଟନୀରେ ସଜ୍ଜିତ ହୋଇ ରୁପା ଖଟୁଲିରେ ଶ୍ରୀଜୀଉଙ୍କ ବିଜେ ପ୍ରତିମାକୁ ଜୟ ବିଜୟ ଦ୍ୱାରକୁ ବିଜେ କରାଯାଇଥିଲା ଏବଂ ସେଠାରେ ବିଧିବିଧାନ ପୂର୍ବକ ଷୋଡ଼ଶ ଉପଚାରରେ ପୂଜାବିଧି ସମ୍ପନ୍ନ କରାଯାଇଥିଲା। ଘଣ୍ଟ, ଘଣ୍ଟା, କାହାଳୀ, ବାଦ୍ୟ ଧ୍ୱନିରେ ମନ୍ଦିର ପରିସରରେ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ହୋଇଥିଲା। ଆଜିର ପାଳିଆ ପଣ୍ଡା ନାରାୟଣ ମହାପାତ୍ର, ମନ୍ଦିର ପରିଚ୍ଛା ହରିବନ୍ଧୁ ଷଡ଼ଙ୍ଗୀ, ପୂଜକ ପରିଷଦ ସଭାପତି ପ୍ରଫୁଲ୍ଲ ମହାପାତ୍ର, ସୁଆର ସେବକ ସଭାପତି ସୁବ୍ରତ ପଣ୍ଡାଙ୍କ ସହଯୋଗରେ ସମସ୍ତ ସଭ୍ୟ କର୍ମକର୍ତ୍ତା ପୂଜା ନୀତି ସମ୍ପନ୍ନରେ ସହଯୋଗ କରିଥିବାବେଳେ କୋଠସୁଆର ମୁନା ସାହୁ ଏବଂ ରଘୁନାଥ ପଣ୍ଡାଙ୍କ ଦ୍ୱାରା ୩ ବାଡ଼ କାକରା ଲାଗି କରିଥିଲେ। ମନ୍ଦିର ପରିଚାଳକ ଜିତେନ୍ଦ୍ର କୁମାର ମିଶ୍ର, ସୁବାସ ଚନ୍ଦ୍ର ବରାଡ଼ ସୁପରଭାଇଜର ଶରଣକୁଳ ଏବଂ ଅନ୍ୟ କର୍ମଚାରୀଙ୍କ ସହଯୋଗରେ ସମସ୍ତ ନୀତିକାନ୍ତି ସୁଚାରୁ ରୂପେ ସମ୍ପାଦିତ ହୋଇଥିଲା।



ପଞ୍ଚାୟତ ସମିତିର ଏକାଦଶ ସାଧାରଣ ବୈଠକ

# ଆବର୍ଜନା ବୁହା ଗାଡ଼ିକିଣାକୁ ନେଇ ଭିଜିଲାନ୍ସ ତଦନ୍ତ ଦାବି




ଦୀର୍ଘ ୫ ଘଣ୍ଟା ବୈଠକ, ସମାଧାନ ଶୂନ୍

ଖଣ୍ଡପଡ଼ା,୪।୯ (ସମିସ): ଖଣ୍ଡପଡ଼ା ବ୍ଲକ୍ ସଭାଗୃହରେ ପଞ୍ଚାୟତ ଜନପ୍ରତିନିଧିଙ୍କୁ ନେଇ ପଞ୍ଚାୟତ ସମିତିର ଏକାଦଶ ସାଧାରଣ ଅଧିବେଶନ ଅନୁଷ୍ଠିତ ହୋଇଯାଇଛି। ବ୍ଲକ୍ ଅଧ୍ୟକ୍ଷା ଉପମା ବେହେରାଙ୍କ ଅଧ୍ୟକ୍ଷତାରେ ସାଧାରଣ ବୈଠକ ଅନୁଷ୍ଠିତ ହୋଇଥିଲା। ଏ ଅବସରରେ ବିଧାୟକ ଇଂ ଦୁଷ୍ମନ୍ତ କୁମାର ସ୍ୱାଇଁ, ଜିଲ୍ଲା ପରିଷଦ ଉପାଧ୍ୟକ୍ଷ ବିଷ୍ଣୁପ୍ରିୟା ବେହେରା, ୫ନଂ ଜୋନ୍ ବରିଷ୍ଠ ଜିଲ୍ଲା ପରିଷଦ ସଭ୍ୟ ରାମେଶ୍ୱର ଶତପଥୀ, ୬ନଂ ଜୋନ୍ ଜିଲ୍ଲା ପରିଷଦ ସଭ୍ୟ ଉଜ୍ଜ୍ୱଳ ମହାରଣା, ବିଡିଓ ଅଙ୍କୁର ଅଭିଳାଷ, ତହସିଲ୍‌ଦାର ବିଶ୍ୱ ବିସ୍ତୃତ ତ୍ରିପାଠୀ ପ୍ରମୁଖ ମଞ୍ଚାସୀନ ରହି ବିଭିନ୍ନ ପ୍ରସଙ୍ଗ ଉପରେ ଆଲୋଚନା ପର୍ଯ୍ୟାଲୋଚନା କରିଥିଲେ। ଜିପିଇଓ ଅନିତ ବଡ଼ସେଟଙ୍କ ସଂଯୋଜନାରେ ଆୟୋଜିତ ବୈଠକରେ ବିଭିନ୍ନ ବିଭାଗର ଅଧିକାରୀଙ୍କୁ ନେଇ ବିଭାଗୀୟ କାର୍ଯ୍ୟ ଉପରେ ସମୀକ୍ଷା କରାଯାଇଥିଲା। ବୈଠକରେ ଶିକ୍ଷା, ପାନୀୟଜଳ, କୃଷି, ବିକଶିତ ଗାଁ ବିକଶିତ ଓଡ଼ିଶା, ଅନ୍ତ୍ୟୋଦୟ ଗୃହ ଯୋଜନା, ରାସନ କାର୍ଡ, ବିଦ୍ୟୁତ୍, ପଶୁ ସମ୍ପଦ, ମିଶନ ଶକ୍ତି ଆଦି ବାବଦରେ ସରଗରମ ଆଲୋଚନା ହୋଇଥିଲା। ଉନ୍ନୟନମୂଳକ କାମ ଠପ୍ ଓ ପୂର୍ବ ବୈଠକରେ ଯେଉଁ ସବୁ ପ୍ରସଙ୍ଗ ଉଠିଥିଲା ସେସବୁ ପ୍ରସ୍ତାବିତ ଚିଠାରେ ଲେଖା ନ ଯିବାକୁ ନେଇ ଗୃହରେ ସରପଞ୍ଚ, ସମିତିସଭ୍ୟ ଅସନ୍ତୋଷ ପ୍ରକାଶ କରିଥିବାବେଳେ ଏନେଇ ବିଡିଓ ଅଙ୍କୁର ଅଭିଳାଷଙ୍କୁ ପ୍ରଶ୍ନବାଣ କରିବା ସହ ଏ ଦିଗରେ ଉତ୍ତର ରଖିବାକୁ ବାଧ୍ୟ କରିଥିଲେ। ସେହିପରି କଣ୍ଟିଲୋରେ ନୂତନ ହସ୍ପିଟାଲ ନିର୍ମାଣ କାର୍ଯ୍ୟ କେବେ ଆରମ୍ଭ ହେବ ସେ ନେଇ ଜନପ୍ରତିନିଧିମାନେ ବିଧାୟକଙ୍କୁ ପ୍ରଶ୍ନ ପଚାରିବାରେ ପୂର୍ବ ବୈଠକ ପରି ଖୁବ୍‌ଶୀଘ୍ର ଆରମ୍ଭ ହେବ ବୋଲି କହିଥିଲେ। ବହୁ ଚର୍ଚ୍ଚିତ ଆବର୍ଜନା ବୁହା ଗାଡ଼ିକିଣା ଘଟଣା ଖବର ପ୍ରସାରିତ ହେବା ପରେ ଜନପ୍ରତିନିଧିମାନେ ଏ ପ୍ରସଙ୍ଗକୁ ଗୃହରେ ଉଠାଇବା ସହ ଏହାର ଭିଜିଲାନ୍ସ ତଦନ୍ତ ଦାବି କରିଛନ୍ତି। ବ୍ଲକ୍‌ର ବିଭିନ୍ନ ସାର ବିକ୍ରୟ କେନ୍ଦ୍ର ଓ ସମବାୟ ସମିତିଗୁଡ଼ିକରେ ସାର କଳାବଜାରୀ କରାଯାଇ ଚାଷୀ ମାରଣ ନୀତି ହେଉଥିବା ଜନପ୍ରତିନିଧିମାନେ ଅଭିଯୋଗ କରିଥିଲେ। ପ୍ରତ୍ୟେକ ଅଭିଯୋଗର ସମସ୍ୟାକୁ ୭ଦିନ ମଧ୍ୟରେ ସମାଧାନ କରି ରିପୋର୍ଟ ଦାଖଲ କରିବାକୁ ଉଭୟ ବିଧାୟକ ଏବଂ ବ୍ଲକ୍ ଅଧ୍ୟକ୍ଷା ବିଡିଓଙ୍କୁ ନିର୍ଦ୍ଦେଶ ଦେଇଥିବା ଜଣାପଡ଼ିଛି। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଡ. ଅଭିସାର ପଣ୍ଡା, ସାଂସଦଙ୍କ ପ୍ରତିନିଧି ଚନ୍ଦ୍ରକାନ୍ତ ବଳିଆରସିଂହ, ସହକାରୀ ଯନ୍ତ୍ରୀ ଆଶୁତୋଷ ମହାନ୍ତିଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀ, ସରପଞ୍ଚ ଓ ସମିତିସଭ୍ୟ ଉପସ୍ଥିତ ରହି ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରିଥିଲେ।

## ନରଣଗଡ଼ ଚୋରି ଅଳଙ୍କାର ଉଦ୍ଧାର, ୩ ଗିରଫ

ନିରାକାରପୁର,୪।୯ (ସମିସ): ଖୋର୍ଦ୍ଧା ଜିଲ୍ଲା ଜଂକିଆ ଥାନା ଅନ୍ତର୍ଗତ ନରଣଗଡ଼ ଗ୍ରାମରୁ ଗତ ୧ ତାରିଖରେ ହୋଇଥିବା ଚୋରି ଘଟଣାରେ ଜଂକିଆ ପୁଲିସ ୩ ଜଣଙ୍କୁ ଗିରଫ କରିଥିବାବେଳେ ଚୋରି ଜିନିଷ ଓ ନଗଦ ଟଙ୍କା ଉଦ୍ଧାର କରିଥିବା ଜଣାପଡ଼ିଛି। ସୂଚନା ଯୋଗ୍ୟ କି, ନରଣଗଡ଼ ଗ୍ରାମର ପ୍ରଭୁ ପ୍ରସନ୍ନ ଚମ୍ପତିରାୟଙ୍କ ପତ୍ନୀ ବିଜୟଲକ୍ଷ୍ମୀ ଜେନାଙ୍କ ଅଭିଯୋଗ ଅନୁଯାୟୀ, ସେମାନେ ଗତ ୧ ତାରିଖରେ ଭୁବନେଶ୍ୱର ଯାଇଥିବାବେଳେ ଘରେ ତାଙ୍କ ଶାଶୂ ନିରୁପମା ଚମ୍ପତିରାୟ ଏକା ଥିଲେ। ୧୨ ବର୍ଷର ପୁଅ ପାଠ ପଢ଼ିବାକୁ ଖୋର୍ଦ୍ଧା ଆଦର୍ଶ ବିଦ୍ୟାଳୟ ଯାଇଥିଲା। ସେହି ସମୟରେ ଶାଶୂ ନିରୁପମା ଘର ଚାବି ପକାଇ ଗାଁ ମଧ୍ୟରେ ଥିବା ତାଙ୍କ ଭଉଣୀ ଘରକୁ ଯାଇଥିବାବେଳେ କିଛି ଦୁର୍ବୃତ୍ତ ତାଙ୍କ ଘର ତାଲା ଭାଙ୍ଗି ୧୪ ଗ୍ରାମର ସୁନା ଓ ରୁପା ସହିତ ୧ ଲକ୍ଷରୁ ଅଧିକ ନଗଦ ଟଙ୍କା ଚୋରି କରି ନେଇଥିବା ଜଂକିଆ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୁଲିସ ବିଭିନ୍ନ ଦିଗରୁ ଅନୁଧ୍ୟାନ କରି ଗତ ବୁଧବାର ନରଣଗଡ଼ ପଞ୍ଚାୟତର ଦେବରାଜ କାଣ୍ଡି (୩୮), ଚିତ୍ତରଞ୍ଜନ ନାୟକ (୨୮) ଓ ନରଣଗଡ଼ରେ ରହୁଥିବା ଝାଡ଼ଖଣ୍ଡ ରାଜ୍ୟ ଇଷ୍ଟ ସିଘଂଭୂମି ଜିଲ୍ଲା ଧଳଭୂମଗଡ଼ ଥାନା ଦେଓସାଲ ଗ୍ରାମର ରାଜକିଶୋର ରାଉତରାୟ (୫୨)କୁ ଗିରଫ କରିଥିଲା। ସେମାନଙ୍କଠାରୁ ଗୋଟିଏ ସୁନାଚେନ୍, ଦୁଇଟି ସୁନା ବଳା, ଗୋଟିଏ ସୁନା ନାକଫୁଲ ଓ ଗୋଟିଏ ଦାମୀ ଶାଢ଼ି ସହିତ ୪୨ ହଜାର ୭୨୫ ଟଙ୍କା ଜବତ କରିଥିବା ଆଇଆଇସି ସୁଶାନ୍ତ କୁମାର ବେହେରା ଜଣାଇଛନ୍ତି। ଜଂକିଆ ଥାନା କେସ୍ ନଂ ୩୧୪/୨୫ରେ ଏକ ମାମଲା ରୁଜୁ ହୋଇଥିବାବେଳେ ପୁଲିସ ଗୁରୁବାର ୩ ଜଣଙ୍କୁ କୋର୍ଟ ଚାଲାଣ କରିଥିବା ଜଣାପଡ଼ିଛି।

## ଗଞ୍ଜେଇ ଜବତ, ବେପାରୀ ଗିରଫ

ଜଟଣୀ,୪।୯ (ସମିସ): ଜଟଣୀ ଥାନା ଅନ୍ତର୍ଗତ ପୌରପାଳିକା ଛକ ଅଞ୍ଚଳରେ ଗଞ୍ଜେଇ ବିକ୍ରି ଘଟଣାରେ ଜଣେ ବେପାରୀକୁ ଗିରଫ କରିଛି ପୁଲିସ। ଗିରଫ ଅଭିଯୁକ୍ତ ହେଲା ପୁରୀ କଣାସ ଅଞ୍ଚଳର ସୁକାନ୍ତ ଦାସ (୪୫)। ତା' ନିକଟରୁ ୧.୧ କିଲୋ ଗଞ୍ଜେଇ ସମେତ ନଗଦ ୧ ହଜାର ଟଙ୍କା ଜବତ କରିଛି ପୁଲିସ। ସୂଚନାଯୋଗ୍ୟ ଯେ, ଦୀର୍ଘ ଦିନ ହେଲା ପୌରପାଳିକା ଛକ ନିକଟରେ ଥିବା ନିଜ ଦୋକାନ ଘରେ ସୁକାନ୍ତ ଗଞ୍ଜେଇ ବେପାର କରି ଆସୁଥିଲା। ବାରମ୍ବାର ଅଭିଯୋଗ ପରେ ଗୁରୁବାର ପୁଲିସର ଏକ ଟିମ୍ ଅତର୍କିତ ଘଟଣାସ୍ଥଳରେ ଚଢ଼ଉ କରି ଅଭିଯୁକ୍ତକୁ କାବୁ କରିବା ସହ ଯାଞ୍ଚବେଳେ ଗଞ୍ଜେଇ ବସ୍ତା ଓ ନଗଦ ଟଙ୍କା ଜବତ କରିଥିଲା ପୁଲିସ। ଏ ନେଇ ଥାନାରେ ଏକ ମାମଲା ରୁଜୁ କରି ଅଭିଯୁକ୍ତକୁ କୋର୍ଟ ଚାଲାଣ କରାଯାଇଛି।

## ଫାଇନାନ୍ସ ଅଫିସରୁ କର୍ମଚାରୀଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର

ଗମ୍ଭାରୀମୁଣ୍ଡା,୪।୯ (ସମିସ): ଖୋର୍ଦ୍ଧା ଜିଲ୍ଲା ନାଚୁଣୀ ଥାନା ଭବାନୀପୁରଠାରେ ଥିବା ଏକ ଘରୋଇ ସ୍ପନ୍ଦନା ଫାଇନାନ୍ସ କମ୍ପାନୀର କର୍ମଚାରୀଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର କରିଛି ନାଚୁଣୀ ପୁଲିସ। ବୁଧବାର ସେ ଆତ୍ମହତ୍ୟା କରିଥିବା ସନ୍ଦେହ କରାଯାଉଛି। ମୃତକଙ୍କ ଘର ନୟାଗଡ଼ ଜିଲ୍ଲା ନୂଆଗାଁ ଥାନା କିରିଆଲାଞ୍ଜି ଗାଁର ରବୀନ୍ଦ୍ର ରାଉତ (୨୪) ବୋଲି ଜଣାପଡ଼ିଛି। ସେ ଗତ ୩ ବର୍ଷ ଧରି ଏହି କମ୍ପାନୀରେ ଲୋନ୍ କଲେକ୍ଟର (ଋଣ ଆଦାୟକାରୀ) ଭାବରେ କାର୍ଯ୍ୟରତ ଥିଲେ। ପରିବାର ଲୋକେ ୨ ତାରିଖରେ ପୁଅ ସହ କଥା ହୋଇଥିବାବେଳେ ବୁଧବାର ଫୋନ୍ ଲାଗି ନ ଥିଲା। ନାଚୁଣୀ ଥାନାରୁ ଖବର ପାଇ ପରିବାର ଲୋକେ ଘଟଣାସ୍ଥଳରେ ପହଞ୍ଚିଥିଲେ। ପରିବାର ପକ୍ଷରୁ ପ୍ରେମଜନିତ ହତ୍ୟା କି ଆତ୍ମହତ୍ୟା କୌଣସି ସ୍ପଷ୍ଟତା ମିଳୁନାହିଁ। କିନ୍ତୁ କୌଣସି ଜଣେ ଯୁବତୀ ସହ ସେ କଥାବାର୍ତ୍ତା ହେଉଥିବା ଏବଂ ତାଙ୍କୁ ପରିବାର ପକ୍ଷରୁ ବାରଣ କରାଯାଇଥିଲା ବୋଲି କହିଛନ୍ତି ରବୀନ୍ଦ୍ରଙ୍କ ଭଉଣୀ। ଅନ୍ୟପଟେ ପୁଲିସ କ୍ୟାମେରା ଆଗରେ କିଛି କହିନଥିଲେ ମଧ୍ୟ ସୂଚନା ଦେଇଛନ୍ତି କି ମୃତକଙ୍କ ପକେଟ୍‌ରୁ ଏକ ସୁଇସାଇଡ୍ ନୋଟ୍ ଏବଂ ଫଟୋ ମିଳିଛି। ଏହା ଏକ ଆତ୍ମହତ୍ୟା ବୋଲି ସୂଚନା ଦେଇଛନ୍ତି ନାଚୁଣୀ ଆଇଆଇସି ଚନ୍ଦ୍ରଶେଖର ଜେନା। ଘଟଣାସ୍ଥଳରେ ୫ ଜଣିଆ ସାଇଣ୍ଟିଫିକ୍ ଟିମ୍ ପହଞ୍ଚି ଅଧିକ ତଦନ୍ତ କରୁଛି। ଏ ନେଇ ୧୩/୨୫ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ କରୁଛି ପୁଲିସ।

## ଚିନ୍ତାମଣି ବିଦ୍ୟାନିକେତନ ୪ର୍ଥ ଶ୍ରେଣୀ କର୍ମଚାରୀଙ୍କ ପରଲୋକ

ନିରାକାରପୁର,୪।୯ (ସମିସ): ଖୋର୍ଦ୍ଧା ଜିଲ୍ଲା ଜଂକିଆ ଥାନା ଅନ୍ତର୍ଗତ ନରଣଗଡ଼ସ୍ଥିତ ଚିନ୍ତାମଣି ବିଦ୍ୟାନିକେତନର ୪ର୍ଥ ଶ୍ରେଣୀ କର୍ମଚାରୀ ଭାବେ ସାଧୁଚରଣ ମଙ୍ଗରାଜ (୫୬) କାର୍ଯ୍ୟରତ ଥିବାବେଳେ ତାଙ୍କର ଅକାଳ ବିୟୋଗ ସମସ୍ତଙ୍କୁ ଦୁଃଖିତ କରିଛି। ଅସୁସ୍ଥ ଯୋଗୁଁ ସେ କିଛିଦିନ ହେବ ସ୍କୁଲରୁ ଛୁଟି ନେଇ ଖୋର୍ଦ୍ଧା ସଦର ରାମଚଣ୍ଡୀ ଗ୍ରାମରେ ରହି ଆସୁଥିଲେ। କିନ୍ତୁ ବୁଧବାର ସାଧୁ ଶୋଇଥିବାବେଳେ ଉଠି ନ ଥିଲେ। ତାଙ୍କ ଘର ଲୋକେ ତୁରନ୍ତ ଖୋର୍ଦ୍ଧା ହସ୍ପିଟାଲକୁ ନେଇଥିଲେ। ସେଠାରେ ତାଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ଏ ନେଇ ଖୋର୍ଦ୍ଧା ସଦର ଥାନା ପୁଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଶବ ବ୍ୟବଚ୍ଛେଦ କରି ତଦନ୍ତ ଚଳାଇଥିବା ଜଣାପଡ଼ିଛି।

### ଜିଲ୍ଲାରେ ଗୋ-ହତ୍ୟା, ଗୋ-ଚାଲାଣ ବନ୍ଦ ଦାବି

# ବଜରଙ୍ଗ ଦଳ ପକ୍ଷରୁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ବିକ୍ଷୋଭ

ଖୋର୍ଦ୍ଧା,୪।୯ (ସମିସ)



ଜିଲ୍ଲାରେ ବେଳକୁ ବେଳ ବଢ଼ିଚାଲିଛି ଗୋ-ଚାଲାଣ। ରାଜ୍ୟରେ ବିଜେପି ସରକାର ୧୪ମାସ ଧରି ଶାସନଭାର ଚଳାଇ ଆସୁଥିଲେ ମଧ୍ୟ ପ୍ରତିଶ୍ରୁତି ମୁତାବକ ଗୋ-ଚାଲାଣ ଏବଂ ଗୋ-ହତ୍ୟା ନିରୋଧ ଆଇନ ପ୍ରଣୟନକୁ କଠୋର କରିବା ଦୂରର କଥା ବରଂ ପୂର୍ବ ସରକାର ଅପେକ୍ଷା ଏବେ ଗୋ-ଚାଲାଣ ବଢ଼ିଚାଲିଛି। ତେଣୁ ଜିଲ୍ଲାରେ ସମ୍ପୂର୍ଣ୍ଣ ଗୋ-ହତ୍ୟା ଓ ଗୋ-ଚାଲାଣ ବନ୍ଦ କରିବା ଦାବିରେ ଗୁରୁବାର ବିଶ୍ୱହିନ୍ଦୁ ପରିଷଦ ବଜରଙ୍ଗ ଦଳ ପକ୍ଷରୁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଆଗରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ପରେ ସଂଗଠନର ଏକ ପ୍ରତିନିଧିମଣ୍ଡଳୀ ଜିଲ୍ଲାପାଳଙ୍କ ଅନୁପସ୍ଥିତିରେ ଅତିରିକ୍ତ ଜିଲ୍ଲାପାଳ (ପ୍ରଶାସନ) ପ୍ରତାପ ଚନ୍ଦ୍ର ବେଉରାଙ୍କୁ ଭେଟି ୬ ଦଫା ସମ୍ବଳିତ ଏକ ଦାବିପତ୍ର ପ୍ରଦାନ କରିଛନ୍ତି।


ଅଭିଯୋଗ ଅନୁସାରେ, ଜିଲ୍ଲାର ବିଭିନ୍ନ ଥାନା ଅଞ୍ଚଳରେ ପ୍ରତିଦିନ ଗୋ-ମାତା ଓ ନନ୍ଦୀ ଭଗବାନଙ୍କୁ ଅନାୟସରେ ଚାଲାଣ ହେଉଥିବାବେଳେ ବେଳକୁ ବେଳ ଗୋ-ହତ୍ୟା ମଧ୍ୟ ବଢ଼ିଚାଲିଛି। ବିଶେଷକରି ୧୬ ଓ ୫୭ନଂ ଜାତୀୟ ରାଜପଥରୁ ଚାଲାଣ ସମୟରେ ଗୋ-ମାଂସ ବୋଝେଇ କଣ୍ଟେନର ଓ ଜୀବନ୍ତ ଅବସ୍ଥାରେ ଚାଲାଣ ହେଉଥିବା ଗୋରୁବୋଝେଇ ଟ୍ରକ୍, ମିନି ଟ୍ରକ୍‌କୁ ବିଶ୍ୱ ହିନ୍ଦୁ ପରିଷଦ ବଜରଙ୍ଗ ଦଳ ଏବଂ ଗୋ-ରକ୍ଷକମାନେ ଉଦ୍ଧାର କରିବା ଘଟଣା ଏ ଅଭିଯୋଗକୁ ସ୍ପଷ୍ଟ ପ୍ରମାଣିତ କରୁଛି ବୋଲି ସଂଗଠନ ପକ୍ଷରୁ କୁହାଯାଇଛି। ଖୋର୍ଦ୍ଧା ଜିଲ୍ଲାର ଚିଲିକା, ବାଣପୁରଠାରୁ ଆରମ୍ଭ କରି ଜଟଣୀ, ଏପଟେ ବେଗୁନିଆ, ବୋଲଗଡ଼ ସବୁଠି ଗ୍ରାମାଞ୍ଚଳରେ ଆଉ ଗୋରୁଗାଈ ନାହାନ୍ତି।

କୁଚକ୍ରୀ ଗୋଷ୍ଠୀ ଗ୍ରାମାଞ୍ଚଳରୁ ବିଧର୍ମୀମାନଙ୍କୁ ବିକ୍ରି କରୁଛନ୍ତି। ଏମାନେ ଗୋରୁଗାଈଙ୍କୁ ଅତି ନୃଶଂସ ଭାବେ କାଟି ବାହାର ରାଜ୍ୟକୁ ଚାଲାଣ କରୁଛନ୍ତି। ଗତ ଜାନୁଆରୀଠାରୁ ଆଜି ସୁଦ୍ଧା ପ୍ରାୟ ୨ଶହ ଟନ୍‌ରୁ ଊର୍ଦ୍ଧ୍ୱ ଗୋମାଂସ ଏବଂ ୫ଶହରୁ ଊର୍ଦ୍ଧ୍ୱ ଗୋରୁଗାଈ ଜବତ କରାଯାଇଥିବାବେଳେ ୧୦୦ ଗୋରୁଗାଈଙ୍କ ମୃତଦେହ ଉଦ୍ଧାର କରାଯାଇଛି। ଏପରିକି ବିଶ୍ୱ ହିନ୍ଦୁ ପରିଷଦ ବଜରଙ୍ଗ ଦଳ ସଂଗଠକମାନେ ଉଦ୍ଧାର ସମୟରେ ଚାଲାଣକାରୀଙ୍କ ଆକ୍ରୋଶର ଶିକାର ହେଉଛନ୍ତି। ଗୋ-ମାଫିଆମାନେ ସେମାନଙ୍କୁ ଗାଡ଼ି ଚଢ଼ାଇ ମାରିଦେବାକୁ ମଧ୍ୟ ଉଦ୍ୟମ କରୁଥିବାବେଳେ ମରଣାନ୍ତକ ଆକ୍ରମଣ କରିବାକୁ ପଛାଉ ନ ଥିବା ବଜରଙ୍ଗ ଦଳର ଜିଲ୍ଲା ସଂଯୋଜକ ଉଦିତ୍ୟ ନାରାୟଣ ପ୍ରହରାଜ କହିଛନ୍ତି। ବର୍ତ୍ତମାନର ରାଜ୍ୟ ସରକାର ନିର୍ବାଚନ ସମୟରେ ଦେଇଥିବା ପ୍ରତିଶ୍ରୁତିକୁ ପାଳନ କରିବାକୁ ସଂଗଠନ ଦାବି କରିଛି। ଖୋର୍ଦ୍ଧା ଜିଲ୍ଲାରେ ନିର୍ଦ୍ଦିଷ୍ଟ କିଛି ଗ୍ରାମରେ ଏହିଭଳି ଘୃଣ୍ୟ କାର୍ଯ୍ୟ ଚାଲିଥିବାବେଳେ ସେମାନଙ୍କ ସମ୍ପର୍କରେ ପୁଲିସ କିମ୍ବା ଜିଲ୍ଲା ପ୍ରଶାସନ କିପରି କୌଣସି ଟେର୍ ପାଉନି ତାହାକୁ ନେଇ ସଂଗଠନ ସଦସ୍ୟମାନେ ପ୍ରଶ୍ନ କରିଛନ୍ତି। ଦୃଢ଼ କାର୍ଯ୍ୟାନୁଷ୍ଠାନ ନ ହେବା କାରଣରୁ ସେମାନେ ଖସିଯିବାକୁ ସକ୍ଷମ ହେଉଛନ୍ତି। ଫଳରେ ଦିନକୁ ଦିନ ଗୋ-ଚାଲାଣ ଏବଂ ଗୋ-ହତ୍ୟା ସଂଖ୍ୟା ବୃଦ୍ଧି ପାଉଛି। ଏଥିପାଇଁ ବିଶ୍ୱ ହିନ୍ଦୁ ପରିଷଦ ବଜରଙ୍ଗ ଦଳ ସଦସ୍ୟମାନେ ରାଜ୍ୟ ସରକାରଙ୍କୁ ସମ୍ପୂର୍ଣ୍ଣ ଦାୟୀ କରିଛନ୍ତି।

ଜିଲ୍ଲାରେ ଗୋ-ହତ୍ୟା ଏବଂ ଗୋ-ଚାଲାଣ କଡ଼ାକଡ଼ି ଭାବେ ବନ୍ଦ କରିବାକୁ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ, ରାଜ୍ୟ ସରକାର ଗୋ-ହତ୍ୟା ଏବଂ ଗୋ-ଚାଲାଣ ନିରୋଧ ଆଇନକୁ କଡ଼ାକଡ଼ି କାର୍ଯ୍ୟକାରୀ କରିବାକୁ ନିର୍ଦ୍ଦେଶ, ଗୋ-ଚାଲାଣ, ଗୋ-ହତ୍ୟାକାରୀଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଆଦି ୬ଦଫା ସମ୍ବଳିତ ଏକ ଦାବିପତ୍ର ଜିଲ୍ଲାପାଳଙ୍କୁ ପ୍ରଦାନ କରାଯାଇଛି। ଏହି ପ୍ରତିବାଦରେ ଗୋ-ସେବକ ରାଧାମୋହନ ପ୍ରଧାନ, ସଂଗଠନର ଜିଲ୍ଲା ସଂଯୋଜକ ଉଦିତ୍ୟ ନାରାୟଣ ପ୍ରହରାଜ, ସହସଂଯୋଜକ ଏସ୍. ଏମ୍. ଦିବ୍ୟ ପ୍ରକାଶଙ୍କ ନେତୃତ୍ୱରେ ଶତାଧିକ ସଦସ୍ୟ ଏବଂ ଗୋ-ରକ୍ଷକ କର୍ମୀ ସାମିଲ ହୋଇଥିଲେ।

## ଗୋରୁବୋଝେଇ ପିକ୍‌ଅପ୍ ଭ୍ୟାନ୍ ଜବତ; ୭ ଗୋରୁ ଉଦ୍ଧାର

ଖୋର୍ଦ୍ଧା,୪।୯ (ସମିସ): ବୁଧବାର ବିଳମ୍ବିତ ରାତିରେ ନିୟାଳ ରାସ୍ତାରୁ ବଜରଙ୍ଗ ଦଳ ସଦସ୍ୟମାନେ ଏକ ଗୋରୁବୋଝେଇ ପିକ୍‌ଅପ୍ ଭ୍ୟାନ୍‌କୁ ଅଟକାଇ ଶିଷ୍ଟାଞ୍ଚଳ ପୁଲିସ ଜିମା ଦେଇଛନ୍ତି। ଗାଡ଼ିରୁ ପୁଲିସ ୭ ଗୋରୁଙ୍କୁ ଉଦ୍ଧାର କରିଥିବାବେଳେ ଏନେଇ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି।



ସୂଚନା ଅନୁସାରେ, ନିୟାଳ ରାସ୍ତାରୁ କେରଙ୍ଗ ଅଭିମୁଖେ ଏକ ଗୋରୁବୋଝେଇ ପିକ୍‌ଅପ୍ ଭ୍ୟାନ୍ ଆସୁଥିବା ଖବର ପାଇ ବଜରଙ୍ଗ ଦଳ ସଦସ୍ୟ ତାକୁ ଅଟକାଇବାକୁ ଚେଷ୍ଟା କରିଥିଲେ।

ଏହି ସମୟରେ ଜଣେ ଗୋସେବକଙ୍କୁ ମାରିବାକୁ ଉଦ୍ୟମ କରିଥିଲେ। ଏଥିରେ ତାଙ୍କ ଗାଡ଼ିଟି ସମ୍ପୂର୍ଣ୍ଣ ଭାଙ୍ଗିଯାଇଥିବା ବେଳେ ସେ ଅଳ୍ପକେ ବର୍ତ୍ତି ଯାଇଥିଲେ। ମାତ୍ର ପରେ ଅନ୍ୟମାନେ ଗାଡ଼ିକୁ ଅଟକାଇ ପୁଲିସଜିମା ଦେଇଥିଲେ। ପୁଲିସ ଗାଡ଼ି ଭିତରୁ ୭ଗୋରୁଙ୍କୁ ଉଦ୍ଧାର କରି ଜଟଣୀ ଗୋଶାଳାରେ ଛାଡ଼ିଥିବା ଜଣାଯାଇଛି। ଘଟଣାସ୍ଥଳରୁ ଗୋ-ମାଫିଆମାନେ ଫେରାର୍ ହୋଇଯାଇଥିବା ଜଣାଯାଇଛି।

## ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର; ୧୪୨ ଚିହ୍ନଟ

ବୋଲଗଡ଼,୪।୯ (ସମିସ): ବୋଲଗଡ଼ ବ୍ଲକ୍ କାର୍ଯ୍ୟାଳୟ ପରିସରରେ ଖୋର୍ଦ୍ଧା ଜିଲ୍ଲା ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ ସୌଜନ୍ୟରେ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଅଭିଯାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଉକ୍ତ ଶିବିରରେ ମୋଟ୍ ୧୪୨ ଜଣ ଭିନ୍ନକ୍ଷମଙ୍କୁ ଚିହ୍ନଟ କରାଯାଇଛି। ବୋଲଗଡ଼ ବିଡିଓ ସୁମନସୁଧା କୁଣ୍ଡୁଙ୍କ ତତ୍ତ୍ୱାବଧାନରେ ଉକ୍ତ ଶିବିର ଅନୁଷ୍ଠିତ ହୋଇଥିଲା। ଉକ୍ତ ଶିବିରରେ ଅସ୍ଥିଗତ ୧୪୫, ଶ୍ରବଣବାଧିତ ୫୯, ଦୃଷ୍ଟିବାଧିତ ୨୭, ମାନସିକ ଅନଗ୍ରସର ୫୩ ଜଣ ଏପରି ୨୮୪ ଜଣ ପରୀକ୍ଷା ନିରୀକ୍ଷା ପାଇଁ ନାମ ପଞ୍ଜୀକରଣ କରିଥିଲେ। ଶିବିରକୁ ଆସିଥିବା ଅଭିଜ୍ଞ ଡାକ୍ତରମାନଙ୍କ ଦ୍ୱାରା ପରୀକ୍ଷା ନିରୀକ୍ଷା କରାଯାଇ ସେମାନଙ୍କ ମଧ୍ୟରୁ ୧୪୨ ଜଣଙ୍କୁ ଚିହ୍ନଟ କରାଯାଇ ଭିନ୍ନକ୍ଷମ ପ୍ରମାଣପତ୍ର ଦିଆଯାଇଥିଲା। ଅପରପକ୍ଷରେ ଟ୍ରାଇ ସାଇକଲ ୧ଟି, ହୁଇଲ୍ ଚେୟାର ୯ଟି, ଆଶାବାଡ଼ି ୪ଟି, ଶ୍ରବଣ ଯନ୍ତ୍ର ୧୦ଟି ଏବଂ ଶିକ୍ଷାଗତ ଉପକରଣ ୨ଟି ଦିବ୍ୟାଙ୍ଗ ହିତାଧିକାରୀଙ୍କୁ ପ୍ରଦାନ କରାଯାଇଥିବା ବ୍ଲକ୍ କାର୍ଯ୍ୟାଳୟ ସୂତ୍ରରୁ ସୂଚନା ମିଳିଛି। ଏହି ଶିବିରରେ ଆମନ୍ତ୍ରିତ ଅତିଥି ଭାବେ ସ୍ଥାନୀୟ ବିଧାୟକ ପ୍ରଦୀପ କୁମାର ସାହୁ, ବ୍ଲକ୍ ଅଧ୍ୟକ୍ଷାଙ୍କ ପ୍ରତିନିଧି ପ୍ରଫୁଲ୍ଲ କୁମାର ପ୍ରଧାନ, ଉପାଧ୍ୟକ୍ଷ ରମେଶ ଚନ୍ଦ୍ର ସାହୁଙ୍କ ସମେତ ବିଭିନ୍ନ ପଞ୍ଚାୟତର ସରପଞ୍ଚ, ସମିତିସଭ୍ୟ ପ୍ରମୁଖ ଯୋଗଦେଇଥିଲେ।



## ତାଳଗଛ ରୋପଣ ଓ ବଜ୍ରପାତରୁ ସୁରକ୍ଷା ସଚେତନତା

ବାଣପୁର,୪।୯ (ସମିସ): ବାଣପୁର ମାଣିକପୁର ଶାଳିଆ ବିଦ୍ୟାନିକେତନ ପରିସରରେ ପ୍ରଧାନଶିକ୍ଷକ ଅଭିରାମ ବେହେରାଙ୍କ ସଭାପତିତ୍ୱରେ ତାଳଗଛ ରୋପଣ ଓ ବଜ୍ରପାତଜନିତ ସୁରକ୍ଷା ସମ୍ପର୍କିତ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ସେଣ୍ଟଜନ୍ ଆମ୍ବୁଲାନ୍ସର ଆଜୀବନ ସଦସ୍ୟ ଅନନ୍ତ ଚରଣ ଖଟେଇ ଯୋଗଦେଇ ବର୍ତ୍ତମାନ ପରିସ୍ଥିତିରେ ବାରମ୍ବାର ବଜ୍ରପାତଜନିତ ଜୀବନହାନି ଘଟୁଥିବାବେଳେ ଏଥିରୁ କିପରି ସୁରକ୍ଷା ପାଇପାରିବେ, ସେ ସମ୍ପର୍କରେ ଆଲୋକପାତ କରିବା ସହ ଲୋପ୍ ପାଇବାକୁ ଯାଉଥିବା ତାଳଗଛ ବହୁଳ ମାତ୍ରାରେ ରୋପଣ କରିବାକୁ ଶିକ୍ଷକ ଓ ଛାତ୍ରଛାତ୍ରୀଙ୍କୁ ସଚେତନ କରିଥିଲେ। ଏଥିରେ ଅତିଥି ଭାବେ ସାହିତ୍ୟ ସିନ୍ଦୂରାର ପ୍ରତିଷ୍ଠାତା ଗୋଲକ ବିହାରୀ ପରିଡ଼ା, ନାଟ୍ୟକାର ଭିକାରୀ ଚରଣ ପ୍ରଧାନ, ମା' ଭଗବତୀ କଳାନିକେତନର ସମ୍ପାଦିକା ବିଷ୍ଣୁପ୍ରିୟା ବାରିକ ଓ ସାମ୍ବାଦିକ ଅଶୋକ ଜେନା ପ୍ରମୁଖ ଯୋଗଦେଇଥିଲେ। ଅତିଥିଙ୍କ ସହ ଶିକ୍ଷକଶିକ୍ଷୟିତ୍ରୀ, କର୍ମଚାରୀ ଓ ଛାତ୍ରଛାତ୍ରୀ ପରିବେଶ ସୁରକ୍ଷା ଲାଗି ବିଦ୍ୟାଳୟ ପରିସରରେ ତାଳ ଗୋଟମା ରୋପଣ କରିଥିଲେ।

### ଚିଲିକା ନୌଯାତ୍ରାର ତୃତୀୟ ଦିବସ

## ନାଭାଲ ଏନ୍‌ସିସି କ୍ୟାଡେଟ୍‌ଙ୍କ ସଚେତନତା କାର୍ଯ୍ୟକ୍ରମ

ବାଲୁଗାଁ,୪।୯ (ସମିସ): ତୃତୀୟ ଓଡ଼ିଶା ନାଭାଲ୍ ୟୁନିଟ୍ ଏନ୍‌ସିସି, କଟକ ଅନୁକୂଲ୍ୟରେ ଚିଲିକା ନୌଯାତ୍ରା-୨୦୨୫ ଗତ ୧ ତାରିଖରୁ ଆରମ୍ଭ ହୋଇ ଆସନ୍ତା ୧୦ ତାରିଖରେ ସମାପନ ହେବାକୁ ଥିବାବେଳେ ଏଥିରେ ଓଡ଼ିଶାର ବିଭିନ୍ନ ପ୍ରାନ୍ତରୁ ପ୍ରାୟ ୬୦ ଜଣ ନାଭାଲ୍ କ୍ୟାଡେଟ୍ ଅଂଶଗ୍ରହଣ କରି ୨୨୦ କିଲୋମିଟରର ଏକ ଦୁଃସାହସିକ ଦୂରତା ଅତିକ୍ରମ କରିବେ। ତୃତୀୟ ଓଡ଼ିଶା ନାଭାଲ୍ ଏନ୍‌ସିସିର କମାଣ୍ଡିଂ ଅଫିସର କମାଣ୍ଡର୍ ସୁଶାନ୍ତ କୁମାର ମହାନ୍ତିଙ୍କ ମାର୍ଗଦର୍ଶିତାରେ ଆୟୋଜିତ ନୌଯାତ୍ରାର ପ୍ରଥମ ଦିବସରେ କ୍ୟାଡେଟ୍‌ମାନେ ମା' କାଳିଜାଈଙ୍କ ପୀଠରେ ପହଞ୍ଚି ଏହାର ସୌନ୍ଦର୍ଯ୍ୟ ଉପଭୋଗ କରିବା ସହ ନିକଟସ୍ଥ ଗ୍ରାମବାସୀଙ୍କ ସହିତ ସାମିଲ୍ ହୋଇ ବିଭିନ୍ନ ସାମାଜିକ କାର୍ଯ୍ୟକ୍ରମ କରିଥିଲେ। ଦ୍ୱିତୀୟ ଦିବସରେ ପ୍ରାୟ ୨୦ କିଲୋମିଟର ଯାତ୍ରା କରି କୃଷ୍ଣପ୍ରସାଦ ଗ୍ରାମରେ ପହଞ୍ଚି ସେଠାରେ ସ୍ୱଚ୍ଛ ଭାରତ ଅଭିଯାନ, ବେଟି ବଚାଓ ଓ ବେଟି ପଢ଼ାଓ ଏବଂ ବୃକ୍ଷରୋପଣ ଆଦି ବିଭିନ୍ନ ସାମାଜିକ କାର୍ଯ୍ୟକ୍ରମ କରିଥିଲେ। ଯାତ୍ରାର ତୃତୀୟ ଦିବସ ପବନର ବେଗ ଓ ଜଳସ୍ରୋତ ସହାୟକ ହେବାରେ କ୍ୟାଡେଟ୍‌ମାନେ ଗୁରୁବାର ସକାଳେ ବାଲୁଗାଁରେ ପହଞ୍ଚି ସେଠାରେ ଛୋଟ ପିଲା ଓ ଯୁବକଯୁବତୀଙ୍କ ମଧ୍ୟରେ ଦେଶପ୍ରେମ ମନୋଭାବ ସୃଷ୍ଟି କରିବା ଉଦ୍ଦେଶ୍ୟରେ ଏକ ପଥପ୍ରାନ୍ତ ନାଟକ ପ୍ରଦର୍ଶନ କରିଥିଲେ। ଯାହା ବେଶ୍ ଚିତାକର୍ଷକ ହୋଇଥିଲା। ଏହିପରି ଆଗକୁ ୧୦ତାରିଖ ଯାଏଁ କ୍ୟାଡେଟ୍‌ମାନେ ବିଭିନ୍ନ ସ୍ଥାନରେ ପହଞ୍ଚି ବିଭିନ୍ନ ଜନସଚେତନତା କାର୍ଯ୍ୟକ୍ରମ କରିବାର ଯୋଜନା ରହିଛି।



## ସୁନିଆଁରେ ଶ୍ରୀରଙ୍ଗନାଥ ଦେବଙ୍କ ବାମନ ବେଶ

ବାଣପୁର,୪।୯ (ସମିସ): ରାଜ୍ୟର ଅନ୍ୟତମ ଐତିହ୍ୟପୂର୍ଣ୍ଣ ପ୍ରତିଷ୍ଠିତ ପର୍ଯ୍ୟଟନସ୍ଥଳୀ ଭଗବତୀ କ୍ଷେତ୍ର ବାଣପୁରର ଆରାଧ୍ୟ ଠାକୁର ଶ୍ରୀରଙ୍ଗନାଥ ଦେବଙ୍କ ପୀଠ ଅନ୍ୟତମ। କେଉଁ ପ୍ରାଚୀନ କାଳରୁ ବାଣପୁର ସହରର ପଶ୍ଚିମ ଦିଗରେ ଅବସ୍ଥିତ ଘଣ୍ଟଶିଳା ପାହାଡ଼ ପାଦଦେଶର ଶାଳିଆ ନଦୀ କୂଳରେ ମା' ଭଗବତୀଙ୍କ ପୀଠ ନିକଟ ଶ୍ରୀରଙ୍ଗନାଥ ଦେବଙ୍କ ମନ୍ଦିର ଅବସ୍ଥିତ। ଓଡ଼ିଆ ସଂସ୍କୃତି ଓ ପରମ୍ପରାର ବଡ଼ ଠାକୁର ଜଗନ୍ନାଥଙ୍କ ପୀଠ ଶ୍ରୀକ୍ଷେତ୍ରରେ ଯେପରି ବାର ମାସରେ ତେର ପର୍ବ ପାଳନ କରାଯାଉଛି, ସେହିପରି ବାଣପୁରସ୍ଥିତ ଶ୍ରୀରଙ୍ଗନାଥ ଦେବଙ୍କ ପୀଠରେ ସମସ୍ତ ପର୍ବପର୍ବାଣୀ ପାଳିତ ହୋଇଆସୁଛି। ତନ୍ମଧ୍ୟରୁ ଶ୍ରୀରଙ୍ଗନାଥ ଦେବଙ୍କ ମନ୍ଦିରରେ ପବିତ୍ର ସୁନିଆଁ ଉତ୍ସବରେ ପ୍ରଭୁ ବାମନ ବେଶରେ ଅଗଣିତ ଶ୍ରଦ୍ଧାଳୁଙ୍କୁ ଦର୍ଶନ ଦେଇଛନ୍ତି। ଗୁରୁବାର ପରମ୍ପରା ଅନୁଯାୟୀ, ସକାଳ ଧୂପ ପରେ ମହାସ୍ନାନ, ସର୍ବାଙ୍ଗ ନୀତି ପରେ ପହଡ଼ ପଡ଼ି ଜୟ ବିଜୟ ଦ୍ୱାର ବନ୍ଦ କରାଯାଇ ଅପରାହ୍ଣରେ ମନ୍ଦିର ସିଂହଦ୍ୱାରକୁ ପୂର୍ଣ୍ଣକୁମ୍ଭ, କଦଳୀ ଗଛ ଓ ଆମ୍ବ ଡାଳରେ ସୁସଜ୍ଜିତ କରାଯାଇଥିଲା। ସନ୍ଧ୍ୟା ଧୂପ ପରେ ବାମନ ବେଶ ନିମନ୍ତେ ଶ୍ରୀରଙ୍ଗନାଥ ଦେବଙ୍କୁ ପ୍ରତିବର୍ଷ ପରି ସୁନିଆଁ ଭେଟି ଅର୍ପଣ କରାଯାଇଥିଲା। ଏହି ଅବସରରେ ବିଭିନ୍ନ ବର୍ଗର ସେବାୟତମାନେ ବିଭିନ୍ନ ଉପକରଣ ପ୍ରଦାନ କରିବା ପରେ ଠାକୁରଙ୍କ ବାମନ ଜନ୍ମ ନୀତି ଓ ବେଶରେ ଶ୍ରୀରଙ୍ଗନାଥଦେବଙ୍କୁ ଦେଖିବାକୁ ମିଳିଥିଲା।



## ପ୍ରମୋଦ ତ୍ରିପାଠୀଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକୀ

ନିରାକାରପୁର,୪।୯ (ସମିସ): ଖୋର୍ଦ୍ଧା ଜିଲ୍ଲା ରାମେଶ୍ୱର ଗ୍ରାମରେ ପ୍ରମୋଦ ତ୍ରିପାଠୀଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକୀ ଆୟୋଜିତ ହୋଇଯାଇଛି। ଅଞ୍ଚଳର ଯୁବ ସମାଜସେବୀ ସୁଭମ୍ ଦାଶଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସ୍ମୃତିସଭାରେ ସାମ୍ବାଦିକ ଦୀପକ ପ୍ରଧାନ, ନିରାକାରପୁର ଗୋପବନ୍ଧୁ ସମାଜ ସେବାର ସଭାପତି ପ୍ରସାଦ ଦାସ, ସମାଜସେବୀ ସଦାନନ୍ଦ ମଙ୍ଗରାଜ, ପୂର୍ବତନ ମଣ୍ଡଳ ସଭାପତି ସନାତନ ବାରିକ, ଖୋର୍ଦ୍ଧା ବିଧାୟକ ପ୍ରଶାନ୍ତ ଜଗଦେବଙ୍କ ଅନୁଗତ ଭାଗିରଥି ସାମନ୍ତରାୟ, ଶିକ୍ଷାବିତ୍ କିଶୋର ଦାଶ ଉପସ୍ଥିତ ରହି ପ୍ରାରମ୍ଭରେ ପ୍ରଦିପ ପ୍ରଜ୍ୱଳନ କରିବା ପରେ ସ୍ୱର୍ଗତ ପ୍ରମୋଦ ତ୍ରିପାଠୀଙ୍କ ଜୀବନୀ ଉପରେ ଆଲୋକପାତ କରିଥିଲେ। ତାଙ୍କ ଉଦ୍ଦେଶ୍ୟରେ ପ୍ରମୋଦ ତ୍ରିପାଠୀ ସ୍ମୃତି ସଂସଦ ଗଠନ କରାଯାଇ ରାମେଶ୍ୱର ଗ୍ରାମରେ ପ୍ରତ୍ୟେକ ଖୁଣ୍ଟରେ ନାମଫଳକ ସହ ଲାଇଟ୍ ଲଗାଯିବ ବୋଲି ସଭାପତି ବକ୍ତବ୍ୟ ରଖିଥିଲେ। ମଞ୍ଚ ପରିଚାଳନା କରିଥିଲେ ଶିକ୍ଷାବିତ୍ ଈଶ୍ୱର ଚନ୍ଦ୍ର ଜେନା।

### ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀଙ୍କ ଖୋର୍ଦ୍ଧା ଗସ୍ତ

# ରାଜସ୍ୱ ଓ ଭୂ-ଅର୍ଜନ ଯୋଜନାର ସମୀକ୍ଷା

ଖୋର୍ଦ୍ଧା,୪।୯ (ସମିସ)



ଗୁରୁବାର ଅପରାହ୍ଣରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ ଖୋର୍ଦ୍ଧା ଜିଲ୍ଲା ଗସ୍ତ କରିଥିଲେ। ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ରାଜସ୍ୱ ଓ ଭୂ-ଅର୍ଜନ ସମ୍ବନ୍ଧୀୟ ଜିଲ୍ଲାରେ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ଯୋଜନାର ସମୀକ୍ଷା କରିଥିଲେ। ରାଜସ୍ୱ କର୍ମଚାରୀ, ତହସିଲ୍‌ଦାର, ଉପନିବନ୍ଧକ ଅଧିକାରୀମାନେ ସରକାରଙ୍କ ବିଭିନ୍ନ ଯୋଜନାର ବୃତ୍ତୀୟ ଧାରା ଓ ନିୟମ ଅନୁଯାୟୀ ଜନସାଧାରଣଙ୍କ ରାଜସ୍ୱ ମାମଲା ସମାଧାନ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଜିଲ୍ଲାରେ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ରାଜସ୍ୱ ଯୋଜନାର ଅଗ୍ରଗତି ସମ୍ବନ୍ଧରେ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ସାଫଲ୍ୟ ମଣ୍ଡିତ ପ୍ରଧାନ ମନ୍ତ୍ରୀଙ୍କୁ ଉପସ୍ଥାପନ କରିଥିଲେ। ପ୍ରାଥମିକ ବିଦ୍ୟାଳୟ ଓ ଉଚ୍ଚ ବିଦ୍ୟାଳୟ ଜମି ରେକର୍ଡ ସଂଶୋଧନ, ମଡେଲ ତହସିଲ୍ ଓ ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟ, ଆଧୁନିକ ସେବା ସହ ଭିତ୍ତିଭୂମି, କର୍ମଚାରୀ ନିଯୁକ୍ତି କାର୍ଯ୍ୟ ଆଦି ଖୁବ୍‌ଶୀଘ୍ର ଯୋଗାଇ ଦିଆଯାଉଛି ବୋଲି ମନ୍ତ୍ରୀ ପ୍ରକାଶ କରିଥିଲେ। ଖୋର୍ଦ୍ଧାର ରାଜସ୍ୱ କାର୍ଯ୍ୟ ଅଗ୍ରଗତିରେ ମନ୍ତ୍ରୀ ଖୁସିବ୍ୟକ୍ତ କରିଥିଲେ। କୌଣସି ରାଜସ୍ୱ ଯୋଜନାର ସେବା ପାଇବାରେ ସାଧାରଣ ଲୋକ ବଞ୍ଚିତ ହେଲେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ ପ୍ରକାଶ କରିଥିଲେ।

**● ସେବା ପାଇବାରେ ସାଧାରଣ ଲୋକ ବଞ୍ଚିତ ହେଲେ କାର୍ଯ୍ୟାନୁଷ୍ଠାନ**
**● ୮୮୧ ସ୍କୁଲରୁ ୪୪୨ଟିକୁ ଦିଆଯାଇଛି ଜମି ପଟ୍ଟା**

ବୈଠକରେ ଜିଲ୍ଲାପାଳ ଅମ୍ରିତ୍ ଋତୁରାଜ ବିଭିନ୍ନ ସୂଚନା ଦେଇଥିଲେ। ତନ୍ମଧ୍ୟରେ ବିଦ୍ୟାଳୟ ପଟ୍ଟା ପାଇଁ ୮୮୧ ସ୍କୁଲ ଆବେଦନ କରିଥିଲେ। ୪୪୨ଟି ବିଦ୍ୟାଳୟର ଜମି ସମସ୍ୟା ସମାଧାନ କରାଯାଇ ପଟ୍ଟା ପ୍ରଦାନ କରାଯାଇଥିବା କହିଥିଲେ। ୮୬ଟି ସ୍କୁଲ ଜଗନ୍ନାଥଙ୍କ ଜମି, ୩୫ ଜାଗାରେ ଜଙ୍ଗଲ ଅଛି, ୧ଟି ଡିଗ୍ରୀ ମହାବିଦ୍ୟାଳୟ ଜଙ୍ଗଲ ଜମି ଥିବାବେଳେ ୪୩ଟି ମାମଲା ସ୍ଥଗିତ ଅଛି। ଖୁବ୍‌ଶୀଘ୍ର ସମାଧାନ କରାଯିବ ବୋଲି ଜିଲ୍ଲାପାଳ ପ୍ରକାଶ କରିଥିଲେ। ଏଥିସହ ସିକିମ୍ ସତ୍ତ୍ୱ ଫଇସଲାରେ ୧୩୩୫୩, ବେ-ବନ୍ଦୋବସ୍ତ କେସ୍ ୧୬୮୯, ବସୁନ୍ଧରା ଯୋଜନାରେ ୨୫୧ ପଟ୍ଟା ପ୍ରଦାନ, କୋର୍ଟ କେସ୍ ସମାଧାନ ୧୨୫୪, ଜମି ରେଜିଷ୍ଟ୍ରେସନ ଷ୍ଟାମ୍ପ ଫି' ଓ ରେଜିଷ୍ଟ୍ରେସନ ଫି' ବାବଦ ଟଙ୍କା ଆଦାୟ କରାଯାଇଛି।

ବୈଠକରେ ଖୋର୍ଦ୍ଧା ବିଧାୟକ ପ୍ରଶାନ୍ତ କୁମାର ଜଗଦେବ, ବେଗୁନିଆ ବିଧାୟକ ପ୍ରଦୀପ କୁମାର ସାହୁ, ମନ୍ତ୍ରୀଙ୍କ ବ୍ୟକ୍ତିଗତ ସଚିବ ପ୍ରଦୀପ କୁମାର ସାହୁ, ଅତିରିକ୍ତ ଜିଲ୍ଲାପାଳ (ପ୍ରଶାସନ) ପ୍ରତାପ ଚନ୍ଦ୍ର ବେଉରା, ଉପଜିଲ୍ଲାପାଳ (ଭୁବନେଶ୍ୱର) ଡ. ମନୋରଞ୍ଜନ ସାହୁ, ଉପଜିଲ୍ଲାପାଳ (ଖୋର୍ଦ୍ଧା) କିଶୋର କୁମାର ପଣ୍ଡା, ଡେପୁଟି କଲେକ୍ଟର (ରାଜସ୍ୱ) ନିବେଦିତା ପ୍ରଧାନ, ଡେପୁଟି କଲେକ୍ଟର (ଜରୁରୀ) ଶ୍ରୀତପା ମିଶ୍ର, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଲକ୍ଷ୍ମଣ କୁମାର ବେହେରା, ସମସ୍ତ ତହସିଲ୍‌ଦାର, ଉପନିବନ୍ଧକ, ଜିଲ୍ଲାସ୍ତରୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ।

## ବାଲୁଗାଁ ମହାବିଦ୍ୟାଳୟର ପ୍ରତିଷ୍ଠା ଦିବସ




ବାଲୁଗାଁ,୪।୯ (ସମିସ): ବାଲୁଗାଁ ମହାବିଦ୍ୟାଳୟର ୪୫ତମ ପ୍ରତିଷ୍ଠା ଦିବସ ଗୁରୁବାର ମହାସମାରୋହରେ ମହାବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ଲକ୍ଷ୍ମୀଧର ସୁବୁଦ୍ଧିଙ୍କ ସଭାପତିତ୍ୱରେ ଆୟୋଜିତ ସମାରୋହରେ ଚିଲିକା ବିଧାୟକ ତଥା ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଯୋଗଦେଇ ଛାତ୍ରଛାତ୍ରୀମାନେ ବର୍ତ୍ତମାନ ଚାପମୁକ୍ତ ହୋଇ ଅଧ୍ୟୟନ କରିବା ସହ ନିଜ ନିଜ କ୍ଷେତ୍ରରେ ଉତ୍କର୍ଷତା ହାସଲ କରିବା ଉଚିତ୍। ତତ୍‌ସହିତ ମହାବିଦ୍ୟାଳୟର ଗୁଣାତ୍ମକ ବିକାଶରେ ପୁରାତନ ଛାତ୍ରଛାତ୍ରୀମାନେ ଯୋଡ଼ି ହେବା ଆବଶ୍ୟକ ବୋଲି ମତବ୍ୟକ୍ତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅତିଥି ଭାବେ ବାଲୁଗାଁ ଏନ୍‌ଏସି ଅଧ୍ୟକ୍ଷା ସୁକାନ୍ତି ପାଇକରାୟ, ଚିଲିକା ବ୍ଲକ୍ ଅଧ୍ୟକ୍ଷା ଜ୍ୟୋତ୍ସ୍ନାରାଣୀ ବେହେରା ଓ ପୂର୍ବତନ ଅଧ୍ୟକ୍ଷା ଡ. କସ୍ତୁରୀ ସାହୁ ପ୍ରମୁଖ ଯୋଗଦେଇ ଛାତ୍ରଛାତ୍ରୀମାନଙ୍କୁ ଶୃଙ୍ଖଳିତ ହେବାକୁ ପରାମର୍ଶ ଦେଇଥିଲେ। ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ସୁବୁଦ୍ଧି ସ୍ୱାଗତ ଭାଷଣ ଦେଇଥିବାବେଳେ ଅଧ୍ୟାପକ ଡ. କୈଳାସ ଚନ୍ଦ୍ର ମହାରଣା ଅତିଥି ପରିଚୟ ପ୍ରଦାନ କରିଥିଲେ। ଏହି ଅବସରରେ ପ୍ରାକ୍ତନ ଅଧ୍ୟକ୍ଷା ଡ. କସ୍ତୁରୀ ସାହୁ, ନିକଟରେ ରାଜୀବ ଗାନ୍ଧୀ ସେବା ସମ୍ମାନ ଲାଭ କରିଥିବା ଅଧ୍ୟାପିକା ରୀନା ରାଉତ ଓ ଅଧ୍ୟାପିକା ମନସ୍ୱିନୀ ପଟ୍ଟନାୟକଙ୍କ ସମେତ ମହାବିଦ୍ୟାଳୟରେ ନିରବଚ୍ଛିନ୍ନ ଭାବେ ୨୫ବର୍ଷ ପୂରଣ କରିଥିବା ଅଧ୍ୟାପକ ସୁବ୍ରତ କୁମାର ତ୍ରିପାଠୀ, ବିଦ୍ୟାଧର ଜୁଝାରସିଂହ, ପ୍ରବୀଣ କୁମାର ଜେନା ଓ ମୃଡାନୀ ଶଙ୍କର ପ୍ରସାଦ ମିଶ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ତତ୍‌ସହିତ ମହାବିଦ୍ୟାଳୟର ବିଭିନ୍ନ ବିଭାଗର ମେଧାବୀ ଛାତ୍ରଛାତ୍ରୀଙ୍କ ସମେତ ଏନ୍‌ସିସି କ୍ୟାଡେଟ୍, ଏନ୍‌ଏସ୍‌ଏସ୍ ଓ ଯୁବ ରେଡ୍‌କ୍ରସର ଶ୍ରେଷ୍ଠ ସ୍ୱେଚ୍ଛାସେବୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ଶେଷରେ ଯୁକ୍ତ ୨ ଅଧ୍ୟକ୍ଷ ସୁବାସ ଚନ୍ଦ୍ର ଶ୍ରୀଚନ୍ଦନ ଧନ୍ୟବାଦ ଅର୍ପଣ କରିଥିଲେ।

### ରାଜ୍ୟବ୍ୟାପୀ ସାର ସଙ୍କଟ ଓ ବ୍ୟାପକ କଳାବଜାରୀ

# ଶ୍ୱେତପତ୍ର ଦାବିକଲା କଂଗ୍ରେସ

ଭୁବନେଶ୍ୱର, ୪।୯ (ସମିସ): ରାଜ୍ୟବ୍ୟାପୀ ସାର ସଙ୍କଟ ସହ ବ୍ୟାପକ କଳାବଜାରୀ ହେଉଛି। ଏହାକୁ ନିୟନ୍ତ୍ରଣ କରିବାରେ ସରକାର ବିଫଳ ହୋଇଛନ୍ତି। ଚଳିତବର୍ଷ ଖରିଫ ଚାଷରେ ଲକ୍ଷ୍ୟଧାର୍ଯ୍ୟ ଅନୁଯାୟୀ କେଉଁ କ୍ଷେତ୍ରରେ ସାରର ନିଅଣ୍ଟିଆ ପରିସ୍ଥିତି ସୃଷ୍ଟି ହେଉଛି ତାହା ସଠିକ୍ ଜଣାପଡୁନାହିଁ। ଯଦି କେନ୍ଦ୍ର ସରକାର ରାଜ୍ୟର କୋଟା ଅନୁଯାୟୀ ଗତ ଏପ୍ରିଲ-୨୦୨୫ଠାରୁ ଏପର୍ଯ୍ୟନ୍ତ ମୋଟ୧୧ ଲକ୍ଷ ୨୧ ହଜାର ମେଟ୍ରିକ୍ ଟନ୍ ସାର ଯୋଗାଇ ପାରିଛନ୍ତି ତେବେ ଚାଷୀ ଆନ୍ଦୋଳନ କାହିଁକି ଚାଲିଛି ବୋଲି କଂଗ୍ରେସ ପ୍ରଶ୍ନ କରିଛି। ପକ୍ଷରୁ କିଷାନ କଂଗ୍ରେସ ରାଷ୍ଟ୍ରୀୟ ସଂଯୋଜକ ଅମିୟ କୁମାର ପଟ୍ଟନାୟକ କହିଛନ୍ତି ଯେ ସାରର ପ୍ୟାକେଟ୍ ପିଛା ନିର୍ଦ୍ଧାରିତ ଦାମ୍‌ଠାରୁ ଯଥେଷ୍ଟ ଚଢ଼ାଦରରେ ବିକ୍ରି କରାଯାଉଛି। ୟୁରିଆ ୪୫ କେଜି ପ୍ୟାକେଟ୍ ପିଛା ୨୬୭ ଟଙ୍କା ଥିବା ବେଳେ ବଜାରରେ ୬୦୦ରୁ ୭୦୦ ଟଙ୍କାରେ ବିକ୍ରି କରାଯାଉଛି। କୃଷି ବିଭାଗ ପକ୍ଷରୁ ସ୍ୱଚ୍ଛତା ଭିତ୍ତିରେ ଜିଲ୍ଲାୱାରୀ ସାରର ଆବଶ୍ୟକତା, ପ୍ୟାକ୍ସ ଓ ଘରୋଇ ଡିଲରମାନଙ୍କ ନାମ, ଫୋନ ନମ୍ବର ସହ ଚାଷୀମାନଙ୍କ ନିକଟରେ ଏହାକୁ କାହିଁକି ସାର୍ବଜନୀନ କରାଯାଉନାହିଁ ବୋଲି ସେ ପ୍ରଶ୍ନ କରିଛନ୍ତି। ଧାନଗଛ ବୃଦ୍ଧି ପାଇଁ ବିଶେଷ କରି ୟୁରିଆ ସାରର ବହୁଳ ଆବଶ୍ୟକତା ଥିବାବେଳେ ୟୁରିଆ ସାରର ଏପରି ସଙ୍କଟ ପରିସ୍ଥିତି ଚାଷୀଙ୍କ ପାଇଁ ନାହିଁ ନ ଥିବା ସମସ୍ୟା ସୃଷ୍ଟି କରିଛି। ତେଣୁ ରାଜ୍ୟ ସରକାର ଏ ସମ୍ପର୍କରେ ଶ୍ୱେତପତ୍ର ପ୍ରକାଶ କରନ୍ତୁ ବୋଲି ଦଳ ଦାବି କରିଛି। ଶ୍ରୀ ପଟ୍ଟନାୟକଙ୍କ ନେତୃତ୍ୱରେ କଂଗ୍ରେସର ଏକ ପ୍ରତିନିଧି ମଣ୍ଡଳୀରେ ଓଡ଼ିଶାର ବିଭିନ୍ନ ଜିଲ୍ଲା ଓ ବ୍ଲକସ୍ତରକୁ ଗସ୍ତକରି ଚାଷୀମାନଙ୍କ ସହିତ ବାସ୍ତବ ସ୍ଥିତିର ପତ୍ୟକ୍ଷ ଆଲୋଚନା କରିଛନ୍ତି। ସାର ଗଚ୍ଛିତ ପାଇଁ ସମିତିର ଗୋଦାମ ଘର ନ ଥିବା, ମୃତ୍ତିକା ସୁରକ୍ଷା ଓ ସହଣିକ ସାର ବ୍ୟବହାର ପାଇଁ ବୈଷୟିକ ଜ୍ଞାନକୌଶଳର ଅଭାବ, କୃଷି ଓ ସମବାୟ ବିଭାଗ ମଧ୍ୟରେ ସମନ୍ୱୟ ନ ରହିବା,କଳାବଜାରୀ ରୋକିବାରେ ଠୋସ୍ ପଦକ୍ଷେପ ଗ୍ରହଣ କରା ନ ଯିବା, ଆବଶ୍ୟକ ଚାଷଜମି ଅନୁଯାୟୀ ସାରର ସୁଷମ ବଣ୍ଟନ ନିମିତ୍ତ ପରିସଂଖ୍ୟାନ କରା ନ ଯିବା ଯୋଗୁଁ ବାରମ୍ବାର ଏପରି ସମସ୍ୟା ଉପୁଜୁଛ ବୋଲି ଅଭିଯୋଗ ସହ ଯୁଦ୍ଧକାଳୀନ ଭିତ୍ତିରେ ଚାଷୀଙ୍କୁ ଆବଶ୍ୟକ ପରିମାଣର ସାର ଯୋଗାଇ ଦେବାକୁ ସେ ଦାବି କରିଛନ୍ତି।

### ପଦାରେ ପଡ଼ିଲା ସୁରକ୍ଷା ବ୍ୟବସ୍ଥା

# ପୁଣି ଶ୍ରୀମନ୍ଦିର ଭିତର ଫଟୋ ଭାଇରାଲ

ପୁରୀ, ୪।୯ (ସମିସ): ପୁଣି ପଦାରେ ପଡ଼ିଲା ଶ୍ରୀମନ୍ଦିର ସୁରକ୍ଷା ବ୍ୟବସ୍ଥା। ମାଲମାଲ ସୁରକ୍ଷା କର୍ମୀ ନିୟୋଜିତ ଥିଲେ ହେଁ ବିଭିନ୍ନ ସମୟରେ ମନ୍ଦିର ଭିତର ଫଟୋ ଭାଇରାଲ ହେଉଛି। ଏହି ଭାଇରାଲ ଫଟୋ କିମ୍ବା ଭିଡ଼ିଓ ଯଦି ମନ୍ଦିର ପ୍ରଶାସନ ନଜରକୁ ଆସୁଛି, ଥାନାରେ ଏତଲା ଦିଆଯାଉଛି। କିନ୍ତୁ ପରବର୍ତ୍ତୀ ସମୟରେ ଏନେଇ କି' ପ୍ରକାର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଛି, ତା' ଉପରେ କାହାର ନିଘା ରହୁନି। ନା ଶ୍ରୀମନ୍ଦିର ପ୍ରଶାସନ ନା ପୁଲିସ କେହି ଏ ଦିଗରେ ତତ୍ପରତା ଦେଖାଉନାହାନ୍ତି। ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ହେଉ ନଥିବାରୁ ବାରମ୍ବାର ବଡ଼ଦେଉଳ ଭିତର ଫଟୋ ଏବଂ ଭିଡିଓ ମୋବାଇଲରୁ ମୋବାଇଲକୁ ଘୂରି ବୁଲୁଛି। ଏବେ ପୁଣି ଶ୍ରୀମନ୍ଦିର ଭିତର ଫଟୋ ଭାଇରାଲ ହୋଇଛି। ମହାରାଷ୍ଟ୍ରର ବୈଭବ ଦୁରେ ପାଟିଲ ନାମକ ଜଣେ ଯୁବକ ମନ୍ଦିର ଭିତରେ ଫଟୋ ଉଠାଇ ଏହାକୁ ଭାଇରାଲ କରିଛନ୍ତି। ମନ୍ଦିର ପରିସରରେ ଥିବା ଛାତ ଉପରେ ଠିଆ ହୋଇ ଫଟୋ ଉଠାଇଥିବା ଜଣାପଡୁଛି। ଏହି ଫଟୋରେ ମୁଖ୍ୟ ମନ୍ଦିର, ଜଗମୋହନ, ଘଣ୍ଟି ଦ୍ୱାର ଆଦି ସ୍ପଷ୍ଟ ଭାବେ ରହିଛି।

ଭାଇରାଲର ସବୁଠୁ ବଡ଼ ମାଧ୍ୟମ ପାଲଟିଛି ମୋବାଇଲଫୋନ। ଶ୍ରୀମନ୍ଦିର ଭିତରକୁ ମୋବାଇଲ ନେବା ଉପରେ କଟକଣା ରହିଛି। ମନ୍ଦିର ଭିତରକୁ ପ୍ରବେଶ ପୂର୍ବରୁ ସୁରକ୍ଷା କର୍ମୀମାନେ ଜଣଜଣ କରି ଶ୍ରଦ୍ଧାଳୁଙ୍କୁ ଯାଞ୍ଚ ବି କରୁଛନ୍ତି। ଏହା ପରେ ବି ମନ୍ଦିର ଭିତରକୁ ମୋବାଇଲ ଯାଉଛି କିପରି, ତାହାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଶ୍ରୀମନ୍ଦିରକୁ ମୋବାଇଲ ନେବା ନିଷିଦ୍ଧ ସମ୍ପର୍କରେ ଭକ୍ତମାନେ ସଚେତନ ଅଛନ୍ତି ନା ସୁରକ୍ଷା ବ୍ୟବସ୍ଥା ଢିଲା ତାହା ସମସ୍ତଙ୍କ ମନରେ ପ୍ରଶ୍ନବାଚୀ ସୃଷ୍ଟି କରିଛି।

ଶ୍ରୀମନ୍ଦିର ଉପରେ ଆତଙ୍କବାଦୀ ଆକ୍ରମଣର ଆଶଙ୍କା ରହିଛି। ଏନେଇ ବିଭିନ୍ନ ସମୟରେ ଗୁଇନ୍ଦା ବିଭାଗ ରିପୋର୍ଟ ଦେଇଛି। ଏହାକୁ ନଜରରେ ରଖି ଶ୍ରୀମନ୍ଦିରର ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଇଛି। ମନ୍ଦିରର ଚାରିଦ୍ୱାର ସମତେ ଚତୁଃପାର୍ଶ୍ୱରେ ବ୍ୟାପକ ସୁରକ୍ଷା କର୍ମୀ ମୁତୟନ ରହୁଛନ୍ତି। ପ୍ରବେଶପଥରେ ଭକ୍ତଙ୍କୁ ଯାଞ୍ଚ କରାଯାଉଛି। ପରିକ୍ରମା ପ୍ରକଳ୍ପ ସମ୍ପୂର୍ଣ୍ଣ ହେବା ପରେ ସୁରକ୍ଷା ବ୍ୟବସ୍ଥା ଆହୁରି ବଢ଼ିଯାଇଛି। ମାଲମାଲ ସୁରକ୍ଷା କର୍ମୀ ଏବଂ ମନ୍ଦିର ଭିତରେ ଅବସରପ୍ରାପ୍ତ ସେନା କର୍ମଚାରୀଙ୍କୁ ବି ନିୟୋଜିତ କରାଯାଇଛି। ତଥାପି ସୁରକ୍ଷା ବ୍ୟବସ୍ଥାକୁ ନେଇ ଅନେକ ସମୟରେ ପ୍ରଶ୍ନବାଚୀ ସୃଷ୍ଟି ହେଉଛି।

୨୦୧୯ରେ ଶ୍ରୀମନ୍ଦିର ଭିତରକୁ ମୋବାଇଲ ଫୋନ ନେବା ଉପରେ କଟକଣାକୁ ଅଧିକ କଡ଼ାକଡ଼ି କରାଯାଇଥିଲା। ମନ୍ଦିର ଭିତରେ କାହାଠାରୁ ମୋବାଇଲ ଫୋନ ଜବତ ହେଲେ, ତେବେ ତାହାକୁ ବାଜ୍ୟାପ୍ତି ନଚେତ୍ ୧ ହଜାର ଟଙ୍କା ଜରିମାନା ଆଦାୟ କରାଯିବ ବୋଲି ନିଷ୍ପତ୍ତି ହୋଇଥିଲା। ପରବର୍ତ୍ତୀ ସମୟରେ ଧରପଗଡ଼ କମିଯିବାରୁ ମଝିରେ ମଝିରେ ଫଟୋ ଭାଇରାଲ ହେଲା। ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ଶ୍ରୀମନ୍ଦିର ଭିତରକୁ ମୋବାଇଲ, କ୍ୟାମେରା ଆଦି ନେବା ଉପରେ କଟକଣା ରହିଛି। ହେଲେ ଭକ୍ତମାନେ ନେଉଛନ୍ତି କିପରି? ଶ୍ରଦ୍ଧାଳୁଙ୍କ ଏ ବିଷୟରେ ଠିକ୍ ଭାବେ ସଚେତନ କରାଯାଉଛି ନା ନାହିଁ? ଯଦି କରାଯାଉଛି, ତେବେ ମୋବାଇଲ ଭିତରକୁ ନେଉଛନ୍ତି କିପରି? ପ୍ରବେଶପଥରେ ସୁରକ୍ଷା କର୍ମୀମାନେ ଯାଞ୍ଚ କରୁଛନ୍ତି କିଭଳି? ଏମିତି ଅନେକ ପ୍ରଶ୍ନ ଏବେ ଉଙ୍କି ମାରୁଛି।

### ଗ୍ରାମକୁ ବସ୍ ଚଳାଚଳ ଦାବି

# ଦୁଇ ଦିନ ହେଲା ଗ୍ରାମବାସୀଙ୍କ କବ୍‌ଜାରେ 'ମୁଖ୍ୟମନ୍ତ୍ରୀ ବସ୍'

ବଣାଇଁ, ୪।୯ (ସମିସ): ଦୁଇ ଦିନ ହେଲା ଗ୍ରାମବାସୀଙ୍କ କବ୍‌ଜାରେ 'ମୁଖ୍ୟମନ୍ତ୍ରୀ ବସ୍ ସେବା'ରେ ଚଳାଚଳ କରୁଥିବା ସରକାରୀ ବସ୍। ବଣାଇଁ ଥାନା ଅନ୍ତର୍ଗତ ଗୋବିନ୍ଦପୁର ପଞ୍ଚାୟତରେ ଏପରି ଏକ ଅଭାବନୀୟ ଘଟଣା ଘଟିଛି। ହେଲେ ନା

**ପ୍ରଶାସନିକ ଉଦାସୀନତା ନେଇ ଉପଜିଲ୍ଲାପାଳଙ୍କ ଅଫିସ୍ ଘେରିଲେ ଗ୍ରାମବାସୀ**

ପ୍ରଶାସନିକ ଅଧିକାରୀ ନା ପୁଲିସ, କେହି ବସ୍‌ଟିକୁ ଉଦ୍ଧାର କରିବାକୁ ଯାଉନାହାନ୍ତି। ପ୍ରଶାସନର ଏପରି ନିରବତାର ପ୍ରତିବାଦରେ ଆଜି ଗ୍ରାମବାସୀମାନେ ଆଜି ଉପଜିଲ୍ଲାପାଳଙ୍କ ଅଫିସ୍ ଘେରାଉ କରିଛନ୍ତି। ଗ୍ରାମର ଶତାଧିକ ମହିଳା ଓ ପୁରୁଷ ଆଜି ସକାଳୁ ଗାଁରୁ ଚାଲିଚାଲି ବଣାଇଁ ଉପଜିଲ୍ଲାପାଳଙ୍କ ଅଫିସ୍ ପର୍ଯ୍ୟନ୍ତ ଯାଇଥିଲେ। ଗାଁକୁ ଶୀଘ୍ର ମୁଖ୍ୟମନ୍ତ୍ରୀ ବସ୍ ସେବା କାର୍ଯ୍ୟକ୍ଷମ ଦାବିରେ ସେଠାରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଏହାସହ ସେମାନେ ଉପଜିଲ୍ଲାପାଳ ସ୍ୱାଗତିକା ଦଳପତିଙ୍କୁ ଭେଟି ନିଜ



ଦାବି ଜଣାଇଥିଲେ। ତେବେ ଖୁବ୍‌ଶୀଘ୍ର ଏହାର ସମାଧାନ କରାଯିବ ବୋଲି ଉପଜିଲ୍ଲାପାଳ ଗ୍ରାମବାସୀଙ୍କୁ ପ୍ରତିଶ୍ରୁତି ଦେଇଥିବା ଜଣାଯାଇଛି।

ସୂଚନାନୁଯାୟୀ, ମୁଖ୍ୟମନ୍ତ୍ରୀ ବସ୍ ସେବାର ରୁଟ୍ ଚାର୍ଟକୁ ନେଇ ପଞ୍ଚାୟତବାସୀ ଆପତ୍ତି ଉଠାଇଥିଲେ। ବସ୍‌ଟି ଘୋଷରା, ପତ୍ରାପାଲି, କ୍ଷେଣ୍ଡପୁର ହୋଇ ଇନ୍ଦୁପୁରରେ ବାହାରିଲେ ପଞ୍ଚାୟତବାସୀ ଉପକୃତ ହେବେ ବୋଲି ଦାବି କରିଥିଲେ। ଏ ସଂପର୍କରେ ସେମାନେ ଜିଲ୍ଲାପାଳଙ୍କଠାରୁ ଆରମ୍ଭ କରି ବଣାଇଁ ବିଡିଓଙ୍କ ପର୍ଯ୍ୟନ୍ତ ସମସ୍ତଙ୍କୁ ଦାବି କରିଥିଲେ ହେଁ ସୁଫଳ ନ ମିଳି ନଥିଲା। ଗତ ୧୯ ତାରିଖରେ ଲହୁଣୀପଡ଼ାଠାରେ ସୁନ୍ଦରଗଡ଼ ଜିଲାପାଳଙ୍କ ଅଭିଯୋଗ ଶୁଣାଣିରେ ମଧ୍ୟ ପଞ୍ଚାୟତବାସୀ ଏହି ସମସ୍ୟା ଉତ୍ଥାପନ କରିଥିଲେ। ସେପ୍ଟେମ୍ବର ୨ତାରିଖ ମଧ୍ୟରେ ପ୍ରଶାସନ ନିଷ୍ପତ୍ତି ନନେଲେ ୩ତାରିଖଠାରୁ ୧୪୩ନମ୍ବର ଜାତୀୟ ରାଜପଥ ଅବରୋଧ କରାଯିବ ବୋଲି ଚେତାବନୀ ଦେଇଥିଲେ। କିନ୍ତୁ, ଏସବୁ ପରେ ମଧ୍ୟ ପ୍ରଶାସନ ପକ୍ଷରୁ ଏ ସଂପର୍କରେ କୌଣସି ନିଷ୍ପତ୍ତି ନିଆଯାଇଥିଲା। ଗତକାଲି ଉକ୍ତ ମୁଖ୍ୟମନ୍ତ୍ରୀ ସେବା ବସ୍‌ଟି ପଞ୍ଚାୟତ କାର୍ଯ୍ୟାଳୟରୁ ଫେରି ଆସିବା ବେଳକୁ ଶତାଧିକ ଗ୍ରାମବାସୀ ବସ୍‌କୁ ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଅଟକ ରଖିଥିଲେ। ଗତକାଲିଠାରୁ ବସ୍‌ଟି ସେମିତି ବନ୍ଧକ ରହିଥିଲେ ହେଁ ପ୍ରଶାସନିକ ଅଧିକାରୀ କିମ୍ବା ପୁଲିସ ତାହାକୁ ଉଦ୍ଧାର କରିବାକୁ ଯାଇନାହାନ୍ତି।

# ମିଳିମିଶି ହାତୀକୁ ମାରିଦେଲେ

ରାଉରକେଲା, ୪।୯ (ସମିସ): ଗୁରୁବାର ସକାଳୁ 'ଗରିବ ରଥ' ଏକ୍ସପ୍ରେସ ଧକ୍କାରେ ଏକ ମାଈ ହାତୀର ମୃତ୍ୟୁ ଘଟିଛି। ଏହି ଦୁର୍ଘଟଣା ସୋନାଖାନ ଏବଂ ସଗରା ରେଳ ଷ୍ଟେସନ୍ ମଧ୍ୟରେ ଆଜି ସକାଳ ପ୍ରାୟ ୫ଟା ୧୪ମିନିଟରେ ହୋଇଛି। ହାତୀଟି ରେଳଟ୍ରାକ୍ ଉପରେ ପଡ଼ି ଛଟପଟ ହେଉଥିବା ଦେଖି ସ୍ଥାନୀୟ ଲୋକେ ବନ ବିଭାଗକୁ ଖବର ଦେଇଥିଲେ। ବନ ବିଭାଗ ତାକୁ ଅଧିକ ଚିକିତ୍ସା ଲାଗି ଭୁବନେଶ୍ୱର ସ୍ଥାନାନ୍ତର କରିବା ବ୍ୟବସ୍ଥା କରୁଥିବା ବେଳେ ସଗରା ଷ୍ଟେସନ ନିକଟରେ ଅପରାହ୍ଣ ପ୍ରାୟ ୨ଟାରେ ତା'ର ମୃତ୍ୟୁ ହୋଇଯାଇଥିଲା। ତେବେ ହାତୀମୃତ୍ୟୁ ନେଇ ନୂଆ ବିବାଦ ସୃଷ୍ଟି ହୋଇଛି। ହାତୀଙ୍କ ସୁରକ୍ଷା ପାଇଁ ଲାଗିଥିବା ଏଆଇ କ୍ୟାମେରାରେ ଦୁର୍ଘଟଣା ପୂର୍ବରୁ ସେଠାରେ ହାତୀଟିର ଉପସ୍ଥିତି ସ୍ପଷ୍ଟ ହୋଇଥିଲା। କିନ୍ତୁ କାହିଁକି ଏ ସଂପର୍କରେ ବନବିଭାଗ ପକ୍ଷରୁ ରେଳ ବିଭାଗକୁ ସୂଚନା ଦିଆଗଲାନି ବୋଲି ସାଧାରଣରେ ପ୍ରଶ୍ନ ଉଠିଛି।

ସୂଚନା ମୁତାବକ, ରାଉରକେଲା ଡିଭିଜନ୍ ରାଜଗାଙ୍ଗପୁର ଫରେଷ୍ଟ ରେଞ୍ଜ ଅନ୍ତର୍ଗତ ସୋନାଖନ ଫରେଷ୍ଟବିଟ୍ ସୋନାଖାନ ସଗରା ରେଲୱେ ଷ୍ଟେସନ ମଝିରେ ଏହି ଅଭାବନୀୟ ଘଟଣା ଘଟିଥିଲା। ସମ୍ବଲପୁର ଆଡୁ ରାଞ୍ଚି ଅଭିମୁଖେ ଦ୍ରୁତଗତିରେ ଯାଉଥିବା ଗରିବ ରଥ ଏକ୍ସପ୍ରେସ (୦୨୮୩୨) ହାତୀକୁ ଧକ୍କା ଦେଇଥିଲା। ଫଳରେ ହାତୀଟି ରେଳଧାରଣାରୁ ଦୂରକୁ ଛିଟିକି ପଡ଼ି ଛଟପଟ

**■ ଟ୍ରେନ୍ ଧକ୍କାରେ ହାତୀ ମୃତ**
**■ ଏଆଇ କ୍ୟାମେରାରେ ହାତୀ ଉପସ୍ଥିତି ଜାଣି ବି ରେଳବାଇକୁ କାହିଁକି ଦିଆଗଲାନି ସୂଚନା?**

ହୋଇଥିଲା। ରାଉରକେଲା ଡିଏଫଓ ଯଶୋବନ୍ତ ସେଠୀଙ୍କ ସମେତ ଆରସିସିଏଫ, ବାମଡା ଡିଏଫଓ, ଚକ୍ରଧରପୁର ଡିଆରଏମ୍, ବନ୍ଧମୁଣ୍ଡା ଏଆରଏମ୍, ରାଉରକେଲା ଫରେଷ୍ଟ ଡିଭିଜନ୍, ରାଜଗାଙ୍ଗପୁର ଫରେଷ୍ଟ ରେଞ୍ଜ ଅଧିକାରୀ ତଥା ସମ୍ବଲପୁର ଜିଲ୍ଲାର ବାମରା ଫରେଷ୍ଟ ରେଞ୍ଜ ଅଧିକାରୀ ପ୍ରମୁଖ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲେ। ଗୁରୁତର ହାତୀକୁ ଚିକିତ୍ସା ପାଇଁ ଭୁବନେଶ୍ୱର ନେବାକୁ ପ୍ରସ୍ତୁତ ହେବା ବେଳେ ତା'ର ମୃତ୍ୟୁ ହୋଇଯାଇଥିଲା। ଏନେଇ ରାଉରକେଲା ଡିଏଫ୍‌ଓ ଶ୍ରୀ ସେଠୀଙ୍କୁ ପଚାରିବାରୁ ସେ ଏନେଇ ଜାଣି ନଥିବା ଏବଂ ଏହାର ତଦନ୍ତ ଚାଲିଛି ବୋଲି କହିଥିଲେ।

# ଭତ୍ତା ପାଇଁ ଆବେଦନକାରୀ କରୁଛନ୍ତି ବୟସ ଜାଲିଆତି


ଭୁବନେଶ୍ୱର, ୪।୯ (ସମିସ): ରାଜ୍ୟରେ ସାମାଜିକ ସୁରକ୍ଷା ଯୋଜନା ଅଧୀନରେ ଭତ୍ତା ପାଇବା ପାଇଁ ଏବେ ଆବେଦନକାରୀଙ୍କ ସଂଖ୍ୟା ଅଚାନକ ବୃଦ୍ଧି ପାଇବା ରାଜ୍ୟ ସରକାରଙ୍କୁ ଚିନ୍ତାରେ ପକାଇଛି। ଅଯୋଗ୍ୟ ହିତାଧିକାରୀମାନେ ନିଜର ଭୋଟର୍ କାର୍ଡରେ ବୟସ ଜାଲିଆତି କରି ମାସିକ ଭତ୍ତା ପାଇଁ ଆବେଦନ କରୁଥିବା ସରକାର ସନ୍ଦେହ କରିଛନ୍ତି। ସେଥିପାଇଁ ଜିଲ୍ଲାପାଳମାନଙ୍କୁ ସେମାନଙ୍କ ପୁରୁଣା ଭୋଟର୍ ପରିଚୟପତ୍ର ତୁରନ୍ତ ଯାଞ୍ଚ ପାଇଁ ନିର୍ଦ୍ଦେଶ ଦେଇଛନ୍ତି ରାଜ୍ୟ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ସଚିବ ଆର୍.ଏସ୍ ଗୋପାଳନ। ଏହାକୁ ଅତ୍ୟନ୍ତ ଜରୁରୀ ଭାବେ ବିବେଚନା କରି

**ଭୋଟର୍ ପରିଚୟପତ୍ର ଯାଞ୍ଚ ପାଇଁ ଜିଲ୍ଲାପାଳଙ୍କୁ ନିର୍ଦ୍ଦେଶ**

ପଦକ୍ଷେପ ନେବାକୁ ଶ୍ରୀ ଗୋପାଳନ ସମସ୍ତ ଜିଲ୍ଲାପାଳମାନଙ୍କୁ ଗତ ୩ ତାରିଖରେ ଚିଠି ଲେଖି ଅବଗତ କରାଇଛନ୍ତି। ସୂଚନାଯୋଗ୍ୟ, ରାଜ୍ୟର ବିଜେପି ସରକାର ନିଜର ନିର୍ବାଚନୀ ପ୍ରତିଶ୍ରୁତି ମୁତାବକ ୮୦ ବର୍ଷ ବୟସରୁ ଉର୍ଦ୍ଧ୍ୱ ବୟସ୍କ ଏବଂ ୮୦ ପ୍ରତିଶତରୁ ଅଧିକ ଦିବ୍ୟାଙ୍ଗଙ୍କୁ ମାସିକ ୩୫୦୦ଟଙ୍କା ଭତ୍ତା ପ୍ରଦାନ କରୁଛନ୍ତି। ଅନ୍ୟମାନଙ୍କୁ ମାସିକ ୨୦୦୦ ଟଙ୍କାର ଭତ୍ତା ପ୍ରଦାନ କରାଯାଉଛି। ତେବେ ଭତ୍ତା ପାଇବା ପାଇଁ ଅନେକ ନୂଆ ଆବେଦନକାରୀ ନିଜର ଭୋଟର୍ ଆଇଡି କାର୍ଡରେ ଜନ୍ମ ତାରିଖ ପରିବର୍ତ୍ତନ କରୁଥିବା ସରକାର ସନ୍ଦେହ କରିଛନ୍ତି। ସେଥିପାଇଁ ସେମାନଙ୍କର ପୁରୁଣା ଭୋଟର୍ କାର୍ଡ ଯାଞ୍ଚ କରି ବୟସର ସତ୍ୟାସତ୍ୟ ପରଖିବାକୁ କୁହାଯାଇଛି। ଆବେଦନକାରୀଙ୍କ ଜନ୍ମ ତାରିଖରେ କୌଣସି ପରିବର୍ତ୍ତନ ହୋଇଛି କି ନାହିଁ, ତାହା ସୁନିଶ୍ଚିତ କରିବାକୁ ଜିଲ୍ଲାପାଳମାନଙ୍କୁ କୁହାଯାଇଛି।

# ମସ୍କୋ ପୁସ୍ତକମେଳାରେ 'ବୀର ସୁରେନ୍ଦ୍ର ସାଏ' ଲୋକାର୍ପିତ

ସମ୍ବଲପୁର, ୪।୯ (ସମିସ): ମସ୍କୋ ଆନ୍ତର୍ଜାତିକ ପୁସ୍ତକ ମେଳାର ୩୮ତମ ସଂସ୍କରଣର ଉଦ୍‌ଘାଟନୀ ଦିବସରେ ଭାରତୀୟ ପାଭିଲିଅନ୍‌ରେ ଦୀପକ କୁମାର ପଣ୍ଡାଙ୍କ ଦ୍ୱାରା ହିନ୍ଦୀ ଭାଷାରେ ରଚିତ "ବୀର ସୁରେନ୍ଦ୍ର ସାଏ" ପୁସ୍ତକ ଉନ୍ମୋଚିତ ହୋଇଛି। ପତଞ୍ଜଳି ଆୟୁର୍ବେଦର ପରିଚାଳନା ନିର୍ଦ୍ଦେଶକ ଆଚାର୍ଯ୍ୟ ବାଳକୃଷ୍ଣ, ବୈଜ୍ଞାନିକ ପଦ୍ମଶ୍ରୀ ଅଜୟ କୁମାର ସୋନକର, ପ୍ରଖ୍ୟାତ ଲେଖକ ଅକ୍ଷତ ଗୁପ୍ତା, କାଶ୍ମିରୀ ବିଦ୍ୱାନ ଡଃ ଏସ୍.ଏନ୍ ପଣ୍ଡିତ, ବିଶିଷ୍ଟ ଚଳଚ୍ଚିତ୍ର ସମାଲୋଚକ, ଐତିହାସିକ ତଥା ଫିଲ୍ମନିର୍ମାତା ଅନୀଲ ଜଙ୍କାର, ବିଶିଷ୍ଟ ଗ୍ରାଫିକ୍ସ ଡିଜାଇନର ତଥା ଚିତ୍ରଶିଳ୍ପୀ ମୋହିତ ସୁନେଜା, ସାହିତ୍ୟ ଏକାଡେମୀର ଉପାଧ୍ୟକ୍ଷା ତଥା ମହାତ୍ମାଗାନ୍ଧୀ ଆନ୍ତର୍ଜାତିକ ବିଶ୍ୱବିଦ୍ୟାଳୟ, ୱାର୍ଦ୍ଧାର କୁଳପତି ପ୍ରଫେସର କୁମୁଦ ଶର୍ମା, କବି, ଲେଖିକା ତଥା ସୁପ୍ରସିଦ୍ଧ ଓଡ଼ିଶୀ ନୃତ୍ୟଶିଳ୍ପୀ ଜୟା ମେହେଟା ପ୍ରମୁଖ ପୁସ୍ତକର ଉନ୍ମୋଚନ କରିଛନ୍ତି।



ଏହି ଅବସରରେ ନିଜ ଅଭିଭାଷଣରେ ଲେଖକ ଶ୍ରୀ ପଣ୍ଡା କହିଲେ ଯେ ଅନେକ ବିଶେଷତ୍ୱକୁ ନେଇ ସମ୍ବଲପୁର ସଶସ୍ତ୍ର ସଂଗ୍ରାମ ମହୀୟାନ। ବ୍ରିଟିଶ ବିରୋଧରେ ଏହା ସର୍ବାଧିକ ସମୟଧରି ଚାଲିଥିବା ସଶସ୍ତ୍ର ସଂଗ୍ରାମ। ସଂଗ୍ରାମକୁ ରୋକିବାରେ ବିଫଳ ହୋଇ ବ୍ରିଟିଶ ଶାସନ ଶାନ୍ତିପୂର୍ଣ୍ଣ ବୁଝାମଣାର ମାର୍ଗ ଆପଣେଇଥିଲେ। ମାତ୍ର ବିଶ୍ୱାସଘାତକତା ଓ ଷଡ଼ଯନ୍ତ୍ର କରି ବିନା ଦଣ୍ଡାଦେଶରେ ସଂଗ୍ରାମୀଙ୍କୁ ବନ୍ଦୀ କରିଥିଲେ। ଏହି ସଂଗ୍ରାମର ନେତା ବୀର ସୁରେନ୍ଦ୍ର ସାଏ ନିଜ ଜୀବନର ୩୭ବର୍ଷ କାଳ ତଥା ତାଙ୍କ ଭାଇ ଉଦନ୍ତ ସାଏ ୪୭ ବର୍ଷ କାରାବରଣ କରି ମୃତ୍ୟୁବରଣ କରିଥିଲେ। ଏହି ସଂଗ୍ରାମରେ ଅନେକ ପରିବାରର ଦୁଇ ଓ ତିନି ପିଢ଼ିର ବହୁ ସଦସ୍ୟ ବା ସମସ୍ତ ପୁରୁଷ ସଦସ୍ୟ ନିଜ ପ୍ରାଣ ଆହୁତି ଦେଇଥିଲେ। ଏହିଭଳି ଅନେକ ବିଶେଷତ୍ୱ ରହିଥିବା ସଂଗ୍ରାମ ବାବଦରେ ପାଠକଙ୍କୁ ସଂକ୍ଷେପରେ ସୂଚନା ଦେବା ଏହି ପୁସ୍ତକର ଉଦ୍ଦେଶ୍ୟ ବୋଲି ସେ କହିଥିଲେ।

ମସ୍କୋ ପୁସ୍ତକ ମେଳାର ଭାରତୀୟ ପାଭିଲିଅନରେ ନବଉନ୍ମୋଚିତ ବୀର ସୁରେନ୍ଦ୍ର ସାଏ ପୁସ୍ତକ ସହ ଦୀପକ କୁମାର ପଣ୍ଡାଙ୍କ ଇଂରାଜୀ ପୁସ୍ତକ "ସମ୍ବଲପୁରୀ ଲାଙ୍ଗୁଏଜ୍, କଲଚର୍ ଆଣ୍ଡ ଟ୍ରାଡିସନ୍' ମଧ୍ୟ ପ୍ରଦର୍ଶିତ ହୋଇଛି। ସମ୍ବଲପୁର ତଥା ପଶ୍ଚିମ ଓଡ଼ିଶାର ସଂସ୍କୃତି ଓ ପରମ୍ପରା ବାବଦରେ ଜାଣିବାକୁ ଅନେକ ଲେଖକ, ଲେଖିକା ଆଗ୍ରହ ପ୍ରକାଶ କରିଥିଲେ।

ଉଲ୍ଲେଖଯୋଗ୍ୟ, ଭାରତୀୟ ଲେଖକଙ୍କ ପ୍ରତିନିଧି ଦଳର ଜଣେ ସଦସ୍ୟ ଭାବରେ ଦୀପକ କୁମାର ପଣ୍ଡା ମସ୍କୋ ଯାଇଛନ୍ତି। ଭାରତୀୟ ପାଭିଲିଅନରେ ପ୍ରତିନିଧି ଦଳ ସଦସ୍ୟଙ୍କ ରେଖାଙ୍କିତ ଚିତ୍ର ସ୍ଥାନିତ ହେବା ସହିତ ଲେଖକଙ୍କ ପରିଚୟ ପୁସ୍ତିକା ଉପଲବ୍ଧ କରାଯାଇଛି।

# 'ସୁଭଦ୍ରା'ରୁ ବାଦ୍ ପଡ଼ିବେ ଅଯୋଗ୍ୟ ହିତାଧିକାରୀ

ଭୁବନେଶ୍ୱର, ୪।୯ (ସମିସ): ଏଣିକି 'ସୁଭଦ୍ରା'ରୁ ବାଦ୍ ପଡ଼ିବେ ଲକ୍ଷାଧିକ ଅଯୋଗ୍ୟ ହିତାଧିକାରୀ। ଅଯୋଗ୍ୟଙ୍କୁ ବାଦ୍ ଦେବାକୁ ଏବଂ ଯୋଗ୍ୟ ହିତାଧିକାରୀଙ୍କୁ ସାମିଲ କରିବାକୁ ପଦକ୍ଷେପ ନିଆଯାଇଛି। ଏନେଇ ତତ୍ପରତା ପ୍ରକାଶ କରିଛନ୍ତି ରାଜ୍ୟ ସରକାର। ବାଣିଜ୍ୟ ଓ ପରିବହନ ବିଭାଗ, ସ୍ୱାସ୍ଥ୍ୟ ଓ ଖାଦ୍ୟ ଯୋଗାଣ ବିଭାଗକୁ ଏନେଇ ଚିଠି ଲେଖିଛି ମହିଳା ଏବଂ ଶିଶୁ ବିଭାଗ। 'ବାହନ' ଡାଟାବେସ୍‌ରୁ ଚାରିଚକିଆ ଥିବା ହିତାଧିକାରୀଙ୍କ ତଥ୍ୟ ଯାଞ୍ଚ କରି ରିପୋର୍ଟ ଦେବାକୁ ନିର୍ଦ୍ଦେଶ ଦିଆଯାଇଛି। ସେହିପରି ମୃତ ହିତାଧିକାରୀଙ୍କ ତଥ୍ୟ ପାଇଁ ସ୍ୱାସ୍ଥ୍ୟ ବିଭାଗ ଏବଂ ଖାଦ୍ୟଯୋଗାଣ ବିଭାଗକୁ ନିର୍ଦ୍ଦେଶ ଦିଆଯାଇଛି। ସେହିପରି ଖାଦ୍ୟଯୋଗାଣ ବିଭାଗରେ ପଞ୍ଜୀକରଣ କରି ଧାନ ବିକିଥିବା ମହିଳାଙ୍କ ତଥ୍ୟକୁ ଆଉଥରେ ଯାଞ୍ଚ କରିବାକୁ ନିର୍ଦ୍ଦେଶ ହୋଇଛି। ସୂଚନା ଅନୁସାରେ, ଗତବର୍ଷ ସେପ୍ଟେମ୍ବର ୧୭ରେ ସୁଭଦ୍ରା ଯୋଜନାର ଶୁଭାରମ୍ଭ କରିଥିଲେ ରାଜ୍ୟ ସରକାର। ଏବେ ଏହି ଯୋଜନା ମାଧ୍ୟମରେ କୋଟିଏରୁ ଅଧିକ ହିତାଧିକାରୀ ୩ଟି କିସ୍ତିରେ ୧୫ ହଜାର ଟଙ୍କା ଲେଖାଏଁ ପାଇସାରିଛନ୍ତି। ତେବେ ଅନେକ ମହିଳା ଯୋଗ୍ୟ ହୋଇ ମଧ୍ୟ 'ସୁଭଦ୍ରା'ରେ ସାମିଲ ହୋଇ ନାହାନ୍ତି। ତେଣୁ ଯୋଗ୍ୟ ହିତାଧିକାରୀ କିଭଳି 'ସୁଭଦ୍ରା'ରେ ସାମିଲ କରିବେ, ସେଥିପାଇଁ କସରତ ଆରମ୍ଭ ହୋଇଛି। ସମସ୍ତ ତଥ୍ୟ ପ୍ରମାଣକୁ ଭିତ୍ତି କରି ହିତାଧିକାରୀଙ୍କୁ ସାମଇଲ କରାଯିବାକୁ ନିଷ୍ପତ୍ତି ହୋଇଛି।

### ଏନ୍‌ଆଇଆର୍‌ଏଫ୍ ରାଙ୍କିଙ୍ଗ୍

# ଶ୍ରେଷ୍ଠ ୧୦୦ରେ ଓଡ଼ିଶାରୁ ୫ ଶିକ୍ଷାନୁଷ୍ଠାନ

ଭୁବନେଶ୍ୱର, ୪।୯ (ସମିସ): ନ୍ୟାସନାଲ ଇନଷ୍ଟିଚ୍ୟୁସନାଲ୍ ରାଙ୍କିଙ୍ଗ୍ ଫ୍ରେମୱାର୍କ (ଏନ୍‌ଆଇଆର୍‌ଏଫ୍) ପକ୍ଷରୁ ଆଜି ଦେଶର ଶ୍ରେଷ୍ଠ ମହାବିଦ୍ୟାଳୟ ଏବଂ ବିଶ୍ୱବିଦ୍ୟାଳୟଗୁଡ଼ିକର ରାଙ୍କିଙ୍ଗ୍ ପ୍ରକାଶ ପାଇଛି। ଚଳିତ ବର୍ଷ ସମୁଦାୟ ୧୭ଟି ବର୍ଗରେ ଶିକ୍ଷାନୁଷ୍ଠାନଗୁଡ଼ିକୁ ରାଙ୍କିଙ୍ଗ୍ ପ୍ରଦାନ କରାଯାଇଛି। ସାମଗ୍ରିକ ବର୍ଗରେ ଚଳିତ ବର୍ଷ ପୁଣିଥରେ ଆଇଆଇଟି ମାଡ୍ରାସ ଶ୍ରେଷ୍ଠ ବିବେଚିତ ହୋଇଛି। ସେହିପରି ୨୦୨୪ ପରି ଆଇଆଇଏସ୍‌ସି ବେଙ୍ଗାଲୁରୁ ଦ୍ୱିତୀୟ ଏବଂ ଆଇଆଇଟି ବମ୍ବେ ତୃତୀୟ ସ୍ଥାନରେ ରହିଛି। ଶ୍ରେଷ୍ଠ ୧୦୦ଟି ଶିକ୍ଷାନୁଷ୍ଠାନ ମଧ୍ୟରେ ଗତବର୍ଷ ଓଡ଼ିଶାରୁ ୩ଟି ଶିକ୍ଷାନୁଷ୍ଠାନ ସ୍ଥାନ ପାଇଥିବା ଚଳିତବର୍ଷ ୫ଟି ଶିକ୍ଷାନୁଷ୍ଠାନ ସ୍ଥାନ ପାଇଛନ୍ତି। ରାଜ୍ୟର ପ୍ରଥମ ଶିକ୍ଷାନୁଷ୍ଠାନ ଭାବେ ସୋଆ ବିଶ୍ୱବିଦ୍ୟାଳୟ ୨୫ତମ ସ୍ଥାନରେ ଥିବାବେଳେ କିଟ୍ ବିଶ୍ୱବିଦ୍ୟାଳୟ ୨୭, ଏନ୍‌ଆଇଟି ରାଉରକେଲା ୩୪ତମ ସ୍ଥାନରେ ଅଛନ୍ତି। ପ୍ରଥମ ଥର ପାଇଁ ଆଇଆଇଟି ଭୁବନେଶ୍ୱର ୮୦ତମ ଏବଂ ଏମ୍‌ସ ଭୁବନେଶ୍ୱର ୧୦୦ ତମ ସ୍ଥାନ ଅଧିକାର କରି ଶ୍ରେଷ୍ଠ ଶହେ ମଧ୍ୟରେ ପ୍ରବେଶ କରିଛନ୍ତି।

ଅନୁରୂପ ଭାବେ ଶ୍ରେଷ୍ଠ ୧୦୦ ବିଶ୍ୱବିଦ୍ୟାଳୟ ମଧ୍ୟରେ ଆଇଆଇଏସ୍‌ସି ବେଙ୍ଗାଲୁରୁ ପ୍ରଥମ ସ୍ଥାନରେ ଥିବାବେଳେ ଜେଏନୟୁ ଦ୍ୱିତୀୟ, କର୍ଣ୍ଣାଟକର ମଣିପାଲ୍ ଏକାଦେମୀ ଅଫ୍ ହାଇଅର୍ ଏଜୁକେସନ୍ ତୃତୀୟ ସ୍ଥାନରେ ରହିଛି। ଗୋଟିଏ ସ୍ଥାନ ତଳକୁ ଖସି ଜାମିଆ ମିଲିଆ ଇସଲାମିଆ ବିଶ୍ୱବିଦ୍ୟାଳୟ ୪ର୍ଥରେ ପହଞ୍ଚିଛି। ଓଡ଼ିଶାରୁ ସୋଆ ଓ କିଟ୍ ଯଥାକ୍ରମେ ୧୫ ଓ ୧୭ ତମ ସ୍ଥାନରେ ରହିଛନ୍ତି। ଦ୍ୱିତୀୟ ଥର ପାଇଁ ଶ୍ରେଷ୍ଠ ସରକାରୀ ବିଶ୍ୱବିଦ୍ୟାଳୟର ର୍‌ୟାଙ୍କିଂ ମଧ୍ୟ

**■ ଆଇଆଇଟି ମାଡ୍ରାସ ଶ୍ରେଷ୍ଠ ଉଚ୍ଚ ଶିକ୍ଷାନୁଷ୍ଠାନ**
**■ ଖସିଲା ଉତ୍କଳ ଓ ଓୟୁଏଟିର ମାନ୍ୟତା**
**■ ଶ୍ରେଷ୍ଠ ମହାବିଦ୍ୟାଳୟ ମଧ୍ୟରେ ଓଡ଼ିଶାରୁ ଶୂନ୍**

ପ୍ରକାଶ ପାଇଛି। ଏହି ତାଲିକାରେ କୋଲକାତାସ୍ଥିତ ଯାଦବପୁର ବିଶ୍ୱବିଦ୍ୟାଳୟ ପ୍ରଥମ ସ୍ଥାନରେ ଥିବାବେଳେ ଚେନ୍ନାଇସ୍ଥିତ ଆନ୍ନା ବିଶ୍ୱବିଦ୍ୟାଳୟ ଓ ପଞ୍ଜାବ ବିଶ୍ୱବିଦ୍ୟାଳୟ ଯଥାକ୍ରମେ ଦ୍ୱିତୀୟ ଓ ତୃତୀୟ ସ୍ଥାନରେ ରହିଛି। ଓଡ଼ିଶାରୁ ଏକମାତ୍ର ସରକାରୀ ବିଶ୍ୱବିଦ୍ୟାଳୟ ଭାବେ ଉତ୍କଳ ବିଶ୍ୱବିଦ୍ୟାଳୟ ଶ୍ରେଷ୍ଠ ୧୦୦ ତାଲିକାରେ ସ୍ଥାନ ପାଇଛି। ହେଲେ ମାନ୍ୟତାରେ ୬ଟି ସ୍ଥାନ ତଳକୁ ଖସିବା ସହ ୪୨ତମ ସ୍ଥାନରୁ ୪୮ରେ ପହଞ୍ଚିଛି। ଗବେଷଣା କ୍ଷେତ୍ରରେ ଏନ୍‌ଆଇଟି ରାଉରକେଲା ପୂବପରି ୩୦ତମ ସ୍ଥାନରେ ଥିବାବେଳେ କିଟ୍ ୪୩ ତମ ସ୍ଥାନରେ ରହିଛି। ଶ୍ରେଷ୍ଠ ମହାବିଦ୍ୟାଳୟ ମଧ୍ୟରେ ଓଡ଼ିଶାର କୌଣସି ମହାବିଦ୍ୟାଳୟ ସ୍ଥାନ ପାଇ ନାହାନ୍ତି।

ଶ୍ରେଷ୍ଠ ବୈଷୟିକ ଶିକ୍ଷାନୁଷ୍ଠାନ ମଧ୍ୟରେ ଆଇଆଇଟି ମାଡ୍ରାସ୍, ଆଇଆଇଟି ଦିଲ୍ଲୀ ଓ ଆଇଆଇଟି ବମ୍ବେ ଯଥାକ୍ରମେ ପ୍ରଥମ ତିନୋଟି ସ୍ଥାନରେ ରହିଛନ୍ତି। ଓଡ଼ିଶାରୁ ଏନ୍‌ଆଇଟି ରାଉରକେଲା ୧୩ତମ ସ୍ଥାନରେ ଥିବାବେଳେ ସୋଆ ୨୨, କିଟ୍ ୩୬, ଆଇଆଇଟି ଭୁବନେଶ୍ୱର ୩୯ ଏବଂ ସିଭି ରମଣ ଗ୍ଲୋବାଲ୍ ୟୁନିଭର୍ସିଟି ୯୫ତମ ସ୍ଥାନରେ ରହିଛି। ମ୍ୟାନେଜମେଣ୍ଟ ଶିକ୍ଷାନୁଷ୍ଠାନ ମଧ୍ୟରେ ରାଜ୍ୟରୁ ଆଇଆଇଏମ୍ ସମ୍ବଲପୁର ୩୪ତମ ସ୍ଥାନ ସହ ଶିର୍ଷରେ ଥିବାବେଳେ ଜାଭିଆର ବିଶ୍ୱବିଦ୍ୟାଳୟ ୪୫, ସୋଆ ୬୬, କିଟ୍ ୬୮ ଓ ଭୁବନେଶ୍ୱରସ୍ଥିତ ଆଇଏମ୍‌ଆଇ ୮୪ତମ ସ୍ଥାନରେ ରହିଛି। ଫାର୍ମାସୀ ଶିକ୍ଷାନୁଷ୍ଠାନ ମଧ୍ୟରେ ଓଡ଼ିଶାରୁ କୌଣସି ଶିକ୍ଷାନୁଷ୍ଠାନ ନ ଥିବାବେଳେ ମେଡିକାଲ୍ ଶିକ୍ଷାନୁଷ୍ଠାନ ମଧ୍ୟରେ ଏମସ୍ ଭୁବନେଶ୍ୱର ୧୪ତମ ସ୍ଥାନରେ ଥିବାବେଳେ ସୋଆ ୧୫ ଓ କିଟ୍ ୨୪ତମ ସ୍ଥାନ ଅଧିକାର କରିଛି। ଆର୍କିଟେକ୍‌ଚର ଆଣ୍ଡ ପ୍ଲାନିଂରେ ଏନ୍‌ଆଇଟି ରାଉରକେଲା ନବମରୁ ସପ୍ତମ ସ୍ଥାନକୁ ଉତ୍ତୀର୍ଣ୍ଣ ହୋଇଥିବାବେଳେ ଆଇନ୍ ଶିକ୍ଷାନୁଷ୍ଠାନ ମଧ୍ୟରେ ସୋଆ ୧୦, କିଟ୍ ୧୪ ଓ କଟକସ୍ଥିତ ଜାତୀୟ ଆଇନ୍ ବିଶ୍ୱବିଦ୍ୟାଳୟ ୧୫ ତମ ସ୍ଥାନରେ ରହିଛନ୍ତି। ଶ୍ରେଷ୍ଠ ଶହେ କୃଷି ବିଶ୍ୱବିଦ୍ୟାଳୟ ମଧ୍ୟରେ ଓଡ଼ିଶାର ଏକମାତ୍ର କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ (ଓୟୁଏଟି) ମାନ୍ୟତାରେ ଅବନତି ଘଟିଛି। ୨୦୨୪ରେ ନବମ ସ୍ଥାନ ଅଧିକାର କରିଥିବାବେଳେ ଚଳିତବର୍ଷ ୧୯ତମ ସ୍ଥାନରେ ପହଞ୍ଚିଛି।

ଏହି ରାଙ୍କିଙ୍ଗ ପ୍ରକ୍ରିୟା ଶିକ୍ଷାଦାନ, ଶିକ୍ଷଣ ଏବଂ ସମ୍ବଳ (ଟିଏଲଆର), ଗବେଷଣା ଏବଂ ବୃତ୍ତିଗତ ଅଭ୍ୟାସ (ଆରପି), ସ୍ନାତକ ଫଳାଫଳ (ଜିଓ), ଆଉଟ୍‌ରିଚ୍ ଏବଂ ଅନ୍ତର୍ଭୁକ୍ତୀକରଣ (ଓଆଇ) ଏବଂ ଧାରଣା (ପିଆର) ପରି ପାଞ୍ଚଟି ମାନଦଣ୍ଡରେ ଅନୁଷ୍ଠାନଗୁଡ଼ିକୁ ମାନ୍ୟତା ପ୍ରଦାନ କରିବା ସହ ତାଲିକାଭୁକ୍ତ କରାଯାଇଛି। ସମ୍ପୂର୍ଣ୍ଣ ତାଲିକା nirfindia.org ୱେବସାଇଟ୍‌ରେ ଉପଲବ୍ଧ ରହିଛି। ରାଙ୍କିଙ୍ଗ୍‌ର ଏହି ଦଶମ ସଂସ୍କରଣକୁ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉନ୍ମୋଚନ କରିଛନ୍ତି।

# ସୋଆ ଦେଶର ୧୫ତମ ଶ୍ରେଷ୍ଠ ବିଶ୍ୱବିଦ୍ୟାଳୟ

ଭୁବନେଶ୍ୱର, ୪।୯ (ସମିସ): ଏନ୍‌ଆଇଆର୍‌ଏଫ୍ ରାଙ୍କିଙ୍ଗ୍‌ରେ ଶିକ୍ଷା ଓ ଅନୁସନ୍ଧାନ (ସୋଆ) ଡିମ୍‌ଡ ଟୁ ବି ୟୁନିଭର୍ସିଟି ଦେଶର ଶ୍ରେଷ୍ଠ ୧୫ତମ ବିଶ୍ୱବିଦ୍ୟାଳୟ ସହ ରାଜ୍ୟର ପ୍ରମୁଖ ବିଶ୍ୱବିଦ୍ୟାଳୟ ଭାବେ ପୁନଃ ସ୍ୱୀକୃତି ଲାଭ କରିଛି। ସେହିପରି ସାମଗ୍ରିକ ବର୍ଗରେ ଚଳିତଥର ୨୫ ତମ ସ୍ଥାନରେ ରହିଛି। ୨୦୧୬ ମସିହାରୁ କେନ୍ଦ୍ର ଶିକ୍ଷା ମନ୍ତ୍ରଣାଳୟ ପକ୍ଷରୁ ପ୍ରକାଶିତ ଏହି ର୍‌ୟାଙ୍କିଙ୍ଗ୍‌ରେ ପ୍ରତ୍ୟେକ ଥର ଦେଶର ଶ୍ରେଷ୍ଠ ୨୫ଟି ଉଚ୍ଚ ଶିକ୍ଷାନୁଷ୍ଠାନ ମଧ୍ୟରେ ସ୍ଥାନ ପାଉଛି। ଏପରିକି ୮ ଥର ଶ୍ରେଷ୍ଠ ୨୦ ମଧ୍ୟରେ ସାମିଲ୍ ହୋଇଛି। ଚଳିତବର୍ଷ ମେଡିକାଲ୍ ସାଇନ୍ସ ବର୍ଗରେ ସୋଆ ପରିଚାଳିତ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମେଡିକାଲ୍ ସାଇନ୍‌ସେସ୍ ଆଣ୍ଡ ସମ୍ ହସ୍ପିଟାଲ୍ ଉତ୍ତମ ପ୍ରଦର୍ଶନ କରିଛି। ଗତବର୍ଷ ୨୧ତମ ସ୍ଥାନରେ ଥିବାବେଳେ ଚଳିତ ବର୍ଷ ୬ଟି ସ୍ଥାନ ଉପରକୁ ଉଠି ୧୫ତମ ସ୍ଥାନରେ ପହଞ୍ଚିଛି। ସେହିପରି ଗତବର୍ଷ ପରି ସୋଆ ପରିଚାଳିତ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଡେଣ୍ଟାଲ୍

**ମେଡିକାଲ୍ ସାଇନ୍ସ ଓ ଇଞ୍ଜିନିୟରିଂ ବର୍ଗରେ ଉପରକୁ ଉଠିଲା**

ସାଇନ୍ସ ୯ମ ସ୍ଥାନରେ ଅପରିବର୍ତ୍ତିତ ରହିଛି। ଇଞ୍ଜିନିୟରିଂ ବର୍ଗରେ ୨୬ତମ ସ୍ଥାନରୁ ୨୨ତମ ସ୍ଥାନକୁ ଲମ୍ଫ ଦେଇଛି। ଆଇନ୍ ଶିକ୍ଷାନୁଷ୍ଠାନ ବର୍ଗରେ ମଧ୍ୟ ସୋଆ ନ୍ୟାସ୍‌ନାଲ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଲ' ସାରା ଦେଶରେ ୧୦ମ ଶ୍ରେଷ୍ଠ ଆଇନ୍ ମହାବିଦ୍ୟାଳୟର ମାନ୍ୟତା ପାଇବା ସହ ଗବେଷଣା କ୍ଷେତ୍ରରେ ୪୯ ତମ ସ୍ଥାନ ହାସଲ କରିଛି। ଏକାଧିକ ବର୍ଗରେ ଉତ୍ତମ ପ୍ରଦର୍ଶନ କରିବା ସହ ରାଜ୍ୟ ଓ ଦେଶର ପ୍ରମୁଖ ଶିକ୍ଷାନୁଷ୍ଠାନ ଭାବେ ଏହି ବିଶ୍ୱବିଦ୍ୟାଳୟ ସ୍ଥାନ ପାଇଛି। ର୍‌ୟାଙ୍କିଙ୍ଗ୍‌ରେ ପ୍ରଦର୍ଶନ ନେଇ ସୋଆର ପ୍ରତିଷ୍ଠାତା ସଭାପତି ଡ. ମନୋଜ ରଞ୍ଜନ ନାୟକ ଖୁସି ବ୍ୟକ୍ତ କରିବା ସହ ବିଶ୍ୱବିଦ୍ୟାଳୟର ଅଧ୍ୟାପକ, ଅଧ୍ୟାପିକା, ଗବେଷକ ଓ କର୍ମଚାରୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ସୂଚନାଯୋଗ୍ୟ, ସୋଆ ୨୦୨୨ରେ ନ୍ୟାସନାଲ୍ ଆସେସ୍‌ମେଣ୍ଟ ଆଣ୍ଡ ଆକ୍ରେଡିଟେସନ୍ କାଉନସିଲ୍ (ନାକ୍) ପକ୍ଷରୁ 'ଏ ++' ମାନ୍ୟତା ହାସଲ କରିଛି।



## ଆଜିର ରାଶିଫଳ

**ମେଷ:** ପାରିବାରିକ ସମସ୍ୟା ଦେଖାଦେବ। ମହିଳାମାନେ ଘରକାର୍ଯ୍ୟରେ ବ୍ୟସ୍ତ ରହିବେ। ଘରେ ମାଙ୍ଗଳିକ କାର୍ଯ୍ୟ ଆୟୋଜନ ହୋଇପାରେ। ସ୍ୱାସ୍ଥ୍ୟ ପ୍ରତି ଯତ୍ନବାନ ହେବେ। ପ୍ରେମ ସମ୍ପର୍କରେ ସମସ୍ୟା ସୃଷ୍ଟି ହେବ।

**ବୃଷ:** ବନ୍ଧୁଙ୍କ ସହଯୋଗ ମିଳିପାରେ। କାର୍ଯ୍ୟକ୍ଷେତ୍ରରେ ସଫଳତା ମିଳିବ। ଦାମ୍ପତ୍ୟ ଜୀବନ ସୁଖମୟ ହେବ। ବ୍ୟବସାୟରେ ଉନ୍ନତି ପରିଲକ୍ଷିତ ହେବ। ସାମାଜିକ ପ୍ରତିଷ୍ଠା ବଢ଼ିପାରେ। ଦୀର୍ଘ ଦିନର ଆଶା ପୂରଣ ହେବ।

**ମିଥୁନ:** ଦିନଟି ଶୁଭଫଳ ପ୍ରଦାନ କରିବ। ରାଜନେତାଙ୍କ ପାଇଁ ଦିନଟି ଭଲ। ଆର୍ଥିକ ମାମଲାରେ ସୁଧାର ଆସିବ। ସହକର୍ମୀଙ୍କ ସହଯୋଗରୁ ଅଫିସ୍ କାର୍ଯ୍ୟରେ ସଫଳତା ମିଳିବ। ଧାର୍ମିକ କାର୍ଯ୍ୟରେ ସାମିଲ ହେବେ।

**କର୍କଟ:** ଆତ୍ମବିଶ୍ୱାସ ବୃଦ୍ଧି ପାଇବ। ଦୀର୍ଘଦିନରୁ ଅଟକି ରହିଥିବା କାର୍ଯ୍ୟ ପୂରା ହେବ। ପାରିବାରିକ ଜୀବନ ସୁଖମୟ ହେବ। ପରିବାର ସହିତ ସୁଖଦ ସମୟ ଅତିବାହିତ କରିବେ। ଆୟ ଓ ବ୍ୟୟ ସମାନ ରହିବ।

**ସିଂହ:** ସୃଜନାତ୍ମକ କାର୍ଯ୍ୟରେ ସଫଳତା ମିଳିବ। ସ୍ୱାସ୍ଥ୍ୟ ସମସ୍ୟା ଦେଖା ଦେଇପାରେ। ମନ ପ୍ରସନ୍ନ ରହିବ। ପ୍ରେମ ସମ୍ବନ୍ଧ ମଜଭୁତ୍ ହେବ। ବିଦ୍ୟାର୍ଥୀ ମନୋରଞ୍ଜନ କାର୍ଯ୍ୟରେ ସମୟ ଅତିବାହିତ କରିବେ।

**କନ୍ୟା:** ଶିକ୍ଷା କ୍ଷେତ୍ରରେ ସଫଳତା ପ୍ରାପ୍ତି ହେବ। ରାଜନୀତିରେ ସାମିଲ ହେବେ। ଆର୍ଥିକ ସ୍ଥିତିରେ ସୁଧାର ଆସିବ। ବୈବାହିକ ଜୀବନରେ ସମସ୍ୟା ଆସିବ। ବନ୍ଧୁ ମିଳନ ଯୋଗ ରହିଛି।

**ତୁଳା:** ଅଫିସ୍ କାର୍ଯ୍ୟରେ ବିଦେଶ ଯାତ୍ରା ଯୋଗ ଅଛି। ଧାରକରଜକୁ ଦୂରେଇ ରହିବେ। ମାଆଙ୍କ ସ୍ୱାସ୍ଥ୍ୟ ସମସ୍ୟାରେ ଉନ୍ନତି ପରିଲକ୍ଷିତ ହେବ। ପରିବାର ସହିତ ହସଖୁସିର ସମୟ ବିତାଇବେ।

**ବିଛା:** କର୍ମଚଞ୍ଚଳ ରହିବେ। ମନ ପ୍ରଫୁଲ୍ଲିତ ରହିବ। ଆୟଠୁ ବ୍ୟୟ ଅଧିକ ହୋଇପାରେ। ଅଯଥା ଖର୍ଚ୍ଚରୁ ଦୂରେଇ ରହିବେ। ଘର ପାଇଁ ନୂଆ ଜିନିଷ କିଣିବେ। କୌଣସି କଥାକୁ ନେଇ ମନ ଉଣା ହୋଇପାରେ।

**ଧନୁ:** ଦିନଟି ମିଶ୍ରଫଳ ପ୍ରଦାନ କରିବ। ଧାର୍ମିକ କାର୍ଯ୍ୟ କରିବେ। ସମାଜରେ ମାନ, ପ୍ରତିଷ୍ଠା ବଢ଼ିବ। ସମାଜସେବାରେ ନିଜକୁ ନିୟୋଜିତ କରିବେ। ଦାମ୍ପତ୍ୟ ଜୀବନରେ ତିକ୍ତତା ଦେଖା ଦେବ। ଦାନ ଧର୍ମ କରନ୍ତୁ।

**ମକର:** ଶାରୀରିକ ଯନ୍ତ୍ରଣା ଭୋଗିପାରନ୍ତି। ସ୍ୱାସ୍ଥ୍ୟ ପ୍ରତି ଯତ୍ନବାନ ହେବେ। ବୁଲାବୁଲି ପାଇଁ ଯୋଜନା ପ୍ରସ୍ତୁତ କରିବେ। ଖେଳାଳିଙ୍କୁ ସଫଳତା ମିଳିବ। ବ୍ୟବସାୟରେ କ୍ଷତି ଘଟିବ। ଉଧାର ଟଙ୍କା ଫେରି ପାଇବେ।

**କୁମ୍ଭ:** ନିବେଶରୁ ଲାଭ ମିଳିବ। କାର୍ଯ୍ୟରୁ ଆଶାଜନକ ଫଳ ମିଳିବ। ଆତ୍ମବିଶ୍ୱାସର ସହ କାର୍ଯ୍ୟ ସମ୍ପାଦନ କରିବେ। ଅଫିସ୍‌ରେ ପଦୋନ୍ନତି ସମ୍ଭାବନା ଅଛି। ଉଧାର ଟଙ୍କା ଫେରି ପାଇବେ।

**ମୀନ:** ସନ୍ତାନଙ୍କ ଭବିଷ୍ୟତ ପାଇଁ ନୂଆ ଯୋଜନା କରିବେ। ବିଦ୍ୟାର୍ଥୀ ପଢ଼ାରେ ମନଯୋଗ ଦେବେ। ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ ଉତ୍ତମ ବୁଝାମଣା ରହିବ। ଧାର୍ମିକ କାର୍ଯ୍ୟରେ ସାମିଲ ରହିବେ।

## ଆଜିର ଇତିହାସ

- ୧୯୨୦- ମେକ୍ସିକୋରେ ରାଷ୍ଟ୍ରପତି ନିର୍ବାଚନ ଆରମ୍ଭ।
- ୧୯୬୧- ଆମେରିକା ପରମାଣୁ ପରୀକ୍ଷା କଲା।
- ୧୯୯୧- ନେଲସନ୍ ମଣ୍ଡେଲା ଆଫ୍ରିକୀୟ ନ୍ୟାସନାଲ୍ କଂଗ୍ରେସର ଅଧ୍ୟକ୍ଷ ନିର୍ବାଚିତ।
- ୧୯୯୭- ମଦର ଟେରେସାଙ୍କ ପରଲୋକ।
- ୨୦୦୨- ଆଫଗାନିସ୍ତାନ ରାଷ୍ଟ୍ରପତି ହମିଦ୍ କାରଜାଇଙ୍କ ଉପରେ ମରଣାନ୍ତକ ଆକ୍ରମଣ।
- ୨୦୦୯-ନ୍ୟାସନାଲ୍ ଷ୍ଟକ୍ ଏକ୍ସଚେଞ୍ଜ ଦଶୋଟି କମ୍ପାନିକୁ ସେୟାର୍ ବଜାରରେ କାରବାର କରିବା ଉପରେ ପ୍ରତିବନ୍ଧକ ଲଗାଇଲା।

# ଗୁରୁଶିଷ୍ୟ ପରମ୍ପରାର ଅନନ୍ୟ ଦିନ



ଆଜି ପବିତ୍ର ଗୁରୁଦିବସ। ଭାରତର ଦ୍ୱିତୀୟ ରାଷ୍ଟ୍ରପତି ଡକ୍ଟର ସର୍ବପଲ୍ଲୀ ରାଧାକ୍ରିଷ୍ଣନଙ୍କ ଜନ୍ମ ଦିବସକୁ 'ଗୁରୁ ଦିବସ' ଭାବେ ସାରା ଭାରତ ବର୍ଷରେ ପାଳନ କରାଯାଉଛି। ଅଜ୍ଞାନ ରୂପକ ଅନ୍ଧକାରକୁ ଦୂର କରୁଥିବା ଗୁରୁଙ୍କ ପାଇଁ ଆଜିର ଦିନଟି ଉତ୍ସର୍ଗୀକୃତ। ଗୁରୁ ହେଉଛନ୍ତି ସାକ୍ଷାତ୍ ପରମ୍‌ବ୍ରହ୍ମ। ଗୁରୁ ହେଉଛନ୍ତି ମଣିଷ ତିଆରି କାରଖାନାର ବିନ୍ଧାଣି। କେତେବେଳେ ଗୁରୁଙ୍କ ଆକଟ ଭରା କଠୋର ଅନୁଶାସନ ତ ପୁଣି କେବେ ଉତ୍ସାହପ୍ରଦ ପ୍ରେରଣା ଯୋଗୁ ଜଣେ ଛାତ୍ର ଜୀବନରେ ଆଗକୁ ବଢ଼ିଥାଏ। ସେଥିପାଇଁ ସର୍ବ ପ୍ରଥମେ ଗୁରୁଙ୍କ ଚରଣ ସ୍ପର୍ଶ କରିବା ଉଚିତ। ଗୁରୁଙ୍କ ଜ୍ଞାନ ଓ କର୍ମ ଆଗରେ ଆଜି ନତମସ୍ତକ ସମସ୍ତେ। ବିନା ଗୁରୁରେ କେହି କେବେ ସଫଳତାର ଶିଖର ଛୁଇଁପାରି ନ ଥାଏ। ଗୁରୁଙ୍କ ବେତ ପାହାର ପିଲାର ଉତ୍ତମ ଜୀବନ ଗଠନରେ ସହାୟକ ହୁଏ। କଞ୍ଚାମାଟିର ପିତୁଳାକୁ ଉଜ୍ଜ୍ୱଳ ତାରକା ରୂପେ ଗଢ଼ିବାରେ ନିରନ୍ତର ଚେଷ୍ଟା କରିଥାନ୍ତି ଗୁରୁ। ବାପାମା'ଙ୍କ ପରେ ଗୁରୁ ହିଁ ଜୀବନରେ ଆଗକୁ ବଢ଼ିବା ପାଇଁ ସଠିକ୍ ମାର୍ଗ ଦେଖାଇଥାନ୍ତି। ଶିକ୍ଷା ପ୍ରଦାନ ସହ ଜୀବନକୁ ମାର୍ଜିତ, ଶୃଙ୍ଖଳିତ କରିବାରେ ତାଙ୍କ ଅବଦାନ ଥାଏ ଖୁବ୍ ଗୁରୁତ୍ୱପୂର୍ଣ୍ଣ। ପାଠପଢ଼ାଠାରୁ ଖେଳକୁଦ ପୁଣି ନୃତ୍ୟ ସଙ୍ଗୀତ ଅଭିନୟ, ସବୁ କ୍ଷେତ୍ରରେ ଆଗକୁ ବଢ଼ିବା ପାଇଁ ଗୁରୁଙ୍କ ଅବଦାନ ଲୋଡ଼ାଥାଏ। ତେଣୁ ଭାଗବତରେ ଅଛି "ଗୁରୁ ନ ଥାଇ ତୁ ଅର୍ଜୁନ, କାହୁଁ ପାଇବୁ ସଦଜ୍ଞାନ।" ଗୁରୁଙ୍କ ସ୍ନେହ, ଶ୍ରଦ୍ଧା, ଆଶୀର୍ବାଦ ହିଁ ଶିଷ୍ୟମାନଙ୍କର ଜୀବନର ପାଥେୟ। ଗୁରୁ ଶିଷ୍ୟର ପରମ୍ପରା ଆଜିର ନୁହେଁ ପୁରାଣ କାଳରୁ ଏହି ପରମ୍ପରା ରହି ଆସିଛି। ବେଦବ୍ୟାସଙ୍କ ଠାରୁ ଆରମ୍ଭ କରି ଦ୍ରୋଣାଚାର୍ଯ୍ୟଙ୍କ ପର୍ଯ୍ୟନ୍ତ ସବୁଠି ଦେଖିବାକୁ ମିଳିଛି ଗୁରୁଙ୍କ ପ୍ରତି ଥିବା ଶିଷ୍ୟର ଭକ୍ତି ଭାବକୁ। ଭାରତୀୟ ସଂସ୍କୃତି ହିଁ ଗୁରୁ-ଶିଷ୍ୟ ପରମ୍ପରା ଉପରେ ପ୍ରତିଷ୍ଠିତ। ସେଇଥିପାଇଁ ରାମାୟଣ, ମହାଭାରତ, ବେଦ, ଉପନିଷଦ, ଗୀତା ଓ ଭାଗବତରେ ଗୁରୁକୁଳ ଆଶ୍ରମର ମହନୀୟତା ବିଶେଷ କରି ଶିଷ୍ୟମାନଙ୍କୁ ସାଧୁତା-ନୈତିକତା ଓ ମୂଲ୍ୟବୋଧ ସମ୍ବନ୍ଧୀୟ ଶିକ୍ଷା ପ୍ରଦାନ କରାଯାଉଥିଲା। ବିନା ଗୁରୁରେ ଜୀବନରେ ଗତି, ମୁକ୍ତି, ମୋକ୍ଷ ପ୍ରାପ୍ତି ସମ୍ଭବ ନୁହେଁ। ଯେଉଁ ସମାଜରେ ଗୁରୁଙ୍କୁ ଉଚ୍ଚ ଆସନ ମିଳିଛି, ସେ ସମାଜ ସେତେ ସମୃଦ୍ଧ। କାରଣ ବିକଶିତ ମାନବ ସମ୍ବଳ ତିଆରିରେ ଗୁରୁଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ। ଆମ ଦେଶରେ ପ୍ରତିବର୍ଷ ସେପ୍ଟେମ୍ବର ୫ ତାରିଖକୁ ଗୁରୁ ଦିବସ ଭାବେ ପାଳନ କରାଯାଏ। ଭାରତର ଦ୍ୱିତୀୟ ରାଷ୍ଟ୍ରପତି ସର୍ବପଲ୍ଲୀ ରାଧାକ୍ରିଷ୍ଣନ୍‌ଙ୍କ ଜନ୍ମତିଥିରେ ପାଳିତ ହୁଏ ଗୁରୁ ଦିବସ। ୧୮୮୮ ମସିହା ଆଜିର ଦିନରେ ତାମିଲନାଡୁର ତିରୁଟ୍ଟନୀ ଗ୍ରାମରେ ସେ ଜନ୍ମ ଗ୍ରହଣ କରିଥିଲେ। ଶିକ୍ଷା ପ୍ରତି ଥିବା ତାଙ୍କ ଅବଦାନକୁ ମନେ ରଖିବା ପାଇଁ ଏହି ଦିବସ ପାଳନ କରାଯାଏ। ୧୯୬୨ ମସିହାରେ ସେ ଭାରତର ଦ୍ୱିତୀୟ ରାଷ୍ଟ୍ରପତି ହେଲେ। ସେ ରାଷ୍ଟ୍ରପତି ଥିବା ସମୟରେ ବହୁ ଛାତ୍ରଛାତ୍ରୀ ତାଙ୍କର ଜନ୍ମଦିନ ପାଳନ କରିବାକୁ କହିଥିଲେ। ମାତ୍ର ସେ ସେମାନଙ୍କୁ ନିଜ ଜନ୍ମଦିନ ପାଳିବାକୁ ମନା କରିଥିଲେ। ଜନ୍ମଦିନ ପାଳନ କରିବା ଅପେକ୍ଷା ଏହି ଦିନକୁ ଗୁରୁମାନଙ୍କ ଦିବସ ଭାବେ ପାଳନ କରାଗଲେ, ତାହା ତାଙ୍କ ପାଇଁ ବଡ଼ ସମ୍ମାନ ହେବ ବୋଲି କହିଥିଲେ। ସେବେଠୁ ରାଧାକ୍ରିଷ୍ଣନ୍‌ଙ୍କ ଜନ୍ମଦିବସକୁ 'ଗୁରୁ ଦିବସ' ଭାବେ ପାଳନ ହୋଇ ଆସୁଛି। ରାଧାକ୍ରିଷ୍ଣନ୍‌ଙ୍କ କ୍ୟାରିୟର ଶିକ୍ଷକତାରୁ ଆରମ୍ଭ ହୋଇଥିଲା। ଶିକ୍ଷାର ମହତ୍ତ୍ୱ ଉପରେ ସଚେତନ କରିବା ଥିଲା ତାଙ୍କ ଜୀବନର ଲକ୍ଷ୍ୟ। ତା'ସହ ଦେଶର ସାକ୍ଷରତା ହାର କିଭଳି ଉପରକୁ ଉଠିବ, ତାହା ଥିଲା ତାଙ୍କର ଅନ୍ୟତମ ଲକ୍ଷ୍ୟ। ସେ ଭାରତୀୟ ଦର୍ଶନ, ଧର୍ମ ଦର୍ଶନରେ ଶିକ୍ଷାଦାନ କରିଥିଲେ। ବେଦ ଉପନିଷଦକୁ ସୁନ୍ଦର ଭାବେ ବ୍ୟାଖ୍ୟା କରୁଥିଲେ। ଶିକ୍ଷା ପ୍ରତି ଥିବା ତାଙ୍କ ଅବଦାନକୁ ସମ୍ମାନ ଜଣାଇବା ଉଦ୍ଦେଶ୍ୟରେ ଏହି ଦିନ ସ୍କୁଲ, କଲେଜ ତଥା ବିଭିନ୍ନ ଅନୁଷ୍ଠାନରେ ଗୁରୁ ଦିବସ ପାଳନ କରାଯାଏ।

# 'ଚାଲବାଜ୍' ରିମେକ୍‌ରେ ଜାହ୍ନବୀ



ବଲିଉଡ୍ ଅଭିନେତ୍ରୀ ଜାହ୍ନବୀ କପୁର ଏବେ ଏକାଧିକ ଫିଲ୍ମରେ କାମ କରୁଛନ୍ତି। ତାଙ୍କ ହାତରେ ଏବେ ଅନେକ ବଡ଼ ପ୍ରୋଜେକ୍ଟ ରହିଛି। ନିକଟରେ ଜାହ୍ନବୀଙ୍କ 'ପରମ ସୁନ୍ଦରୀ' ଫିଲ୍ମ ରିଲିଜ୍ ହୋଇଛି। ଏହା ବକ୍ସ ଅଫିସ୍‌ରେ ଠିକ୍‌ଠାକ୍ ବିଜନେସ୍ କରିଛି। ଏହି ଫିଲ୍ମ ପରେ ଜାହ୍ନବୀ 'ସନି ସଂସ୍କାରୀ କୀ ତୁଲସୀ କୁମାରୀ' ଫିଲ୍ମରେ ନଜର ଆସିବେ। ଇତିମଧ୍ୟରେ ଜାହ୍ନବୀଙ୍କ ହାତକୁ ଏକ ବଡ଼ ପ୍ରୋଜେକ୍ଟ ଆସିଛି। ଜାହ୍ନବୀଙ୍କ ହାତକୁ ଏବେ ତାଙ୍କ ମା' ଶ୍ରୀଦେବୀଙ୍କ ଅଭିନୀତ ଫିଲ୍ମ 'ଚାଲ୍‌ବାଜ୍'ର ରିମେକ୍ ପାଇଁ ଅଫର୍ ଆସିଛି। ଜାହ୍ନବୀଙ୍କୁ ଏହି ଅଫର୍ ଆସିବା ପରେ ସେ ଏଥିରେ କାମ କରିବା ପାଇଁ ତୁରନ୍ତ ରାଜି ହୋଇଯାଇଛନ୍ତି। ଯଦିଓ ଏହି ପ୍ରୋଜେକ୍ଟକୁ ନେଇ ଜାହ୍ନବୀ ବେଶ୍ ଉତ୍ସାହିତ ଅଛନ୍ତି କିନ୍ତୁ ଏଥିରେ ତାଙ୍କୁ ତାଙ୍କ ମା'ଙ୍କ ସହ ତୁଳନା କରାଯିବା ନେଇ ସେ ବେଶ୍ ଚିନ୍ତିତ ଅଛନ୍ତି। ତେବେ ସେ ଏଥିରେ କାମ କରିବେ କି ନାହିଁ ସେପ୍ଟେମ୍ବର ଶେଷ ସୁଦ୍ଧା ଫାଇନାଲ କରିବେ ବୋଲି କହିଛନ୍ତି। ଏଠାରେ ପ୍ରକାଶ ଥାଉ କି, ୩୬ ବର୍ଷ ପୂର୍ବରୁ ରିଲିଜ୍ ହୋଇଥିବା 'ଚାଲବାଜ୍' ଶ୍ରୀଦେବୀଙ୍କର ଏକ ଆଇକନିକ୍ ଫିଲ୍ମ ଭାବେ ଜଣାଯାଏ। ଏଥିରେ ସେ ଅଞ୍ଜୁ ଓ ମଞ୍ଜୁ ଦୁଇଟି ଭୂମିକାରେ ନଜର ଆସିଥିଲେ। 'ଚାଲବାଜ୍'ରେ ଶ୍ରୀଦେବୀଙ୍କ ସହ ସନ୍ନି ଦେଓ୍ୱଲ ଓ ରଜନୀକାନ୍ତ ଲିଡ୍ ରୋଲରେ ଦେଖାଯାଇଥିଲେ।

## ଏମିତି ଏକ ଚାକିରି
# ୬ ଘଣ୍ଟା ଚଲାଇବାକୁ ହେବ ଇନ୍‌ଷ୍ଟାଗ୍ରାମ୍

ମୁମ୍ବାଇସ୍ଥିତ ମଙ୍କ ଏଣ୍ଟରଟେନମେଣ୍ଟ ନାମକ ଏକ କମ୍ପାନି ଏମିତି ଏକ ଚାକିରି ବାହାର କରିଛି, ଯାହାକୁ ନେଇ ସାମାଜିକ ଗଣମାଧ୍ୟମରେ ଖୁବ୍ ଚର୍ଚ୍ଚା ହେଉଛି। କମ୍ପାନିର ସିଇଓ ବିରାଟ ସେଠ କହିଛନ୍ତି, ତାଙ୍କ ଟିମ୍‌ରେ ସେ ଡୁମ୍ ସ୍କ୍ରଲର୍‌କୁ ଚାହୁଁଛନ୍ତି। ଯେଉଁମାନେ ନିତିଦିନ ସାମାଜିକ ଗଣମାଧ୍ୟମରେ ବ୍ୟସ୍ତ ଥାଆନ୍ତି ବିଶେଷକରି ଇଣ୍ଟରନେଟ୍‌ରେ ନକାରାତ୍ମକ ସମ୍ବାଦ ତଲାସ କରୁଥାନ୍ତି ସେମାନଙ୍କୁ ଡୁମ୍ ସ୍କ୍ରଲର୍ କୁହାଯାଏ। ଧୀରେ ଧୀରେ ଏହି ଶବ୍ଦ ଇନଷ୍ଟାଗ୍ରାମ୍, ୟୁଟ୍ୟୁବ୍, ଟ୍ୱିଟର ଆଦିରେ ଘଣ୍ଟା ଘଣ୍ଟା ସମୟ ଅତିବାହିତ କରୁଥିବା ଲୋକଙ୍କ ପାଇଁ ମଧ୍ୟ ବ୍ୟବହାର କରାଗଲାଣି। ମୁଖ୍ୟତଃ ଏହି ଚାକିରି ଲାଗି ଆବେଦନ କରିବାକୁ ଥିବା ଆବେଦନକାରୀଙ୍କୁ ନିତିଦିନ ୬ ଘଣ୍ଟା ଇନଷ୍ଟାଗ୍ରାମ୍ ଏବଂ ୟୁଟ୍ୟୁବ୍‌ରେ ଅତିବାହିତ କରିବାକୁ ହେବ। ଏ ଲାଗି ସେମାନଙ୍କୁ ସ୍କ୍ରିନସଟ୍ ମଧ୍ୟ ଦେଖାଇବାକୁ ପଡ଼ିବ। ସବୁଠୁ ବଡ଼ କଥା ହେଲା ଆବେଦନକାରୀ ନୂଆ ନୂଆ ଡିଜିଟାଲ କ୍ରିଏଟରଙ୍କୁ ଜାଣିଥିବା ଦରକାର। ଏହାବାଦ୍ ଇଂରାଜୀ ଏବଂ ହିନ୍ଦୀ ଭାଷାର ଜ୍ଞାନ ରହିବା ଜରୁରି। ଏହି ଚାକିରି ମୁମ୍ବାଇ ପାଇଁ ଉଦ୍ଦିଷ୍ଟ ଏବଂ ଏହା ଏକ ପୂର୍ଣ୍ଣକାଳୀନ ଚାକିରି ବୋଲି ସ୍ପଷ୍ଟ କରାଯାଇଛି। ତେବେ ଏ ଲାଗି ପାରିଶ୍ରମିକ କେତେ ମିଳିବ, ସେକଥା କିଛି କୁହାଯାଇ ନାହିଁ। ଅନ୍ୟପଟେ ସାମାଜିକ ଗଣମାଧ୍ୟମରେ ଏକଥା ସେୟାର୍ ହେବା ପରେ ଲୋକେ ଏହା ଉପରେ ଭିନ୍ନ ଭିନ୍ନ ପ୍ରତିକ୍ରିୟା ରଖିଛନ୍ତି।







# ଶିଶୁଙ୍କ ପାଇଁ ସ୍ୱାସ୍ଥ୍ୟ ପରୀକ୍ଷାର ଗୁରୁତ୍ୱ



**ଶିଶୁର ଶାରୀରିକ ତଥା ବୌଦ୍ଧିକ ବିକାଶ ମା'ର ଗର୍ଭରୁ ପ୍ରାରମ୍ଭ କରି ତା'ର ସ୍ୱାସ୍ଥ୍ୟ, ଖାଦ୍ୟ ଏବଂ ପରିବେଶ ଉପରେ ନିର୍ଭର କରିଥାଏ। ତେଣୁ ମା'ମାନେ ନିଜ ଶିଶୁର ସନ୍ତୁଳିତ ଖାଦ୍ୟପେୟ ଓ ଉତ୍ତମ ସ୍ୱାସ୍ଥ୍ୟ ପ୍ରତି ଯତ୍ନବାନ ଥାଆନ୍ତି। ହେଲେ ଶିଶୁଙ୍କର ରୋଗପ୍ରତିରୋଧକ ଶକ୍ତି କମ୍ ଥିବାରୁ ସେମାନଙ୍କୁ ଜୀବାଣୁ, ଭୂତାଣୁ ଓ ପରିବେଶ ଜନିତ ରୋଗ ଶୀଘ୍ର ସଂକ୍ରମିତ କରିଥାଏ। ଅସୁସ୍ଥତା ଅନୁଭବ କଲେ ବି ସେମାନେ କହିପାରନ୍ତି ନାହିଁ। ଆଉ କିଛି ସ୍ୱାସ୍ଥ୍ୟ ସମସ୍ୟାକୁ ପିତାମାତା ମଧ୍ୟ ସହଜରେ ଜାଣି ପାରନ୍ତିନି। ତେଣୁ ଶିଶୁ ବିଶେଷଜ୍ଞଙ୍କ ପରାମର୍ଶକ୍ରମେ ସ୍ୱାସ୍ଥ୍ୟ ପରୀକ୍ଷା କରିବା ଜରୁରି।**

**୧ ବର୍ଷରୁ ପାଞ୍ଚ ବର୍ଷ:**

ଶିଶୁଙ୍କ ଉତ୍ତମ ସ୍ୱାସ୍ଥ୍ୟ ପାଇଁ ଜନ୍ମ ପରେ ଏକରୁ ଦୁଇବର୍ଷ ମଧ୍ୟରେ ସମସ୍ତ ପ୍ରକାର ଟିକା ଓ ପରେ ବୁଷ୍ଟର ଡୋଜ୍ ଦିଆଯାଏ। ଶିଶୁରୋଗ ବିଶେଷଜ୍ଞଙ୍କ ପରାମର୍ଶକ୍ରମେ କେତେକ ଶିଶୁଙ୍କର ହିୟରିଂ ଟେଷ୍ଟ ମଧ୍ୟ କରାଯାଇଥାଏ। ତେବେ ଟିକାରୁ ବଞ୍ଚିତ ହେଲେ ବର୍ଷେରୁ ପାଞ୍ଚ ବର୍ଷର ଶିଶୁଙ୍କୁ ଟିକା- ନିବାରକ ରୋଗ (ଭିପିଡିଏସ୍) ଯଥା- ଡିପ୍‌ଥେରିଆ, ଟିଟାନସ୍, ପୋଲିଓ, ଟିବି, ଟାଇଫଏଡ୍, ଜଣ୍ଡିସ ଆଦି ହେବାର ଆଶଙ୍କା ଥାଏ। ତେଣୁ ଟିକାକରଣ କରିବାକୁ ଭୁଲନ୍ତୁନି। ସେହିପରି ଶିଶୁଙ୍କର ରୋଗପ୍ରତିରୋଧକ ଶକ୍ତି କମ୍ ଥିବାରୁ ଶ୍ୱାସକ୍ରିୟା ଜନିତ, ଭୂତାଣୁଜନିତ ସଂକ୍ରମଣ, କୃମି, ଝାଡ଼ାବାନ୍ତି, ଅଧିକ ଦେଖାଯାଏ। ଜ୍ୱର ଲାଗି ରହି ଅକ୍ସିଜେନ୍‌ସ୍ତର କମିଲେ ଡାକ୍ତରଙ୍କ ପରାମର୍ଶରେ ରକ୍ତ ଓ ପରିସ୍ରା ପରୀକ୍ଷା, ଛାତି ଏକ୍ସରେ ଆଦି କରାଇ ଆବଶ୍ୟକୀୟ ଟିକା ଓ ଚିକିତ୍ସା କରାଯାଏ। ଡେଙ୍ଗୁ, ସ୍କ୍ରବ୍ ଟାଇଫସ୍ ଆଦି ପାଇଁ ଭିନ୍ନ ଭିନ୍ନ ପରୀକ୍ଷା ରହିଛି। ଶିଶୁର ଉଚ୍ଚତା, ଓଜନ, ବିଏମ୍ଆଇ, ରକ୍ତ ପରୀକ୍ଷା, ହୃତ୍‌ପିଣ୍ଡ, ଫୁସ୍‌ଫୁସ୍‌ର ଯାଞ୍ଚ ନିୟମିତ ବ୍ୟବଧାନରେ କରିବା ଦ୍ୱାରା ସେମାନଙ୍କ ସୁସ୍ଥତା ବିଷୟରେ ଜାଣିହୁଏ। ବର୍ଷକରୁ ଉର୍ଦ୍ଧ୍ୱ ପିଲାଙ୍କ ଖାଦ୍ୟ ଅରୁଚି ହେଲେ ସେମାନେ ଖାଇବା କମାଇ ଦୁର୍ବଳ ହୋଇପଡ଼ନ୍ତି। ଡାକ୍ତର ବାହୁର ଗୋଲେଇକୁ ଦେଖି ଅପପୁଷ୍ଟିର ଆକଳନ କଲେ ଶିଶୁଙ୍କୁ ପୁଷ୍ଟିକର ଖାଦ୍ୟ ଦିଆଯାଏ। ଅନ୍ୟପଟେ ଅଟିଜିମ୍ ଏକ ମସ୍ତିଷ୍କ ବିକାଶ ସମ୍ବନ୍ଧୀୟ ରୋଗ। ଦୁଇରୁ ଅଢ଼େଇ ବର୍ଷର ପିଲା ଅନ୍ୟ ପିଲାଙ୍କ ତୁଳନାରେ କଥା ଶୀଘ୍ର ଧରୁ ନ ଥିଲେ କିମ୍ବା ଯୋଗାଯୋଗ କରି ପାରୁ ନ ଥିଲେ ପିଲା ଅଟିଜିମ୍ କି ନାହିଁ ପରୀକ୍ଷା କରାଇବା ଆବଶ୍ୟକ।

**ଦାନ୍ତ ଓ ଚକ୍ଷୁ ପରୀକ୍ଷା:** ଜନ୍ମରୁ ଛଅ ମାସ ପରେ ଦାନ୍ତ ଉଠିଥାଏ। କ୍ୟାଲ୍‌ସିୟମ ଅଭାବରୁ ବହୁ ଶିଶୁଙ୍କର ଦାନ୍ତ ଉଠିବା ବିଳମ୍ବ ହୁଏ। ଭଲ କରି ଦାନ୍ତ ନ ଘଷିବା ଦ୍ୱାରା ପିଲାଙ୍କ ଦାନ୍ତଜନିତ ସମସ୍ୟା ଦେଖାଯାଏ। ତେଣୁ ଦୁଇ ବର୍ଷରୁ ଉର୍ଦ୍ଧ୍ୱ ପିଲା ଛଅ ମାସକୁ ଥରେ ଦାନ୍ତ ପରୀକ୍ଷା କରାଇବା ସହ ଚକ୍ଷୁ ପରୀକ୍ଷା କରାଇବା ଆବଶ୍ୟକ।

**୫ରୁ ୧୦ ବର୍ଷ:**

ଆଜିକାଲି ପିଲାମାନେ ମୋବାଇଲରେ ଅଧିକ ସମୟ ବିତାଉଛନ୍ତି। ଅନିୟମିତ ଜୀବନଶୈଳୀ, ଖାଦ୍ୟପେୟ ତଥା ଶାରୀରିକ କ୍ରିୟାରେ ଅଭାବ ହେତୁ ମେଦବହୁଳତା, ଚିଡ଼ିଚିଡ଼ାପଣ, କୋଲେଷ୍ଟ୍ରଲସ୍ତର ବୃଦ୍ଧି ପାଉଛି। ତେଣୁ ଶିଶୁଙ୍କର ରକ୍ତ ପରୀକ୍ଷା, ଲିପିଡି ପ୍ରୋଫାଇଲ ଟେଷ୍ଟ, ବେଳେ ବେଳେ ହରମୋନ୍ ଟେଷ୍ଟ ଆଦି ପରୀକ୍ଷା ନିୟମିତ ବ୍ୟବଧାନରେ କରିବା ଉଚିତ। ଉଚ୍ଚ ରକ୍ତଚାପ ସମସ୍ୟା ଦେଖାଗଲେ ଡାକ୍ତରଙ୍କ ପରାମର୍ଶରେ ପରୀକ୍ଷା କରାଇ ପାରିବେ।

**୧୦ରୁ ୧୪ ବର୍ଷ:**

ଏହି ବୟସରେ ମୁଖ୍ୟତଃ ରକ୍ତହୀନତା ଦେଖାଯାଏ। ଏହାଦ୍ୱାରା ପିଲାଙ୍କ ଶାରୀରିକ ଏବଂ ମାନସିକ ବିକାଶରେ ସମସ୍ୟା ହୁଏ। ତେଣୁ ହିମୋଗ୍ଲୋମିନ୍, ସିବିସି, ମଳ, ରକ୍ତର ଲୌହସାର ମାତ୍ରା, ଭିଟାମିନ୍ ଡି ଏବଂ ବି -୧୨ର ପରୀକ୍ଷା, ନିୟମିତ ବ୍ୟବଧାନରେ କରିବା ଆବଶ୍ୟକ।

**ଥାଇରଏଡ୍ ଓ କିଡ୍‌ନୀ ଫଙ୍କସନ ଟେଷ୍ଟ:** ଜନ୍ମରୁ ସାତ ଦିନ ଭିତରେ ସମୟ ପୂର୍ବରୁ ଏବଂ କମ୍ ଓଜନର ଶିଶୁଙ୍କପାଇଁ ଥାଇରଏଡ୍ ପରୀକ୍ଷା କରାଯାଏ। ସାଧାରଣ ଶିଶୁଙ୍କର ଓଜନ ବଢୁ ନ ଥିଲେ, ଝାଡ଼ା ଠିକ୍ ନ ହେଲେ, ଥାଇରଏଡ ପରୀକ୍ଷା ମଧ୍ୟ କରାଯାଏ। ସ୍ୱାସ୍ଥ୍ୟ ପରୀକ୍ଷା ସମୟେ ଯେଉଁ ଶିଶୁଙ୍କର ମୁହଁ, ଗୋଡ, ହାତ ଫୁଲିଥାଏ ସେମାନଙ୍କର କିଡନୀ ଫଙ୍କସନ ଟେଷ୍ଟ କରାଯାଇ ଡାକ୍ତରଙ୍କ ପରାମର୍ଶ ନିଆଯାଏ। ପରିବାରରେ କାହାକୁ ଶ୍ୱାସ ସମସ୍ୟା ଥିଲେ ସେହି ପରିବାରର ଶିଶୁଙ୍କର ଶ୍ୱାସ ତଥା ଅନ୍ୟାନ୍ୟ ରୋଗ ଚିହ୍ନଟ ପାଇଁ ସ୍ୱାସ୍ଥ୍ୟ ପରୀକ୍ଷା କରାଇବା ନିହାତି ଆବଶ୍ୟକ।





# ସ୍ତନ କର୍କଟ ଚିକିତ୍ସାରେ ନୂତନ ସମ୍ଭାବନା

ସ୍ତନ କର୍କଟରେ ଆକ୍ରାନ୍ତଙ୍କ ମଧ୍ୟରୁ ପ୍ରତିବର୍ଷ ପ୍ରାୟ ୨୫% ମହିଳାଙ୍କର ମୃତ୍ୟୁ ହୋଇଥାଏ। ସ୍ତନକର୍କଟର ଚିକିତ୍ସା ପାଇଁ ଔଷଧ, କେମୋଥେରାପି, ରାଡିଏସନ୍ ଥେରାପି ଏବଂ ଅସ୍ତ୍ରୋପଚାର ପଦ୍ଧତି ଗ୍ରହଣ କରାଯିବା ସାଧାରଣ କଥା। ହେଲେ ଏବେ ଏହି ଚିକିତ୍ସା ପଦ୍ଧତିରେ ବିଛାର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିବ। ବ୍ରାଜିଲ, ୟୁନିଭର୍ସିଟି ଅଫ୍ ସାଓ ପାଉଲୋର ବୈଜ୍ଞାନିକମାନେ ଆମାଜନର ଏକ ଦୁର୍ଲଭ ବିଛା ପ୍ରୋଥେସ୍ ଆମାଜୋନିକସ୍ ବିଛା ବିଷରୁ ସ୍ୱତନ୍ତ୍ର ଅଣୁର ସନ୍ଧାନ କରିଛନ୍ତି। ଏହି ଅଣୁର ନାଁ ରହିଛି BamazScplp1। କର୍କଟ କୋଷକୁ ନଷ୍ଟ କରିବାରେ ବେଶ୍ ପ୍ରଭାବୀ। ଏହି ଅଣୁ କର୍କଟ କୋଷ ଉପରେ ପ୍ରଭାବ ପକାଉଥିବାବେଳେ ଶରୀରର ସାଧାରଣ କୋଷ ଉପରେ କିଛି ପ୍ରଭାବ ପକାଇବନି। ସ୍ତନ କର୍କଟରେ ଦିଆଯାଉଥିବା କେମୋଥେରାପି ଔଷଧ ପାକ୍ଲିଟ୍ୟାକ୍ସେଲ ଯେପରି କର୍କଟ କୋଷକୁ ନଷ୍ଟ କରିଥାଏ, ବିଛା ବିଷର ଅଣୁ ମଧ୍ୟ ସ୍ତନକର୍କଟ କୋଷକୁ ନଷ୍ଟ କରିବାକୁ ପ୍ରଭାବୀ ବୋଲି ବୈଜ୍ଞାନିକ ପ୍ରାରମ୍ଭିକ ପରୀକ୍ଷଣରୁ ଜାଣିଥିଲେ। BamazScplp1 ଶରୀରରେ ଥିବା ଏଞ୍ଜାଇମ୍ ଗ୍ରୁପ୍ ସିରିନ୍ ପ୍ରୋଟେସେସ ସହିତ ସମ୍ବନ୍ଧିତ। ଏହା କର୍କଟ କୋଷଗୁଡିକର ଜୀବନଚକ୍ରକୁ ମଧ୍ୟ ବ୍ୟାହତ କରେ। ଏହି ପ୍ରୋଜେକ୍ଟର ଗବେଷକ ତଥା ପ୍ରଫେସର ଏଲିଏନ୍ ଅରନ୍ତେସଙ୍କ କହିବାନୁସାୟୀ ପିସିଆ ପାଷ୍ଟୋରିସ୍ ନାମକ ଇଷ୍ଟ ପ୍ରୟୋଗ କରିଥିଲୁ। ଏହି କୌଶଳକୁ ଉପଯୋଗ କରି କୌଣସି ପ୍ରାଣୀଙ୍କୁ କ୍ଷତି ନ ପହଞ୍ଚାଇ ବହୁ ପରିମାଣର ଅଣୁ ଉତ୍ପାଦନ କରାଯାଇପାରିବ। ଏପର୍ଯ୍ୟନ୍ତ BamazScplp1 ଉପରେ କେବଳ ପ୍ରାରମ୍ଭିକ ପରୀକ୍ଷା କରାଯାଇଥିଲେ ହେଁ, ଏହାର ପ୍ରଭାବକୁ ଦେଖି ବୈଜ୍ଞାନିକମାନେ ବେଶ୍ ଉତ୍ସାହିତ ରହିଛନ୍ତି। ଆଗାମୀ ପରୀକ୍ଷଣରେ ଯଦି ଏହା ନିରାପଦ ପ୍ରମାଣିତ ହୁଏ, ତେବେ ସ୍ତନ କର୍କଟ ଚିକିତ୍ସା କ୍ଷେତ୍ରରେ ଏହା ନୂତନ ଦିଗ୍‌ଦର୍ଶନ ଦେବ।

# କୋଲେଷ୍ଟ୍ରଲ ନିୟନ୍ତ୍ରଣ ପାଇଁ ମ୍ୟାଜିକ୍ ଚା'

**ବର୍ତ୍ତମାନର ଜୀବନ ଏବଂ ଖାଦ୍ୟପେୟ ଶୈଳୀ ଯୋଗୁଁ ବିଭିନ୍ନ ରୋଗ ସୃଷ୍ଟି ହେଉଛି। ତନ୍ମଧ୍ୟରୁ ମେଦବହୁଳତା ଏକ ପ୍ରମୁଖ ସମସ୍ୟା। ମେଦବହୁଳତା ହେଲେ କୋଲେଷ୍ଟ୍ରଲ ମଧ୍ୟ ବୃଦ୍ଧି ପାଏ। ଏହା ହୃଦ୍‌ଘାତ, ରକ୍ତଚାପ ଏବଂ ମୋଟାପା ପରି ଗମ୍ଭୀର ରୋଗର କାରଣ ସାଜିପାରେ। ତେଣୁ ଉଚ୍ଚ କୋଲେଷ୍ଟ୍ରଲ ନିୟନ୍ତ୍ରଣ ପାଇଁ ଖାଦ୍ୟ ବିଶେଷଜ୍ଞ ମନପ୍ରୀତ କାଲରା ମ୍ୟାଜିକ ଚା' ଉପଯୋଗୀ ବୋଲି ମତ ରଖିଛନ୍ତି।**

ମ୍ୟାଜିକ୍ ଚା' ଶରୀରରୁ ସମସ୍ତ ପ୍ରକାର ବିଷାକ୍ତ ପଦାର୍ଥ ବାହାର କରିପାରେ। ଏଥିପାଇଁ ଏକ ଗ୍ଲାସ ପାଣିରେ ଅଧା ଚାମଚ ହଳଦୀ, ଅଧା ଚାମଚ ଡାଳଚିନି, ଏକ ଚୁଟ୍‌କି ଗୋଲ ମରିଚ ପକାଇ ଏହାକୁ ୨ରୁ ୩ ମିନିଟ୍ ଫୁଟାନ୍ତୁ। ଚା' ହାଲୁକା ଥଣ୍ଡା ହୋଇଗଲେ, ଏଥିରେ ଏକ ଚାମଚ ମହୁ, ଅଧ ଚାମଚ ଲେମ୍ବୁ ରସ ମିଶାଇ ସକାଳୁ ଖାଲି ପେଟରେ ପିଇବା ହିତକର। ଚିକିତ୍ସକଙ୍କ ପରାମର୍ଶକ୍ରମେ ଗୋଟେ ମାସ ଧରି ଏହି ଚା' ପିଇବା ଦ୍ୱାରା କୋଲେଷ୍ଟ୍ରଲ ନିୟନ୍ତ୍ରଣ ହୋଇପାରେ। ରକ୍ତସଞ୍ଚାଳନ ହେବା ସହିତ ଶରୀର ଶୁଦ୍ଧି କରଣ ହୋଇଥାଏ। ହୃଦ୍‌ସ୍ୱାସ୍ଥ୍ୟ ପାଇଁ ଏହା ମଧ୍ୟ ବହୁତ ଭଲ। ଚର୍ବି ହ୍ରାସ କରିବାରେ ଏହି ଚା'ର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ତେବେ ଔଷଧ ସେବନ କରୁଥିଲେ, କିମ୍ବା ସ୍ୱାସ୍ଥ୍ୟ ସମସ୍ୟା ଥିଲେ ଡାକ୍ତରଙ୍କ ପରାମର୍ଶ ନେଇ ପିଇପାରିବେ।



# ଧାୱନଙ୍କୁ ଇଡିର ଜେରା

ନୂଆଦିଲ୍ଲୀ, ୪।୯ (ଏଜେନ୍ସି): ଅନ୍‌ଲାଇନ ବେଟିଂ ଆପ୍ ସହ ଜଡ଼ିତ ମନି ଲଣ୍ଡରିଂ ମାମଲାରେ ପୂର୍ବତନ ଭାରତୀୟ କ୍ରିକେଟର୍ ଶିଖର ଧାୱନ ଗୁରୁବାର ଇଡି ଅଫିସରେ ହାଜର ହୋଇଛନ୍ତି। ପୂର୍ବରୁ ଇଡି ପକ୍ଷରୁ ତାଙ୍କୁ



ମୁଖ୍ୟାଳୟରେ ହାଜର ହୋଇ ତଦନ୍ତରେ ସହଯୋଗ କରିବା ଲାଗି ନୋଟିସ କରାଯାଇଥିଲା। ତେଣୁ ୩୯ ବର୍ଷୀୟ ଧାୱନ ଗୁରୁବାର ଇଡି କାର୍ଯ୍ୟାଳୟରେ ପହଞ୍ଚି ତଦନ୍ତର ସମ୍ମୁଖୀନ ହୋଇଥିଲେ। ଏହି ବେଟିଂ ଆପ୍‌ର ନାମ ହେଉଛି ‘୧ x ବେଟ୍’। ଏହି ମାମଲାରେ ଇଡିର ତଦନ୍ତର ସମ୍ମୁଖୀନ ହେବାରେ ଧାୱନ ୪ର୍ଥ ଭାରତୀୟ କ୍ରିକେଟର୍। ତାଙ୍କ ପୂର୍ବରୁ ସୁରେଶ ରାଇନା, ହରଭଜନ ସିଂହ ଓ ଯୁବରାଜ ସିଂହଙ୍କୁ ମଧ୍ୟ ଇଡି ପକ୍ଷରୁ ଜେରା ହୋଇସାରିଛି। ‘କାହାର ପରାମର୍ଶରେ ଏହି ଆପ୍‌ର ପ୍ରଚାର କରୁଥିଲେ? ଏଥିଲାଗି କେତେ ଟଙ୍କା ଦିଆଯାଇଥିଲା? ଏହି ଆପ୍ ଭାରତରେ ବେଆଇନ ବୋଲି ଜାଣିଥିଲେ କି ନାହିଁ’ ଭଳି ପ୍ରଶ୍ନ ଇଡି ଅଧିକାରୀମାନେ ଧାୱନଙ୍କୁ ପଚାରିଥିବା ଜଣାପଡ଼ିଛି। ଉଲ୍ଲେଖଯୋଗ୍ୟ, ଭାରତରେ ବେଟିଂକୁ ବେଆଇନ ବୋଲି ବିବେଚନା କରାଯାଏ। ଏହାସତ୍ତ୍ୱେ ଅନେକ ଭାରତୀୟ କ୍ରିକେଟର୍ ଏହି ଆପ୍‌ର ପ୍ରଚାର ଓ ପ୍ରସାର କରିଥିବା ଅଭିଯୋଗ ହୋଇଥିଲା।

# ୧୦୦ ଟଙ୍କାରେ ମିଳିବ ମହିଳା ଦିନିକିଆ ବିଶ୍ୱକପ୍ ଟିକଟ୍

ନୂଆଦିଲ୍ଲୀ, ୪।୯ (ଏଜେନ୍ସି): ସେପ୍ଟେମ୍ବର ୩୦ରୁ ଭାରତ ଓ ଶ୍ରୀଲଙ୍କାରେ ଆରମ୍ଭ ହେବ ମହିଳା ଦିନିକିଆ ବିଶ୍ୱକପ୍। ଏହି ମେଗା ଇଭେଣ୍ଟ ଲାଗି ଅନ୍ତର୍ଜାତୀୟ କ୍ରିକେଟ୍ ପରିଷଦ (ଆଇସିସି) ପକ୍ଷରୁ ଗୁରୁବାର ଲିଗ୍ ପର୍ଯ୍ୟାୟ ମ୍ୟାଚର ଟିକଟ୍ ଦର ଘୋଷଣା କରାଯାଇଛି। ଲିଗ୍ ପର୍ଯ୍ୟାୟ ମ୍ୟାଚର ସର୍ବନିମ୍ନ ଟିକଟ୍ ମୂଲ୍ୟ ୧.୧୪ ଡଲାର ତଥା ଭାରତୀୟ ମୁଦ୍ରାରେ ୧୦୦ ଟଙ୍କା ରଖାଯାଇଛି। ଆଇସିସିର ଯେକୌଣସି ଇଭେଣ୍ଟରେ ଏହା ସର୍ବନିମ୍ନ ଟିକଟ୍ ମୂଲ୍ୟ ହେବାର ରେକର୍ଡ ହୋଇଛି। ଅଧିକରୁ ଅଧିକ ମାତ୍ରାରେ ଦର୍ଶକଙ୍କୁ ଷ୍ଟାଡିୟମକୁ ଆଣିବା ଲାଗି ଏଭଳି କମ୍ ମୂଲ୍ୟରେ ଟିକଟ୍ ଉପଲବ୍ଧ କରାଯାଉଥିବା ଆଇସିସି ପକ୍ଷରୁ କୁହାଯାଇଛି। ସେହିଭଳି ଗୌହାଟୀରେ ଭାରତ ଓ ଶ୍ରୀଲଙ୍କା ମଧ୍ୟରେ ଉଦ୍‌ଘାଟନୀ ମ୍ୟାଚ ଖେଳାଯିବ। ଏଥିପୂର୍ବରୁ ଉଦ୍‌ଘାଟନୀ ସମାରୋହରେ ବଲିଉଡ୍‌ର ମହାନ କଣ୍ଠଶିଳ୍ପୀ ଶ୍ରେୟା ଘୋଷାଲ ଟୁର୍ଣ୍ଣାମେଣ୍ଟର ଅଫିସିଆଲ୍ ସଙ୍ଗୀତ ‘ବ୍ରିଙ୍ଗ୍ ଇଟ୍ ହୋମ୍’ ଗାନ କରିବେ ବୋଲି ଜଣାପଡ଼ିଛି। ଅପରପକ୍ଷରେ ବିଶ୍ୱକପ୍ ପୂର୍ବରୁ ଭାରତକୁ ବଡ଼ ଝଟ୍‌କା ଲାଗିଛି। ହରମନପ୍ରୀତ୍ କୌରଙ୍କ ନେତୃତ୍ୱରେ ଘୋଷିତ ୧୫ ଜଣିଆ ଦଳରୁ ଇନଫର୍ମ ୱିକେଟକିପର ଯଷ୍ଟିକା ଭାଟିଆ ଆଘାତ ଲାଗି ବାଦ୍ ପଡ଼ିଛନ୍ତି। ତାଙ୍କ ସ୍ଥାନରେ ଉମା ଛେତ୍ରୀ ଖେଳିବେ ବୋଲି ବିସିସିଆଇ ପକ୍ଷରୁ ଗୁରୁବାର ସୂଚନା ଦିଆଯାଇଛି।

**ଭାରତୀୟ ଦଳରୁ ଯଷ୍ଟିକା ବାଦ୍**

■ ଫିଫା ବିଶ୍ୱକପ୍

# ଫାଇନାଲ ମ୍ୟାଚ୍‌ର ଟିକଟ୍ ମୂଲ୍ୟ ୫.୯ ଲକ୍ଷ ଟଙ୍କା

ଜୁରିକ, ୪।୯ (ଏଜେନ୍ସି): ଫିଫା ବିଶ୍ୱକପ୍‌ର ୨୩ତମ ସଂସ୍କରଣ ଆସନ୍ତା ବର୍ଷ ଜୁନ ୧୧ରୁ ଆମେରିକା, କାନାଡା ଓ ମେକ୍ସିକୋରେ ମିଳିତ ଭାବେ ଆରମ୍ଭ ହେବ। ଏହି ମେଗା ଇଭେଣ୍ଟ ଲାଗି ଆସନ୍ତା ୧୧ ତାରିଖରୁ ବିଧିବଦ୍ଧ ଭାବେ ଟିକଟ୍ ବିକ୍ରି ଆରମ୍ଭ ହେବ। ବିଶ୍ୱ ଫୁଟ୍‌ବଲର ସର୍ବୋଚ୍ଚ ପ୍ରଶାସନିକ ସଂସ୍ଥା ଫିଫା ପକ୍ଷରୁ ଏହି ସୂଚନା ଦିଆଯାଇଛି। ଆଗାମୀ ବିଶ୍ୱକପ୍ ଲାଗି ସର୍ବନିମ୍ନ ଟିକଟ୍ ମୂଲ୍ୟ ୬୦ ଡଲାର (ଭାରତୀୟ ମୁଦ୍ରାରେ ପ୍ରାୟ ୫,୨୯୦ ଟଙ୍କା) ରଖାଯାଇଛି। ସେହିଭଳି ସର୍ବାଧିକ ଟିକଟ୍‌ର ମୂଲ୍ୟ ୬,୭୧୦ ଡଲାର ରହିଛି। ଯାହାକି ଭାରତୀୟ ମୂଲ୍ୟରେ ୫ ଲକ୍ଷ ୯୧ ହଜାର ଟଙ୍କା ହେବ ବୋଲି ଜଣାପଡ଼ିଛି। ଜଣେ ବ୍ୟକ୍ତି ଗୋଟିଏ ମ୍ୟାଚରେ ସର୍ବାଧିକ ୪ଟି ଓ ସାରା ଟୁର୍ଣ୍ଣାମେଣ୍ଟରେ ସର୍ବାଧିକ ୪୦ଟି ଟିକଟ୍ କିଣିପାରିବେ। ୧୯୯୪ରେ ଆମେରିକାରେ ଆୟୋଜିତ ଫିଫା ବିଶ୍ୱକପ୍‌ରେ ସର୍ବନିମ୍ନ ଓ ସର୍ବାଧିକ ଟିକଟ୍‌ର ମୂଲ୍ୟ ଯଥାକ୍ରମେ ୨୫ ଡଲାର ଓ ୪୭୫ ଡଲାର ରହିଥିଲା। ସେହିଭଳି ୨୦୨୨ରେ ଅନୁଷ୍ଠିତ ଫିଫା ବିଶ୍ୱକପ୍‌ର ଗତ ସଂସ୍କରଣରେ ସର୍ବନିମ୍ନ ଟିକଟ୍ ମୂଲ୍ୟ ୬୯ ଡଲାର ଓ ସର୍ବାଧିକ ମୂଲ୍ୟ ୧୬୦୭ ଡଲାର ରଖାଯାଇଥିଲା। ପ୍ରକାଶଯୋଗ୍ୟ, ଏଥର ଫିଫା ବିଶ୍ୱକପ୍‌ରେ ରେକର୍ଡ ୪୮ଟି ଦେଶ ଅଂଶଗ୍ରହଣ କରିବେ।

## ୟୁଏସ୍ ଓପନ ଗ୍ରାଣ୍ଡସ୍ଲାମ୍

# ପୁରୁଷ ଯୁଗଳ ସେମିରେ ଭାମ୍ବ୍ରୀ-ଭେନସ

ନ୍ୟୁୟର୍କ,୪।୯ (ଏଜେନ୍ସି):

ଭାରତର ଯୁକି ଭାମ୍ବ୍ରୀ ଓ ନ୍ୟୁଜିଲାଣ୍ଡର ମାଇକେଲ ଭେନସଙ୍କ ଯୋଡି ଏଠାରେ ଚାଲିଥିବା ୟୁଏସ୍ ଓପନ ପୁରୁଷ ଯୁଗଳ ବିଭାଗ ସେମିଫାଇନାଲ୍‌ରେ ପ୍ରବେଶ କରିଛନ୍ତି। ବୁଧବାର ରାତିରେ ଖେଳାଯାଇଥିବା କ୍ୱାର୍ଟରଫାଇନାଲ ମୁକାବିଲାରେ ୧୪ତମ ସିଡ୍ ଭାମ୍ବ୍ରୀ-ଭେନସଙ୍କ ଯୋଡି ୧୧ଶ ସିଡ୍ କ୍ରୋଏସିଆର ନିକୋଲ ମେକ୍‌ଟିକ୍ ଓ ଆମେରିକାର ଭେଟେରାନ ଖେଳାଳି ରାଜୀବ ରାମଙ୍କୁ ୬-୩, ୬-୭, ୬-୩ ସେଟ୍‌ରେ ହରାଇ ପ୍ରଥମଥର କୌଣସି ଗ୍ରାଣ୍ଡସ୍ଲାମ୍ ଟୁର୍ଣ୍ଣାମେଣ୍ଟର ସେମିଫାଇନାଲରେ ପ୍ରବେଶ କରିଥିଲେ। ଏହି ମୁକାବିଲାଟି ଦୀର୍ଘ ୨ ଘଣ୍ଟା ୩୯ ମିନିଟ୍ ଧରି ଚାଲିଥିଲା। ମେକ୍‌ଟିକ ଓ ରାମ ପୂର୍ବରୁ ଭିନ୍ନ ଭିନ୍ନ ପାର୍ଟନରଙ୍କ ସହ ଗ୍ରାଣ୍ଡସ୍ଲାମ୍ ଟାଇଟଲ ଜିତିଛନ୍ତି। କିନ୍ତୁ ଏହି ମ୍ୟାଚ୍‌ରେ ସେମାନେ ଭାରତ-ନ୍ୟୁଜିଲାଣ୍ଡ ଯୋଡିକୁ ହରାଇବାରେ ସମର୍ଥ ହୋଇନାହାନ୍ତି।

ଭାରତର ଶୀର୍ଷମାନ୍ୟତାପ୍ରାପ୍ତ ଯୁଗଳ ଖେଳାଳି ଯୁକି ଭାମ୍ବ୍ରୀଙ୍କୁ ବିଶ୍ୱଟେନିସ୍‌ରେ ମାନ୍ୟତା ହେଉଛି ୩୨। ଭାମ୍ବ୍ରୀ ଓ ଭେନସଙ୍କ ଯୋଡି ଚତୁରତାର ସହ ଖେଳି ଏଠାରେ ସେମାନଙ୍କ ପ୍ରତିଦ୍ୱନ୍ଦ୍ୱୀଙ୍କୁ ପରାଜିତ କରିଥିଲେ। ପ୍ରଥମ ସେଟ୍‌ରେ ଭାମ୍ବ୍ରି-ଭେନସ ଚତୁର୍ଥ ଗେମ୍‌ରେ ସର୍ଭିସ ବ୍ରେକ୍ କରି ଖେଳକୁ ନିଜ ନିୟନ୍ତ୍ରଣକୁ ନେଇଆସିଥିଲେ। ଏହି ସେଟ୍ ଜିତିବା ପରେ ଦ୍ୱିତୀୟ ସେଟ୍‌ରେ ମୁକାବିଲା ଜୋରଦାର ହୋଇଥିଲା। ଉଭୟ ପ୍ରତିଦ୍ୱନ୍ଦ୍ୱୀ ସମାନ ପଏଣ୍ଟ ସଂଗ୍ରହ କରିଥିଲେ ମଧ୍ୟ ସେଟ୍ ଟାଇବ୍ରେକ୍‌କୁ ଯାଇଥିଲା। ଭାମ୍ବ୍ରୀ-ଭେନସ ୬-୫ରେ ଆଗୁଆ ଥିଲେ ମଧ୍ୟ ମ୍ୟାଚ୍ ପଏଣ୍ଟ ହାସଲ କରିପାରି ନ ଥିଲେ। ଏହା ପରେ ତୃତୀୟ ସେଟ୍‌ରେ ଲଢ଼େଇ ଜୋରଦାର ହୋଇଥିଲା। ୯ମ ଗେମ୍‌ରେ ଭାମ୍ବ୍ରୀ-ଭେନସ ବ୍ରେକ୍‌ପଏଣ୍ଟ ହାସଲ କରି ମ୍ୟାଚ୍ ଜିତିବାର



ସୁଯୋଗ ସୃଷ୍ଟି କରିଥିଲେ। ଏହାପରେ ୭ଟି ବ୍ରେକ୍ ପଏଣ୍ଟକୁ ଅଟକାଇବା ପରେ ମ୍ୟାଚ୍ ପଏଣ୍ଟ ସଂଗ୍ରହ କରି ମୁକାବିଲାକୁ ଜିତି ସେମିଫାଇନାଲରେ ପ୍ରବେଶ କରିଥିଲେ।

**ସେମିଫାଇନାଲ ମୁକାବିଲା**

| ପୁରୁଷ ଏକକ | ମହିଳା ଏକକ |
|---|---|
| ଆଲକାରାଜ-ଜୋକୋଭିଚ୍ | ସାବାଲେଙ୍କା-ପେଗୁଲା |
| ସିନ୍ନର-ଫେଲିକ୍ସ | ଓସାକା-ଆନିସିମୋଭା |

ଭାମ୍ବ୍ରୀଙ୍କ ୟୁଏସ୍ ଓପନ ସେମିଫାଇନାଲ ପ୍ରବେଶ କରିବା ସହ ଏକ ନୂଆଯୁଗର ଆରମ୍ଭ ହୋଇଛି। ଏହା ଫଳରେ ଭାରତର ଏହି ଖେଳାଳିଙ୍କର ଗ୍ରାଣ୍ଡସ୍ଲାମ୍ କ୍ୟାରିୟର ନୂଆ ମୋଡରେ ପହଞ୍ଚିଛି। ଗୁରୁବାର ରାତିରେ ଖେଳାଯିବାକୁ ଥିବା ସେମିଫାଇନାଲ ମୁକାବିଲାରେ ଭାମ୍ବ୍ରୀ-ଭେନସଙ୍କ ଯୋଡି ୬ଷ୍ଠ ସିଡ୍ ଗ୍ରେଟବ୍ରିଟେନର ନିଲ ସ୍କୁପସ୍କି ଓ ଜୋ ସାଲିସବରୀଙ୍କ ଯୋଡିକୁ ଭେଟିବେ। ଏଠାରେ ସାଲିସବରୀ ୨୦୨୧, ୨୦୨୨ ଓ ୨୦୨୩ରେ ପୁରୁଷ ଯୁଗଳ ଟାଇଟଲ ଜିତିଛନ୍ତି। ସ୍କୁପସ୍କି ୨୦୨୨ ଫାଇନାଲରେ ପ୍ରବେଶ କରିଥିଲେ। ଏହି ସେମିଫାଇନାଲ ମୁକାବିଲା ଜୋରଦାର ହେବ ବୋଲି ଆଶା କରିବା ସ୍ୱାଭାବିକ।

ଏହି ବିଜୟ ଫଳରେ ଯୁକି ଭାମ୍ବ୍ରୀ ଏକମାତ୍ର ଭାରତୀୟ ଖେଳାଳିଭାବେ ତିଷ୍ଠି ରହିଛନ୍ତି। ଗତକାଲି ଅନିରୁଦ୍ଧ ଚନ୍ଦ୍ରଶେଖର ଓ ବିଜୟ ସୁନ୍ଦର ପ୍ରଶାନ୍ତଙ୍କ ଯୋଡି ବ୍ରାଜିଲୀୟ ଯୋଡିଠାରୁ ପରାଜିତ ହୋଇଥିଲେ। ପୂର୍ବରୁ ଭାରତର ଭେଟେରାନ ଖେଳାଳି ରୋହନ ବୋପନ୍ନା, ଅର୍ଜୁନ ଖାଡେ ସେମାନଙ୍କ ପାର୍ଟନର ସହ ପ୍ରଥମ ରାଉଣ୍ଡରେ ହାରିଯାଇଥିଲେ। ଭାମ୍ବ୍ରି ଏକମାତ୍ର ଭାରତର ଆଶା ଭାବେ ତିଷ୍ଠି ରହିଛନ୍ତି।

## ପୁରୁଷ ଏକକ ସେମିରେ ସିନ୍ନର


ବିଶ୍ୱର ନଂ-୧ ଖେଳାଳି ତଥା ଡିଫେଣ୍ଡିଂ ଚାମ୍ପିଅନ ଜାନିକ ସିନ୍ନର ଏଠାରେ ଚାଲିଥିବା ୟୁଏସ୍ ଓପନ ପୁରୁଷ ଏକକ ସେମିଫାଇନାଲରେ ପ୍ରବେଶ କରିଛନ୍ତି। ଗତକାଲି ରାତିରେ ଅନୁଷ୍ଠିତ କ୍ୱାର୍ଟର ଫାଇନାଲ ମୁକାବିଲାରେ ସିନ୍ନର ୩-୦ ସେଟ୍‌ରେ ନିଜ ଦେଶର ଲୋରେଞ୍ଜୋ ମୁସେଟିଙ୍କୁ ପରାସ୍ତ କରି ସେମିଫାଇନାଲରେ ପ୍ରବେଶ କରିଥିଲେ। ଏହି ମ୍ୟାଚ୍‌କୁ ସେ ୬-୧, ୬-୪, ୬-୨ସେଟ୍‌ରେ ଜିତିଥିଲେ। ସେମିଫାଇନାଲରେ କାନାଡାର ଫେଲିକ୍ସ ଅଗର-ଆଲିସିଆମେଙ୍କ ସହ ସିନ୍ନରଙ୍କ ମୁକାବିଲା ହେବ। ଅନ୍ୟ ଏକ ସେମିଫାଇନାଲରେ ନଂ-୨ ସିଡ୍ କାର୍ଲୋସ ଆଲକାରାଜଙ୍କ ସହ ନଂ-୭ ସିଡ ତଥା ରେକର୍ଡ ୨୫ତମ ଟାଇଟଲ ଜିତିବାକୁ ଆଶାୟୀ ଥିବା ନୋଭାକ ଜୋକୋଭିଚ୍‌ଙ୍କ ମଧ୍ୟରେ ଲଢ଼େଇ ହେବ। ଗତକାଲି ରାତିରେ ଅନୁଷ୍ଠିତ ଅନ୍ୟ ଏକ କ୍ୱାର୍ଟର ଫାଇନାଲରେ ୨୮ତମ ସିଡ୍ ଫେଲିକ୍ସ କଡ଼ା ସଂଘର୍ଷ କରି ୮ମ ସିଡ୍ ଅଷ୍ଟ୍ରେଲିଆର ଆଲେକ୍ସ ଡି ମିନାଉରଙ୍କୁ ପରାସ୍ତ କରିଥିଲେ। ୩ ଘଣ୍ଟାରୁ ଊର୍ଦ୍ଧ୍ୱ ସମୟ ଧରି ଚାଲିଥିବା ଏହି ମ୍ୟାଚ୍‌କୁ ଫେଲିକ୍ସ ୪-୬, ୭-୬, ୭-୫, ୭-୬ ସେଟ୍‌ରେ ଜିତିନେଇଥିଲେ।

## ସ୍ୱିଆଟେକ୍ ବିଦା, ସେମିରେ ଓସାକା

୮ମ ସିଡ୍ ଆମେରିକାର ଆମାଣ୍ଡା ଆନିସିମୋଭା ଏକତରଫା କ୍ୱାର୍ଟରଫାଇନାଲ ମୁକାବିଲାରେ ଦ୍ୱିତୀୟ ସିଡ୍ ଇଗା ସ୍ୱିଆଟେକ୍‌ଙ୍କୁ ହରାଇ ସେମିଫାଇନାଲରେ ପ୍ରବେଶ କରିଛନ୍ତି। ଏହା ଫଳରେ ପୂର୍ବ ଚାମ୍ପିଅନ ତଥା ଟାଇଟଲ ଆଶାୟୀ ସ୍ୱିଆଟେକ କ୍ୱାର୍ଟରଫାଇନାଲରୁ ବିଦା ହୋଇଛନ୍ତି। ତାଙ୍କୁ ବିଦା କରିଥିବା ଆନିସିମୋଭା ସେମିଫାଇନାଲରେ ଫର୍ମକୁ ଫେରିଥିବା ଜାପାନର ନାଓମି ଓସାକାଙ୍କୁ ଭେଟିବେ। ଗତକାଲି ଅନୁଷ୍ଠିତ ମ୍ୟାଚ୍‌ରେ ଓସାକା ଲଢୁଆ ଖେଳ ପ୍ରଦର୍ଶନ କରି ୬-୪, ୭-୬ ସେଟ୍‌ରେ ଏକାଦଶ ସିଡ୍ କାରୋଲିନା ମୁଚୋଭାଙ୍କୁ ପରାସ୍ତ କରିଥିଲେ। ସେହିପରି ଅନ୍ୟ ଏକ ସେମିଫାଇନାଲ ଟପ୍ ସିଡ୍ ଆରିନା ସାବାଲେଙ୍କା ଓ ଚତୁର୍ଥ ସିଡ୍ ଜେସିକା ପେଗୁଲାଙ୍କ ମଧ୍ୟରେ ଖେଳାଯିବ।

## ଦୁଲୀପ ଟ୍ରଫି ସେମିଫାଇନାଲ

# ଜଗଦୀଶନଙ୍କ ଅପରାଜିତ ଶତକ



ବେଙ୍ଗାଲୁରୁ,୪।୯ (ଏଜେନ୍ସି): ସ୍ଥାନୀୟ ସେଣ୍ଟର ଅଫ୍ ଏକ୍ସିଲେନ୍ସି ପଡ଼ିଆରେ ଆଜିଠାରୁ ଆରମ୍ଭ ହୋଇଛି ଦୁଲୀପ ଟ୍ରଫି ସେମିଫାଇନାଲ। ଏହି ସେମିଫାଇନାଲର ଉତ୍ତରାଞ୍ଚଳ ବିପକ୍ଷ ପ୍ରଥମ ମ୍ୟାଚ୍‌ରେ ତାମିଲନାଡୁ ୱିକେଟରକ୍ଷକ ଏନ୍ ଜଗଦୀଶନ ଅପରାଜିତ ଶତକ ହାସଲ କରିଛନ୍ତି। ସେ ୨୬୦ ବଲ ଖେଳି ୧୪୮ ରନ୍‌ରେ ଅପରାଜିତ ରହିବା ଫଳରେ ପ୍ରଥମ ଦିନ ଖେଳ ଶେଷ ବେଳକୁ ଦକ୍ଷିଣାଞ୍ଚଳ ପ୍ରଥମ ଇନିଂସରେ ୩ ୱିକେଟ ହରାଇ ୨୯୭ ରନ୍ ସଂଗ୍ରହ କରିନେଇଛି। ଷ୍ଟମ୍ପ ଅପସାରଣ ବେଳକୁ ଜଗଦୀଶନଙ୍କ ସହ କାମଚଳା ଅଧିନାୟକ ମହମ୍ମଦ୍ ଆଝାରୁଦ୍ଦିନ ୧୧ ରନ୍‌ରେ ବ୍ୟାଟିଂ କରୁଥିଲେ। ଆଉଟ ହୋଇଥିବା ଖେଳାଳିଙ୍କ ମଧ୍ୟରେ ଦେବଦତ୍ତ ପଡିକାଲ ୫୭, ଓପନର ତନ୍ମୟ ଅଗରୱାଲ ୪୩ ଓ ମୋହିତ କାଲେ ୧୫ ରନ୍ କରିଛନ୍ତି। ଉତ୍ତରାଞ୍ଚଳ ପକ୍ଷରୁ ନିଶାନ୍ତ ସିନ୍ଧୁ ୨ଟି ଓ ଅଂଶୁଲ କାମ୍ବୋଜ ଗୋଟିଏ ୱିକେଟ ଅକ୍ତିଆର କରିଛନ୍ତି।

# ଚମକ ଦେଖାଇଲେ ଋତୁରାଜ



ଋତୁରାଜ ଗାଏକ୍ୱାଡଙ୍କ ବିଶାଳ ୧୮୪ ରନ୍‌ର ବିରାଟ ଶତକ ବଳରେ ଏଠାରେ କେନ୍ଦ୍ରାଞ୍ଚଳ ବିପକ୍ଷ ଦ୍ୱିତୀୟ ସେମିଫାଇନାଲରେ ପ୍ରଥବେ ବ୍ୟାଟିଂ କରି ପଶ୍ଚିମାଞ୍ଚଳ ୬ ୱିକେଟରେ ୩୬୩ ରନ୍ ସଂଗ୍ରହ କରିଛି। ଷ୍ଟମ୍ପ ଅପସାରଣ ବେଳକୁ ଅଲ୍‌ରାଉଣ୍ଡର ତନୁସ କୋଟିଆନ ୬୫ ଓ ଅଧିନାୟକ ଶାର୍ଦ୍ଦୁଳ ଠାକୁର ୨୪ ରନ୍‌ରେ ବ୍ୟାଟିଂ କରୁଥିଲେ। ଦଳର ଦୁଇ ତାରକା ଖେଳାଳି ଯଶସ୍ୱୀ ଜୟସ୍ୱାଲ ୩ ବଲ୍‌ରେ ୪ ରନ୍ ଓ ଶ୍ରେୟସ ଆୟର ୨୮ ବଲ୍ ଖେଳି ୨୫ ରନ୍ କରିପାରିଥିଲେ। କେନ୍ଦ୍ରାଞ୍ଚଳ ପକ୍ଷରୁ ଖଲୀଲ ଅହମ୍ମଦ୍ ଓ ସାରାଂଶ ଜୈନ ୨ଟି ଲେଖାଏଁ ୱିକେଟ ଅକ୍ତିଆର କରିଥିଲେ। ଏସିଆ କପ୍ ଦଳରେ ଶ୍ରେୟସ ଆୟର ସ୍ଥାନ ପାଇ ନ ଥିବାରୁ ଅନେକ ସମାଲୋଚନା କରାଯାଇଥିଲା। ଗାଏକ୍ୱାଡ୍ ୨୦୬ ବଲ୍‌ରୁ ୨୫ ଚୌକା ଓ ୧ ଛକା ସହାୟତାରେ ୧୮୪ ରନ୍‌ର ବିରାଟ ଇନିଂସ ଖେଳିଥିଲେ।

# ସମସ୍ତ ଫର୍ମାଟ୍‌ରୁ ଅମିତ ମିଶ୍ରାଙ୍କ ସନ୍ନ୍ୟାସ

| ଫର୍ମାଟ | ମ୍ୟାଚ୍ | ୱିକେଟ୍ | ଇକୋନୋମୀ |
|---|---|---|---|
| ଟେଷ୍ଟ | ୨୨ | ୭୬ | ୩.୧୯ |
| ଦିନିକିଆ | ୩୬ | ୬୪ | ୪.୭୨ |
| ଟି-୨୦ | ୧୦ | ୧୬ | ୬.୩୧ |
| ପ୍ରଥମ ଶ୍ରେଣୀ | ୧୫୨ | ୫୩୫ | ୩.୦୩ |
| ଆଇପିଏଲ୍ | ୧୬୨ | ୧୭୪ | ୭.୩୭ |



ନୂଆଦିଲ୍ଲୀ, ୪।୯ (ଏଜେନ୍ସି): ଭେଟେରାନ ଭାରତୀୟ ରିଷ୍ଟ ସ୍ପିନର ଅମିତ୍ ମିଶ୍ରା ଗୁରୁବାର କ୍ରିକେଟ୍‌ର ସମସ୍ତ ପ୍ରକାର ଫର୍ମାଟ୍‌ରୁ ସନ୍ନ୍ୟାସ ଘୋଷଣା କରିଛନ୍ତି। ୨୦୦୩ରେ ଅନ୍ତର୍ଜାତୀୟ କ୍ରିକେଟ୍‌ରେ ପାଦ ଥାପିଥିବା ଅମିତ୍ ଶେଷଥର ଲାଗି ୨୦୧୭ରେ ଜାତୀୟ ଦଳ ପକ୍ଷରୁ ଖେଳିବାର ସୁଯୋଗ ପାଇଥିଲେ। ଏହାପରେ ସେ ଘରୋଇ ଘରୋଇ ଓ ଆଇପିଏଲ୍‌ରେ ସକ୍ରିୟ ଥିଲେ। ୪୨ ବର୍ଷୀୟ ଅମିତ ତାଙ୍କ ଅବସର ବାର୍ତ୍ତାରେ କହିଛନ୍ତି, ‘ଆଜି ୨୫ ବର୍ଷ ପରେ କ୍ରିକେଟ୍‌ରୁ ସନ୍ନ୍ୟାସ ଘୋଷଣା କରୁଛି। ଏହି ଖେଳ ମୋର ପ୍ରଥମ ପ୍ରେମ, ମୋର ପ୍ରଥମ ଶିକ୍ଷକ ଓ ଖୁସିର ସବୁଠୁ ବଡ଼ ଉତ୍ସ ଥିଲା। ଏହି ଲମ୍ବା ଯାତ୍ରାରେ ମୋତେ ସମର୍ଥନ ଜଣାଇଥିବା ବିସିସିଆଇ, ହରିୟାଣା କ୍ରିକେଟ୍ ସଂଘ, ସାଥୀ ଖେଳାଳି, ପ୍ରଶିକ୍ଷକ ଓ ପରିବାରବର୍ଗଙ୍କୁ କୃତଜ୍ଞତା ଜଣାଉଛି।’

ଉଲ୍ଲେଖଯୋଗ୍ୟ, ୨୦୦୦ ମସିହାରେ କେରଳ ବିପକ୍ଷରେ ଖେଳି ଅମିତ ହରିୟାଣା ପକ୍ଷରୁ ଘରୋଇ କ୍ରିକେଟ୍‌ରେ ପାଦ ଥାପିଥିଲେ। ସେହି ସମୟରେ ଅନିଲ କୁମ୍ବଲେ ଓ ହରଭଜନ ସିଂଙ୍କ ଭଳି ମହାନ ସ୍ପିନର ଥିବାରୁ ସେ ଭାରତ ପାଇଁ ବିଶେଷ ମ୍ୟାଚ୍ ଖେଳିବାର ସୁଯୋଗ ପାଇ ନ ଥିଲେ। ଟିମ୍ ଇଣ୍ଡିଆ ପାଇଁ ସେ ୨୨ ଟେଷ୍ଟ, ୩୬ ଦିନିକିଆ ଓ ୧୦ ଟି-୨୦ ମ୍ୟାଚ୍ ଖେଳି ମୋଟ୍ ୧୫୬ଟି ୱିକେଟ୍ ନେଇଛନ୍ତି। ଏକମାତ୍ର ବୋଲର ଭାବେ ଆଇପିଏଲ୍‌ରେ ୩ଟି ହ୍ୟାଟ୍ରିକ ନେଇଥିବା ଅମିତଙ୍କ ନାମରେ ଏହି ଲିଗରେ ୧୭୪ଟି ୱିକେଟ୍ ଲିପିବଦ୍ଧ ରହିଛି।

**ଏସିଆ କପ୍ ପୁରୁଷ ହକି**

# ମାଲେସିଆକୁ ହରାଇ ଶୀର୍ଷରେ ଭାରତ

ରାଜଗିର,୪।୯ (ଏଜେନ୍ସି):

ଶକ୍ତିଶାଳୀ ମାଲେସିଆକୁ ୪-୧ ଗୋଲ ବ୍ୟବଧାନରେ ପରାସ୍ତ କରି ଆୟୋଜକ ଭାରତ ଏଠାରେ ଚାଲିଥିବା ଏସିଆ କପ୍ ପୁରୁଷ ହକି ସୁପର-୪ ପର୍ଯ୍ୟାୟରେ ଶୀର୍ଷରେ ରହିଛି। ଗତକାଲି ଦକ୍ଷିଣ କୋରିଆ ସହ ୨-୨ ଗୋଲରେ ମ୍ୟାଚ୍ ଡ୍ର ରଖିଥିବା ଭାରତ ୨ଟି ମ୍ୟାଚ୍‌ରୁ ୩ ପଏଣ୍ଟ ସଂଗ୍ରହ କରି ପଏଣ୍ଟ ତାଲିକାରେ ପ୍ରଥମ ସ୍ଥାନରେ ରହିଛି। ଦଳ ତାହାର ଶେଷ ଲିଗ୍ ମ୍ୟାଚ୍‌ରେ ଚୀନ୍‌କୁ ଶନିବାର ଭେଟିବ। ଏହି ଦିନ ସୁପର-୪ ମୁକାବିଲା ପରେ କେଉଁ ଦୁଇ ଦଳ ଫାଇନାଲରେ ପ୍ରତିଦ୍ୱନ୍ଦ୍ୱିତା କରିବେ ତାହା ଚୂଡ଼ାନ୍ତ ହେବ। ୨ ରାଉଣ୍ଡ ଶେଷରେ ଚୀନ୍ ଓ ମାଲେସିଆ ଗୋଟିଏ ଲେଖାଏଁ ବିଜୟ ସହ ସୁପର-୪ ପଏଣ୍ଟ ଟେବଲରେ ଯଥାକ୍ରମେ ଦ୍ୱିତୀୟ ଓ ତୃତୀୟ ସ୍ଥାନରେ ରହିଛନ୍ତି।

ଆଜି ଖେଳାଯାଇଥିବା ମ୍ୟାଚ୍‌ରେ ମାଲେସିଆ ପକ୍ଷରୁ ଖେଳର ଦ୍ୱିତୀୟ ମିନିଟ୍‌ରେ ସଫିକ ହାସନ ଫିଲ୍ଡ ଗୋଲ କରି ଭାରତକୁ ଚମକାଇଦେଇଥିଲେ। ଏହି ଗୋଲ ଖାଇବା ପରେ ଭାରତ ରଣନୀତି ବଦଳାଇଥିଲା। ଦ୍ୱିତୀୟ କ୍ୱାର୍ଟରର ୭ମ ମିନିଟ୍‌ରେ ପେନାଲ୍ଟି କର୍ଣ୍ଣରରୁ ମନପ୍ରୀତ୍ ସିଂହ, ୧୯ତମ ଓ ୨୪ତମ ମିନିଟ୍‌ରେ ସୁଖଜିତ ସିଂହ ଓ ଓଡ଼ିଆ ଫରୱାର୍ଡ ଖେଳାଳି ଶିଳାନନ୍ଦ ଲାକ୍ରା ଗୋଟିଏ ଲେଖାଏଁ ଗୋଲ ସ୍କୋର କରିବା ଫଳରେ ପ୍ରଥମାର୍ଦ୍ଧ ସୁଦ୍ଧା ଘରୋଇ ଦଳ ୩-୧ରେ ଆଗୁଆ ରହିଥିଲା। ବିବେକ ସାଗର ଭାରତ ପକ୍ଷରୁ ଶେଷ ଗୋଲଟି ଦେଇଥିଲେ।



### ହରମନପ୍ରୀତ୍‌ଙ୍କ ୨୫୦ତମ ମ୍ୟାଚ୍

ମାଲେସିଆ ବିପକ୍ଷରେ ଭାରତର ନେତୃତ୍ୱ ନେଉଥିବା ହରମନପ୍ରୀତ୍ ସିଂହ ଏଠାରେ ଦେଶ ପକ୍ଷରୁ ୨୫୦ତମ ଅନ୍ତର୍ଜାତୀୟ ମ୍ୟାଚ୍ ଖେଳିଛନ୍ତି। ଏହି ଅବସରରେ ହକି ଇଣ୍ଡିଆ ପକ୍ଷରୁ ତାଙ୍କୁ ମ୍ୟାଚ୍ ଆରମ୍ଭ ପୂର୍ବରୁ ସମ୍ବର୍ଦ୍ଧିତ କରାଯାଇଥିଲା। ଭାରତୀୟ ସଫଳତାରେ ହରମନପ୍ରୀତ୍‌ଙ୍କ ଯୋଗଦାନ ଅତୁଳନୀୟ ବୋଲି ହକି ଇଣ୍ଡିଆ ପକ୍ଷରୁ କୁହାଯାଇଛି।

## କୋରିଆକୁ ହରାଇଲା ଚୀନ୍

ଆଜି ଖେଳାଯାଇଥିବା ଅନ୍ୟ ଏକ ସୁପର-୪ ମ୍ୟାଚ୍‌ରେ ଚୀନ୍ ୩-୦ ଗୋଲରେ ଡିଫେଣ୍ଡିଂ ଚାମ୍ପିଅନ୍ ଦକ୍ଷିଣ କୋରିଆକୁ ପରାସ୍ତ କରିଛି। ଫଳରେ ଦଳକୁ ଦ୍ୱିତୀୟ ମୁକାବିଲାରେ ପୂରା ପଏଣ୍ଟ ମିଳିଛି। ଗତକାଲି ଚୀନ୍ ପ୍ରଥମ ସୁପର-୪ ମ୍ୟାଚ୍‌ରେ ମାଲେସିଆଠାରୁ ୨-୦ ଗୋଲରେ ହାରିଯାଇଥିଲା।

## ଆଜିଠୁ ମହିଳା ଏସିଆ କପ୍ ହକି

ବେଜିଂ, ୪।୯ (ଏଜେନ୍ସି): ମହିଳା ଏସିଆ କପ୍ ହକିର ୧୧ତମ ସଂସ୍କରଣ ଶୁକ୍ରବାରଠାରୁ ଚାଇନାରେ ଆରମ୍ଭ ହେବ। ଭାରତୀୟ ମହିଳା ଦଳ ପୁଲ୍-ବି’ରେ ଜାପାନ, ଥାଇଲାଣ୍ଡ ଓ ସିଙ୍ଗାପୁର ସହ ସ୍ଥାନ ପାଇଛି। ଉଦ୍‌ଘାଟନୀ ଦିବସରେ ଥାଇଲାଣ୍ଡ ସହ ଖେଳି ଭାରତ ଟୁର୍ଣ୍ଣାମେଣ୍ଟରେ ଅଭିଯାନ ଆରମ୍ଭ କରିବ। ଏଥିରେ ଚାମ୍ପିଅନ ଦଳ ୨୦୨୬ ମହିଳା ବିଶ୍ୱକପ୍‌କୁ ସିଧାସଳଖ ଯୋଗ୍ୟତା ଅର୍ଜନ କରିବ। ଏସିଆ କପ୍‌ରେ ଜାପାନ ଓ ଦକ୍ଷିଣ କୋରିଆ ସର୍ବାଧିକ ୩ଥର ଲେଖାଏ ଏବଂ ଭାରତ ଓ ଚାଇନା ୨ଥର ଲେଖାଏ ଚାମ୍ପିଅନ ହୋଇଛନ୍ତି।

ନନ୍ଦିଘୋଷ

‘ନନ୍ଦିଘୋଷ ଟିଭି’
ନିମ୍ନଲିଖିତ ପଦବୀ ନିମନ୍ତେ ଦରଖାସ୍ତ ଆହ୍ୱାନ କରୁଛନ୍ତି।
ଆଶାୟୀ ପ୍ରାର୍ଥୀମାନେ ଏଥିପାଇଁ ଆବେଦନ କରିପାରିବେ।

| ପଦବୀ | ଅଭିଜ୍ଞତା |
|---|---|
| ୧) ସ୍କ୍ରୋଲ୍ କପି ଏଡିଟର | ୩ ବର୍ଷର ଅଭିଜ୍ଞତା |
| ୨) ଇନପୁଟ୍ କପି ଏଡିଟର | ୩ ବର୍ଷର ଅଭିଜ୍ଞତା |
| ୩) ବୁଲେଟିନ ପ୍ରଡ୍ୟୁସର | ୫ ବର୍ଷର ଅଭିଜ୍ଞତା |

ନିଜର ସମ୍ପୂର୍ଣ୍ଣ ଶିକ୍ଷାଗତ ଓ ଅନ୍ୟାନ୍ୟ ଯୋଗ୍ୟତା ପ୍ରମାଣପତ୍ର, ସଦ୍ୟ ପାସପୋର୍ଟ ଫଟୋ ସହିତ ୭ ସେପ୍ଟେମ୍ବର ୨୦୨୫ ସୁଦ୍ଧା hr@nandighoshatv.com ଇମେଲ୍ ଯୋଗେ ଆବେଦନ କରିପାରିବେ।

*କେବଳ ନିର୍ବାଚିତ ଆବେଦନଗୁଡ଼ିକୁ ସାକ୍ଷାତକାର ପାଇଁ ଡକାଯିବ।

ଯୋଗାଯୋଗ: ୯୪୩୭୦୧୬୪୯୯

ସ୍ୱା/- ମାନବ ସମ୍ବଳ ବିଭାଗ

ନନ୍ଦିଘୋଷ ନେଟ୍‌ୱର୍କ ପ୍ରାଇଭେଟ୍ ଲିମିଟେଡ୍
ଠିକଣା: ପ୍ଲଟ୍ ନଂ.: ୯୦ / ୯୧, ଭଗବାନପୁର ଇଣ୍ଡଷ୍ଟ୍ରିଆଲ୍ ଇଷ୍ଟେଟ୍, ଭୁବନେଶ୍ୱର-୭୫୧୦୧୯

PRINTED & PUBLISHED BY AMIT KUMAR MALLICK FOR ‘THE SAKALA’ A UNIT OF NANDIGHOSHA NETWORK PRIVATE LIMITED IN ITS PRESS AT IDCO PLOT NO.90 & 91, BHAGABANPUR INDUSTRIAL ESTATE, BHUBANESWAR-751019, DIST: KHORDHA, ODISHA

କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS